ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଜନ୍ମ ଶତବାର୍ଷିକୀ

୨୦୦୯ - ୨୦୧୦

ସ୍ମରଣିକା

Digitized by srujanika@gmail.com



Digitized by srujanika@gmail.com



ଇ.ଏମ୍.ଏସ୍. ନମ୍ବୁଦ୍ରିପଦ

(୧୩ ଜୁନ୍ ୧୯୦୯ - ୧୯ ମାର୍ଚ୍ଚ ୧୯୯୮)

Digitized by srujanika@gmail.com

ସୂଚୀପତ୍ର

ବିଷୟ	ଲେଖକ	ପୃଷ୍ଠା
● ସ୍ମରଣିକା ସଂପର୍କରେ		୩
● ଜନସାଧାରଣଙ୍କ ସ୍ୱାର୍ଥରେ ଆତ୍ମତ୍ୟାଗର କଥା ଶିଖାଇଛନ୍ତି କମ୍ରେଡ ଇ.ଏମ୍.ଏସ୍.	ଜ୍ୟୋତି ବସୁ	୫
● ଇ.ଏମ୍.ଏସ୍. ଥିଲେ ବ୍ୟତିକ୍ରମ ଧାରାର ଜଣେ କମ୍ୟୁନିଷ୍ଟ	ପ୍ରକାଶ କାରାତ	୧୦
● ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କର ଇତିହାସ ସଂପର୍କରେ ଅବଧାରଣା	ପ୍ରଭାତ ପଟ୍ଟନାୟକ	୧୩
● ଇ.ଏମ୍.ଏସ୍.ଙ୍କୁ ମୁଁ ଯେବେଠୁଁ ଜାଣିଛି	ଜନାର୍ଦ୍ଦନ ପତି	୨୨
● କମ୍ରେଡ ଇ.ଏମ୍.ଏସ୍. ଓ ଓଡ଼ିଶା	ଶିବାଜୀ ପଟ୍ଟନାୟକ	୨୪
● କମ୍ୟୁନିଷ୍ଟ ମହାନାୟକ ଇ.ଏମ୍.ଏସ୍.ଙ୍କୁ ଲାଲ ସଲାମ	ଅବନୀ କୁମାର ବରାଳ	୨୭
● ସାହିତ୍ୟିକ, ଐତିହାସିକ, ଚିନ୍ତାନାୟକ : ନମ୍ବୁଦ୍ରିପଦ	ବିଭୂତି ପଟ୍ଟନାୟକ	୨୯
● ପ୍ରଜ୍ଞାଦୀପ୍ତ, ପ୍ରେରଣାଦାତା ବିପ୍ଲବୀ : ନମ୍ବୁଦ୍ରିପଦ	ବାସୁଦେବ ସାହୁ	୩୨
● ସେଦିନର ସ୍ମୃତି : ନମ୍ବୁଦ୍ରିପଦଙ୍କ ସହ କେତୋଟି ମୁହୂର୍ତ୍ତ	ବ୍ରଜନାଥ ରଥ	୩୫
● ସଭ୍ୟ ଜୀବନ ଦୃଷ୍ଟି : ଏକ ବିହଙ୍ଗାବଲୋକନ	ଧନେଶ୍ୱର ସାହୁ	୩୮
● ଇ.ଏମ୍.ଏସ୍.ଙ୍କ ସାଂଗରେ କିଛି ଦିନ	ଗିରିଜା ଭୂଷଣ ପଟ୍ଟନାୟକ	୪୧
● ଭାରତୀୟ ଗଣତନ୍ତ୍ରର ପ୍ରଥମ ସହିଦ	ପ୍ରଦୋଷ ପଟ୍ଟନାୟକ	୪୩
● ଇ.ଏମ୍.ଏସ୍.ଙ୍କ ସ୍ମୃତିରେ କେଇପଦ	ରବିନାରାୟଣ ମଲ୍ଲିକ	୪୫
● ଇ.ଏମ୍.ଏସ୍.ଙ୍କ ଦୃଷ୍ଟିରେ ଗାନ୍ଧିବାଦ	ସନ୍ତୋଷ ଦାସ	୪୭
● ଲୋହିତ ଦିଗ୍‌ବଳୟ (କବିତା)	ବସନ୍ତ ମାଝି	୫୨
● କୃତଜ୍ଞତା	ଶତବାର୍ଷିକୀ କମିଟି	୫୩

Digitized by srujanika@gmail.com



ସ୍ମରଣିକା ସଂପର୍କରେ

ବିଂଶ ଶତାବ୍ଦୀର ଯେଉଁ ଜନନାୟକମାନେ ଭାରତର ରାଜନୈତିକ ଓ ସାମାଜିକ ଜୀବନର ଗତିଧାରାକୁ ଉଲ୍ଲେଖନୀୟଭାବେ ପ୍ରଭାବିତ କରିଥିଲେ, ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ। ସେ ଏକାଧାରରେ ଥିଲେ ସ୍ୱାଧୀନତା ସଂଗ୍ରାମର ଆଗଧାଡ଼ିର ନେତା, କଂଗ୍ରେସ- ସୋସାଲିଷ୍ଟ ପାର୍ଟିର ପ୍ରତିଷ୍ଠାତା ଯୁଗ୍ମ-ସଂପାଦକ, ଭାରତର କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ଅଗ୍ରଦୂତ, ଅବିଭାଜିତ ସି.ପି.ଆଇ. ସମେତ ସି.ପି.ଆଇ.(ଏମ୍)ର ପୂର୍ବତନ ସାଧାରଣ ସଂପାଦକ, ସମାଜ ସଂସ୍କାରକ, ବିଶିଷ୍ଟ ବୁଦ୍ଧିଜୀବୀ, ସାହିତ୍ୟିକ, ସାମ୍ବାଦିକ ତଥା ଦେଶର ପ୍ରଥମ ଅଣ-କଂଗ୍ରେସ ମୁଖ୍ୟମନ୍ତ୍ରୀ। ୧୯୦୯ ଜୁନ୍ ୧୩ରେ କେରଳରେ ଜନ୍ମଲାଭ କରି ୧୯୯୮ ମାର୍ଚ୍ଚ ୧୯ ତାରିଖରେ ମୃତ୍ୟୁବରଣ କରିଥିଲେ ବି ତାଙ୍କ କୃତି, ସ୍ମୃତି, ବିଚାରବୋଧ ତଥା ମୂଲ୍ୟବୋଧ ଚିରଦିନ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଏହି ମହାନ୍ ବିପ୍ଳବୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେ ଅତିବାହିତ କରିଥିବା ସତୁରୀ ବର୍ଷର ସଂଗ୍ରାମୀ ରାଜନୈତିକ ଜୀବନରୁ ଶିକ୍ଷା ନେବା ପାଇଁ ସମଗ୍ର ଦେଶବ୍ୟାପି ପାଳିତ ହେଉଛି ତାଙ୍କ ଜନ୍ମ ଶତବାର୍ଷିକୀ।

ଏଲାମକୁଲାମ ମାନ୍ନା ଗ୍ରାମର ଯେଉଁ ଏନ୍ତୁଡିଶାଳରେ ସେ ଜନ୍ମଲାଭ କରିଥିଲେ ତାହା ହିଁ ପାଲଟିଥିଲା ତାଙ୍କ ବିପ୍ଳବୀ ଜୀବନର ଏନ୍ତୁଡିଶାଳ। ଜାତିପ୍ରଥା ଓ ପୁରୁଷପ୍ରଧାନ ବ୍ୟବସ୍ଥାର ସାମନ୍ତବାଦୀ ପରମ୍ପରା ବିରୋଧରେ ସେ ନମ୍ବୁଦ୍ରି ସମାଜ ଭିତରେ ସମାଜ ସଂସ୍କାର ଆନ୍ଦୋଳନର ଧ୍ୱଜା ଉତ୍ତୋଳନ କରିଥିଲେ।

ସ୍ୱାଧୀନତା ସଂଗ୍ରାମର ଦୃପ୍ତ ଆହ୍ୱାନ ତାଙ୍କୁ ୧୯୩୧ରେ ମହାବିଦ୍ୟାଳୟର ଶ୍ରେଣୀ କକ୍ଷରୁ ଟାଣି ନେଇଥିଲା ସତ୍ୟାଗ୍ରହ ଆନ୍ଦୋଳନ ଓ କାରାଗାରର ଅନ୍ଧାରୀ ଗହ୍ୱର ମଧ୍ୟକୁ। କେରଳର କଂଗ୍ରେସ ଆନ୍ଦୋଳନରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ୧୯୩୪ରେ ଯେତେବେଳେ କଂଗ୍ରେସ- ସୋସାଲିଷ୍ଟ ପାର୍ଟି ଗଠନ କରାଗଲା, ସେ ତାର ସର୍ବଭାରତୀୟ ଯୁଗ୍ମ-ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏକ ସମୟରେ ସେ କେରଳ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସଂପାଦକ ଓ କଂଗ୍ରେସ-ସୋସାଲିଷ୍ଟ ପାର୍ଟିର ସର୍ବଭାରତୀୟ ଯୁଗ୍ମ-ସଂପାଦକ ଭାବେ ଉଭୟ ଦଳକୁ ନେତୃତ୍ୱ ପ୍ରଦାନ କରୁଥିଲେ। ଏହି ଅବସରରେ ସେ ମାର୍କସବାଦର ସଂସ୍ପର୍ଶରେ ଆସିଥିଲେ। ୧୯୩୬ରେ ଯେଉଁ 'ପଞ୍ଚସଖା' କେରଳରେ କମ୍ୟୁନିଷ୍ଟ ପାର୍ଟି ଗଠନର ସୂତ୍ରଧର ସାଜିଥିଲେ, ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ।

କେରଳରେ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମ ଓ ସାମନ୍ତବାଦ ବିରୋଧୀ ସଂଗ୍ରାମର ଦୁଇଟି ପୃଥକ ପୃଥକ ଧାରାର ଏକତ୍ରିକରଣର ନେତୃତ୍ୱ ନେଇଥିଲେ ଇ.ଏମ୍.ଏସ୍.। ଏହା ହିଁ ସେଠାରେ ଶକ୍ତିଶାଳୀ କମ୍ୟୁନିଷ୍ଟ ଆନ୍ଦୋଳନର ମୂଳଦୁଆ ପକାଇଥିଲା। ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ସଂଗ୍ରାମ କରୁଥିବା "ଐକ୍ୟ କେରଳ" ଆନ୍ଦୋଳନର ସେ ଥିଲେ ଅନ୍ୟତମ ନେତା।

୧୯୩୯ରେ ସେ ପ୍ରଥମେ ମାଡ୍ରାସ ପ୍ରଦେଶ ବିଧାନସଭାକୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସ୍ୱତନ୍ତ୍ର କେରଳ ରାଜ୍ୟ ଗଠନ ପରେ ୧୯୫୭ରେ ଅନୁଷ୍ଠିତ ପ୍ରଥମ ବିଧାନସଭା ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଓ ସେ ଦେଶର ପ୍ରଥମ ନିର୍ବାଚିତ କମ୍ୟୁନିଷ୍ଟ ସରକାରର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ମଧ୍ୟ ଥିଲା ଦେଶର ପ୍ରଥମ ଅଣ-କଂଗ୍ରେସ ରାଜ୍ୟ ସରକାର। ଏହି ସରକାରର ଭୂ-ସଂସ୍କାର, ଶିକ୍ଷା ସଂସ୍କାର ଓ ପୋଲିସନୀତି ସଂସ୍କାର କାର୍ଯ୍ୟକ୍ରମ ବିଚଳିତ

Digitized by srujanika@gmail.com

କରିଥିଲା ଭାରତ ବର୍ଷର ଜନସ୍ୱାର୍ଥ ବିରୋଧୀ ଶକ୍ତିମାନଙ୍କୁ । କେନ୍ଦ୍ରର କଂଗ୍ରେସ ସରକାର ୩୫୬ ଧାରାର ଖଡ୍‌ଗ ପ୍ରୟୋଗ କରି ଇ.ଏମ୍.ଏସ୍. ସରକାରକୁ ଶହୀଦ କରିଥିଲା । ୧୯୬୭ରେ ପୁଣି ତାଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ହୋଇଥିଲା ମିଳିତ ସାମ୍ମୁଖ୍ୟ ସରକାର ।

୧୯୪୧ରେ ସେ ପାର୍ଟିର କେନ୍ଦ୍ର କମିଟିକୁ, ୧୯୫୦ରେ ପଲିଟ୍‌ବ୍ୟୁରୋକୁ ଓ ୧୯୬୩ରେ ଅବିଭାଜିତ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ । ୧୯୬୪ରେ ସି.ପି.ଆଇ.(ଏମ୍) ଗଠନ ହେବା ସମୟରେ ସେ ଥିଲେ ଏହାର ଅନ୍ୟତମ ସୂତ୍ରଧର ଓ ପାର୍ଟିର ସପ୍ତମ ସର୍ବଭାରତୀୟ ସମ୍ମିଳନୀରେ କେନ୍ଦ୍ର କମିଟି ଓ ପଲିଟବ୍ୟୁରୋକୁ ନିର୍ବାଚିତ ହୋଇଥିଲେ । ୧୯୭୭ ରୁ ୧୯୯୨ ପର୍ଯ୍ୟନ୍ତ ସେ ସି.ପି.ଆଇ.(ଏମ୍)ର ସାଧାରଣ ସଂପାଦକ ଭାବେ ଦାୟିତ୍ୱ ପାଳନ କରିଥିଲେ । ଶାରୀରିକ ଅସୁସ୍ଥତା ଓ ବାର୍ଦ୍ଧକ୍ୟ ପାଇଁ ସେ ସାଧାରଣ ସଂପାଦକ ଦାୟିତ୍ୱରୁ ଅବ୍ୟାହତି ନେଇ ଥିଲେ ବି ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ପାର୍ଟିର ପଲିଟ୍‌ବ୍ୟୁରୋ ସଦସ୍ୟ ରହିଥିଲେ ।

ସେ ଥିଲେ ଜଣେ ପ୍ରତିଭାବାନ ମାର୍କ୍ସବାଦୀ ତତ୍ତ୍ୱବିତ୍ । ସୃଜନଶୀଳତାର ସହ ଭାରତୀୟ ସମାଜର ବାସ୍ତବ ପରିସ୍ଥିତିରେ ସେ ମାର୍କ୍ସବାଦ- ଲେନିନବାଦର ପ୍ରୟୋଗ କରିଥିଲେ । ଦର୍ଶନ, ସାହିତ୍ୟ, ଇତିହାସ, ରାଜନୀତି, ଅର୍ଥନୀତି ଆଦି ବିଭିନ୍ନ ବିଭାଗ ଉପରେ ସେ ପୁସ୍ତକମାନ ରଚନା କରିଛନ୍ତି ଓ ନିୟମିତ ଭାବେ ପ୍ରବନ୍ଧ ଲେଖିଛନ୍ତି । **"A History of Indian Freedom Struggle", " The Mahatma and the Ism", "Nehru : Ideology & Practice", "Kerala : Society and Politics", "Indian Planning in Crisis", "Crisis in to Chaos", "How I decame a Communist", "Reminiscences of an Indian Communist", "The Communist Party in Kerala : Six decades of struggle and advance"** ଆଦି ପୁସ୍ତକଗୁଡ଼ିକ ସମେତ ବହୁ କ୍ଷୁଦ୍ର ପୁସ୍ତିକା ସେ ରଚନା କରିଛନ୍ତି । ସେ ନିୟମିତ ଭାବେ ବିଭିନ୍ନ ପ୍ରସଙ୍ଗ ଉପରେ ଉଭୟ ଇଂରାଜୀ ଓ ମାଲାୟଲମ ଭାଷାରେ ପ୍ରବନ୍ଧମାନ ରଚନା କରୁଥିଲେ । ମାଲାୟଲମ ଭାଷାରେ ତାଙ୍କର ସମସ୍ତ ରଚନାବଳୀ ୧୦୦ ଖଣ୍ଡରେ ପ୍ରକାଶ ପାଇବାର କାର୍ଯ୍ୟକ୍ରମ ରହିଛି । ଏ ପର୍ଯ୍ୟନ୍ତ ୯୯ଟି ଖଣ୍ଡ ପ୍ରକାଶ ପାଇ ସାରିଛି । ଇଂରାଜୀ ଭାଷାରେ ପ୍ରକାଶିତ ''ନ୍ୟୁ ଏଜ୍'', ''ପିପୁଲସ୍ ଡିମୋକ୍ରାସି'', ''ଦି ମାର୍କସିଷ୍ଟ'' ସମେତ ମାଲାୟଲମରେ ପ୍ରକାଶିତ ''ଦେଶାଭିମାନୀ'' ଓ ''ଚିନ୍ତା'' ଆଦି ପତ୍ରପତ୍ରିକା ଓ ସମ୍ବାଦପତ୍ରର ସଂପାଦକ ଭାବେ ସେ ଦାୟିତ୍ୱ ପାଳନ କରିଛନ୍ତି । ମୃତ୍ୟୁବେଳକୁ ସେ ଥିଲେ ମାଲାୟଲମ ଦୈନିକ ''ଦେଶାଭିମାନୀ''ର ସଂପାଦକ ।

ଏକ ରକ୍ଷଣଶୀଳ ସାମନ୍ତବାଦୀ ଜମିଦାର ପରିବାରରେ ଜନ୍ମଲାଭ କରିଥିଲେ ମଧ୍ୟ ଆପଣାର ସାଧନାବଳରେ ସେ ଶ୍ରମଜୀବୀ ଜନସାଧାରଣଙ୍କ ବିପ୍ଳବୀ ଆନ୍ଦୋଳନର ଜଣେ ତୁଙ୍ଗ ନେତା ହୋଇପାରିଥିଲେ । ସେ ତିନି ବର୍ଷ କାରାଗାର ମଧ୍ୟରେ ଓ ଛଅ ବର୍ଷ ଅଜ୍ଞାତବାସରେ ବିତାଇଥିଲେ । ତାଙ୍କର ଜୀବନ ଥିଲା ଏକ ସରଳ ଓ ତ୍ୟାଗପୂତ ଜୀବନ । ସେ ତାଙ୍କର ସମସ୍ତ ଭୂ-ସଂପତ୍ତି କମ୍ୟୁନିଷ୍ଟ ପାର୍ଟିକୁ ଦାନ କରିଦେଇଥିଲେ ।

ଭାରତ ବର୍ଷର ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ସଂଗ୍ରାମ, ସାମନ୍ତବାଦ ବିରୋଧୀ କୃଷକ ଆନ୍ଦୋଳନ, ଭାଷାଭିତ୍ତିକ ରାଜ୍ୟଗଠନ ଆନ୍ଦୋଳନ, ଏକଛତ୍ରବାଦ ବିରୋଧରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଏବଂ ସାଂପ୍ରଦାୟିକତାବାଦ ବିରୋଧରେ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ହୋଇଥିବା ସଂଗ୍ରାମ ଓ ସମାଜସଂସ୍କାର ଆନ୍ଦୋଳନର ଇତିହାସ ଏବଂ ସର୍ବୋପରି ସାମଜବାଦ ପାଇଁ ଜାରି ରହିଥିବା ସଂଗ୍ରାମର ଗାଥା ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ ଅବଦାନକୁ ସାପୋରି ପାରିବ ନାହିଁ ।

ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଓ ତାଙ୍କ ତ୍ୟାଗପୂତ ସଂଗ୍ରାମୀ ଜୀବନରୁ ଶିକ୍ଷା ଗ୍ରହଣ କରିବା ସହ ତାଙ୍କ ଅପୂରଣୀୟ କାର୍ଯ୍ୟକୁ ପୂରଣ କରିବା ପାଇଁ ସଂକଳ୍ପବଦ୍ଧ ହେବା ହେଉଛି ତାଙ୍କ ଉତ୍ତର ପିଢ଼ିର ଦାୟିତ୍ୱ । ତାଙ୍କ ସଂଗ୍ରାମୀ ଜୀବନ, ମୂଲ୍ୟବୋଧ ଓ ବିଚାରବୋଧ ସଂପର୍କରେ ଉତ୍ତର ପିଢ଼ିକୁ ଅବଗତ କରିବା ହେଉଛି ଏହି ସ୍ମରଣିକା ପ୍ରକାଶର ଉଦ୍ଦେଶ୍ୟ ।

- ଇ.ଏମ୍.ଏସ୍. ଜନ୍ମ ଶତବାର୍ଷିକୀ କମିଟି

Digitized by srujanika@gmail.com



ଜନସାଧାରଣଙ୍କ ସ୍ୱାର୍ଥରେ ଆତ୍ମତ୍ୟାଗର କଥା ଶିଖାଇଛନ୍ତି କମ୍ରେଡ ଇ.ଏମ୍.ଏସ୍.

● ଜ୍ୟୋତି ବସୁ

ବିଲାତରେ ରହିଥିବା ବେଳେ ଆମେ କେତେ ଜଣ ଛାତ୍ର ନିଷ୍ପତ୍ତି ନେଇଥିଲୁ ଦେଶକୁ ଫେରିବା ପରେ କମ୍ୟୁନିଷ୍ଟ ପାର୍ଟିର ସଦାବେଳିଆ କର୍ମୀ ହେବୁ । ତେଣୁ ୧୯୪୦ ମସିହାରେ ବିଲାତରୁ ଜାହାଜରେ ବମ୍ବେରେ ପହଞ୍ଚିବା ପରେ ଯୋଗାଯୋଗ କରିଥିଲୁ ପାର୍ଟି ନେତାମାନଙ୍କ ସହିତ । ସେତେବେଳେ ସେଠାରେ ଥିଲା ପାର୍ଟିର କେନ୍ଦ୍ରୀୟ କାର୍ଯ୍ୟାଳୟ । ସେଠାରେ ଶୁଣିଥିଲି, ମାଲବାର ଅଞ୍ଚଳରେ ପାର୍ଟିର ଅଗ୍ରଗତିର କଥା । କମ୍ରେଡ କୃଷ୍ଣ ପିଲ୍ଲାଇ, କମ୍ରେଡ ଇ.ଏମ.ଏସ., କମ୍ରେଡ ଏ.କେ. ଗୋପାଳନଙ୍କର କଥା ମଧ୍ୟ ସେଠାରେ ଶୁଣି ଥିଲି । ପରବର୍ତ୍ତୀ ସମୟରେ କମ୍ରେଡ ଇ.ଏମ.ଏସ. ନମ୍ବୁଦ୍ରିପଦଙ୍କ ସହିତ ମୋର ଆଲୋଚନା ହୋଇଥିଲା । ଏହାପର ଠୁ ସେ ଯେତେ ଦିନ ପର୍ଯ୍ୟନ୍ତ ଜୀବିତ ରହିଥିଲେ, ଲଗାତର ପ୍ରାୟ ଷାଠିଏ ବର୍ଷ ଧରି ତାଙ୍କ ସହିତ ମୋର ରାଜନୈତିକ ଜୀବନର ସଂପର୍କ ରହିଥିଲା । କମ୍ରେଡ ଇ.ଏମ.ଏସ.ଙ୍କ ମୃତ୍ୟୁରେ ଦେଶ ହରାଇଛି ଜଣେ ପ୍ରତିଭାବାନ୍ ଆଦର୍ଶ ବ୍ୟକ୍ତିତ୍ୱକୁ, ପାର୍ଟି ହରାଇଛି ଜଣେ ଅସାଧାରଣ ନେତାଙ୍କୁ ଏବଂ ମୁଁ ହରାଇଛି ଦୀର୍ଘଦିନର ଅତି ଘନିଷ୍ଠ ସହକର୍ମୀଙ୍କୁ । କମ୍ରେଡ ଇ.ଏମ.ଏସ.ଙ୍କ ସାତ ଦଶକର ଅତୁଳନୀୟ ଅବଦାନ ଆମ ପାର୍ଟି ନିକଟରେ ଏବଂ ସମଗ୍ର ଦେଶ ନିକଟରେ ଅବିସ୍ମରଣୀୟ ହୋଇ ରହିବ । ତେଣୁ ଚଳିତ ବର୍ଷ ତାଙ୍କ ଭଳି ଜଣେ ଅବିସମ୍ବାଦୀ କମ୍ୟୁନିଷ୍ଟ ନେତାଙ୍କ ଜନ୍ମଶତବାର୍ଷିକୀ ଉଦ୍‌ଯାପିତ ହେଉଛି ଜାଣି ଆନନ୍ଦିତ ହେଲି ।

କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱରେ ସମଗ୍ର ଦେଶରେ ଆନ୍ଦୋଳନ ଗଢି ତୋଳିବା କ୍ଷେତ୍ରରେ ଓ ରାଜନୈତିକ-ମତାଦର୍ଶଗତ-ସାଂଗଠନିକ ନିଷ୍ପତ୍ତି ଗ୍ରହଣ କରିବା କ୍ଷେତ୍ରରେ କମ୍ରେଡ ଇ.ଏମ.ଏସ. ନମ୍ବୁଦ୍ରିପଦଙ୍କ ସହିତ ଦୀର୍ଘ ସମୟ ବ୍ୟାପୀ ମୁଁ ମିଳିତ ଭାବେ କାମ କରିଛି । ଆମ ମଧ୍ୟରେ ଆଲୋଚନା ହୋଇଛି, ମତ ବିନିମୟ ହୋଇଛି, ବିତର୍କ ହୋଇଛି, ମତପାର୍ଥକ୍ୟ ହୋଇଛି, ଐକ୍ୟମତ ହୋଇଛି- ଗୋଟିଏ ଆଦର୍ଶ କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱ ସିଦ୍ଧାନ୍ତ ଗ୍ରହଣ ସମୟରେ ଯେଉଁ ପ୍ରକ୍ରିୟା ଭିତର ଦେଇ ଗତି କରେ, ଆମେ ସେହିପରି ଭାବରେ ମିଳିତ ଭାବରେ କାମ କରିଛୁ । ଆମ ଭିତରେ ସଂପର୍କ ଥିଲା ଅତ୍ୟନ୍ତ ଘନିଷ୍ଠ । ଇ.ଏମ.ଏସ.ଙ୍କ ସହିତ କାମ କରିବାକୁ ଯାଇ ଦେଖିଛି ସେ ଥିଲେ ଅତ୍ୟନ୍ତ ଦୂରଦୃଷ୍ଟି ସଂପନ୍ନ ବ୍ୟକ୍ତି । ଜଣେ ପ୍ରକୃତରେ ବାସ୍ତବତାବାଦୀ କମ୍ୟୁନିଷ୍ଟ । ତାଙ୍କର ରାଜନୈତିକ ପ୍ରଜ୍ଞା ଓ ପାଣ୍ଡିତ୍ୟ ଥିଲା ସୁଗଭୀର ଏବଂ ବହୁମୁଖୀ ।

ଇ.ଏମ.ଏସ.ଙ୍କ ଜୀବନରୁ ଦେଖା ଯାଇଥାଏ ସ୍ୱଚ୍ଛଳ, ସମ୍ଭ୍ରାନ୍ତ ପରିବାରରେ ଲାଳିତପାଳିତ ହୋଇ ସେ ସ୍ୱାଧୀନତା ସଂଗ୍ରାମ ପ୍ରତି ଉଦ୍‌ବୁଦ୍ଧ ହୋଇ ପାଠପଢା ଛାଡି ରାଜନୀତିରେ ସଂପୂର୍ଣ୍ଣ ରୂପେ ଅଂଶ ଗ୍ରହଣ କରିଥିଲେ । ନିଜ ପରିବାର ଓ ସଂପ୍ରଦାୟ ମଧ୍ୟରେ ସେ ପ୍ରଥମେ ସଂଗ୍ରାମ ଆରମ୍ଭ କରିଥିଲେ । ପଶ୍ଚାତ୍‌ପଦତା, ଅନ୍ଧବିଶ୍ୱାସ, ଜାତିଆଣ ଭେଦଭାବ ବିରୋଧୀ ଆନ୍ଦୋଳନ ସାଂଗକୁ ଯୁବାବସ୍ଥାରେ ସମାଜ ସେବାମୂଳକ କାମ

Digitized by srujanika@gmail.com

ଆରମ୍ଭ କରିଥିଲେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବା ପୂର୍ବରୁ । କେରଳରେ କମ୍ୟୁନିଷ୍ଟ ପାର୍ଟି ଗଢି ତୋଳିବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ୧୯୩୬ ମସିହାରେ ସଂସଦୀୟ ରାଜନୀତିରେ ସେ ସଂପୃକ୍ତ ହୋଇଥିଲେ । ଚାଳିଶ ଦଶକର ପ୍ରାରମ୍ଭରେ ତାଙ୍କୁ ଯେତେବେଳେ ଆତ୍ମଗୋପନ ଅବସ୍ଥାରେ କାମ କରିବାକୁ ହେଲା, ସେ ସେତେବେଳେ କେରଳର ଗରିବ କୃଷକ ମାନଙ୍କ ମଧ୍ୟରେ ରହି କାମ କରିଥିଲେ ଏବଂ ତାଙ୍କ ସହିତ ମିଶି ଯାଇଥିଲେ । ପ୍ରାରମ୍ଭରୁ ତାଙ୍କର ନେତୃତ୍ୱ ଦେବାର ଯୋଗ୍ୟତା ଓ ଦକ୍ଷତା ସମସ୍ତଙ୍କ ନିକଟରେ ସ୍ପଷ୍ଟ ହୋଇଯାଇଥିଲା ।

ଭାଷା ଭିତ୍ତିକ ରାଜ୍ୟ ହିସାବରେ କେରଳର ଆତ୍ମ ପ୍ରକାଶ ପଛରେ ଇ.ଏମ.ଏସ.ଙ୍କ ନେତୃତ୍ୱରେ "ଐକ୍ୟ କେରଳ" ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ୧୯୫୭ ମସିହାରେ ପ୍ରଥମ ବିଧାନସଭା ନିର୍ବାଚନରେ କମ୍ରେଡ ନମ୍ବୁଦ୍ରିପଦଙ୍କ ନେତୃତ୍ୱରେ କେରଳରେ କମ୍ୟୁନିଷ୍ଟ ପାର୍ଟି ସଂଖ୍ୟାଗରିଷ୍ଠତା ହାସଲ କଲା । ଦେଶର ପ୍ରଥମ ଅଣକଂଗ୍ରେସୀ ତଥା ପ୍ରଥମ କମ୍ୟୁନିଷ୍ଟ ପରିଚାଳିତ ରାଜ୍ୟ ସରକାର ଗଠନ ହୋଇଥିଲା ତାଙ୍କ ନେତୃତ୍ୱରେ । କିନ୍ତୁ ୨୮ ମାସରୁ ଅଧିକ ସମୟ ଏହି ସରକାରକୁ କଂଗ୍ରେସ ସହ୍ୟ କରିପାରି ନଥିଲା । ଯେତେବେଳେ କଂଗ୍ରେସ ନେତୃତ୍ୱ ଦଳତ୍ୟାଗର ପ୍ରଚେଷ୍ଟା କରି ମଧ୍ୟ ସଂଖ୍ୟା ଗରିଷ୍ଠତା ଭାଙ୍ଗିପାରିଲା ନାହିଁ, ସେତେବେଳେ ୩୫୬ଧାରା ପ୍ରୟୋଗ କରି ଏହି ସରକାରକୁ ନେହେରୁ ବରଖାସ୍ତ କରିଥିଲେ । କିନ୍ତୁ ଏହି ୨୮ ମାସ ମଧ୍ୟରେ ଭୂମିସଂସ୍କାର, ଶିକ୍ଷା,କୃଷକ ଓ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା, ଗଣତନ୍ତ୍ରର ବିକାଶ ଇତ୍ୟାଦି କ୍ଷେତ୍ରରେ କମ୍ରେଡ ନମ୍ବୁଦ୍ରିପଦଙ୍କ ନେତୃତ୍ୱାଧୀନ ସରକାର ଯେଉଁ ଅବଦାନ ରଖିଥିଲେ ତାହା ସମଗ୍ର ଦେଶ ପାଇଁ ପଥପ୍ରଦର୍ଶକ ଭାବେ କାମ କରିଛି । ସେ ସଂସଦୀୟ ଓ ସଂସଦ ବହିର୍ଭୂତ ସଂଗ୍ରାମ ମଧ୍ୟରେ ସମନ୍ୱୟ ଆଣି ପାରିଥିଲେ ବୋଲି ଏହା ସମ୍ଭବ ହୋଇଛି । ଆମ ପାର୍ଟି ଜୀବନରେ ମଧ୍ୟ ଏହା ଏକ ନୂଆ ଅଭିଜ୍ଞତା ଥିଲା । ଯେଉଁଥି ପାଇଁ କମ୍ରେଡ ଇ.ଏମ.ଏସଙ୍କ ଦକ୍ଷତା ଓ ଅବଦାନ ହେଉଛି ଅନସ୍ୱୀକାର୍ଯ୍ୟ । ଏହି ଅଭିଜ୍ଞତା ପରବର୍ତ୍ତୀ ସମୟରେ ଆମର ପାର୍ଟିର ରାଜନୈତିକ କର୍ମକୌଶଳ ନିର୍ଦ୍ଧାରଣ କରିବାରେ ବିରାଟ ସହାୟକର ଭୂମିକା ପାଳନ କରିଛି । ପଶ୍ଚିମବଙ୍ଗରେ ବାମଫ୍ରଣ୍ଟ ସରକାର ଗଠିତ ହେବା ପରେ ଆମେ କମ୍ରେଡ ନମ୍ବୁଦ୍ରିପଦଙ୍କ ନେତୃତ୍ୱାଧୀନ ପ୍ରଥମ କମ୍ୟୁନିଷ୍ଟ ସରକାରର କାମରୁ ଶିକ୍ଷା ଗ୍ରହଣ କରି ବିଭିନ୍ନ ପଦକ୍ଷେପ, ବିଶେଷ କରି ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣର ନୀତି କାର୍ଯ୍ୟକାରୀ କରିଥିଲୁ ।

ମୋର ମନେ ପଡୁଛି, ୧୯୫୭ ମସିହା ନିର୍ବାଚନରେ ପଶ୍ଚିମବଙ୍ଗରେ ସଫଳତା ନ ଆସିଲେ ବି ସୁଦୂର ଦକ୍ଷିଣପ୍ରାନ୍ତର ରାଜ୍ୟ କେରଳରେ ସଫଳତା ଆସିଥିବାରୁ ଆମେ ଅତ୍ୟନ୍ତ ଉତ୍ସାହିତ ହୋଇଥିଲୁ । ଏହାରି ମାଧ୍ୟମରେ ଭାରତ ବର୍ଷର ଇତିହାସରେ ଏକ ନୂଆ ଦିଗନ୍ତ ଆରମ୍ଭ ହୋଇଥିଲା । କାରଣ ପ୍ରଥମ ଥର ପାଇଁ ଗୋଟିଏ ରାଜ୍ୟର ସଂଖ୍ୟାଗରିଷ୍ଠ ଜନସାଧାରଣ କମ୍ୟୁନିଷ୍ଟ ନେତୃତ୍ୱାଧୀନ ମେଣ୍ଟକୁ ସମର୍ଥନ ଜଣାଇଥିଲେ ଏବଂ ଆଗାମୀ ଦିନର ସଂଗ୍ରାମକୁ ଆଗେଇ ନେବା ପାଇଁ କମ୍ୟୁନିଷ୍ଟମାନଙ୍କ ଉପରେ ନୂଆ ଦାୟିତ୍ୱ ଅର୍ପଣ କରିଥିଲେ । ଏବେ ବି ମନେ ପଡୁଛି, ତାହା ଥିଲା ୧୯୫୭ ମସିହା ମାର୍ଚ୍ଚ ତୃତୀୟ ସପ୍ତାହର କଥା । ସମ୍ବାଦ ପାଇ ପାର୍ଟିର ପଶ୍ଚିମବଙ୍ଗ ରାଜ୍ୟ କମିଟି ପକ୍ଷରୁ କାକାବାବୁ (ମୁଜାଫର ଅହମ୍ମଦ) ଏକ ଟେଲିଗ୍ରାମ ତ୍ରିଭେନ୍ଦ୍ରମକୁ ପଠାଇଲେ : "ଏବେ କେରଳରେ କମ୍ୟୁନିଷ୍ଟ ପାର୍ଟି ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାର ସମ୍ବାଦ ପାଇଲୁ । ପଶ୍ଚିମବଙ୍ଗର ପାର୍ଟି ସଦସ୍ୟବୃନ୍ଦ ଓ ସମସ୍ତ ଗଣତାନ୍ତ୍ରିକ ଶକ୍ତିଙ୍କ ପକ୍ଷରୁ ଆପଣମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛୁ ।" କେରଳରେ କମ୍ୟୁନିଷ୍ଟମାନେ ୬୦ଟି ଆସନରେ ବିଜୟୀ ହେବା ସାଂଗକୁ କମ୍ୟୁନିଷ୍ଟ ସମର୍ଥିତ ନିର୍ଦ୍ଦଳ ୫ଟି ଆସନ, ପି.ଏସ.ପି. ୯ଟି ଆସନ ଏବଂ କଂଗ୍ରେସ ୪୩ଟି ଆସନ ହାସଲ କରିଥିଲା । ମୋଟ ଆସନ ଥିଲା ୧୨୬ଟି । କମ୍ରେଡ ଇ.ଏମ.ଏସ. ନମ୍ବୁଦ୍ରିପଦ କମ୍ୟୁନିଷ୍ଟମାନଙ୍କ ବିଧାୟକ ଦଳର ନେତା ରୂପେ ନିର୍ବାଚିତ ହେଲେ । କମ୍ରେଡ ଅଚ୍ୟୁତମେନନ ହେଲେ ସହଯୋଗୀ ନେତା । ଇ.ଏମ.ଏସ. ହେଲେ ଦେଶର ପ୍ରଥମ କମ୍ୟୁନିଷ୍ଟ ନେତୃତ୍ୱାଧୀନ ମନ୍ତ୍ରୀମଣ୍ଡଳର ମୁଖ୍ୟମନ୍ତ୍ରୀ ।

ନିର୍ବାଚନରେ କେରଳରେ ଏବଂ ପଶ୍ଚିମବଙ୍ଗରେ ଶକ୍ତି ବୃଦ୍ଧି ନିମନ୍ତେ ଆମେ ଏପ୍ରିଲ ୭ ତାରିଖରେ ଯେଉଁ ସଭା ଆହ୍ୱାନ କରିଥିଲୁ ସେ କଥା ମୋର ମନେ ରହିଛି । ଏହି ସଭାରେ କାକା ବାବୁ ସଭାପତିତ୍ୱ କରିଥିଲେ । କେରଳରେ ମାଲବାର ଉପକୂଳରେ ଶହୀଦଙ୍କ ଉଦ୍ଦେଶ୍ୟରେ ରଚିତ ସେହି ବିଖ୍ୟାତ ଗୀତ "ଫେରାଇ ଦିଅ, ଦିଅ- ମୋର କାୟୁର ବନ୍ଧୁମାନଙ୍କୁ" ମାଧ୍ୟମରେ ସଭା ଆରମ୍ଭ ହେଲା । ସଭାରେ ମୁଁ ପ୍ରସ୍ତାବ ଆଗତ କରିଥିଲି- "କେରଳରେ କମ୍ୟୁନିଷ୍ଟ ପାର୍ଟିର ବିଜୟ ସମଗ୍ର ଭାରତର ଗଣତାନ୍ତ୍ରିକ ଆନ୍ଦୋଳନକୁ ଆଉ ଏକ ପାଦ ଆଗେଇ ନେଇଛି । କେରଳର ଜନସାଧାରଣଙ୍କୁ ବିପ୍ଳବୀ ଅଭିନନ୍ଦନ ଜଣାଇବା ସହିତ ଏହି ସମାବେଶ ଏହି ରାଜ୍ୟରେ ଗଣତାନ୍ତ୍ରିକ ଆନ୍ଦୋଳନକୁ ଏବଂ ସାରା ଭାରତରେ ଶାନ୍ତି, ଗଣତନ୍ତ୍ର ଓ ସମାଜବାଦର ଲଢେଇକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ସଂକଳ୍ପ ଗ୍ରହଣ କରୁଛି ।" ୧୯୫୭ ମସିହା ଅଗଷ୍ଟ ମାସରେ କଲକତାକୁ ଭାରତର କମ୍ୟୁନିଷ୍ଟ ପାର୍ଟି, କେରଳ ରାଜ୍ୟ କମିଟିର ତତ୍କାଳୀନ ସଂପାଦକ କମ୍ରେଡ ଏମ.ଏନ. ଗୋବିନ୍ଦନ ନାୟାର ଆସିଥିଲେ । ମନେ ପଡୁଛି, ସୁବୋଧ ମଲ୍ଲିକ ସ୍କୋୟାରରେ ଅନୁଷ୍ଠିତ ଏକ ବିରାଟ ସଭାରେ ସେ ବକ୍ତୃତା ପ୍ରଦାନ କରିଥିଲେ । ଏହି ସଭାରେ ମୁଁ ସଭାପତି ହୋଇଥିଲି ।

କମ୍ରେଡ ଇ.ଏମ.ଏସ. ନମ୍ବୁଦ୍ରିପଦ ଯେତେବେଳେ ପଶ୍ଚିମବଙ୍ଗକୁ ଆସିଥିଲେ ଜନସାଧାରଣଙ୍କର ଉଚ୍ଛ୍ୱାସର ଜୁଆର ସୃଷ୍ଟି ହୋଇଥିଲା । ୧୯୫୭ ମସିହା ଅକ୍ଟୋବର ୨୭ ତାରିଖରେ ବନଗାଁରେ ଅଖିଳ ଭାରତ କୃଷକ ସଭାର ଆଠଦିନ ବ୍ୟାପୀ

Digitized by srujanika@gmail.com



ଅଧିବେଶନ ଆରମ୍ଭ ହେଲା । ଏହି ଅଧିବେଶନରେ ବକ୍ତୃତା ପ୍ରଦାନ ପାଇଁ ଇ.ଏମ.ଏସ. ସେତେବେଳେ ପଶ୍ଚିମବଙ୍ଗକୁ ଆସିଥିଲେ । ଦମଦମ ବିମାନ ବନ୍ଦରରୁ ବନଗାଁ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବହୁ ଲୋକେ ଇ.ଏମ.ଏସ.ଙ୍କୁ ବିପୁଳ ସମର୍ଥନା ଜଣାଇଥିଲେ । ଦେଶର କୌଣସି ଏକ ରାଜ୍ୟରେ ପ୍ରଥମ କମ୍ୟୁନିଷ୍ଟ ନେତୃତ୍ୱାଧୀନ ମେଣ୍ଟର ମନ୍ତ୍ରୀମଣ୍ଡଳର ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବାକୁ ସଂଗ୍ରାମୀ କଲିକତା ତଥା ପଶ୍ଚିମବଙ୍ଗ ଉଦ୍‌ବେଳିତ ହୋଇ ଉଠିଥିଲା । କଲିକତାରେ ମନୁମେଣ୍ଟର ପାଦଦେଶରେ ଆମେ ଇ.ଏମ.ଏସ.ଙ୍କୁ ସମର୍ଥନା ଜଣାଇବା ପାଇଁ ଯେଉଁ ସଭା ଆହ୍ୱାନ କରିଥିଲୁ ତହିଁରେ ପ୍ରାୟ ଦୁଇ ଲକ୍ଷାଧିକ ଲୋକମାନଙ୍କର ସମାବେଶ ହୋଇଥିଲା । ସେହି ସମୟରେ ବିଚାର ଥିଲା ଏହା ଥିଲା ଅନ୍ୟତମ ବୃହତ ସମାବେଶ । ସେହି ସଭାରେ ଇ.ଏମ.ଏସ. ପୂର୍ବରୁ କଂଗ୍ରେସ ସରକାରଙ୍କ ସହିତ କେରଳରେ ଏବର ସରକାରଙ୍କ ଦୃଷ୍ଟିଭଙ୍ଗୀର ମୌଳିକ ପାର୍ଥକ୍ୟକୁ ବିଶ୍ଳେଷଣ କରି ବକ୍ତୃତା ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେହି ସଭାରେ ମୁଁ ମଧ୍ୟ ଭାଷଣ ଦେଇଥିଲି ।

କେରଳ କମ୍ୟୁନିଷ୍ଟ ପାର୍ଟି ପରିଚାଳିତ ମନ୍ତ୍ରୀମଣ୍ଡଳ ବିପୁଳ ଉତ୍ସାହ, ଉଦ୍ଦୀପନା ସହ କାମ କଲେ ବି ୧୯୫୯ ମସିହା ଜୁଲାଇ ୩୧ ତାରିଖ ଦିନ ସମ୍ବିଧାନର ୩୫୬ ନମ୍ବର ଧାରା ପ୍ରୟୋଗ କରି କେରଳରେ ରାଷ୍ଟ୍ରପତି ଶାସନ ଜାରି କରାଗଲା ଏବଂ ରାଜ୍ୟ ବିଧାନସଭାକୁ ଭାଙ୍ଗି ଦିଆଗଲା । ସେତେବେଳେ ଜବାହରଲାଲ ନେହେରୁ ଥିଲେ ଭାରତ ବର୍ଷର ପ୍ରଧାନମନ୍ତ୍ରୀ ଏବଂ ସାରା ଭାରତ କଂଗ୍ରେସ କମିଟିର ସଭାନେତ୍ରୀ ଥିଲେ ଇନ୍ଦିରା ଗାନ୍ଧୀ । କେରଳରେ କମ୍ୟୁନିଷ୍ଟ ପାର୍ଟି ଯେପରି କାମ କରି ନପାରେ ସେଥିପାଇଁ କଂଗ୍ରେସ ପୂର୍ବରୁ ବିଭିନ୍ନ ବାଧା ସୃଷ୍ଟି କରିଥିଲା । ଏହି ମନ୍ତ୍ରୀମଣ୍ଡଳକୁ ହଟାଇବା ପାଇଁ ତତ୍‌କାଳୀନ କେନ୍ଦ୍ରୀୟ କଂଗ୍ରେସ କମିଟି ସିଧାସଳଖ ରାଜ୍ୟର ପ୍ରତ୍ୟେକଟି ପ୍ରତିକ୍ରିୟାଶୀଳ ଓ ସୁବିଧାବାଦୀ ଦଳ ତଥା ସଂଗଠନ ସହିତ ମେଣ୍ଟ କରିଥିଲା । ଏହି ପ୍ରତିକ୍ରିୟାଶୀଳ ଓ ସୁବିଧାବାଦୀ ମେଣ୍ଟ କମ୍ୟୁନିଷ୍ଟ ସରକାରର ପ୍ରତିଟି କାମକୁ ବାଧା ପ୍ରଦାନ କଲା । ଏହା ଏବେ କାହା ପାଖରେ ଅଛପା ରହିନାହିଁ ଯେ, ପ୍ରଧାନମନ୍ତ୍ରୀ ନେହେରୁ ସେ ସମୟରେ କେରଳର ମୁଖ୍ୟମନ୍ତ୍ରୀ ଇ.ଏମ.ଏସ.ଙ୍କୁ ଡାକି ପରାମର୍ଶ ଦେଇଥିଲେ, ସେ ଯେପରି ପଦତ୍ୟାଗ କରି ବିଧାନସଭାକୁ ଭାଙ୍ଗି ଦେବା ପାଇଁ ସୁପାରିଶ କରନ୍ତି, ଯଦ୍ୱାରା ପୁଣି ଥରେ ନିର୍ବାଚନ ଅନୁଷ୍ଠିତ ହୋଇପାରିବ । ଇ.ଏମ.ଏସ. ନେହେରୁଙ୍କର ପରାମର୍ଶକୁ ଗ୍ରହଣ କରିନଥିଲେ ! ତେଣୁ କେରଳ ସରକାରକୁ ହଟାଇବା ପାଇଁ କଂଗ୍ରେସର ଚକ୍ରାନ୍ତ ଅବ୍ୟାହତ ରହିଥିଲା । କଂଗ୍ରେସ ଦଳ ନେତୃତ୍ୱରେ ବହୁ ପ୍ରଚାରିତ 'ଗଣ ଜାଗରଣ' ଯେତେବେଳେ ଦେଖାଗଲା ନାହିଁ ସେତେବେଳେ ଏହି ସରକାରକୁ ବଳପ୍ରୟୋଗ କରି ଭାଙ୍ଗି ଦିଆଗଲା ।

ଯେଉଁ ଦିନ ରାଷ୍ଟ୍ରପତିଙ୍କର ଆଦେଶବଳରେ କେରଳର କମ୍ୟୁନିଷ୍ଟ ସରକାରକୁ ବରଖାସ୍ତ କରାଗଲା ସେଦିନ ମୁଁ ଦିଲ୍ଲୀରେଥିଲି ଏବଂ ପଶ୍ଚିମବଙ୍ଗ ସରକାର ବିରୋଧରେ ଅଭିଯୋଗ ପତ୍ର ନେଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲି । ମୋ ସହିତ ରହିଥିଲେ ଭୂପେଶ ଗୁପ୍ତ ଏବଂ ଦୀନେଶ ରାୟ । ଏହି ଦିନ ମୁଁ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଆମ ପାର୍ଟିର ପଶ୍ଚିମବଙ୍ଗ ରାଜ୍ୟ ପରିଷଦର ବକ୍ତବ୍ୟକୁ ରଖିଥିଲି । ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲି । ସାମ୍ବାଦିକ ସମ୍ମିଳନୀ ଚାଲିଥିବା ସମୟରେ ମୋ ନିକଟରେ ଖବର ପହଞ୍ଚିଲା, କେରଳ ସରକାରକୁ ଭାଙ୍ଗି ଦିଆଯାଇଛି ଏବଂ ଏହା ସହିତ ବିଧାନସଭାକୁ ମଧ୍ୟ ବରଖାସ୍ତ କରି ଦିଆଯାଇଛି । ଏହି ଦିନ ମୁଁ ଏବଂ ଭୂପେଶ, ଫିରୋଜ ଗାନ୍ଧୀଙ୍କ ସହିତ ଦେଖା କରିବାକୁ ଯାଇଥିଲୁ । ଫିରୋଜଙ୍କ ସହିତ ଆମର ସଂପର୍କ ବିଲାତରେ ପ୍ରତିଷ୍ଠିତ ହୋଇଥିଲା । ଫିରୋଜ ସେତେବେଳେ ଆଉ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ରହୁ ନଥିଲେ । ସେ ଦିଲ୍ଲୀର ନର୍ଥ ଆଭିନ୍ୟୁର ଏମ୍.ପି. ଫ୍ଲାଟରେ ରହୁଥିଲେ । ଫିରୋଜ ଆମକୁ ଦେଖି ଭିତରେ ବସିବାକୁ କହିଲେ । ସେ ଆମକୁ କହିଲେ, ''ଆଜି ଗୋଟିଏ ହତ୍ୟାକାଣ୍ଡ ଘଟିଛି- କେରଳରେ ଗଣତନ୍ତ୍ରକୁ ହତ୍ୟାକରାଯାଇଛି ।'' ଫିରୋଜ ଗାନ୍ଧୀ ମୋତେ ଓ ଓ ଭୂପେଶଙ୍କୁ ଆହୁରି ବହୁ କଥା କହିଥିଲେ । ସେ ସବୁ ଏଠାରେ ଉଲ୍ଲେଖ କରୁନାହିଁ ।

ଦିଲ୍ଲୀ ଆସିବାର କେଇ ଦିନ ପୂର୍ବରୁ ମୁଁ ସେତେବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କ ସହିତ ସାକ୍ଷାତ କରିଥିଲି । ଡାକ୍ତର ରାୟ ମୋତେ କହିଥିଲେ, ସେ କେରଳ କଂଗ୍ରେସର ଏହି ସରକାର ବିରୋଧୀ ଆନ୍ଦୋଳନକୁ ସମର୍ଥନ କରିବେ ନାହିଁ । ଏକ ନିର୍ବାଚିତ ମନ୍ତ୍ରୀମଣ୍ଡଳକୁ ହଟାଇବା ପାଇଁ ଏହି ଆନ୍ଦୋଳନରେ ତାଙ୍କର ଆପତ୍ତି ରହିଛି ଏବଂ ସେ କଂଗ୍ରେସ ୱାର୍କିଂ କମିଟିକୁ ଏକଥା ଜଣାଇଛନ୍ତି । ଡାକ୍ତର ରାୟ ମୋ ନିକଟରେ ଏହି ଅଭିମତ ପ୍ରକାଶ କରିଥିଲେ ଯେ, ସରକାର ଚଳାଇବାକୁ ହେଲେ ପ୍ରଶାସନକୁ କଠୋର ହେବାକୁ ପଡିବ ! ମୁଁ ଡାକ୍ତର ରାୟଙ୍କୁ ପ୍ରଶ୍ନ କରିଥିଲି, ଆପଣ ଥିଲେ କଣ କରିଥାନ୍ତେ ? ଡାକ୍ତର ରାୟଙ୍କର ଉତ୍ତର ଥିଲା- ମୁଁ ସମସ୍ତ ଆନ୍ଦୋଳନକାରୀଙ୍କୁ ଗିରଫ କରିଥାଆନ୍ତି



(ଜ୍ୟୋତି ବସୁ, ହରକିଶନ ସିଂ ସୁରଜିତ ଓ ନୃପେନ ଚକ୍ରବର୍ତ୍ତୀଙ୍କ ସହ ଇ.ଏମ୍.ଏସ୍.)

Digitized by srujanika@gmail.com

ଏବଂ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରିଥାଆନ୍ତି । ଡାକ୍ତର ରାୟ ଯେ କଠୋର ହୋଇ ପାରନ୍ତି ତାର ପ୍ରମାଣ ମଧ୍ୟ ଆମେ ବହୁ ଥର ପାଇଛୁ ।

କେରଳ ସରକାର ବରଖାସ୍ତ ବିରୋଧରେ ସମଗ୍ର ଦେଶ ବ୍ୟାପୀ ଯେଉଁ ପ୍ରତିବାଦ ଦିବସ ପାଳନର ଆହ୍ୱାନ ଦିଆଯାଇଥିଲା ସେହି ଉପଲକ୍ଷେ ପାର୍ଟିର ପଶ୍ଚିମବଙ୍ଗ ରାଜ୍ୟ କମିଟି ଉଦ୍ୟୋଗରେ ଶହୀଦ ମିନାରରେ ଲକ୍ଷାଧିକ ଲୋକଙ୍କ ସମାବେଶ ହୋଇଥିଲା । ମୁଁ ଏବଂ ଇନ୍ଦ୍ରଜିତ ଗୁପ୍ତ ସେହି ସଭାରେ ଭାଷଣ ଦେଇଥିଲୁ । ସରକାରକୁ ବରଖାସ୍ତ କରିବା ପରେ ୧୯୬୦ ମସିହାରେ କେରଳରେ ପୁଣି ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମୋର ମନେ ଅଛି, କେରଳ ନିର୍ବାଚନ ପାଣ୍ଠି ସଂଗ୍ରହ କରାଯାଇ ଏକ ସୁବିଶାଳ ସମାବେଶରେ ପାର୍ଟିର ରାଜ୍ୟ ପରିଷଦ ପକ୍ଷରୁ କାକାବାବୁ ୭୬ ହଜାରରୁ ଅଧିକ ଟଙ୍କା ଇ.ଏମ.ଏସ.ଙ୍କ ହାତରେ ପ୍ରଦାନ କରିଥିଲେ । ସେ ଥର ନିର୍ବାଚନ ପ୍ରଚାରରେ ଭୂପେଶ ଗୁପ୍ତ, ମହମ୍ମଦ ଇସମାଇଲ, ହୀରେନ ମୁଖାର୍ଜୀ ଏବଂ ମୁଁ କେରଳ ଯାଇଥିଲୁ । ସେଠାରେ ବିଭିନ୍ନ ନିର୍ବାଚନ ସଭାରେ ଆମେ ବକ୍ତୃତା ପ୍ରଦାନ କରିଥିଲୁ । ଜନସାଧାରଣଙ୍କ ଉତ୍ସାହ-ଉଦ୍ଦୀପନା ମଧ୍ୟ ଯଥେଷ୍ଟ ଥିବାର ଦେଖିଲୁ । ତଥାପି ଆମେ ସେଥର କେରଳରେ ବିଜୟ ହାସଲ କରିପାରିଲୁ ନାହିଁ । ରାଷ୍ଟ୍ରପତି ଶାସନକୁ କାମରେ ଲଗାଇ ପ୍ରଶାସନ ସହାୟତାରେ କଂଗ୍ରେସ ସୁପରିକଳ୍ପିତ ଭାବରେ ସନ୍ତ୍ରାସ ଚଳାଇଲା । ଆମେ ସଂଖ୍ୟାଗରିଷ୍ଠ ଆସନ ହାସଲ କରିପାରିଲୁ ନାହିଁ, କିନ୍ତୁ ଅତୀତ ତୁଳନାରେ ଆମେ ଯଥେଷ୍ଟ ଅଧିକ ଲୋକଙ୍କର ସମର୍ଥନ ପାଇଥିଲୁ । ପରେ ୧୯୬୭ ମସିହାରେ ଇ.ଏମ.ଏସ.ଙ୍କ ନେତୃତ୍ୱରେ ପୁଣି ଏଠାରେ ବାମ ଓ ଗଣତାନ୍ତ୍ରିକ ଫ୍ରଣ୍ଟର ସରକାର ଗଠିତ ହୋଇଥିଲା ।

୧୯୪୩ ମସିହାରେ ପାର୍ଟିର ପ୍ରଥମ କଂଗ୍ରେସରୁ ଇ.ଏମ.ଏସ. କେନ୍ଦ୍ର ନେତୃତ୍ୱକୁ ଆସିଥିଲେ । ନେତୃତ୍ୱ ପ୍ରଦାନ କାର୍ଯ୍ୟରେ ମଧ୍ୟ ସେ ମୂଳରୁ ମୂଲ୍ୟବାନ ଅବଦାନ ରଖିଛନ୍ତି । ପଚାଶ ଦଶକ ମଧ୍ୟଭାଗରୁ ପାର୍ଟିର ଲାଇନ ବାବଦରେ ମତାଦର୍ଶଗତ ବିତର୍କ ଆରମ୍ଭ କରିବାରେ ସେ ଉଲ୍ଲେଖଯୋଗ୍ୟ ଭୂମିକା ପାଳନ କରିଥିଲେ । ୧୯୬୨ ମସିହାରେ ସେ ଯେତେବେଳେ ପାର୍ଟିର ସାଧାରଣ ସଂପାଦକ ଦାୟିତ୍ୱପାଳନ କଲେ ସେତେବେଳେ ପାର୍ଟି ଭିତରେ ମତାଦର୍ଶଗତ ବିତର୍କ ତୀବ୍ର ଆକାର ଧାରଣ କରିଥିଲା । ସେତେବେଳେ ଦେଖିଛି, ସେ ସ୍ୱାଧୀନ ଭାବରେ ନିଜର ମତ ଦ୍ୱିଧାହୀନ ଭାବରେ ପ୍ରକାଶ କରୁଥିଲେ । ତାଙ୍କ ସହିତ ମତପାର୍ଥକ୍ୟ ହୋଇଛି । ମତାଦର୍ଶଗତ ବିଷୟରେ ଇ.ଏମ.ଏସ.ଙ୍କ ପରି ମୋର ମଧ୍ୟ ଭିନ୍ନ ମତ ରହିଥିଲା । ପରେ ପାର୍ଟି ଭିତରେ ଏହି ଆଲୋଚନା ଭିତର ଦେଇ ଆସିବା ପରେ ସୁଧୁରି ଗଲା । ଏହି ଅବସ୍ଥାରେ ପାର୍ଟିକୁ ଶକ୍ତିଶାଳୀ କରିବା ପାଇଁ ସଭିଁଏ ଆତ୍ମନିୟୋଗ କରିଥିଲୁ । ପାର୍ଟି ବିଭାଜନ ହେବା ସମୟରେ ସିପିଆଇ(ଏମ) ଗଠନ କରିବା ତଥା ତାର କର୍ମସୂଚୀ ରଚନା କରିବାରେ ଇ.ଏମ.ଏସ.ଙ୍କର ଅବଦାନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସିପିଆଇ(ଏମ୍) ଗଠନ ହେବା ପରେ ୧୯୭୭ ମସିହାରୁ ୧୯୯୨ ମସିହା ପର୍ଯ୍ୟନ୍ତ ପାର୍ଟିର ସାଧାରଣ ସଂପାଦକ ଦାୟିତ୍ୱପାଳନ ସମୟରେ ରାଜନୈତିକ-ସାଂଗଠନିକ ଲାଇନ ନିର୍ଦ୍ଧାରଣରେ ମଧ୍ୟ ସେ କୃତିତ୍ୱର ପରିଚୟ ପ୍ରଦାନ କରିଥିଲେ । ସେ କେବଳ ଭାରତ ବର୍ଷର ଗଣତାନ୍ତ୍ରିକ ଆନ୍ଦୋଳନ ଓ କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରଥମ ଧାଡିର ନେତା ନଥିଲେ, ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନର ମଧ୍ୟ ଅନ୍ୟତମ ନେତା ଥିଲେ ।

କମ୍ରେଡ ଇ.ଏମ.ଏସ.ଙ୍କ ଭିତରେ ଜଣେ କମ୍ୟୁନିଷ୍ଟ ନେତାର ସମସ୍ତ ଗୁଣ ଓ ପ୍ରତିଭା ଭରପୁର ହୋଇ ରହିଥିଲା । ସେଥିପାଇଁ ସେ ଦେଶ-ବିଦେଶରେ ଖ୍ୟାତି ଅର୍ଜନ କରିଛନ୍ତି । ଏତେ ସାଂଗଠନିକ-ରାଜନୈତିକ କାର୍ଯ୍ୟ ବ୍ୟସ୍ତତା ଭିତରେ ବି ସେ ଭାରତର ଇତିହାସ, କୃଷକ ଓ ଶ୍ରମିକଆନ୍ଦୋଳନର ଇତିହାସ, ସ୍ୱାଧୀନତା ଆନ୍ଦୋଳନର ଇତିହାସ, ଭାରତର ସଂସ୍କୃତିକୁ ଗଭୀର ଭାବେ ବିଶ୍ଳେଷଣ କରିଛନ୍ତି ଏବଂ ମୂଲ୍ୟବାନ ପୁସ୍ତକ ରଚନା କରିଯାଇଛନ୍ତି । କେବଳ ପାର୍ଟି ଭିତରେ ନୁହେଁ, ପାର୍ଟି ବାହାରେ ମଧ୍ୟ ସମସ୍ତଙ୍କ ନିକଟରେ ସେ ଥିଲେ ପ୍ରତିଭାବାନ ଲେଖକ ଏବଂ ଜଣେ ଶ୍ରେଷ୍ଠ ବୁଦ୍ଧିଜୀବୀ । ବିଭିନ୍ନ ତାତ୍ତ୍ୱିକ ବିଷୟ ଉପରେ ୫୦ ବର୍ଷ ଧରି ଅସଂଖ୍ୟ ପ୍ରବନ୍ଧ ଲେଖିଛନ୍ତି । କେରଳରେ ପାର୍ଟିର ସାପ୍ତାହିକ "ଚିନ୍ତା"ରେ ପ୍ରକାଶିତ ତାଙ୍କର ପ୍ରବନ୍ଧ ଗୁଡିକ ଖୁବ୍ ଲୋକପ୍ରିୟ ଥିଲା । ଏଥିରେ ସେ ପାଠକମାନେ ପଚାରିଥିବା ବିଭିନ୍ନ ପ୍ରଶ୍ନର ନିୟମିତ ଉତ୍ତରପ୍ରଦାନ କରୁଥିଲେ । ୧୯୯୨ ମସିହା ପରେ, ବିଶେଷ ଭାବେ ଜୀବନର ଶେଷ ଭାଗରେ ଅସୁସ୍ଥତା ପାଇଁ ସେ କେରଳ ବାହାରକୁ ଯାଇ ପାରୁନଥିଲେ । କିନ୍ତୁ ତାଙ୍କ ମତାମତ ଲେଖି ପଠାଉଥିଲେ ଏବଂ ଅସୁସ୍ଥତା ସତ୍ତ୍ୱେ ପାର୍ଟିର ପତ୍ର-ପତ୍ରିକାରେ ନିୟମିତ ବିଭିନ୍ନ ବିଷୟରେ ଲେଖୁଥିଲେ । ଧାରାବାହିକ ଭାବେ ବିଭିନ୍ନ ବିଷୟରେ ଅଧ୍ୟୟନ ଓ ଲେଖା ବିରଳ ଗୁଣର ଅନ୍ୟତମ ସାକ୍ଷର । ବିଭିନ୍ନ ରାଜନୈତିକ ସନ୍ଧିକ୍ଷଣରେ ତାଙ୍କର ମତାମତ ଓ ଲେଖା ସମଗ୍ର ପାର୍ଟି ପାଇଁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ହିସାବରେ କାମ କରିଛି ।

ବହୁ ବିଷୟରେ ଇ.ଏମ.ଏସ.ଙ୍କ ସହିତ ପାର୍ଟିର ପଲିଟ୍‌ବ୍ୟୁରୋ ଓ କେନ୍ଦ୍ର କମିଟି ବୈଠକ ବ୍ୟତୀତ ପ୍ରାୟ ୬୦ ବର୍ଷ ଧରି କଥା ଓ ମତ ବିନିମୟ ହୋଇଛି । ତାଙ୍କ ଦୃଷ୍ଟିଭଙ୍ଗୀ ସବୁବେଳେ ଅତ୍ୟନ୍ତ ସ୍ୱଚ୍ଛ ରହିଥିଲା । ବ୍ୟକ୍ତିଗତ ବ୍ୟବହାରରେ ସେ ସରଳ ଥିଲେ । କମ୍ୟୁନିଷ୍ଟ ଜୀବନଯାପନରେ ସେ ସମସ୍ତଙ୍କୁ ମୁଗ୍ଧ କରିଛନ୍ତି । କିଛି କିଛି ସ୍ଥାନରେ ଇ.ଏମ.ଏସ.ଙ୍କ ସହିତ ମିଶି ବକ୍ତୃତା ପ୍ରଦାନ କରିଛି । ସେତେବେଳେ ଦେଖିଛି ଲୋକେ ତାଙ୍କୁ କେତେ ଭଲ ପାଉଥିଲେ । ଜନସାଧାରଣଙ୍କର ପ୍ରକୃତ ଭଲ ପାଇବା ସିଏ ପାଇଛନ୍ତି । ୧୯୪୮ ମସିହାରେ ପାର୍ଟି ବେଆଇନ୍ ଥିବା ସମୟରେ ଏବଂ ପରେ କଲିକତାରେ ପାର୍ଟିର କେନ୍ଦ୍ର କାର୍ଯ୍ୟାଳୟ ଯେତେବେଳେ ରହିଥିଲା, ସେ ସମୟରେ ଦୀର୍ଘ ଦିନ ଧରି ଇ.ଏମ.ଏସ. କଲିକତାରେ ରହିଥିଲେ । ମୋର ଘରକୁ ସେ ବହୁଥର ଆସିଛନ୍ତି । ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାର୍ଘ ଜଣାଉଛି ।

କମ୍ରେଡ ଇ.ଏମ୍.ଏସ.ଙ୍କ ପରି ପ୍ରକୃତ କମ୍ୟୁନିଷ୍ଟ ନେତାଙ୍କ

Digitized by srujanika@gmail.com

ଜୀବନରୁ ଆଜିର ପିଢିର ପାର୍ଟି କର୍ମୀଙ୍କୁ ଶିକ୍ଷା ଗ୍ରହଣ କରିବାକୁ ପଡିବ । ଗରିବ ଲୋକଙ୍କ ପ୍ରତି ଦରଦ, ସେମାନଙ୍କ ପାଇଁ ଆତ୍ମତ୍ୟାଗ, ତାଙ୍କ ମୁକ୍ତି ପାଇଁ ଜୀବନତମାମ ନିରଳସ ଭାବରେ କାମ ସାଥୀ ଇ.ଏମ.ଏସ. କରିଯାଇଛନ୍ତି । ମଣିଷ ଉପରେ ମଣିଷର ଶୋଷଣର ଅବସାନ ପାଇଁ ସେ ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କ ପ୍ରଦର୍ଶିତ ପଥରେ ଜନସାଧାରଣଙ୍କ ନିକଟକୁ ଆମକୁ ବାରମ୍ବାର ଯିବାକୁ ପଡିବ । ଗରିବ ତଥା ସାଧାରଣ ଜନତାଙ୍କ ସ୍ୱାର୍ଥରେ କାମ କରିବାକୁ ପଡିବ । ସେମାନଙ୍କର ଭଲ ପାଇବାକୁ ହାସଲ କରିବାକୁ ପଡିବ । ଆମେ ଯେପରି ମଣିଷ ଉପରେ ବିଶ୍ୱାସ ନ ହରାଉ- ଏହା ସବୁବେଳେ ମନେ ରଖିବାକୁ ପଡିବ ।

ଏବେ ଆମେ ଏକ କଠିନ ପରିସ୍ଥିତି ଭିତର ଦେଇ ଅତିକ୍ରମ କରୁଛୁ । ଗତ ନିର୍ବାଚନରେ ଲୋକେ ଆମ ବିରୋଧରେ ଯାଇଛନ୍ତି । ସେମାନଙ୍କୁ ପୁଣି ଥରେ ଆମ ଆଡକୁ ଟାଣି ଆଣିବାକୁ ପଡିବ । କେବଳ ସେମାନଙ୍କୁ ନୁହେଁ, ପୁଣି ନୂଆ ନୂଆ ଲୋକଙ୍କୁ ଆକର୍ଷିତ କରି ଆଣିବାକୁ ପଡିବ । ଏହା ସାଂଗକୁ ନିଜର ଯେଉଁ ସବୁ ଭୁଲ ରହିଛି, ତାକୁ ସଂଶୋଧନ କରିବାକୁ ପଡିବ । ମୋର ଅଟଳ ବିଶ୍ୱାସ, ପଶ୍ଚିମବଙ୍ଗବାସୀ କେବେ ସୁବିଧାବାଦୀ ମେଣ୍ଟ ବା ନୀତି-ନୈତିକତାହୀନ ଦଳକୁ ସ୍ୱୀକାର କରି ନେବେ ନାହିଁ । ଏ ରାଜ୍ୟର ଜନସାଧାରଣଙ୍କ ଚେତନା ରହିଛି । ସେମାନେ ଅଭିଜ୍ଞତା ଭିତର ଦେଇ ଉପଲବ୍ଧ କରିଛନ୍ତି କିଏ ଶତ୍ରୁ, କିଏ ମିତ୍ର । କମ୍ରେଡ ଇ.ଏମ.ଏସ. ନମ୍ବୁଦ୍ରିପଦ ସମଗ୍ର ଜୀବନକୁ ଯେଉଁଥି ପାଇଁ ଉତ୍ସର୍ଗ କରିଛନ୍ତି, ସେହି ଶ୍ରେଣୀହୀନ, ଶୋଷଣହୀନ ସମାଜ ବ୍ୟବସ୍ଥା ଆମେ ଗଢିବାକୁ ଚାହୁଁ । ଏହା ହିଁ ଆମର ଲକ୍ଷ୍ୟ । ସେହି ଲକ୍ଷ୍ୟସ୍ଥଳରେ ଆମକୁ ପହଞ୍ଚିବାକୁ ପଡିବ । ❑ *(ସୌଜନ୍ୟ : ଗଣଶକ୍ତି, ଶାରଦୀୟ ବିଶେଷାଙ୍କ - ୨୦୦୯)*

Choose your Career at

PURI ENGINEERING SCHOOL, PURI

COURSES OFFERED

MECHANICAL ENGG., CIVIL ENGG., ELECTRONICS & TELECOMMUNICATION ENGG., ELECTRICAL ENGG., COMPUTER SCIENCE & ENGG.

COLLEGE OF PHARMACEUTICAL SCIENCES

COURSES OFFERED

B. PHARM (4yrs.) & D.PHARM (2 yrs.)

REGIONAL +2 SCIENCE COLLEGE (RES.)

+2 Science

Town Office : Talamali Sahi, Puri-2

Campus Office : Puri-Konark Marine Drive Road, Baligulai, Puri-2

Contact : 06752- 645880, 9861444772, 9439181120

P.C. Mishra
Chairman

Digitized by srujanika@gmail.com

ଇ.ଏମ୍.ଏସ୍. ଥିଲେ ବ୍ୟତିକ୍ରମ ଧାରାର ଜଣେ କମ୍ୟୁନିଷ୍ଟ

● ପ୍ରକାଶ କାରାତ୍

୨୦୦୯ ଜୁନ୍ ୧୩ ତାରିଖରୁ ପାଳିତ ହେଉଛି ଇ.ଏମ୍.ଏସ. ନମ୍ବୁଦ୍ରିପଦଙ୍କ ଜନ୍ମ ଶତବାର୍ଷିକୀ। ଯାହାଙ୍କ ଜୀବନ ଓ କାର୍ଯ୍ୟକଳାପ ଭାରତର କମ୍ୟୁନିଷ୍ଟ ଆନ୍ଦୋଳନ ଉପରେ ଆଙ୍କି ଦେଇଛି ଅଲିଭା ପ୍ରତିଛବି। ସେ ଜନ୍ମଲାଭ କରିଥିଲେ ୧୯୦୯ ମସିହାରେ। ତାଙ୍କ ଅସାଧାରଣ କର୍ମମୟ ଜୀବନ ବିଂଶ ଶତାବ୍ଦୀ ବ୍ୟାପୀ ଭାରତର ସାମାଜିକ ଓ ରାଜନୈତିକ ଆନ୍ଦୋଳନକୁ ପରିବ୍ୟାପ୍ତ ହୋଇଥିଲା।

ଜଣେ ତରୁଣ ଛାତ୍ର ଭାବେ ନିଜର ରକ୍ଷଣଶୀଳ ନମ୍ବୁଦ୍ରି ସଂପ୍ରଦାୟ ମଧ୍ୟରେ ସେ ସମାଜ ସଂସ୍କାରର ମଶାଲ ପ୍ରଜ୍ୱଳିତ କରିଥିଲେ। ଛାତ୍ର ଜୀବନରେ ଜଣେ ଗାନ୍ଧିବାଦୀ କଂଗ୍ରେସ କର୍ମୀଭାବେ ଆଇନ ଅମାନ୍ୟ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୩୪ ରେ ଯେତେବେଳେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠନ କରାଯାଇଥିଲା, ସେ ଥିଲେ ଜାତୀୟ ସ୍ତରରେ ତାର ଅନ୍ୟତମ ପ୍ରତିଷ୍ଠାତା। ସାମନ୍ତବାଦ ଓ ସାମ୍ରାଜ୍ୟବାଦ ବିରୋଧରେ ମାଲାବାରରେ ଗଢ଼ି ଉଠିଥିବା କୃଷକ ଆନ୍ଦୋଳନର ସେ ଥିଲେ ମୁଖ୍ୟ ସଂଗଠକ। ୧୯୩୬ ବେଳକୁ ସେ ଯୋଗ ଦେଇଥିଲେ କମ୍ୟୁନିଷ୍ଟ ପାର୍ଟିରେ। କେରଳରେ ଯେଉଁ ପାଞ୍ଚଜଣିଆ ଗୋଷ୍ଠୀଟି ପ୍ରଥମେ କମ୍ୟୁନିଷ୍ଟ ପାର୍ଟିରେ ନିଜକୁ ସାମିଲ କରିଥିଲା ସେ ଥିଲେ ତାର ଅନ୍ୟତମ ସଦସ୍ୟ।

ଏଇଠୁ ଆରମ୍ଭ ହେଲା ଜଣେ କମ୍ୟୁନିଷ୍ଟ ଭାବେ ଇ.ଏମ୍.ଏସ.ଙ୍କ ଅସାଧାରଣ ଅଭିଯାତ୍ରା। ସେ ପାଲଟିଲେ ଦେଶର କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରମୁଖ ନେତା। ଏକ କ୍ଷୁଦ୍ର ପ୍ରବନ୍ଧର କଳେବର ଭିତରେ ଇ.ଏମ୍.ଏସ.ଙ୍କ ପରି ଜଣେ ମାର୍କ୍ସବାଦୀ ଚିନ୍ତାନାୟକ ଓ ଦେଶର କମ୍ୟୁନିଷ୍ଟ ଆନ୍ଦୋଳନ ପ୍ରତି ତାଙ୍କର ଅବଦାନର ପୂର୍ଣ୍ଣାଙ୍ଗ ତଥା ଉପଯୁକ୍ତ ମୂଲ୍ୟାୟନ କରିବା ସମ୍ଭବ ନୁହେଁ। ମାତ୍ର ତାଙ୍କ ବୈପ୍ଳବିକ ଜୀବନରେ ଥିବା ପାଞ୍ଚଟି ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସଂପର୍କରେ ଆଲୋକପାତ କରୁଛି।

ପ୍ରଥମତଃ, ମାର୍କ୍ସବାଦୀ ତତ୍ତ୍ୱ ଓ ତାର ପ୍ରୟୋଗ କ୍ଷେତ୍ରରେ ଇ.ଏମ.ଏସ.ଙ୍କ ସୃଜନଶୀଳ ଭୂମିକା ତାଙ୍କୁ ଅନ୍ୟ ସମସ୍ତ କମ୍ୟୁନିଷ୍ଟ ନେତାମାନଙ୍କ ଭିତରେ ଅଗ୍ରଗଣ୍ୟ କରିପାରିଥିଲା। ନିଜର ଅସାଧାରଣ ବୌଦ୍ଧିକ ଶକ୍ତି ଯୋଗୁଁ ସେ ମାର୍କ୍ସବାଦର ନିର୍ଯ୍ୟାସକୁ ଆୟତ୍ତ କରି ଭାରତୀୟ ପରିସ୍ଥିତିରେ ତାର ସୃଜନଶୀଳ ପ୍ରୟୋଗ କରିପାରିଥିଲେ। ଏହି ଅସାଧାରଣ ଦକ୍ଷତା ଯୋଗୁଁ କେରଳର ସାମାଜିକ-ଅର୍ଥନୈତିକ ପରିସ୍ଥିତିକୁ ନିର୍ଦ୍ଦିଷ୍ଟ ଭାବେ ଅଧ୍ୟୟନ କରି ଜମିଦାରୀ ବ୍ୟବସ୍ଥା ଉଚ୍ଛେଦର ତାତ୍ତ୍ୱିକ ଭିତ୍ତି ସ୍ଥାପନ କରିବାରେ ସେ ହିଁ ଥିଲେ ପ୍ରଥମ। ତତ୍ତ୍ୱକୁ କିପରି ବାସ୍ତବ ରୂପ ଦିଆଯାଇପାରିବ ସେହି ବିରଳ ଦକ୍ଷତାର ଅଧିକାରୀ ମଧ୍ୟ ଥିଲେ ଇ.ଏମ.ଏସ.। ମାଲାବାରରେ ପ୍ରଚଳିତ ଜେନ୍ମି-ଜମିଦାରୀ ବ୍ୟବସ୍ଥା ଉପରେ ତାଙ୍କର ସନ୍ଦର୍ଭ ହିଁ ସେଠାରେ କୃଷକ ଆନ୍ଦୋଳନର ବିକାଶ ଘଟାଇବା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କଲା। କୃଷିକ୍ଷେତ୍ରର ସଂପର୍କ ଓ କୃଷି ବିପ୍ଳବର ଗଣତାନ୍ତ୍ରିକ ବିଷୟବସ୍ତୁ ସଂକ୍ରାନ୍ତରେ ତାଙ୍କର ବ୍ୟାଖ୍ୟା ହିଁ ଭୂସଂସ୍କାରକୁ ଆଗେଇ

Digitized by srujanika@gmail.com

ନେବାର ଭିତ୍ତି ସ୍ଥାପନ କରିଥିଲା। ୧୯୫୭ରେ କେରଳରେ ପ୍ରତିଷ୍ଠିତ କମ୍ୟୁନିଷ୍ଟ ସରକାରର ମୁଖ୍ୟମନ୍ତ୍ରୀ ହେବା ପରେ ସେ ଏହି ଭୂସଂସ୍କାରକୁ କାର୍ଯ୍ୟକାରୀ କରିଥିଲେ।

ସମାଜ ଓ ଇତିହାସର ମାର୍କ୍ସବାଦୀ ବିଶ୍ଳେଷଣ କିପରି କରାଯାଇପାରିବ, ତାହା ସେ ମାଲାୟାଲମ ଭାଷାଭାଷୀ ଓ କେରଳ ସମାଜର ଭାଷାଭିତ୍ତିକ ଜାତୀୟତାର ଅଭ୍ୟୁଦୟକୁ ଅଧ୍ୟୟନ କରିବା ଜରିଆରେ ହିଁ ପ୍ରଦର୍ଶନ କରିଥିଲେ। ତାଙ୍କର "ଐକ୍ୟ . ୍ରଳ" ଓ "କେରଳରେ ଜାତୀୟତା ପ୍ରଶ୍ନ" ଶୀର୍ଷକ ଅଧ୍ୟୟନ ୍ ାଧୀନତା ପରବର୍ତ୍ତୀ ସମୟରେ ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ହୋଇଥିବା ପ୍ରମୁଖ ଗଣତାନ୍ତ୍ରିକ ଆନ୍ଦୋଳନର ଭିତ୍ତି ଭାବେ କାର୍ଯ୍ୟ କରିଥିଲା। ଭାରତର ରାଜନୀତି ଓ ସମାଜର ମୁଖ୍ୟ ପ୍ରଶ୍ନଗୁଡିକ ଉପରେ ଇ.ଏମ.ଏସ. ତାଙ୍କର ମୌଳିକ ଅବଦାନ ରଖିପାରିଥିଲେ। କାରଣ ମାର୍କ୍ସବାଦୀ ତତ୍ତ୍ୱ ଉପରେ ତାଙ୍କର ଦଖଲ ଥିଲା ବେଶ୍ ସୁଦୃଢ଼। ଇତିହାସ, ସମାଜ, ରାଜନୀତି ଓ ସଂସ୍କୃତି ଆଦି ପ୍ରସଙ୍ଗଗୁଡିକୁ ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀରୁ ସେ ଅତ୍ୟନ୍ତ ପ୍ରମାଣସିଦ୍ଧ ଭାବେ ବିଶ୍ଳେଷଣ କରିଥିଲେ। ତାଙ୍କର ଏହି ଅବଦାନ ଓ ଅଭିମତ କେବଳ ବାମପନ୍ଥୀ ବୁଦ୍ଧିଜୀବୀ ନୁହଁନ୍ତି ସମାଜର ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ଆଲୋଚନା ଓ ବିତର୍କ ପାଇଁ ଖୋରାକ ଯୋଗାଇ ଆସିଛି।

ପୂର୍ବତନ ଉପନିବେଶ ତଥା ବିକାଶଶୀଳ ଦେଶରେ ଅନ୍ୟ କୌଣସି କମ୍ୟୁନିଷ୍ଟ ନେତାଙ୍କର ମାର୍କ୍ସବାଦୀ ତତ୍ତ୍ୱର ବିକାଶ ଓ ପ୍ରୟୋଗ କ୍ଷେତ୍ରରେ ଏପରି ଅବଦାନ ନାହିଁ ବୋଲି ଯଦି ଉଲ୍ଲେଖ କରାଯାଏ ତାହା ଅତିରଂଜିତ ହେଲା ବୋଲି କୁହାଯାଇପାରିବ ନାହିଁ।

ଜଣେ ମାର୍କ୍ସବାଦୀ-ଲେନିନ୍‌ବାଦୀ ଭାବେ ଇ.ଏମ.ଏସ. ବିଶ୍ୱ ସମାଜବାଦ ଓ ଆନ୍ତର୍ଜାତିକତାବାଦ ପ୍ରତି ଗଭୀର ଭାବେ ଅଂଗୀକାରବଦ୍ଧ ଥିଲେ। ମାତ୍ର ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନ ଉପରେ ଦଶନ୍ଧି ଦଶନ୍ଧିର ଅଭିଜ୍ଞତା ପରେ ରୁଷରୁ ସୂତ୍ରପାତ ଘଟୁଥିବା ରାଜନୈତିକ ବିଚାରଧାରା ଦ୍ୱାରା ପ୍ରଭାବିତ ହେବାର କାର୍ଯ୍ୟକୁ ଯେଉଁ ସିପିଆଇ(ଏମ) ପ୍ରତ୍ୟାଖ୍ୟାନ କରିଥିଲା ଇ.ଏମ.ଏସ.ଥିଲେ ତାର

(ପ୍ରକାଶ କାରାତ୍‌ଙ୍କ ସହ ଇ.ଏମ୍.ଏସ୍.)

ନେତୃତ୍ୱର ଅଂଶବିଶେଷ। ମାର୍କ୍ସବାଦ-ଲେନିନବାଦକୁ କିପରି ପ୍ରୟୋଗ କରାଯିବ ଓ ଭାରତୀୟ ବିପ୍ଳବର ରଣନୀତି ଓ ରଣକୌଶଳର କିପରି ବିକାଶ ଘଟାଯିବ, ଇ.ଏମ.ଏସ. ଓ ତାଙ୍କର ସାଥୀମାନେ ନିଜର ଅଭିଜ୍ଞତାକୁ ଆଧାର କରି ଦୁର୍ଦ୍ଧଶ ଅନ୍ୱେଷଣର ସୂତ୍ରପାତ ଘଟାଇଥିଲେ। ଇ.ଏମ.ଏସ. ଏହି ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ।

ଇ.ଏମ.ଏସ.ଙ୍କର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଲା ସଂସଦୀୟ ବ୍ୟବସ୍ଥାରେ କମ୍ୟୁନିଷ୍ଟ ପାର୍ଟିର ଅଂଶଗ୍ରହଣର ସଠିକ୍ ଆଭିମୁଖ୍ୟର ବିକାଶ ଘଟାଇବାରେ ଅଗ୍ରଦୂତର ଭୂମିକା ପାଳନ କରିବା। ସରକାରରେ କମ୍ୟୁନିଷ୍ଟ ପାର୍ଟି ଅଂଶଗ୍ରହଣର ପ୍ରକ୍ରିୟାକୁ ସେ ଦିଗ ନିର୍ଦ୍ଦେଶ ଦେଇଥିଲେ। ୧୯୫୭ରେ ପ୍ରତିଷ୍ଠିତ କେରଳର ପ୍ରଥମ କମ୍ୟୁନିଷ୍ଟ ସରକାରର ମୁଖ୍ୟମନ୍ତ୍ରୀ ହୋଇ ସେ ଏହି ଭୂମିକା ପାଳନ କରିଥିଲେ। ଭୂସଂସ୍କାର, କ୍ଷମତାର ଗଣତାନ୍ତ୍ରିକ-ବିକେନ୍ଦ୍ରୀକରଣ ଓ ଜନସ୍ୱାର୍ଥ ସପକ୍ଷବାଦୀ ପୋଲିସନୀତି କାର୍ଯ୍ୟକାରୀ କରି ୨୮ ମାସର କମ୍ୟୁନିଷ୍ଟ ସରକାର ଏକ ନୂତନ ପଥ ଉନ୍ମୋଚନ କରିଥିଲା। ଇ.ଏମ.ଏସ. ଜୀବନବ୍ୟାପୀ ଥିଲେ ଗଣତାନ୍ତ୍ରିକ- ବିକେନ୍ଦ୍ରୀକରଣର ସପକ୍ଷବାଦୀ। ଜଣେ ପାର୍ଟି ନେତା ତଥା ପ୍ରଶାସକ ଭାବେ ଇ.ଏମ.ଏସ. କେନ୍ଦ୍ର ହାତରୁ ରାଜ୍ୟକୁ କ୍ଷମତା ହସ୍ତାନ୍ତରିତ ହୋଇ ସଂଘୀୟ ବ୍ୟବସ୍ଥା ଶକ୍ତିଶାଳୀ ହେବା ଓ ରାଜ୍ୟ ହାତରୁ ପଞ୍ଚାୟତ ହାତକୁ କ୍ଷମତାର ବିକେନ୍ଦ୍ରୀକରଣ ପାଇଁ କାର୍ଯ୍ୟ କରିଥିଲେ। ବାମପନ୍ଥୀ ଦୃଷ୍ଟିଭଙ୍ଗୀକୁ କିପରି ସରକାରୀ ନୀତିରେ ପରିଣତ କରାଯାଇ ତାକୁ ପୁଣି କାର୍ଯ୍ୟକାରୀ କରାଯାଇପାରିବ ସେ କ୍ଷେତ୍ରରେ ଇ.ଏମ.ଏସ.ଙ୍କର ଅବଦାନ ଥିଲା ସବୁଠାରୁ ଅଧିକ। ସରକାରରେ କମ୍ୟୁନିଷ୍ଟମାନଙ୍କ ଅଂଶଗ୍ରହଣ ମଧ୍ୟ ଦେଇ ସେ ଯେଉଁ ଉପଯୁକ୍ତ ଶିକ୍ଷାଲାଭ କରିଥିଲେ, ତାହା ଫଳରେ ସଂଶୋଧନବାଦ ଓ ସଂସଦୀୟ ପ୍ରବଣତାଠାରୁ କିପରି ପୃଥକତା ରକ୍ଷା କରାଯାଇପାରିବ ସେହି ନୀତି ନିର୍ଦ୍ଧାରଣ କରିବାରେ ମୁଖ୍ୟ ଅବଦାନ ମଧ୍ୟ ଥିଲା ତାଙ୍କର। ସଂସଦୀୟ ବ୍ୟବସ୍ଥା ଓ ସରକାରରେ ଅଂଶଗ୍ରହଣକୁ ସେ ଶ୍ରେଣୀ ସଂଗ୍ରାମର ଅଂଶ ବିଶେଷ ଭାବେ ବିଚାର କରିଥିଲେ। ସରକାରରେ ଅଂଶଗ୍ରହଣ ସହିତ ସଂସଦ ବହିର୍ଭୂତ କାର୍ଯ୍ୟକଳାପ ଜରିଆରେ ଶ୍ରମିକ ଶ୍ରେଣୀ ଆନ୍ଦୋଳନକୁ ଶକ୍ତିଶାଳୀ କରିବାର ନୀତିକୁ ସେ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରିଥିଲେ।

ଇ.ଏମ.ଏସ.ଙ୍କର ତୃତୀୟ ମୌଳିକ ଅବଦାନଟି ଥିଲା ଜାତି ଓ ଶ୍ରେଣୀ ସଂପର୍କ ସଂକ୍ରାନ୍ତରେ ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀର ନିର୍ଦ୍ଧାରଣ କରିବା। ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିଗୁଡିକରେ ସେ କେରଳ ସମାଜର ଜାତିଆଣ ଗଠନକୁ ବିଶ୍ଳେଷଣ କରିଥିଲେ। ଏହି ଜାତିଆଣ ବ୍ୟବସ୍ଥାର ଅଭ୍ୟନ୍ତରରେ ଥିବା ଶ୍ରେଣୀଗତ ଉପାଦାନକୁ ଚିହ୍ନଟ କରିଥିଲେ ଏବଂ ଏ ସଂପର୍କରେ କମ୍ୟୁନିଷ୍ଟ ଦୃଷ୍ଟିଭଙ୍ଗୀ ଓ କର୍ମପନ୍ଥାର ବିକାଶ ଘଟାଇଥିଲେ। ଏହା ଜାତିପ୍ରଥା ବିରୋଧୀ ବିଦ୍ରୋହର ସମରସଜ୍ଜା ଘଟାଇଥିଲା ଏବଂ ନିମ୍ନଜାତିମାନଙ୍କର ଗଣତାନ୍ତ୍ରିକ ଆଶା ଆକାଂକ୍ଷାକୁ ଟେକି ଧରିବା ସହ ସର୍ବହରା ଶ୍ରେଣୀର ଆନ୍ଦୋଳନ ଗଢି

Digitized by srujanika@gmail.com

ତୋଳିବାର ବ୍ୟାପକ ଲକ୍ଷ୍ୟ ଆଡକୁ ଅଗ୍ରସର କରାଇଥିଲା । କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରଥମ ପିଢିର ନେତାମାନେ ଯେପରି ଏହି ଜାତିଆଣ ବ୍ୟବସ୍ଥାର ବାସ୍ତବତା ଏଡେଇ ଯାଇଥିଲେ ଇ.ଏମ.ଏସ. ଥିଲେ ସେ କ୍ଷେତ୍ରରେ ବ୍ୟତିକ୍ରମ । ସାମାଜିକ ପରିବର୍ତ୍ତନର ଧାରାକୁ ଗତିଶୀଳ କରିବାରେ ଓ ଶ୍ରମଜୀବୀ ଜନଗଣଙ୍କ ବ୍ୟାପକ ଏକତା ଗଢିତୋଳିବାରେ ସେ ଏହି ଜାତିଆଣ ବାସ୍ତବତାକୁ ବ୍ୟବହାର କରିଥିଲେ । ଜାତି ଓ ଶ୍ରେଣୀ ମଧ୍ୟରେ ପାରସ୍ପରିକ ସଂପର୍କର ଯେଉଁ ଚିର ପ୍ରବାହିତ ପରିବର୍ତ୍ତନ ରୂପ ନେଉଛି ନିଜ ଜୀବନର ପରବର୍ତ୍ତୀ ପର୍ଯ୍ୟାୟରେ ସେ ଏହି କ୍ଷେତ୍ରରେ ମାର୍କ୍ସବାଦକୁ ପ୍ରୟୋଗ କରିଥିଲେ । ଜଣେ ପ୍ରମାଣସିଦ୍ଧ ମାର୍କ୍ସବାଦୀ ନେତାଭାବେ ସମାଜ ଓ ସାମାଜିକ ପରିବର୍ତ୍ତନର ସମସ୍ତ ବିଭାଗ ପ୍ରତି ତାଙ୍କର ଆଗ୍ରହ ପ୍ରକାଶ ପାଇଥିଲା । ସଂସ୍କୃତି ସଂକ୍ରାନ୍ତୀୟ ପ୍ରସଙ୍ଗଟିକୁ ମଧ୍ୟ ସେ ସମାନ ଗୁରୁତ୍ୱ ପ୍ରଦାନ କରି ତାର ବ୍ୟାଖ୍ୟା କରିଥିଲେ । ଶାସକ ଶ୍ରେଣୀର ସାଂସ୍କୃତିକ ଆଧିପତ୍ୟବାଦ ବିରୋଧରେ ଏକ ବିକଳ୍ପ ସଂସ୍କୃତିର ବିକାଶ ପାଇଁ ସେ ଉଦ୍ୟମ କରିଥିଲେ । ତାଙ୍କର ଆଦ୍ୟ ଜୀବନରେ ସମାଜ ସଂସ୍କାର ପାଇଁ ସଂଗ୍ରାମ କରିବା ସମୟରୁ ସେ ନାରୀମୁକ୍ତି ପ୍ରତି ଗଭୀର ଭାବେ ଅଙ୍ଗୀକାରବଦ୍ଧ ଥିଲେ । ପାର୍ଟିର ସାଧାରଣ ସଂପାଦକ ଭାବେ ନାରୀ ନିର୍ଯ୍ୟାତନା ଓ ନାରୀ-ପୁରୁଷର ସମାନ ଅଧିକାର ପ୍ରସଙ୍ଗ ଉପରେ ପାର୍ଟିର ନୀତି ନିର୍ଦ୍ଧାରଣ କରିବା କ୍ଷେତ୍ରରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ ।

ଇ.ଏମ.ଏସ.ଙ୍କର ଚତୁର୍ଥ ବିଶେଷତ୍ୱ ଥିଲା ପାର୍ଟିର ଚିନ୍ତାଧାରା ଓ ରାଜନୀତି ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବାରେ ସେ ପାଳନ କରିଥିବା ଅସମାନ୍ତରାଳ ଭୂମିକା । ଏପରି ଗଦା ଗଦା ପ୍ରବନ୍ଧ, ସମୀକ୍ଷା, ମନ୍ତବ୍ୟ ଓ ପୁସ୍ତକ ଆଦି ରଚନା କରିବା କ୍ଷେତ୍ରରେ ଅନ୍ୟ କୌଣସି କମ୍ୟୁନିଷ୍ଟ ନେତା ତାଙ୍କର ସମକକ୍ଷ ନୁହଁନ୍ତି ।

ଇ.ଏମ.ଏସ. ଅନେକ ଗୁଡିଏ ପାର୍ଟି ପତ୍ରିକାର ସଂପାଦକ ଥିଲେ । ୧୯୩୫ରେ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ମୁଖପତ୍ର ଭାବେ ପ୍ରକାଶିତ 'ପ୍ରଭାତମ୍'ରୁ ତାଙ୍କର ଏହି ସଂପାଦନା ଜୀବନର ଅୟମାରମ୍ଭ ଘଟିଥିଲା । ମୃତ୍ୟୁବେଳକୁ ସେ ଥିଲେ ଦୈନିକ 'ଦେଶାଭିମାନୀ'ର ମୁଖ୍ୟ ସଂପାଦକ । ଅବିଭାଜିତ କମ୍ୟୁନିଷ୍ଟ ପାର୍ଟିରେ ସେ ଅନେକଗୁଡିଏ ପତ୍ରିକାର ସଂପାଦକ ଥିଲେ । ବିଭାଜନ ପରେ "ପିପୁଲ୍ସ ଡିମୋକ୍ରାସି" ଓ "ଦି ମାର୍କ୍ସିଷ୍ଟ"ର ସଂପାଦକ ରହିଥିଲେ । ସଂପ୍ରତି ମାଲାୟଲମ ଭାଷାରେ ଇ.ଏମ.ଏସ.ଙ୍କ ସଂଗୃହୀତ ରଚନା ବଳୀ ପ୍ରକାଶ ପା[illegible] ଏହା ଏକଶହ ଖଣ୍ଡରେ ପ୍ରକାଶ ପାଇବ । ତାଙ୍କର ଏହି ସଂଗୃହୀତ [illegible] ଦେଶ ତଥା ଜନଗଣଙ୍କ ପାଇଁ ଚିର ଆକର୍ଷଣୀୟ ହୋଇ ରହିବ ।

ଇ.ଏମ.ଏସ.ଙ୍କର ପଞ୍ଚମ ବୈଶିଷ୍ଟ୍ୟ ହେଉଛି ସେ ଥିଲେ ବିଶେଷ ଧାତୁରେ ଗଢାଯାଇଥିବା କମ୍ୟୁନିଷ୍ଟ । ନିଜର ପ୍ରଚଣ୍ଡ ବୌଦ୍ଧିକ ଶକ୍ତି ସତ୍ତ୍ୱେ ସେ ଥିଲେ ନମ୍ର ଓ ଅହଂକାରହୀନ । କେରଳର ଜନସାଧାରଣଙ୍କ ପାଖରୁ ସେ ଯେଉଁ ଶ୍ରଦ୍ଧା ଓ ସମ୍ମାନ ପାଇଥିଲେ ତାହା କେବେ ବି ତାଙ୍କ ମାନସିକ ଭାରସାମ୍ୟକୁ ଓଲଟପାଲଟ କରି ନଥିଲା । ନିଜର ସମସ୍ତ ସଂପତ୍ତି ପାର୍ଟିକୁ ଦାନ କରିସାରିବା ପରେ ସେ ଏକ ସରଳ ତଥା ନିରାଡମ୍ବର ଜୀବନଯାପନ କରୁଥିଲେ । ଜଣେ ନେତା ଭାବେ ଗଣତାନ୍ତ୍ରିକ କାର୍ଯ୍ୟଧାରାର ମୂର୍ତ୍ତିମନ୍ତ ପ୍ରତୀକ ହୋଇପାରିଥିଲେ । ନିଜର କାର୍ଯ୍ୟଧାରା ଓ ଜୀବନଶୈଳୀ ଜରିଆରେ ସେ କର୍ମୀମାନଙ୍କ ଉପରେ ନୈତିକ ପ୍ରଭାବ ବିସ୍ତାର କରି ସାଧାରଣ ଲୋକଙ୍କ ଆଶାଆକାଂକ୍ଷାର ପାତ୍ର ହେବା ପାଇଁ ସେମାନଙ୍କୁ ଅନୁପ୍ରାଣିତ କରିପାରୁଥିଲେ ।

ଭାରତର କମ୍ୟୁନିଷ୍ଟ ତଥା ବାମପନ୍ଥୀ ଆନ୍ଦୋଳନ ପାଇଁ ଇ.ଏମ.ଏସ. ନମ୍ବୁଦ୍ରିପଦଙ୍କ ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ କାର୍ଯ୍ୟ ହେଉଛି ଏକ ସମୃଦ୍ଧ ତଥା ଅନୁକରଣୀୟ ପରମ୍ପରା । ଏହି ପରମ୍ପରାର ମୂଳକଥା ହେଲା- ମାର୍କ୍ସବାଦୀ ତତ୍ତ୍ୱର ଅଧ୍ୟୟନ, ସମାଜର ନିର୍ଦ୍ଦିଷ୍ଟ ପରିସ୍ଥିତିରେ ସିଧାସଳଖ ଭାବେ ତାର ସୃଜନଶୀଳ ପ୍ରୟୋଗ, ସମାଜବାଦର ମୁକ୍ତିକାମୀ ଲକ୍ଷ୍ୟ ଉପରେ ଦୃଢବିଶ୍ୱାସ ଓ ନିଜକୁ ଲୋକଙ୍କ ଭିତରେ ସଂପୂର୍ଣ୍ଣ ଭାବେ ହଜେଇ ଦେବା । ଜନଗଣଙ୍କ ପ୍ରତି ଅଂଗୀକାରବଦ୍ଧ ଥିବା ପରବର୍ତ୍ତୀ ପିଢିର କର୍ମୀମାନଙ୍କ ପାଖରେ ଏହି ପରମ୍ପରାକୁ ପହଞ୍ଚାଇବାକୁ ହେବ । ❑

Our respectful homage to

Com. E.M.S. Namboodiripad on his Birth Centenary

●

Berhampur Division

Insurance Employees' Association.

ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କର ଇତିହାସ ସଂପର୍କରେ ଅବଧାରଣା

● ପ୍ରଭାତ ପଟ୍ଟନାୟକ

ଭାରତୀୟ ସମାଜର ବାସ୍ତବ ପରିସ୍ଥିତିରେ ମାର୍କ୍ସବାଦ-ଲେନିନବାଦ ପ୍ରୟୋଗ କରିବାର କର୍ତ୍ତବ୍ୟରେ ସେ "ବିନୀତ" ଭାବରେ ନିୟୋଜିତ ହୋଇଛନ୍ତି ବୋଲି ଇ.ଏମ.ଏସ. ନମ୍ବୁଦ୍ରିପଦ କହିଥାଆନ୍ତେ। ମାତ୍ର ଏହି କଥାକୁ ଦୁଇଟି କାରଣରୁ ସଂଶୋଧନ କରିବା ଆବଶ୍ୟକ : ପ୍ରଥମତଃ, ଯେକୌଣସି ତତ୍ତ୍ୱର ପ୍ରୟୋଗ ମଧ୍ୟ ଏକ ତାତ୍ତ୍ୱିକ କାର୍ଯ୍ୟ। ଏଥିରେ ଏକ ସଂଗରେ ପ୍ରତିଫଳିତ ହୋଇଥାଏ ତତ୍ତ୍ୱର ବିକାଶ ଏବଂ ମାର୍କ୍ସବାଦ-ଲେନିନବାଦ ଭଣ୍ଡାରର ସଂପ୍ରସାରଣ ଓ ତଦ୍ୱାରା ତାର ତାତ୍ତ୍ୱିକ ପରିସୀମା। ଯେହେତୁ ତତ୍ତ୍ୱଗତ ଅଧ୍ୟବସାୟର କୌଣସି ସ୍ତରଗତ ଢାଞ୍ଚା ନାହିଁ ଏହାକୁ କୌଣସି ମତେ "ବିନୀତ" କହି ହେବ ନାହିଁ। ଦ୍ୱିତୀୟତଃ, ଇ.ଏମ.ଏସ. କେବଳ ମାତ୍ର କୃଷି ସମସ୍ୟା ବା ଜାତୀୟତା ପ୍ରଶ୍ନ ପରି ଭାରତୀୟ ବୈପ୍ଳବିକ ଆନ୍ଦୋଳନ ସାମନା କରୁଥିବା ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ମାର୍କ୍ସବାଦ-ଲେନିନବାଦ ଅଧ୍ୟୟନ କରି ନଥିଲେ। ଏ ସମସ୍ତ ପ୍ରଶ୍ନ ଉପରେ ତାଙ୍କର ଅବସ୍ଥାନର ଭିତ୍ତି ଥିଲା ଭାରତୀୟ ଇତିହାସର ସାମଗ୍ରିକ ଅଧ୍ୟୟନ ଏବଂ ଏହି ଅଧ୍ୟୟନ ଥିଲା ଭାରତୀୟ ସମାଜ ସଂପର୍କରେ ଗବେଷକମାନଙ୍କ ଦ୍ୱାରା ପରିବେଶିତ ଐତିହାସିକ 'ଘଟଣା' (facts)ଗୁଡିକର ମାର୍କ୍ସବାଦୀ ବିଶ୍ଳେଷଣ ଉପରେ ପର୍ଯ୍ୟବସିତ। ଯେହେତୁ ଏହି ଅଧ୍ୟୟନ ମୌଳିକ ଭାବେ ଇଉରୋପୀୟ ଇତିହାସର ଚିରାୟତ ମାର୍କ୍ସବାଦୀ ଅଧ୍ୟୟନଠାରୁ ଭିନ୍ନ ଥିଲା ନିର୍ଦ୍ଦିଷ୍ଟ ଭାବରେ ଏହାକୁ ମାର୍କ୍ସବାଦର ପରିସୀମାର ଏକ ବିରାଟ ସଂପ୍ରସାରଣ ଆଖ୍ୟା ଦିଆଯିବ।

ସତ କହିଲେ, ଏ ପ୍ରକାର ଅଧ୍ୟୟନର ଭିତ୍ତି ନିଜେ ମାର୍କ୍ସ ହିଁ ସ୍ଥାପନ କରିଥିଲେ। ସେ ଇଉରୋପୀୟ ଓ ଏସୀୟ ଇତିହାସ ମଧ୍ୟରେ ଥିବା ଭିନ୍ନତା ଦ୍ୱାରା ଏତେ ଦୂର ପ୍ରଭାବିତ ହୋଇଥିଲେ ଯେ 'ଏସୀୟ ଉତ୍ପାଦନ ପ୍ରଣାଳୀ'(Asiatic mode of production)ର ଅବଧାରଣାକୁ ଏକ 'ଅଦ୍ୱିତୀୟ' (sui generis)ପର୍ଯ୍ୟାୟ ଭୁକ୍ତ କରିଥିଲେ। କିନ୍ତୁ ମୁଁ ଉପରେ ବର୍ଣ୍ଣନା କରିଥିବା ଭାରତୀୟ ଇତିହାସ ସଂପର୍କରେ ଇ.ଏମ.ଏସ.ଙ୍କର ଅବଧାରଣା କେବଳ ମାତ୍ର ପ୍ରାକ୍- ଔପନିବେଶିକ (pre-colonial)ସମୟର ଭାରତୀୟ ଇତିହାସ ସହିତ ସଂପର୍କିତ ନୁହେଁ। ଯଦିଓ ବହୁ ବର୍ଷ ଧରି ସେ ଏସୀୟ ପ୍ରଣାଳୀ ଅବଧାରଣା ସହିତ ସହମତି ପୋଷଣ କରିଥିଲେ ଏପରିକି ମାର୍କ୍ସବାଦୀ ଗବେଷକମାନେ ଏସୀୟ ପ୍ରଣାଳୀର ଅବଧାରଣାରୁ ଦୂରେଇ ଯିବା ପରେ ବି ତାଙ୍କର ଭାରତୀୟ ଇତିହାସ ସଂପର୍କରେ ସାଧାରଣ ଅବଧାରଣା ଅପରିବର୍ତ୍ତିତ ଥିଲା। କିନ୍ତୁ ଗବେଷକମାନଙ୍କର ଗବେଷଣା ପ୍ରତି ସମ୍ମାନ ଦେଇ ଇ.ଏମ.ଏସ. ନିଜେ ଏହି ଅବଧାରଣା ପ୍ରତି ତାଙ୍କର ଅନୁରକ୍ତିକୁ କୋହଳ କରିଥିଲେ। ଯାହାକି ଆମେ ଦେଖି ପାରିବା। ଭାରତୀୟ ଇତିହାସ ସଂପର୍କରେ ତାଙ୍କର ଏହି ସ୍ଥୂଳ ଅବଧାରଣା

Digitized by srujanika@gmail.com

ସଂପର୍କରେ ଅବଗତ ହେବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଭାରତୀୟ ଇତିହାସ ସଂପର୍କରେ ଏ ପ୍ରକାର ଏକ ସାମଗ୍ରିକ ଅବଧାରଣାର ବିକାଶ ଘଟାଇବା ଏବଂ ଏ ପ୍ରକାର ଏକ ସାମଗ୍ରିକ ଅବଧାରଣା ମଧ୍ୟରେ ରହି ପ୍ରୟୋଗ କ୍ଷେତ୍ରରେ ଉପୁଜୁଥିବା ନିର୍ଦ୍ଦିଷ୍ଟ ସମସ୍ୟାଗୁଡିକର ସଚେତନ ବିଶ୍ଳେଷଣ କରିବାରେ ଭାରତୀୟ କମ୍ୟୁନିଷ୍ଟ ଚିନ୍ତାବିଦ୍‌ମାନଙ୍କ ମଧ୍ୟରେ ଇ.ଏମ.ଏସ. ହେଉଛନ୍ତି ସ୍ୱତନ୍ତ୍ର । ଏ ଦୃଷ୍ଟିରୁ ବିଚାର କଲେ ତାଙ୍କର ସାମଞ୍ଜସ୍ୟ ରହିଛି ଆଣ୍ଟୋନିଓ ଗ୍ରାମ୍‌ସିଙ୍କ ସହିତ ଯେ କି ଇଟାଲିର ଇତିହାସକୁ ଗଭୀର ଭାବେ ଅଧ୍ୟୟନ କରିଥିଲେ । ତେଣୁ ଇ.ଏମ.ଏସ. ତାଙ୍କ ଜୀବନରେ ଗ୍ରାମ୍‌ସିଙ୍କର ଲେଖା ପ୍ରତି ଗଭୀର ଭାବେ ଆକୃଷ୍ଟ ହେବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଅବଶ୍ୟ ଭାରତୀୟ ଇତିହାସ ସଂପର୍କରେ ଲେଖିଥିବା କୋସାମ୍ବି ଓ ହବିବଙ୍କ ପରି ଶିକ୍ଷାବିଦ୍ ତଥା ମାର୍କ୍ସବାଦୀ ଗବେଷକଙ୍କୁ ବାଦ୍ ଦେଲେ ମଧ୍ୟ ଭାରତ ବର୍ଷରେ ଅନ୍ୟାନ୍ୟ କମ୍ୟୁନିଷ୍ଟ ଚିନ୍ତାବିଦ୍‌ମାନେ ଥିଲେ । କିନ୍ତୁ ଇ.ଏମ.ଏସ. ଥିଲେ ସ୍ୱତନ୍ତ୍ର । ସେ 'ରକ୍ଷଣଶୀଳତା'(orthodoxy)କୁ ସମର୍ଥନ କରି ଲେଖିନାହାଁନ୍ତି ଯଥା- ପୁଞ୍ଜିବାଦର ଚିରାୟତ ଉତ୍ତରଣରେ ଉତ୍ପାଦନ ପ୍ରଣାଳୀର ପର୍ଯ୍ୟାୟକ୍ରମ ସଂପର୍କରେ ମାର୍କ୍ସଙ୍କର ବର୍ଣ୍ଣନା ମଧ୍ୟ ଭାରତ ପାଇଁ ପ୍ରଯୁଜ୍ୟ ଏକଥା ସେ ଲେଖି ନାହାଁନ୍ତି । କିମ୍ବା ନିଜ୍ଜକ କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ (theme)ଉପରେ ସେ ଲେଖି ନାହାଁନ୍ତି । ପ୍ରତିଷ୍ଠିତ ଗବେଷଣା ଭିତ୍ତିରେ ମାର୍କ୍ସବାଦୀ ଆଭିମୁଖ୍ୟ ନେଇ ଭାରତୀୟ ଇତିହାସ ସଂପର୍କରେ ଏକ ସାମଗ୍ରିକ ଅବଧାରଣାର ବିକାଶ ଘଟାଇବାରେ ସେ ଥିଲେ ଅନନ୍ୟ ସାଧାରଣ । ତାଙ୍କର ଥିଲା ଭାରତୀୟ ଇତିହାସ ମଧ୍ୟକୁ ଏକ ନିର୍ଭେଜାଲ ତତ୍ତ୍ୱଗତ ଅନ୍ୱେଷଣ । ଏକଥା ସତ ଯେ ଇ.ଏମ.ଏସ.ଙ୍କର କୃତିର ଏ ପ୍ରକାର ଚରିତ୍ରାୟନ କରିବା ପାଇଁ ତାଙ୍କର ପ୍ରକାଶିତ ଲେଖାଗୁଡିକୁ ପଢିବା ଦରକାର ଓ ତାର ମର୍ମ ବୁଝିବା ଦରକାର । ଏକ ପ୍ରମୁଖ ଚିନ୍ତାବିଦଙ୍କର ସଠିକ୍ ମୂଲ୍ୟାୟନ ପାଇଁ ଏହା ବ୍ୟତୀତ ଗତ୍ୟନ୍ତର ନାହିଁ ।

ଭାରତୀୟ ଇତିହାସରେ ରହିଥିବା ଉଲ୍ଲେଖନୀୟ ଗତାନୁଗତିକତା ବା ଧାରାବାହିକତା(continuity)କୁ ଚିହ୍ନଟ କରିବା ହେଉଛି ଇ.ଏମ.ଏସ.ଙ୍କର ଅବଧାରଣାର ମୁଖ୍ୟ ବୈଶିଷ୍ଟ୍ୟ । ଯେଉଁଠାରେ ଯାହା 'ଭାଂଗଣ' (breaks)ବା 'ଉତ୍ତରଣ' (transitions)ଘଟିବା ପରି ପ୍ରତୀୟମାନ ହୁଏ ବାସ୍ତବରେ ତାହା 'ଉପରୁ ଲଦି ଦେବା' (superimpositions) ଠାରୁ ଅଧିକ କିଛି ନୁହେଁ । **Indian School of Social Sciences**ପକ୍ଷରୁ ଚେନ୍ନାଇଠାରେ ୧୯୭୧ ମସିହାରେ ଆୟୋଜିତ ଏକ ଆଲୋଚନାଚକ୍ରରେ ସେ କହିଥିଲେ ଯେ ଭାରତୀୟ ଇତିହାସର ବୈଶିଷ୍ଟ୍ୟ ହେଉଛି ଏଥିରେ ଅନେକ 'ଉପରୁ ଲଦି ଦେବା' (superimpositions) ଘଟିଛି ଯେଉଁଥିରେ କିନ୍ତୁ ତାର ମୌଳିକ ଚରିତ୍ରରେ କେତେକ ବୈଶିଷ୍ଟ୍ୟ ଅପରିବର୍ତ୍ତିତ ରହିଛି । ତାଙ୍କର କଥାକୁ ବୁଝାଇବାକୁ ଯାଇ ପରିହାସ ଛଳରେ ସେ ଏକ ଉଦାହରଣ ଦେଇଥିଲେ; "ଭାରତର ବୈଜ୍ଞାନିକମାନେ ଚନ୍ଦ୍ରକୁ ଯଦି ଏକ ସ୍ପୁଟନିକ ପଠାଇବାର ଥିବ ତେବେ ତା' ପୂର୍ବରୁ ସେହି ଅଭିଯାନର ସଫଳତା ପାଇଁ 'ପୂଜାର୍ଚ୍ଚନା' କରିବେ ।"

ବୋଧହୁଏ ଇ.ଏମ.ଏସ. କମ୍ୟୁନିଜିମକୁ ଯେଉଁ ପଥ ଦେଇ ଆସିଥିଲେ ସେହିଥିରୁ ହିଁ ତାଙ୍କର ଏ ପ୍ରକାର ତତ୍ତ୍ୱଗତ ଜିଜ୍ଞାସା ଜନ୍ମ ନେଇଥିଲା । ସେ ଏକ ରକ୍ଷଣଶୀଳ ବ୍ରାହ୍ମଣ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ଏବଂ ସମାଜ ସଂସ୍କାର ଆନ୍ଦୋଳନ, ଗାନ୍ଧିବାଦ ଓ କଂଗ୍ରେସ ସୋସାଲିଜିମ ମଧ୍ୟ ଦେଇ କମ୍ୟୁନିଜିମକୁ ଆସିଥିଲେ । ଜାତି, ଧାର୍ମିକତା ଓ ପିତୃକେନ୍ଦ୍ରିକତା ଆଦି ପ୍ରଶ୍ନ ତାଙ୍କୁ ସବୁବେଳେ ଆନ୍ଦୋଳିତ କରୁଥିଲା ଏବଂ ଏଥି ସହିତ ସ୍ୱାଭାବିକ ଭାବେ ତାଙ୍କୁ ଆନ୍ଦୋଳିତ କରୁଥିଲା- କାହିଁକି ଏ ପ୍ରକାର ସୁଦୀର୍ଘ ଇତିହାସ ଥାଇ ବି ଏ ସମାଜ ଜାତି-ଭିତ୍ତିକ ସାମନ୍ତବାଦୀ ବ୍ୟବସ୍ଥାରୁ ମୁକୁଳି ପାରି ନାହିଁ ? ଏସବୁ ପ୍ରଶ୍ନକୁ ସେ ମାର୍କ୍ସବାଦ ପରିସରଭୁକ୍ତ କରିଛନ୍ତି ଏବଂ ମାର୍କ୍ସୀୟ ବିଶ୍ଳେଷଣର ପ୍ରୟୋଗ ଜରିଆରେ ତାର ଉତ୍ତର ଖୋଜିବାକୁ ଚେଷ୍ଟା କରିଛନ୍ତି । ତାଙ୍କର ତତ୍ତ୍ୱଗତ ଜିଜ୍ଞାସାର ଅଭିନବତ୍ୱ ଏଥିରୁ ହିଁ ସୃଷ୍ଟି ହୋଇଛି ।

(୧)

ଏହି ପରିପ୍ରେକ୍ଷୀରେ ଏସୀୟ ଉତ୍ପାଦନ ପ୍ରଣାଳୀ ସଂପର୍କରେ ଇ.ଏମ.ଏସ.ଙ୍କର ଆଗ୍ରହ ପ୍ରକାଶ କରିବା ଥିଲା ଅତି ସ୍ୱାଭାବିକ । ମାର୍କ୍ସ ଏହି ଅବଧାରଣାର ବିକାଶ ଘଟାଇଥିଲେ । ଉଦ୍ଦେଶ୍ୟ ଥିଲା ଦୀର୍ଘ କାଳ ଧରି ଅପରିବର୍ତ୍ତନୀୟ ଚରିତ୍ର ବହନ କରିଥିବା ଭାରତୀୟ ଓ ଅନ୍ୟାନ୍ୟ ଏସୀୟ ସମାଜର ବ୍ୟାଖ୍ୟା କରିବା ଏବଂ ଏକ ପ୍ରଶ୍ନର ଉତ୍ତର ଦେବା । ଏହି ସମାଜଗୁଡିକ ପ୍ରଚଣ୍ଡ ଶକ୍ତିଧର ସାମ୍ରାଜ୍ୟ ପରିଚାଳନା ନିମନ୍ତେ ଯେତେବେଳେ ଯଥେଷ୍ଟ ଉଦ୍‌ବୃତ୍ତ ସୃଷ୍ଟି କରିଥିଲେ ସେତେବେଳେ ଏହି ସମାଜରେ ପୁଞ୍ଜିବାଦର ବିକାଶ କାହିଁକି ଘଟି ନଥିଲା ? ମାର୍କ୍ସ ଏ ସମାଜଗୁଡିକୁ ଅବଲୋକନ କରିଥିଲେ । ବିଶେଷତଃ ସେ ଭାରତକୁ ଦେଖିଥିଲେ ଯାହା ସଂପର୍କରେ ଔପନିବେଶିକ ଉତ୍ସରୁ ପ୍ରକାଶିତ ତଥ୍ୟଗୁଡିକୁ ସେ ଅଧ୍ୟୟନ କରିଥିଲେ । ସେଥିରୁ ସେ ଜାଣି ପାରିଥିଲେ ଯେ ଭାରତୀୟ ସମାଜରେ ଥିଲା ଗ୍ରାମ୍ୟ ସଂପ୍ରଦାୟ ରୂପରେ ଅସଂଖ୍ୟ କୋଷ (Cell)ଯାହାଉପରେ ଠିଆ ହୋଇଥିଲା ଶକ୍ତିଧର ସାମ୍ରାଜ୍ୟମାନ । ଶାସକମାନେ ବଦଳୁ ଥିଲେ, ସାମ୍ରାଜ୍ୟମାନ ଠିଆ ହେଉଥିଲା ଓ ଭୁଷୁଡି ପଡୁଥିଲା, ତା' ପରେ ନୂତନ ସାମ୍ରାଜ୍ୟମାନ ପ୍ରତିଷ୍ଠା ହେଉଥିଲା; କିନ୍ତୁ ଗ୍ରାମ୍ୟ ସଂପ୍ରଦାୟ ବ୍ୟବସ୍ଥା ଯାହା ଉପରେ ଏହି ସାମ୍ରାଜ୍ୟମାନ ଠିଆ ହୋଇଥିଲା, ତାହା ସେହିପରି ପୁରୁଣା ଅପରିବର୍ତ୍ତନୀୟ ଢଙ୍ଗରେ ବଳବତ୍ତର ରହିଥିଲା । ଚାଷୀ ତାର ସେହି ସାମାନ୍ୟ ଜମି ଖଣ୍ଡିକ (miserable patch of land) ଚାଷ କରି ଚାଲୁଛନ୍ତି । ଅନତିଦୂରରେ ଦୁଇଟି ପରସ୍ପର ବିରୋଧୀ ସେନାବାହିନୀ ମଧ୍ୟରେ ଚାଲିଥିବା ଯୁଦ୍ଧ ପ୍ରତି ତାର ନିଘା ନ ଥାଏ । ଯା'ର ପରିଣତି ସ୍ଥିର କରିବ କେଉଁ ଖାଉନ୍ଦ ବା ସାଆନ୍ତଙ୍କୁ ସେ ତାର ଉଦ୍‌ବୃତ୍ତ ପ୍ରଦାନ କରିବ ।

ଏସୀୟ ପ୍ରଣାଳୀର ବିଶ୍ଳେଷଣାତ୍ମକ ଚରିତ୍ର ସଂପର୍କରେ ମାର୍କ୍ସ

Digitized by srujanika@gmail.com

ସ୍ପଷ୍ଟ ବ୍ୟାଖ୍ୟା କରିଛନ୍ତି । ଯେଉଁ ମୌଳିକ ନୀତି ଏହାର ଭିତ୍ତି ତାହା ହେଲା 'ବ୍ୟକ୍ତି ସଂପ୍ରଦାୟଠାରୁ ଅଲଗା ବା ସ୍ୱତନ୍ତ୍ର ନୁହେଁ (ମାର୍କ୍ସ ୧୯୬୪, ପୃ. ୮୩)। ଏହି ନୀତିର ଐତିହାସିକ ଉପାଦାନ ସଂପର୍କରେ ତାଙ୍କର ଥିଲା ଖୋଲା ମନ। ନୂତନ ତଥ୍ୟ ତାଙ୍କ ସାମନାକୁ ଆସିଲେ ସେ ତାଙ୍କର ମତାମତକୁ ସଂଶୋଧନ ବା ପରିବର୍ତ୍ତନ କରିବାକୁ କୁଣ୍ଠିତ ନଥିଲେ । ତେଣୁ ଏସୀୟ ପ୍ରଣାଳୀ ଗଠନ କରିବାରେ ଯେଉଁ ସବ ନିର୍ଦ୍ଦିଷ୍ଟ ଐତିହାସିକ ଉପାଦାନର ଭୂମିକା ଥିଲା ସେ ସଂପର୍କରେ ମାର୍କ୍ସଙ୍କର ମତାମତ ଏକ ଚୂଡାନ୍ତ ରୂପ ନେଇ ନଥିଲା । ଜମି ଉପରେ ବ୍ୟକ୍ତିଗତ ମାଲିକାନାର ଅବସାନ (ଯାହା କି ଫରାସୀ ପରିବ୍ରାଜକ ଓ ଗ୍ରନ୍ଥକାର ବର୍ଣ୍ଣିଅରଙ୍କ କଥା ଅନୁସାରେ ସମସ୍ତ ଜମିର ମାଲିକ ଥିଲେ ରାଜା ବୋଲି ବର୍ଣ୍ଣିତ); କୃଷି ଓ ଶିଳ୍ପୋତ୍ପାଦନ ମଧ୍ୟରେ ଏକତା (ଯାହାକି ବେଳେବେଳେ ପରିବାର ମଧ୍ୟରେ ଏକତା ଏବଂ ବେଳେ ବେଳେ 'ପଣ୍ୟ ଉତ୍ପାଦନ' (commodity production) ବିନା ଗ୍ରାମ୍ୟ ସଂପ୍ରଦାୟ ମଧ୍ୟରେ ଏକତା ଭାବେ ବିଚାର କରାଯାଉଥିଲା; ଜଳସେଚନର ଗୁରୁତ୍ୱ ଯାହାର ରକ୍ଷଣାବେକ୍ଷଣ ପାଇଁ ଏକ କେନ୍ଦ୍ରୀୟ ରାଷ୍ଟ୍ରର ଆବଶ୍ୟକତା ଥିଲା ଏବଂ ଉଦ୍‌ବୃତ୍ତର ସିଂହଭାଗ ଖର୍ଚ୍ଚ ହେଉଥିଲା ଯାହା ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରୋଟୋ ବୁର୍ଜୁଆ ଶ୍ରେଣୀ ସୃଷ୍ଟି ହେବାର ଅବକାଶ ନଥିଲା- ଏ ପ୍ରକାର ଅନେକ କଥା ଏସୀୟ ଉତ୍ପାଦନ ପ୍ରଣାଳୀ ସଂପର୍କରେ ମାର୍କ୍ସ ଓ ଏଙ୍ଗେଲସଙ୍କର ଲେଖାରେ ଦେଖିବାକୁ ମିଳେ ।

ପ୍ରାକ୍- ବ୍ରିଟିଶ ସମୟରେ ଭାରତରେ ଏ ପ୍ରକାର ଉପାଦାନ ଗୁଡିକ ଥିଲା କି ନାହିଁ ତାହା ଜାଣିବା ପାଇଁ ଐତିହାସିକମାନେ ଗଭୀର ଭାବେ ଅନୁଧ୍ୟାନ କରିଛନ୍ତି ଏବଂ ସ୍ପଷ୍ଟ ଭାବେ ଜାଣିଛନ୍ତି ଯେ ତାହା ନଥିଲା (ହବିବ୍ ୧୯୬୩)। ବ୍ୟାପକ ଭାବରେ ପ୍ରଚଳିତ ଉତ୍ତରାଧିକାରୀ ସୂତ୍ରରେ ବ୍ୟକ୍ତି ବିଶେଷଙ୍କୁ ଜମିର ଗ୍ରାଣ୍ଟ୍ ବ୍ୟବସ୍ଥାରୁ ଜଣାପଡେ ଯେ ଯେଉଁ ସଂପତ୍ତିର ସଂପର୍କ ଥିଲା ତାହା ମାର୍କ୍ସଙ୍କର କଳ୍ପନାଠାରୁ ଭିନ୍ନ ଥିଲା । ଯଦିଓ ଏକଥା ସତ୍ୟ ଯେ ଉଦ୍‌ବୃତ୍ତକୁ ପଣ୍ୟରେ ପରିଣତ କରାଯାଉଥିଲା ଏହା ପଣ୍ୟ ଉତ୍ପାଦନଠାରୁ ଅଲଗା ଥିଲା । ଏହାର ପ୍ରଭାବ ମଧ୍ୟ ପଣ୍ୟ ଉତ୍ପାଦନ ପରି ନଥିଲା । ଏପରିକି ପଣ୍ୟ ଉତ୍ପାଦନ ଆରମ୍ଭ ହେବା ସମୟରେ ମଧ୍ୟ ଅର୍ଥକରୀ ଫସଲ ଉତ୍ପାଦନ ସାଧାରଣ ଘଟଣା ଥିଲା । ଫଳରେ ସହର ଓ ଗ୍ରାମ ମଧ୍ୟରେ ଦ୍ୱିପାକ୍ଷିକ ପ୍ରକ୍ରିୟା ଭାବରେ ବାଣିଜ୍ୟ ସହିତ ତଥାକଥିତ ଗ୍ରାମ୍ୟ ସଂପ୍ରଦାୟ ମଧ୍ୟରେ ତାରତମ୍ୟ ମଧ୍ୟ ଦେଖା ଦେଇଥିଲା । ଔପନିବେଶିକତାବାଦ ଏହି ସମାଜ ଉପରେ ଏକ ଭିନ୍ନ ବ୍ୟବସ୍ଥା ଲଦି ନ ଦେଇଥିଲେ ଏସବୁ ଘଟଣା ପୁଞ୍ଜିବାଦର ବିକାଶ ଘଟାଇ ଥାଆନ୍ତି କି ନାହିଁ ତାହା ଏକ ମୂଳ ପ୍ରଶ୍ନ । ଏପରି ବିକାଶ ସ୍ୱତଃସ୍ଫୁର୍ତ୍ତ ଭାବେ ଘଟି ଥାଇ ପାରନ୍ତା ଅଥବା ଜାପାନ ପରି ଇଉରୋପରେ ପୁଞ୍ଜିବାଦର ବିକାଶର ସଚେତନ ପ୍ରତିକ୍ରିୟା ଭାବେ ଘଟିଥାଆନ୍ତା ତାହା ହିଁ ପ୍ରଶ୍ନ । କିନ୍ତୁ ଏସୀୟ ପ୍ରଣାଳୀ ମୁତାବକ ପ୍ରାକ୍ ଔପନିବେଶିକ ଭାରତୀୟ ସମାଜ ଯେ ସଂପୂର୍ଣ୍ଣ ଅପରିବର୍ତ୍ତନୀୟ ନଥିଲା ଏକଥା ସତ୍ୟ ।

ଭାରତୀୟ ଇତିହାସର ଧାରାବାହିକତା ବର୍ଣ୍ଣନା କରିବା ପାଇଁ ମାର୍କ୍ସ ଏସୀୟ ପ୍ରଣାଳୀର ଯେଉଁ ସବୁ ଉପାଦାନ ଉପରେ ନିର୍ଭର କରିଥିଲେ ଇ.ଏମ.ଏସ. ସେହି ଅବଧାରଣା ପ୍ରତି ତାଙ୍କର ଆସ୍ଥାକୁ କୋହଳ କରିଥିଲେ। (୭) କିନ୍ତୁ ସେ ଏହି ଧାରାବାହିକତାର ଅବଧାରଣାକୁ ପରିତ୍ୟାଗ କରି ନଥିଲେ ଯାହାର ମୂଳ କଥା ଥିଲା 'ଜାତି' କିମ୍ବା ଏହି ଧାରାବାହିକତାର ବିଶ୍ଳେଷଣ ପାଇଁ ତାଙ୍କର ଜିଜ୍ଞାସା ମଧ୍ୟ ପରିତ୍ୟାଗ କରି ନଥିଲେ ।

ତାଙ୍କର ଅନେକ ଲେଖାରେ ଏହାର ସାମୟିକ କାରଣ (provisional explanation) ଉଲ୍ଲେଖ କରିଥିଲେ । ୧୯୮୨ ରେ ରଚିତ ତାଙ୍କର ଏକ ଲେଖାର ନିମ୍ନୋକ୍ତ ଉଦ୍ଧୃତାଂଶରୁ ତାଙ୍କର ଅବସ୍ଥାନ ଜାଣି ହେବ ।

"ପୁରାତନ ଇଉରୋପ ପରି ଦାସ ସମାଜ ଏଠାରେ ନଥିଲା । ଏହାର କାରଣ ନୁହେଁ ଯେ ଭାରତୀୟମାନେ ପୁରାତନ ଗ୍ରୀକ୍ ଓ ରୋମାନ୍‌ମାନଙ୍କଠାରୁ ଅଧିକ ମାନବିକତାବାଦୀ ଥିଲେ ଯାହାକି ଆମର ହଟ୍ଟକାରୀ ମାନେ (chauvinists) ଆମକୁ ବୁଝାଇବା ପାଇଁ ଚାହୁଁଛନ୍ତି । ଏହାର କାରଣ ହେଉଛି ଏଠାରେ ପୁରାତନ ଆଦିମ ସାମ୍ୟବାଦୀ ବା ଆଦିବାସୀ ସମାଜର ପତନ ଗ୍ରୀସ୍ ଓ ରୋମ୍ ପରି ନହୋଇ ଭିନ୍ନ ଧରଣର ଘଟିଥିଲା ।

ଏଠାରେ ଶୋଷକ ଓ ଶୋଷିତ ଭାବେ ସମାଜର ବିଭାଜନ ଏପରି ରୂପରେ ଘଟିଥିଲା ଯାହାକି ଶୋଷଣର ବାସ୍ତବତାକୁ ଘୋଡେଇ ରଖିଥିଲା । ଏହି ବିଭାଜନ ସଂଖ୍ୟାଲଘୁ ଶୋଷକ (ମାଲିକ) ଓ ସଂଖ୍ୟାଗରିଷ୍ଠ ଦାସମାନଙ୍କ ମଧ୍ୟରେ ଘଟି ନଥିଲା । ଘଟିଥିଲା ତିନୋଟି ବର୍ଣ୍ଣ ଭାବେ- କ୍ଷତ୍ରୀୟ, ବ୍ରାହ୍ମଣ ଓ ବୈଶ୍ୟ ଭାବେ । ସମାଜରେ ପ୍ରଥମେ ଏପରି ବିଭାଜନ ଘଟିଥିଲା । ପରେ ବୈଶ୍ୟମାନେ ବିଭାଜିତ ହେଲେ ବୈଶ୍ୟ ଓ ଶୁଦ୍ର ଭାବେ । ଶୁଦ୍ରମାନଙ୍କ ମଧ୍ୟରେ ଥିଲେ ଖଟିଖିଆ ଜନସାଧାରଣ । ତିନୋଟି ଉଚ୍ଚ ବର୍ଣ୍ଣକୁ ନେଇ ସୃଷ୍ଟି ହେଲା ଶୋଷକ ଗୋଷ୍ଠୀ ଏବଂ ଶୂଦ୍ରମାନେ ହୋଇଗଲେ ଶୋଷିତ ।

ଏପରି ଭାବେ ସମାଜର ବର୍ଣ୍ଣ ଭାବରେ ବିଭାଜନ ଆଦିବାସୀ ସମାଜର ବିଘଟନ ଓ ଏକ ନୂତନ ବ୍ୟବସ୍ଥାର ସୃଷ୍ଟିରେ ସହାୟକ ହେଲା । ଏଥିରୁ ଜାତି ପ୍ରଥାର ବିକାଶ ଘଟିଲା ଓ ଶ୍ରମର ବିଭାଜନ ଘଟିବା ଫଳରେ ଉତ୍ପାଦନ ପ୍ରଣାଳୀର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା । ଅସଂଖ୍ୟ ଜାତି ଓ ଉପଜାତି ସୃଷ୍ଟି ହେଲା । ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ପେଶା ବା ଜୀବିକା ସ୍ଥିର କରି ଦିଆଗଲା । ଏପରି ଭାବରେ ଭାରତ ବର୍ଷରେ ଶ୍ରେଣୀ ବିଭାଜନର ସୃଷ୍ଟି ଓ ବିକାଶ ଘଟିଲା ।

ଦାସ ପ୍ରଥାର ଏହି ଭାରତୀୟ ସଂସ୍କରଣ ହିଁ ଉର୍ବର କ୍ଷେତ୍ର ପ୍ରସ୍ତୁତ କଲା ଯାହା ଉପରେ ଭାରତର 'ଗୌରବମୟ ସଭ୍ୟତା' ଗଢି ଉଠିଲା । ତେଣୁ ଆମେ ଏଙ୍ଗେଲସ୍‌ଙ୍କର ଉକ୍ତିକୁ ସଂଶୋଧନ କରି କହିପାରିବା 'ଜାତିଗତ ନିର୍ଯ୍ୟାତନା ଓ ଶୋଷଣକୁ ବାଦ ଦେଇ ପୁରାତନ ଭାରତ ବର୍ଷର ସଭ୍ୟତା ବା ସଂସ୍କୃତି ବିଷୟ ଚିନ୍ତା କରାଯାଇପାରେନା ।'

ତେଣୁ ଶୋଷକ ଓ ଶୋଷିତ ଭାବରେ ସମାଜର ବିଭାଜନ ଯେପରି ଗ୍ରୀସ ଓ ରୋମର ଦାସ ପ୍ରଥାରେ ଥିଲା ଠିକ୍ ସେହିପରି

Digitized by srujanika@gmail.com

ଭାରତର ବର୍ଣ୍ଣ-ଜାତି ବ୍ୟବସ୍ଥାରେ ଥିଲା । କିନ୍ତୁ ଏ ଦୁଇଟି ମଧ୍ୟରେ ଗୋଟାଏ ମୁଖ୍ୟ ତଫାତ ରହିଛି । ଗ୍ରୀକ୍ ଓ ରୋମାନ୍ ଦାସ ପ୍ରଥାରେ ଶୋଷଣ ଓ ନିର୍ଯ୍ୟାତନା ଥିଲା ଖୋଲାଖୋଲି ଓ ନଗ୍ନ । କିନ୍ତୁ ଭାରତରେ ବର୍ଣ୍ଣ-ଜାତି ବ୍ୟବସ୍ଥାରେ ଏହା ଥିଲା ଲୁକ୍କାୟିତ ।

ଗ୍ରୀକ୍ ଓ ରୋମ୍ ସମାଜରେ ଦାସମାନଙ୍କର ଦାସ ପ୍ରଭୁମାନଙ୍କ ବିରୋଧରେ ବିଦ୍ରୋହ ଥିଲା ସ୍ୱାଭାବିକ । କିନ୍ତୁ ଭାରତ ବର୍ଷରେ ଶୋଷିତ ଓ ନିର୍ଯ୍ୟାତୀତ ଜାତି ଓ ଉପଜାତିର ଲୋକେ ସମାଜରେ ସେମାନଙ୍କର 'ନିକୃଷ୍ଟ' ସ୍ଥାନକୁ ଆଦରି ନେଇଥିଲେ କାରଣ ତାହା ଥିଲା ଧର୍ମଶାସ୍ତ୍ର ଦ୍ୱାରା ଅନୁମୋଦିତ । ଏହା ଫଳରେ ପୁରାତନ ଇଉରୋପୀୟ ସମାଜରେ ଯେପରି ବାରମ୍ବାର ବିଦ୍ରୋହ ହୋଇ ଦାସପ୍ରଥାର ଉଚ୍ଛେଦ ଘଟି ସାମନ୍ତବାଦ ପ୍ରତିଷ୍ଠା ହୋଇଥିଲା ଏବଂ ସାମନ୍ତବାଦ ବିରୋଧୀ ବିଦ୍ରୋହ ମଧ୍ୟ ଦେଇ ଆଧୁନିକ ପୁଞ୍ଜିବାଦୀ ସମାଜ ପ୍ରତିଷ୍ଠା ହୋଇଥିଲା ଭାରତ ବର୍ଷରେ ସେପରି ଘଟି ନଥିଲା ।

ଇଉରୋପରେ ଦାସ ପ୍ରଥାରୁ ସାମନ୍ତବାଦ ଏବଂ ସାମନ୍ତବାଦରୁ ପୁଞ୍ଜିବାଦ ଏ ପ୍ରକାରର ଦୁଇ ପର୍ଯ୍ୟାୟର ଉତ୍ତରଣ ପରିବର୍ତ୍ତେ ଭାରତ ବର୍ଷ ସେହି ପୁରୁଣା ବ୍ୟବସ୍ଥାରେ ବାନ୍ଧି ହୋଇ ରହିଗଲା । ଯେଉଁଥିରେ ବ୍ୟାପକ ସଂଖ୍ୟାଗରିଷ୍ଠ ଲୋକେ ନିର୍ଯ୍ୟାତୀତ ଓ ଅନଗ୍ରସର ଜାତିର ଥିଲେ । ଭାରତ ବର୍ଷର 'ଅପରିବର୍ତ୍ତନୀୟ' ସମାଜ ସଂପର୍କରେ ମାର୍କ୍ସଙ୍କର ବ୍ୟାଖ୍ୟାର ଏହା ହିଁ ସାର କଥା । ଏହି ସମାଜରେ ଉପର ସ୍ତରର ଯୁଦ୍ଧ ଓ ଅଭ୍ୟୁତ୍‌ଥାନର ଗ୍ରାମାଞ୍ଚଳ ଉପରେ କୌଣସି ପ୍ରଭାବ ନଥିଲା । ବ୍ରିଟିଶର ଶାସନ କ୍ଷମତା ଦଖଲ ଥିଲା ପ୍ରଥମ ବିପ୍ଳବ ।''

ବ୍ରାହ୍ମଣ୍ୟବାଦର ଆଦର୍ଶଗତ ଆଧିପତ୍ୟ ଭାରତୀୟ ସମାଜକୁ ସ୍ଥାଣୁ କରିବାରେ ସହାୟକ ହେଲା । କେବଳ ଯେ ଶୋଷିତ ଶ୍ରେଣୀର ବିଦ୍ରୋହକୁ ରୋକିବା ଦ୍ୱାରା ଏପରି ହେଲା ତାହା ନୁହେଁ । ଆଉ ଏକ ଉପାୟରେ ମଧ୍ୟ ଏପରି ହେଲା । ମାର୍କ୍ସବାଦୀ ଦାର୍ଶନିକ ଦେବୀ ପ୍ରସାଦ ଚଟ୍ଟୋପାଧ୍ୟାୟଙ୍କ ଲେଖାକୁ ଭିତ୍ତି କରି ଇ.ଏମ.ଏସ. ମଧ୍ୟ ଏକଥା ବର୍ଣ୍ଣନା କରିଛନ୍ତି । ତାହା ହେଲା ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶରେ ବାଧା ସୃଷ୍ଟି କରିବା ଦ୍ୱାରା ସମାଜରେ ସ୍ଥାଣୁତା ଦେଖା ଦେଲା ଏବଂ ଉତ୍ପାଦିକା ଶକ୍ତିମାନଙ୍କର ବିକାଶ ଏକ ନିର୍ଦ୍ଦିଷ୍ଟ ସ୍ତର ଉପରକୁ ଉଠିପାରିଲା ନାହିଁ । ଚଟ୍ଟୋପାଧ୍ୟାୟ ଦର୍ଶାଇଛନ୍ତି ଯେ ଆଦି ଶଙ୍କରଙ୍କ ନେତୃତ୍ୱରେ ବ୍ରାହ୍ମଣ୍ୟବାଦର ବିଜୟ ଫଳରେ ଦେଶରେ କେବଳ ଜାତି ପ୍ରଥା ସୁଦୃଢ଼ ହେଲା ତାହା ନୁହେଁ । ଏହା ଫଳରେ ବିଜ୍ଞାନର ଓ ତା' ସହିତ ପ୍ରଯୁକ୍ତିର ବିକାଶର ମୃତ୍ୟୁ ଘଟିଲା । ଚଟ୍ଟୋପାଧ୍ୟାୟଙ୍କ ମତରେ ଆଦି ଶଙ୍କରଙ୍କର ବହୁ ପ୍ରଚାରିତ ଆଦର୍ଶଗତ ବିଜୟରୁ ହିଁ ଏକ ଅନ୍ଧାରୀ ଯୁଗର ସୂତ୍ରପାତ ଘଟିଛି ଯେତେବେଳେ ଭାରତ ବର୍ଷ ଗଣିତ, ଜ୍ୟୋତିର୍ବିଦ୍ୟା ଓ ଅନ୍ୟାନ୍ୟ ଶିକ୍ଷାର ବିଭବରେ ତାର ଅଗ୍ରଣୀ ଚରିତ୍ର ହରାଇଛି । ଉଭୟ ଆଦର୍ଶଗତ ଓ ସାମାଜିକ କ୍ଷେତ୍ରରେ ଆଦି ଶଙ୍କର ଦର୍ଶନର ବିଜୟ ଯୋଗୁଁ ଏହା ଘଟିଛି । ଆଦର୍ଶଗତ ଭାବେ ଏହା ଫଳରେ ବସ୍ତୁବାଦୀ ଉପରେ ଭାବବାଦର ବିଜୟ ଘଟିଛି । ଲେନିନ୍ ତାଙ୍କର ପୁସ୍ତକ **Materialism and Empirio- criticism**ରେ ଲେଖିଛନ୍ତି, ଜଣେ ବୈଜ୍ଞାନିକ ବିଜ୍ଞାନର ପ୍ରୟୋଗ କ୍ଷେତ୍ରରେ ବସ୍ତୁବାଦ ହେବା ଆବଶ୍ୟକ । ସେ ଦୃଷ୍ଟିରୁ ଦେଖିଲେ ଉପରୋକ୍ତ ବିଜୟ ଫଳରେ ବିଜ୍ଞାନ ଧକ୍କା ଖାଇଛି ଓ ସେଥି ସହିତ ପ୍ରଯୁକ୍ତିଗତ ଅଗ୍ରଗତି ମଧ୍ୟ ଧକ୍କା ଖାଇଛି । ସାମାଜିକ ଭାବେ, ଯେହେତୁ ପ୍ରଯୁକ୍ତିର ପ୍ରୟୋଗକାରୀମାନେ, କାରିଗର (**artisans**) ଓ ଶିଳ୍ପୀ (**craftsmen**) ମାନେ ମୁଖ୍ୟତଃ ''ନିଚ ଜାତିର'' ଥିଲେ, ଆଦି ଶଙ୍କରଙ୍କ ଦ୍ୱାରା ସଂଘଟିତ ପ୍ରତି ବିପ୍ଳବ ଏମାନଙ୍କୁ ଆହୁରି ତଳିତଳାନ୍ତ କରି ପକାଇଲା । ଏହା ଫଳରେ ପ୍ରଯୁକ୍ତିଗତ ଅଗ୍ରଗତି ମଧ୍ୟ ବାଧାପ୍ରାପ୍ତ ହେଲା ।

ଜେ.ଡି. ବର୍ଣ୍ଣାଲଙ୍କର ପୁସ୍ତକ ଭିତ୍ତିରେ ଚଟ୍ଟୋପାଧ୍ୟାୟ ଇଉରୋପ ସହିତ ଭାରତର ପରିସ୍ଥିତିର ଏହି ଭିନ୍ନତାକୁ ଦର୍ଶାଇଥିଲେ । ଇ.ଏମ.ଏସ. ଏହି ଭିନ୍ନତାକୁ ଗ୍ରହଣ କରିଥିଲେ । ଇଉରୋପର ପୁନର୍ଜାଗରଣ ବିଷୟରେ ବର୍ଣ୍ଣନା କରିବାକୁ ଯାଇ ବର୍ଣ୍ଣାଲ ଲେଖିଛନ୍ତି ''ଏଥିରେ ବାସ୍ତବରେ ଯାହା ନୂତନ ଥିଲା ତାହା ହେଲା ସୂତା ତିଆରି, ଲୁଗାବୁଣା, କୁମ୍ଭାର କାର୍ଯ୍ୟ, କାଚ ତିଆରି ପରି ବାସ୍ତବ କଳା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, ଯେଉଁ କଳା ଉଭୟ ସଂପଦ ଓ ଯୁଦ୍ଧ ପାଇଁ ଆବଶ୍ୟକ, ଖଣି ଶ୍ରମିକ ଓ ଧାତୁ ଶ୍ରମିକଙ୍କର କଳାକୁ ସମ୍ମାନ ଦିଆଯାଇଥିଲା.... ଶିଳ୍ପୀମାନଙ୍କର ମର୍ଯ୍ୟାଦାବୃଦ୍ଧି ଫଳରେ ସେମାନଙ୍କର ଐତିହ୍ୟ ଓ ଗବେଷକମାନଙ୍କ ମଧ୍ୟରେ ସଂପର୍କର ସେତୁ ପୁନଃ ପ୍ରତିଷ୍ଠା ହୋଇଥିଲା । ସଭ୍ୟତାର ଆଦ୍ୟ ଯୁଗରେ ଏହି ସଂପର୍କ ପ୍ରାୟ ଭାଙ୍ଗି ଯାଇଥିଲା ।'' (ଇ.ଏମ.ଏସ.ଙ୍କ ଦ୍ୱାରା ଉଦ୍ଧୃତ (୧୯୮୯) । ଇ.ଏମ.ଏସ.ଏହି ସିଦ୍ଧାନ୍ତରେ ପହଞ୍ଚିଥିଲେ ଯେ 'ବ୍ରାହ୍ମଣ୍ୟବାଦର ବଡ଼ ପଣ୍ଡାମାନଙ୍କ ଦ୍ୱାରା ନିର୍ଯ୍ୟାତୀତ ଜାତିଗୁଡ଼ିକର ପରାଜୟ, ଭାବବାଦ ଦ୍ୱାରା ବସ୍ତୁବାଦର ପରାଜୟ ଫଳରେ ଭାରତର ସଭ୍ୟତା ଓ ସଂସ୍କୃତିର ପତନର ସୂତ୍ରପାତ ଘଟିଥିଲା ଯାହାକି ଶେଷରେ ଜାତୀୟ ସ୍ୱାଧୀନତା ହାନୀରେପରିଣତ ହୋଇଥିଲା ।''

ଇ.ଏମ.ଏସ.ଙ୍କ ବିଚାର ''ଏସୀୟ ପ୍ରଣାଳୀ'' ତତ୍ତ୍ୱଠାରୁ କିଛିଟା ଭିନ୍ନ ଥିଲା । ଏଥିରେ ଗ୍ରାମ୍ୟ ସମାଜର ଅପରିବର୍ତ୍ତନୀୟ ଚରିତ୍ର ସଂପର୍କରେ ନିଜସ୍ୱ ବ୍ୟାଖ୍ୟା ଥିଲା । ଏଥିରେ ଅବଶ୍ୟ ଗ୍ରାମ୍ୟ ସମାଜର ଧାରାବାହିକତାର ବସ୍ତୁବାଦୀ ବ୍ୟାଖ୍ୟା ନ ଥିଲା । କାହିଁକି ସେହି ସମାଜରେ ସ୍ଥାଣୁତା ଥିଲା ତାର ବସ୍ତୁବାଦୀ ବ୍ୟାଖ୍ୟା ନଥିଲା । କିନ୍ତୁ ଏହା ଏହି ଧାରାବାହିକତା ଓ ସ୍ଥାଣୁତା ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲା । ଜାତିଭିତ୍ତିକ ସାମନ୍ତବାଦୀ ସମାଜର ଅମର ଚରିତ୍ର ସଂପର୍କରେ ଦୃଷ୍ଟି ଆକର୍ଷଣ କରିଥିଲା । ଯେଉଁ ସମାଜରେ ପ୍ରଯୁକ୍ତିଗତ ଅଭିବୃଦ୍ଧି ଜନିତ କୌଣସି ଆଭ୍ୟନ୍ତରୀଣ ପରିବର୍ତ୍ତନ ଘଟି ନଥିଲା କିମ୍ବା ବାଣିଜ୍ୟର ପ୍ରସାର ଜନିତ କୌଣସି ବାହ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡି ନଥିଲା (ଯେପରିକି ହେନରୀ ପିରେନ୍‌ଙ୍କ ମତରେ ଭୂମଧ୍ୟସାଗରୀୟ ବାଣିଜ୍ୟର ପ୍ରସାର ଯୋଗୁଁ ଇଉରୋପରେ ବାହ୍ୟ ଅସୁବିଧା ଘଟିଥିଲା) ଯାହାକି ଏହାକୁ 'ବାଣିଜ୍ୟର ଦ୍ରବୀଭୂତ କରିବାର

Digitized by srujanika@gmail.com

ପ୍ରଭାବ'ରେ ପ୍ରଭାବିତ କରିପାରିଥାଆନ୍ତି । (ମଧ୍ୟଯୁଗୀୟ ଭାରତର ଶେଷ ଆଡକୁ ଭାରତରେ ପଣ୍ୟ ଉତ୍ପାଦନର ବିକାଶ ଘଟିଥିଲା । ଏକଥା ଉପରେ ବର୍ଣ୍ଣିତ ଏବଂ ଏହାକୁ ଇ.ଏମ.ଏସ. ବାଣିଜ୍ୟିକ ଓ ମହାଜନୀ ପୁଞ୍ଜିର ବିକାଶ ବିଷୟ ଉଲ୍ଲେଖ କରିବା ସମୟରେ ଦର୍ଶାଇଛନ୍ତି । କିନ୍ତୁ ପ୍ରାକ୍ ଔପନିବେଶିକ ସମାଜରେ ଶିଳ୍ପ ଉତ୍ପାଦନକାରୀ ପୁଞ୍ଜି (manufacturing capital)ର ବିକାଶ ଏତେ କ୍ଷୀଣ ଥିଲା ଯେ ତଦ୍ୱାରା ଜାତିଭିତ୍ତିକ ସାମନ୍ତବାଦୀ ସମାଜର ଅଣ୍ଟା ଭାଂଗିବା ସମ୍ଭବ ନଥିଲା ।)

(୨)

ଜାତୀୟତା ପ୍ରଶ୍ନ ଉପରେ ଇ.ଏମ.ଏସ.ଙ୍କର ଅବସ୍ଥାନ ତାଙ୍କର ଏହି ଐତିହାସିକ ଅବଧାରଣା ସହିତ ସଂଗତିପୂର୍ଣ୍ଣ । ସାଧାରଣ ମାର୍କ୍ସବାଦୀ ତତ୍ତ୍ୱ ଅନୁସାରେ (ଯାହାକି ଷ୍ଟାଲିନ୍ ଦର୍ଶାଇଛନ୍ତି) ଭାଷାଗତ ଜାତି (linguistic nationalities)ର ଏକ ଐକ୍ୟବଦ୍ଧ ବଜାର ସହ ସଂପର୍କ ରହିଛି । କାରଣ ଏକ ସାଧାରଣ ଭାଷା ଏ ପ୍ରକାର ଐକ୍ୟବଦ୍ଧ ବଜାର ସୃଷ୍ଟିରେ ସାହାଯ୍ୟ କରିଥାଏ । ଏହା ଫଳରେ ଭାଷାଗତ ଜାତୀୟତାବାଦ ବୁର୍ଜୁଆ ଶ୍ରେଣୀକୁ ଏକ ପ୍ରଭାବଶାଳୀ ଅବସ୍ଥାକୁ ନେବାର ପ୍ରକ୍ରିୟାର ଅଂଶବିଶେଷ ହୋଇଥାଏ । ଇଂଲଣ୍ଡର ଉଦାହରଣ ନେଲେ ଜାଣି ହେବ, ଏଲିଜାବେଥ୍‌ଙ୍କ ଯୁଗରେ ଏ ପ୍ରକାର ଭାଷାଗତ ଜାତୀୟତାବାଦର ଅଭ୍ୟୁଦୟ ଘଟିଥିଲା (ସେକ୍ସପିଅର ଏହି ଯୁଗର ମୁଖ୍ୟ ସୃଷ୍ଟି) । ଏହା ହିଁ ବୁର୍ଜୁଆ ଶ୍ରେଣୀକୁ ଏକ ଶୀର୍ଷ ସ୍ଥାନକୁ ନେଇଯାଇଥିଲା ଯେଉଁଠାରୁ ବୁର୍ଜୁଆ ଶ୍ରେଣୀ ୧୬୪୦ ମସିହାରେ ବୁର୍ଜୁଆ ବିରୋଧୀ ଷ୍ଟୁଆର୍ଟ ରାଜତନ୍ତ୍ର ବିରୋଧରେ ବୁର୍ଜୁଆ ବିପ୍ଳବ ସଂଗଠିତ କରିଥିଲା ।

କିନ୍ତୁ ଭାରତ ବର୍ଷର ପରିପ୍ରେକ୍ଷୀରେ ଏହି ଅବଧାରଣା ଏକ ସମସ୍ୟା ସୃଷ୍ଟି କରିଥାଏ : ଭକ୍ତି ଆନ୍ଦୋଳନ ପ୍ରତି ମାର୍କ୍ସବାଦୀ ତତ୍ତ୍ୱର ଆଭିମୁଖ୍ୟ କ'ଣ ? ଯଦି ଭକ୍ତି ଆନ୍ଦୋଳନକୁ ଭାଷାଗତ ଜାତିଗୁଡ଼ିକର ସୃଷ୍ଟିର ଅୟମାରମ୍ଭ ବୋଲି ଧରିବା ତା ହେଲେ ସାଧାରଣ ମାର୍କ୍ସବାଦୀ ତତ୍ତ୍ୱ ଅନୁସାରେ ଏହି ଯୁଗରେ ବୁର୍ଜୁଆ ଶ୍ରେଣୀ ମଧ୍ୟ ଏକ ଶୀର୍ଷ ସ୍ଥାନକୁ ଉନ୍ନିତ ହେବା କଥା । ଅନ୍ୟ ପକ୍ଷରେ ଯଦି ଆଧୁନିକ ବୁର୍ଜୁଆ ଶ୍ରେଣୀର ସୃଷ୍ଟି ଔପନିବେଶିକ ଯୁଗରେ ଘଟିଥିବ ବୋଲି ଧରାଯିବ ତା'ହେଲେ ଭକ୍ତି ଆନ୍ଦୋଳନ ସମୟର ଘଟଣାକୁ 'ଭାଷାଗତ ଜାତୀୟତା' ଆଖ୍ୟା ଦିଆଯାଇପାରିବ ନାହିଁ, ଯେପରିକି ଇ.ଏମ.ଏସ. ତାଙ୍କ ପୁସ୍ତକ "The National Question in Kerala"ରେ କହିଛନ୍ତି ।

ତେଣୁ ଜଣେ ଯଦି ଚିରାୟତ ମାର୍କ୍ସବାଦୀ ଅବଧାରଣାକୁ ଭିତ୍ତି କରନ୍ତି ତେବେ ତାଙ୍କୁ ହୁଏତ ଭକ୍ତି ଆନ୍ଦୋଳନର ପ୍ରକ୍ରିୟାକୁ ଭିନ୍ନ ଭାବରେ ଚିତ୍ରଣ କରିବାକୁ ପଡିବ ଯେପରି କି ଅମଳେନ୍ଦୁ ଗୁହା କରିଛନ୍ତି । ସେ ଏହାକୁ "ଭାଷାଗତ ଜାତୀୟତା" ଆଖ୍ୟା ନ ଦେଇ 'ସଂସ୍କୃତିର ଆଞ୍ଚଳିକ ସଂପ୍ରଦାୟ' (regional communities of culture) ଆଖ୍ୟା ଦେଇଛନ୍ତି ଯାହାର ସୃଷ୍ଟି କୌଣସି ପ୍ରକାରର ଜାତୀୟତାବାଦ ସୃଷ୍ଟି ହେବାର ବହୁ ପୂର୍ବରୁ । ନଚେତ ସେହି ବ୍ୟକ୍ତିଙ୍କୁ ବୁର୍ଜୁଆ ଶ୍ରେଣୀର ଆବିର୍ଭାବ ବହୁ ପୂର୍ବରୁ ଘଟିଥିଲା ବୋଲି ଗ୍ରହଣ କରିବାକୁ ପଡିବ ଯେପରି କେତେକ ସୋଭିଏତ ଗବେଷକମାନେ କରିଛନ୍ତି । ସେମାନେ ଭକ୍ତି ଆନ୍ଦୋଳନର ସମୟକୁ 'ଭାରତର ବୁର୍ଜୁଆ ବିପ୍ଳବ' ରୂପେ ଚିତ୍ରଣ କରିଛନ୍ତି । ସଂକ୍ଷେପରେ କହିଲେ "The National Question in Kerala" ପୁସ୍ତକରେ ଇ.ଏମ.ଏସ.ଙ୍କର ବକ୍ତବ୍ୟ ଚିରାୟତ ମାର୍କ୍ସବାଦୀ ଅବଧାରଣା ସହ ସଂଗତିପୂର୍ଣ୍ଣ ନଥିଲା । ସେଥି ଯୋଗୁଁ ତାଙ୍କୁ ଅମଳେନ୍ଦୁ ଗୁହାଙ୍କର ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଥିଲା ।

ଇ.ଏମ.ଏସ. ଏହି ସମାଲୋଚନାକୁ ସାଂଗେ ସାଂଗେ ଗ୍ରହଣ କରି ନେଇଥିଲେ । କିନ୍ତୁ କହିଥିଲେ ଯେ ଯଦିଓ 'ସଂସ୍କୃତିର ଆଞ୍ଚଳିକ ସଂପ୍ରଦାୟଗୁଡିକ' ଜାତି (Nationality) ସହ ସମାନ ନୁହଁନ୍ତି, ଏଗୁଡିକ ଥିଲେ ଭାଷାଗତ ଜାତିର ଅଗ୍ରଦୂତ । ଏମାନଙ୍କର ଭିତ୍ତି ଶିଳ୍ପ ପୁଞ୍ଜିପତି (manufacturing bourgeoisie) ନଥିଲା । ଏମାନଙ୍କର ଭିତ୍ତି ଥିଲା ବାଣିଜ୍ୟିକ ଓ ସୁଧଖୋର ପୁଞ୍ଜିପତି ଶ୍ରେଣୀ । ପୁରୁଣା ବ୍ୟବସ୍ଥାରେ ଯାହାର ବିକାଶ ଘଟିଥିଲା । ପ୍ରଥମ-ଭାଷାଗତ ଜାତୀୟତାବାଦକୁ (proto-linguistic nationalism) (ସେ 'ସଂସ୍କୃତିର ଆଞ୍ଚଳିକ ସଂପ୍ରଦାୟ' ଗୁଡିକୁ ଯେଉଁ ଭାବେ ଦେଖୁଥିଲେ) ଇ.ଏମ.ଏସ. ବୁର୍ଜୁଆ ବିପ୍ଳବର ଲକ୍ଷଣ ଅଥବା ଅଗ୍ରଦୂତ ଭାବେ ଦେଖୁ ନଥିଲେ । କିମ୍ବା ବୁର୍ଜୁଆ ଶ୍ରେଣୀର ଆସନ୍ନ କ୍ଷମତାରୋହଣ ଭାବେ ମଧ୍ୟ ବିଚାର କରି ନଥିଲେ । ବରଂ ଭାରତୀୟ ଇତିହାସରେ କୌଣସି 'ଭାଙ୍ଗଣ' ବା 'ଧାରାବାହିକତା ଭଙ୍ଗ' ଘଟିଥିବା ମତ ବିରୋଧରେ ସେ ଯୁକ୍ତି ବାଢିଥିଲେ । ଏ ପ୍ରକାର ଯୁକ୍ତି କେତେକ ସୋଭିଏତ ଲେଖକ କରିଥିଲେ ।

ତେଣୁ ଜାତୀୟତା ପ୍ରଶ୍ନ ଉପରେ ଇ.ଏମ.ଏସ.ଙ୍କର ମତାମତ ଭାରତୀୟ ଇତିହାସ ସଂପର୍କରେ ତାଙ୍କର ସାଧାରଣ ଅବଧାରଣା ସହିତ ସଂଗତିପୂର୍ଣ୍ଣ । ତାହା ହେଲା ଭାରତୀୟ ଇତିହାସରେ ଧାରାବାହିକତା ଭଙ୍ଗ ଘଟି ନାହିଁ ବରଂ ଧାରାବାହିକତା ବଜାୟ ରହିବା ହିଁ ହୋଇଛି ଏହାର ଚରିତ୍ର । ଏଥିରେ ଯାହାବା ପରିବର୍ତ୍ତନମାନ ଘଟିଛି ତାହା ଅତି ମାମୁଲି ଧରଣର । କୌଣସି ମୌଳିକ ଢାଞ୍ଚାଗତ ପରିବର୍ତ୍ତନ ପାଇଁ ତାହା ଥିଲା ଅସମର୍ଥ । ଉତ୍ପାଦିକା ଶକ୍ତିର ବିକାଶ ପାଇଁ ସାମର୍ଥହୀନ । ବାହ୍ୟ ଶକ୍ତି ଦ୍ୱାରା ପ୍ରୋତ୍ସାହିତ ବୈପ୍ଳବିକ ପରିବର୍ତ୍ତନ ବଦଳରେ ଏଗୁଡିକ ଥିଲା 'ତାଳିପକା' (superimpositions) ବ୍ୟବସ୍ଥା ସଦୃଶ । ଏ ପ୍ରକାର ଧାରାବାହିକତାର ମୂଳରେ ଥିଲା ଜାତି-ଭିତ୍ତିକ ସାମନ୍ତବାଦୀ ବ୍ୟବସ୍ଥା । ଏହି ଅବଧାରଣା ପ୍ରଥମାବସ୍ଥାରେ ଇ.ଏମ.ଏସ.ଙ୍କୁ ଏସୀୟ ଉତ୍ପାଦନ ପ୍ରଣାଳୀର ବିଶ୍ଳେଷଣକୁ ଗ୍ରହଣ କରିବାରେ ସାହାଯ୍ୟ କରିଥିଲା । ଐତିହାସିକ ଗବେଷଣା ଲବ୍ଧ ତଥ୍ୟ ଭିତ୍ତିରେ ସେ ଏସୀୟ ଉତ୍ପାଦନ ପ୍ରଣାଳୀର ଅବଧାରଣା ଉପରେ ତାଙ୍କର ବିଶ୍ୱାସକୁ କିଛିଟା କୋହଳ କରିଥିଲେ ହେଁ ତା' ଉପରେ ତାଙ୍କର ମୌଳିକ ଆସ୍ଥା ଅତୁଟ ରହିଥିଲା । କିନ୍ତୁ ସମାଜର ଧାରାବାହିକତା (continuity) ପ୍ରଶ୍ନ ଉପରେ ସେ ତାଙ୍କର ସାମଗ୍ରିକ ଅବଧାରଣାରେ ଅଟଳ ରହିଥିଲେ ।

Digitized by srujanika@gmail.com

ଏପରିକି ସୋଭିଏତ ଲେଖକ ଓ ଅନ୍ୟ କେତେକ ଲେଖକ ଯେତେବେଳେ ଲେଖିଲେ ଯେ ପ୍ରାକ୍- ସୁଲତାନ ଶାସନ ସମୟରେ ପୁରାତନ ସାମନ୍ତବାଦକୁ ହଟାଇ ସୁଲତାନ୍ ଶାସନ ପ୍ରତିଷ୍ଠା ହେବା ଘଟଣା ଭାରତୀୟ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଗୁଣଗତ ପରିବର୍ତ୍ତନ ଏହାର ବିରୋଧ କରି ଇ.ଏମ.ଏସ. ନିଜ ବିଚାରରେ ଅଟଳ ରହିଥିଲେ।

(୩)

ଭାରତୀୟ ଇତିହାସର ଚରିତ୍ରରେ ରହିଛି ଦୃଢ଼ ଧାରାବାହିକତା। ଇ.ଏମ.ଏସ. ତାଙ୍କର ଏହି ଧାରଣାକୁ ଭିତ୍ତି କରି ଭାରତୀୟ ସମାଜ ଉପରେ ଔପନିବେଶିକତାବାଦର ଜଟିଳ ପ୍ରଭାବ ସଂପର୍କରେ ମାର୍କ୍ସ ଓ ରଜନୀ ପାଲ୍ମେ ଦତ୍ତଙ୍କର ମତାମତକୁ ଗ୍ରହଣ କରିଥିଲେ। ପଲ୍ ବରାନ (ତା' ପୂର୍ବରୁ ମାଓ-ଜେ-ଦଙ୍ଗଙ୍କର ଚୀନ ସଂପର୍କରେ ଲେଖାରେ ମଧ୍ୟ) ଯୁକ୍ତି ବାଢିଥିଲେ ଯେ ସ୍ୱତଃସ୍ଫୁର୍ତ୍ତ ଭାବେ ନ ହେଲେ ବି ଅନ୍ତତଃ ଇଉରୋପରେ ପୁଞ୍ଜିବାଦର ବିକାଶର ପ୍ରତିକ୍ରିୟା ସ୍ୱରୂପ ତୃତୀୟ ବିଶ୍ୱର ସମାଜରେ ସ୍ୱାଧୀନଭାବେ ପୁଞ୍ଜିବାଦର ବିକାଶ ଘଟିପାରି ଥାଆନ୍ତା। ଏଥିରୁ ସ୍ପଷ୍ଟ ଯେ ତୃତୀୟ ବିଶ୍ୱର ସମାଜଗୁଡିକରେ ପୁଞ୍ଜିବାଦର ସମ୍ଭାବ୍ୟ ସ୍ୱାଧୀନ ବିକାଶକୁ ବ୍ୟାହତ କରି ଏବଂ ସେମାନଙ୍କ ଉପରେ ଆନ୍ତର୍ଜାତୀୟ ପୁଞ୍ଜିବାଦର ସ୍ୱାର୍ଥ ସାଧନ ପାଇଁ ଏକ ଶୋଷଣମୂଳକ ସଂପର୍କ ଲଦି ଦେଇ ଔପନିବେଶିକତାବାଦ ଏସବୁ ସମାଜରେ ମୁଖ୍ୟତଃ ଏକ ନେତିବାଚକ ଐତିହାସିକ ଭୂମିକା ପାଳନ କରିଛି। ଅପରପକ୍ଷରେ ଏସବୁ ସମାଜ ଯଦି ତହିଁରେ ପ୍ରଚଳିତ ସଂପତ୍ତିର ସଂପର୍କ (property relations) ଦୃଷ୍ଟିରୁ ସ୍ଥାଣୁତା ଓ କ୍ଷୟିଷ୍ଣୁତାରେ ଜର୍ଜରିତ ହେଉଥିଲା ତା' ହେଲେ ଔପନିବେଶିକ ଆକ୍ରମଣ ସେହି ପୁରୁଣା ବ୍ୟବସ୍ଥାକୁ ଭାଙ୍ଗିବା ଦ୍ୱାରା କିଛି ଇତିବାଚକ ଭୂମିକା ମଧ୍ୟ ପାଳନ କରିଛି। ଯଦିଓ ଉପନିବେଶର ଜନସାଧାରଣଙ୍କୁ ଏଥିଲାଗି ବହୁତ ମୂଲ୍ୟ ଦେବାକୁ ପଡିଛି। କିନ୍ତୁ ଔପନିବେଶିକତାବାଦର ଧ୍ୱଂସକାରୀ ଭୂମିକା ସହିତ ତାର ଇତିବାଚକ ଐତିହାସିକ ଦିଗକୁ ସ୍ୱୀକୃତି ଦେବା ଅର୍ଥ ନୁହେଁ ଔପନିବେଶିକତାବାଦକୁ ଅନୁମୋଦନ କରିବା ବା ସ୍ୱାଗତ କରିବା। ଅନ୍ୟ ଭାବରେ କହିଲେ ଔପନିବେଶିକତାବାଦର ପ୍ରଭାବ ସଂପର୍କରେ ମାର୍କ୍ସବାଦୀ ବିଶ୍ଳେଷଣ ଓ ତାର ଜାତୀୟତାବାଦୀ ସମାଲୋଚନା ମଧ୍ୟରେ କୌଣସି ବିରୋଧ ନାହିଁ। ବସ୍ତୁତଃ ଦୁଇଟି ଯାକ ଅବଧାରଣା ଗୋଟିଏ ମଦ୍ରାର ଏପଟ ସେପଟ। ଏହା ହିଁ ଘଟିଛି ଇ.ଏମ.ଏସ.ଙ୍କ ଅବଧାରଣାରେ।

ମାର୍କ୍ସ, ଔପନିବେଶିକତାବାଦର ଧ୍ୱଂସକାରୀ ଓ ସୃଜନକାରୀ (regenerative)ଭୂମିକା ମଧ୍ୟରେ ପାର୍ଥକ୍ୟ ଦର୍ଶାଇଥିଲେ। ଏହାର ଧ୍ୱଂସକାରୀ ଭୂମିକା ସର୍ବଜନବିଦିତ। ଏଥିରେ କିଛି ଇତିବାଚକ ଐତିହାସିକ କଥା ଥାଇପାରେ। କିନ୍ତୁ ଔପନିବେଶିକ ଶାସନ କାଳରେ ଏହାର କୌଣସି ସୃଜନଶୀଳ ଭୂମିକା ନଥିଲା। ଏକଥା ସତ, ଏହି ସୃଜନଶୀଳ ଭୂମିକା କଥା କହିଲା ବେଳେ ମାର୍କ୍ସ କେବଳ ବସ୍ତୁ ଉତ୍ପାଦନ (material production) ବିଷୟ ବିଚାରକୁ ନେଇଥିଲେ। ଏହି ବିକାଶର ଫଳ ଭାରତୀୟଙ୍କ ମଧ୍ୟରେ ବଣ୍ଟନ ବିଷୟ ବିଚାରକୁ ନେଇ ନଥିଲେ। ତାଙ୍କର ମତ ଥିଲା ଏହାର ଫଳ ଭୋଗ କରିବା ପାଇଁ ଭାରତୀୟମାନଙ୍କୁ ବ୍ରିଟେନରେ ବିପ୍ଳବ ଅଥବା ଭାରତୀୟମାନେ ଔପନିବେଶିକ ଶାସନର ଜୁଆଳି ହଟାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। କିନ୍ତୁ ଔପନିବେଶିକ ଶାସନରେ ଭାରତ ବର୍ଷରେ ବସ୍ତୁ ଉତ୍ପାଦନ ସେପରି ବିକାଶ ଲାଭ କରି ନଥିଲା ଯେପରି ମାର୍କ୍ସ କଳନା କରିଥିଲେ। ଏପରିକି ସେ ଯେଉଁ ଆଶା ପୋଷଣ କରିଥିଲେ ଯେ ରେଳବାଇର ପ୍ରସାର ଫଳରେ କିଛିଟା ଶିଳ୍ପ ବିକାଶ ଘଟିବ ତାହା ମଧ୍ୟ ଘଟିନଥିଲା।

ଏଥି ସହିତ ଔପନିବେଶିକତାବାଦ ଚାହିଁଥିଲା ଜମିଦାର ଶ୍ରେଣୀର ସମର୍ଥନ ଲାଭ କରିବାକୁ। ଜାତିଭିତ୍ତିକ ସାମନ୍ତବାଦୀ ସମାଜର ମୌଳିକ ଶୋଷଣକାରୀ ଚରିତ୍ରର ପରିବର୍ତ୍ତନ ନ ଘଟି ମଧ୍ୟ ଏହି ଜମିଦାର ଶ୍ରେଣୀର କିଛିଟା ପରିବର୍ତ୍ତନ ଘଟିଥାଇପାରେ। ଏହାର ଅର୍ଥ ହେଉଛି ଔପନିବେଶିକତାବାଦର ପ୍ରବଳ ଧ୍ୱଂସକାରୀ ଭୂମିକା ଥିଲା ଏକଥା ସତ। ମାତ୍ର ଅନ୍ୟ ପକ୍ଷରେ ତାହା ମଧ୍ୟ ଯଥେଷ୍ଟ ନଥିଲା। ଅନ୍ୟ ପ୍ରକାରେ କହିଲେ, 'ଶିଳ୍ପର ଧ୍ୱଂସସାଧନ', 'ଦେଶ ବାହାରକୁ ଉଦ୍‌ବୃତ୍ତ ଚାଲାଣ', 'କ୍ଷୁଦ୍ର ଉତ୍ପାଦନର ବିଲୋପ ସାଧନ' ଓ 'ଆତ୍ମନିର୍ଭରଶୀଳ ଗ୍ରାମ୍ୟ ସଂପ୍ରଦାୟ ଭାଂଗିଯିବା' (ଯାହାକି ଆଗରୁ ଭାଂଗି ଯାଉଥିଲା) ଏବଂ ଆଧୁନିକ ବ୍ୟକ୍ତିଗତ ସଂପତ୍ତିର ଆବିର୍ଭାବ ଜରିଆରେ ତାର ଧ୍ୱଂସକାରୀ ପ୍ରଭାବ ସତ୍ତ୍ୱେ ଔପନିବେଶିକତାବାଦ ଏକ ତାଳିପକା ବ୍ୟବସ୍ଥା ଥିଲା। ପ୍ରାକ୍ ଔପନିବେଶିକ ଯୁଗର ଜାତିଭିତ୍ତିକ ସାମନ୍ତବାଦୀ ସମାଜ ଉପରେ ଏହା ପ୍ରଚଣ୍ଡ ଆଘାତ ଚଢାଇ ନଥିଲା।

ଇ.ଏମ.ଏସ. ବିଶେଷ ଆଗ୍ରହ ସହକାରେ ସିପିଆଇ(ଏମ)ର କର୍ମସୂଚୀକୁ ଉଦ୍ଧାର କରି ଏହି କଥାକୁ ସାବ୍ୟସ୍ତ କରୁଥିଲେ: 'ଏକ ଶତାବ୍ଦୀରୁ ଅଧିକ ସମୟ ଧରି ଶାସନ କରିଥିବା ବ୍ରିଟିଶ ଔପନିବେଶିକତାବାଦୀମାନେ କିମ୍ବା ୧୯୪୭ରେ କ୍ଷମତା ପାଇଥିବା ଭାରତୀୟ ବୁର୍ଜୁଆ ଶ୍ରେଣୀ କେହି ପ୍ରାକ୍ ପୁଞ୍ଜିବାଦୀ ସମାଜ ଉପରେ ପ୍ରଚଣ୍ଡ ଆଘାତ କରିନାହାଁନ୍ତି। ଯାହାକି ପୁଞ୍ଜିବାଦୀ ସମାଜର ବିକାଶ ଓ ଏକ ସମାଜବାଦୀ ସମାଜରେ ତାର ରୂପାନ୍ତର ପାଇଁ ଆବଶ୍ୟକ ଥିଲା।' ସେ ଥରେ କହିଥିଲେ ଯେ ସମାଲୋଚକମାନେ ବୁଝିପାରନ୍ତି ନାହିଁ ଏହି ଗୋଟିଏ ଅନୁଚ୍ଛେଦ ରଚନା କରିବା ପାଇଁ କି ପ୍ରକାର ପ୍ରଚେଷ୍ଟା କରିବାକୁ ପଡିଛି। ଏଥିରେ ତାଙ୍କର ନିଜସ୍ୱ ଚିନ୍ତାଧାରାର ପ୍ରତିଫଳନ ଘଟିଛି।

(୪)

ସ୍ୱାଧୀନତା ସମୟରେ ଭାରତୀୟ ବୁର୍ଜୁଆ ଶ୍ରେଣୀ କ୍ଷମତାକୁ ଆସିବା ସମୟରେ ଜାତିଭିତ୍ତିକ ସାମନ୍ତବାଦୀ ସମାଜ ଉପରେ ପ୍ରଚଣ୍ଡ ଆଘାତ ଚଢାଇବାର ଦାୟିତ୍ୱ ତାଙ୍କ ଉପରେ ପଡିଲା। କିନ୍ତୁ ଭାରତୀୟ ବୁର୍ଜୁଆ ଶ୍ରେଣୀ ଏହି କର୍ତ୍ତବ୍ୟ ସଂପାଦନ ଲାଗି ପୁରାପୁରି ଅପାରଗ ଥିଲା। ଇ.ଏମ.ଏସ.ଙ୍କ ମତରେ ଭାରତୀୟ ବୁର୍ଜୁଆ ଶ୍ରେଣୀ

Digitized by srujanika@gmail.com

ଐତିହାସିକ ପ୍ରେକ୍ଷାପଟକୁ ବିଳମ୍ବରେ ଆସିଥିଲା ଏବଂ ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥା ଏକ ସାଧାରଣ ସଂକଟର ସମ୍ମୁଖୀନ ହେବା ସମୟରେ ପୁଞ୍ଜିବାଦ ପ୍ରତିଷ୍ଠା ଲାଗି ଉଦ୍ୟମ ଆରମ୍ଭ କଲା । ପୁରାତନ ଯୁଗରେ ପୁଞ୍ଜିବାଦର ବିକାଶ ସମୟରେ ବୁର୍ଜୁଆ ଶ୍ରେଣୀ ପୁରୁଣା ବ୍ୟବସ୍ଥା ଉପରେ ଚରମ ଆଘାତ ହାଣିଥିଲା । କିନ୍ତୁ ଭାରତୀୟ ବୁର୍ଜୁଆ ଶ୍ରେଣୀ ସେ ରାସ୍ତାରେ ନଯାଇ ସାମନ୍ତବାଦ ସହିତ ସାଲିସ କଲା । ଏହାର ଏକମାତ୍ର କାରଣ ଏହା ବିଶ୍ୱବ୍ୟାପୀ ଶ୍ରମିକ ଶ୍ରେଣୀର ଜାଗରଣ ଦେଖି ଭୟଭୀତ ହୋଇଯାଇଥିଲା ଏବଂ ଏହାର ସଂପତ୍ତିର ସୁରକ୍ଷା ପାଇଁ ସାମନ୍ତବାଦୀ ଜମିଦାରମାନଙ୍କର ସମର୍ଥନ ଲୋଡ଼ିଥିଲା । ସାମନ୍ତବାଦୀ ଓ ବୁର୍ଜୁଆ ଶ୍ରେଣୀ ମଧ୍ୟରେ ମେଣ୍ଟ ଜରିଆରେ ବୁର୍ଜୁଆ ସଂପତ୍ତି ପ୍ରତି ବିପଦକୁ ପ୍ରତିହତ କରି ହେବ ବୋଲି ବିଚାର କଲା । ପୁଞ୍ଜିବାଦର ବିକାଶ ନିମନ୍ତେ ସାମନ୍ତବାଦୀ ଜମିଦାରମାନଙ୍କୁ ପୁଞ୍ଜିବାଦୀ ଜମିଦାରରେ ପରିଣତ କରିବା ଲାଗି ପ୍ରବର୍ତ୍ତାଇଥିଲା । ଅର୍ଥାତ ଜମିଜମାର ପ୍ରଚଳିତ ସଂପର୍କକୁ ଅକ୍ଷୁର୍ଣ୍ଣ ରଖି, ବିଶାଳ ଜମି ମାଲିକାନାକୁ ନ ଭାଙ୍ଗି ଭାରତୀୟ କୃଷିରେ ପୁଞ୍ଜିବାଦୀ ସଂପର୍କ ପ୍ରତିଷ୍ଠା କରାଗଲା । ଯେପରିକି ଏହା ପୁଞ୍ଜିବାଦୀ ଶିଳ୍ପାୟନର ଆବଶ୍ୟକତାକୁ ପୂରଣ କରିପାରିବ । କିନ୍ତୁ ଏହାଫଳରେ ଆଉ ଏକ 'ତାଳିପକା' ଘଟଣା ଘଟିଲା । ପ୍ରଚଳିତ ପ୍ରାକ୍ ପୁଞ୍ଜିବାଦୀ ସମାଜ ଅର୍ଥାତ ଜାତିଭିତ୍ତିକ ସାମନ୍ତବାଦୀ ସମାଜ ଉପରେ ପୁଞ୍ଜିବାଦକୁ ଲଦି ଦେବାର 'ତାଳିପକା' ଘଟଣା ।

ପୁରୁଣା ସମାଜ ଉପରେ ପ୍ରଚଣ୍ଡ ଆଘାତ ହାଣିବାର ବୁର୍ଜୁଆ ଶ୍ରେଣୀ ଐତିହାସିକ ଅସାମର୍ଥ୍ୟ ଯୋଗୁଁ ଭାରତ ବର୍ଷ ଏକ ପ୍ରତାରଣାର ସମ୍ମୁଖୀନ ହେଲା । ସ୍ୱାଧୀନତା ପୂର୍ବର କଂଗ୍ରେସ ଦଳ 'ଚାଷୀ ହାତକୁ ଜମି' ଦେବାର ପ୍ରତିଶ୍ରୁତି ଦେଇଥିଲା । କେବଳ ଜମିର ଠୁଳିକରଣକୁ ଭାଂଗିବା ଜରିଆରେ ଏହା ସମ୍ଭବ ହୋଇଥାଆନ୍ତା । କିନ୍ତୁ କ୍ଷମତାକୁ ଆସିବା ପରେ ପୂର୍ବତନ ସାମନ୍ତବାଦୀ ଜମିଦାରମାନଙ୍କ ସହିତ ବୁର୍ଜୁଆ ଶ୍ରେଣୀ ସାଲିସ କଲା ଏବଂ ନିଜର ପ୍ରତିଶ୍ରୁତିରୁ ଓହରି ଗଲା । କଂଗ୍ରେସ ଶାସିତ ରାଜ୍ୟମାନଙ୍କରେ କିଛି ସୀମିତ ଭୂସଂସ୍କାର କରାଗଲା । ମାତ୍ର ତାହା କେବଳ ଧନୀ ଚାଷୀମାନଙ୍କୁ ମାଲିକାନା ସ୍ୱତ୍ତ୍ୱ ପ୍ରଦାନ କଲା ଏବଂ ସେମାନଙ୍କୁ ପୁଞ୍ଜିବାଦୀ ଜମିଦାରରେ ପରିଣତ କଲା । ତେଣୁ ଗ୍ରାମାଞ୍ଚଳରେ ପୁଞ୍ଜିବାଦୀ ଶକ୍ତି ସୃଷ୍ଟି ହେଲେ ଦୁଇଟି ମୁଖ୍ୟ ଗୋଷ୍ଠୀରୁ : ପୂର୍ବତନ ସାମନ୍ତବାଦୀ ଜମିଦାର ଯେଉଁମାନେ ନୂତନ ପରିସ୍ଥିତିରେ ପୁଞ୍ଜିବାଦୀ ଜମିଦାରୀ ଦିଗକୁ ଆକର୍ଷିତ ହେଉଥାଆନ୍ତି ଏବଂ ଧନୀ ଚାଷୀଙ୍କର ଏକ ଅଂଶ ଯେଉଁମାନେ ମାଲିକାନା ସ୍ୱତ୍ତ୍ୱ ପାଇ କୃଷିରେ ବିନିଯୋଗ ନିମନ୍ତେ ଆଗ୍ରହ ପ୍ରକାଶ କରୁଥାଆନ୍ତି ଓ ପୁଞ୍ଜିବାଦୀ ଚାଷୀରେ ପରିଣତ ହେଉଥାଆନ୍ତି ।

ସାମନ୍ତବାଦୀ ଜମିଦାରମାନେ ପୁଞ୍ଜିବାଦୀ ଜମିଦାରରେ ପରିଣତ ହେବା ସହିତ ସେମାନଙ୍କ ଜମିରେ ଚାଷ କରୁଥିବା ରୟତ (tenants)ମାନେ କୃଷି ଶ୍ରମିକରେ ପରିଣତ ହେଲେ । ପୁଞ୍ଜିବାଦର ଅଧ୍ୟାରୋପଣ(super imposition) ପ୍ରକ୍ରିୟା ମଧ୍ୟ ଦେଇ ରୟତମାନଙ୍କ ମଧ୍ୟରୁ ଏକାଂଶର ଜମି ଉପରେ ଅଧିକାର ସଂକୁଚିତ ହେଲା, ବର୍ଷ ବର୍ଷ ଧରି ଚାଷ କରୁଥିବା ଜମିରୁ ସେମାନେ ଉଚ୍ଛେଦ ହେଲେ ଏବଂ କୃଷି ଶ୍ରମିକ ବାହିନୀରେ ସାମିଲ ହେଲେ । ଯେହେତୁ ପୁଞ୍ଜିବାଦୀ ଜମିଦାରମାନେ ଆଧୁନିକ ଶ୍ରମ ସଞ୍ଚୟକାରୀ ପ୍ରଯୁକ୍ତି (labour saving technology) ସାହାଯ୍ୟରେ ଚାଷ କଲେ, କୃଷି ଶ୍ରମିକଙ୍କ ସଂଖ୍ୟା ବଢ଼ି ଚାଲିଲା । ଏହା ଫଳରେ ଜମିରୁ ଉଚ୍ଛେଦ ହୋଇଥିବା କ୍ଷୁଦ୍ର ଓ ପ୍ରାନ୍ତିକ ଚାଷୀମାନଙ୍କର ଦାରିଦ୍ର୍ୟ ବଢ଼ି ଚାଲିଲା ।

ଏହି ଘଟଣାକୁ ଇ.ଏମ.ଏସ. ନିମ୍ନୋକ୍ତ ଭାବେ ପ୍ରକାଶ କରିଛନ୍ତି : "ଭୂସଂସ୍କାର ଆଇନ କାର୍ଯ୍ୟକାରୀ ହେବା ପୂର୍ବରୁ ଯେଉଁମାନେ ଜମିରୁ ଉଚ୍ଛେଦ ହୋଇଥିଲେ ଏବଂ ଯେଉଁମାନେ ଖଜଣା ବା ଅନ୍ୟାନ୍ୟ ଦେୟ ଦେଇ ନ ପାରି ଜମି ହରାଇଥିଲେ ସେମାନଙ୍କ ଜମିକୁ ଜବତ କରି ନୂତନ ଜମିମାଲିକଙ୍କର ଏକ ଶ୍ରେଣୀ ଗଢ଼ି ଉଠୁଛି । ସେମାନେ ପୁଞ୍ଜିବାଦୀ ପ୍ରଣାଳୀରେ ଚାଷ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ପୁରୁଣା ସାମନ୍ତବାଦୀ ଜମିଦାରଙ୍କର ନୂଆ ରୂପ ଧାରଣ କରିଛନ୍ତି । ରୟତମାନଙ୍କର ଜମି ଦଖଲ କରି, ଆଇନରେ ଥିବା 'ନିଜ ଚାଷ' ବ୍ୟବସ୍ଥାକୁ ବ୍ୟବହାର କରି ଏବଂ 'କ୍ଷତିପୂରଣ' ଅର୍ଥ ନେଇ ସେମାନେ ପୁଞ୍ଜିବାଦୀ ଚାଷୀରେ ପରିଣତ ହୋଇଛନ୍ତି... ତା'ଛଡା ଅଛନ୍ତି ପୁରୁଣା ଧନୀଚାଷୀରୁ ପୁଞ୍ଜିବାଦୀ ଚାଷୀ ବନିଥିବା ଗୋଷ୍ଠୀ ଯେଉଁମାନେ ଆଇନରେ ଥିବା ରିହାତିର ସୁଯୋଗ ନେଇ ଚାଷରୁ ଅଧିକ ମୁନାଫା ଲୁଟୁଛନ୍ତି.... ଏହି ପୁଞ୍ଜିବାଦୀ ଚାଷୀ ଓ ପୁରୁଣା ସାମନ୍ତବାଦୀ ଜମିଦାରମାନଙ୍କ ମଧ୍ୟରେ ମୁଖ୍ୟ ତଫାତ୍ ହେଉଛି ପୁରୁଣା ସାମନ୍ତବାଦୀ ଜମିଦାରମାନେ ରୟତମାନଙ୍କୁ ଜମି ଚାଷ ପାଇଁ ଦେଇ ଖଜଣା ଆଦାୟ କରୁଥିଲେ । ପୁଞ୍ଜିବାଦୀ ଚାଷୀମାନେ କୃଷିରେ ଶ୍ରମିକ ଖଟାଇ କୃଷିରୁ ଅଧିକ ମୁନାଫା ଅର୍ଜନ କରୁଛନ୍ତି ।"

ଏଥିରୁ କିନ୍ତୁ ଏକଥା ଭାବିବା ଠିକ୍ ନୁହେଁ ଯେ ଭାରତୀୟ କୃଷି ପୁଞ୍ଜିବାଦୀ କୃଷିରେ ପରିଣତ ହୋଇଯାଇଛି । ଏଥିରେ ପୁଞ୍ଜିବାଦୀ ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ଏହାକୁ ଏକ ପ୍ରାକ୍ ପୁଞ୍ଜିବାଦୀ ଭିତ୍ତି ଉପରେ 'ଲଦି' (super impose) ଦିଆଯାଇଛି । (ଯାହା ଫଳରେ ଲେନିନଙ୍କ ଭାଷାରେ 'ଅର୍ଦ୍ଧ ସାମନ୍ତବାଦୀ ପୁଞ୍ଜିବାଦୀ') । ଇ.ଏମ.ଏସ. ଏହି ଘଟଣାକୁ ଏପରି ଭାବେ ବର୍ଣ୍ଣନା କରିଛନ୍ତି : 'ଭାରତରେ ପ୍ରାକ୍ ପୁଞ୍ଜିବାଦୀ ବ୍ୟବସ୍ଥାରେ ଥିବା ବହୁ ଧରଣର ଶୋଷଣ ଚାଲିଛି, କିଛି ପୁରୁଣା ଢାଞ୍ଚାରେ ଓ ଆଉ କିଛି ପରିବର୍ତ୍ତିତ ଢାଞ୍ଚାରେ । ଏହା ସହିତ ପୁଞ୍ଜିବାଦୀ ବିକାଶ ଫଳରେ ଏକ ନୂତନ ଶୋଷଣ ବ୍ୟବସ୍ଥା ମଧ୍ୟ କାଏମ ରହିଛି ।' (୧୯୮୨କ, ୨୮୯) ।

ଜାତିଭିତ୍ତିକ ସାମନ୍ତବାଦୀ ସମାଜ ଉପରେ ପୁଞ୍ଜିବାଦକୁ ଥାପି ଦେବା ଫଳରେ ଏକ ପକ୍ଷରେ ପୂର୍ବ ପ୍ରଚଳିତ ସାମନ୍ତବାଦୀ ଶୋଷଣ ଉପରେ ପୁଞ୍ଜିବାଦୀ ଶୋଷଣକୁ ଲଦି ଦିଆଯାଇଛି । ଅନ୍ୟ ପକ୍ଷରେ ଏହାରି ଯୋଗୁ ଦାରିଦ୍ର୍ୟ ବୃଦ୍ଧି ପାଇ ଚାଲିଛି । ସଂକ୍ଷେପରେ କହିଲେ ଜମିର କେନ୍ଦ୍ରୀଭବନ ବଜାୟ ରହିଲା, ପିତୃପ୍ରଧାନ ବ୍ୟବସ୍ଥା, ଜାତିଗତ ନିର୍ଯ୍ୟାତନା ବଜାୟ ରହିଥିଲା, ଜଘନ୍ୟ ସାମନ୍ତବାଦୀ ରୀତିନୀତିର ପ୍ରାବଲ୍ୟ ବଳବତ୍ତର ରହିଲା ଏବଂ ଯଦିଓ କୃଷିର ପ୍ରଯୁକ୍ତିଗତ ଭିତ୍ତିରେ କିଛି ପରିବର୍ତ୍ତନ ଓ ଆଧୁନିକିକରଣ ହେଲା ଗ୍ରାମାଞ୍ଚଳରେ

Digitized by srujanika@gmail.com

ଦାରିଦ୍ର୍ୟ ତୀବ୍ର ଆକାର ଧାରଣ କଲା । ଔପନିବେଶିକ ନିର୍ଯ୍ୟାତନା ଫଳରେ କୃଷକ ସମାଜରେ ଯେଉଁ ଦାରିଦ୍ର୍ୟ ଦେଖାଦେଇଥିଲା ପୁଞ୍ଜିବାଦୀ କୃଷି ବ୍ୟବସ୍ଥା ଦିଗକୁ ଅଗ୍ରସର ହେବା ଯୋଗୁଁ ଚାଷୀମାନେ ଜମିରୁ ଉଚ୍ଛେଦ ହେବାରୁ ତାହା ବୃଦ୍ଧି ପାଇ ଚାଲିଲା ।

ବୁର୍ଜୁଆ- ଜମିଦାର ରାଷ୍ଟ୍ର ପୁଞ୍ଜିବାଦୀ ବିକାଶର ରାସ୍ତା ଧରିଲା । ଯେତେବେଳେ ଐତିହାସିକ ପ୍ରେକ୍ଷାପଟରେ ବୁର୍ଜୁଆ ଶ୍ରେଣୀର ଆବିର୍ଭାବ ବିଳମ୍ବରେ ଘଟିଛି ଏବଂ ଯେତେବେଳେ ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥା ଏକ ସାଧାରଣ ସଂକଟର ଯୁଗରେ ପ୍ରବେଶ କରିଛି ସେ ସମୟରେ ବୁର୍ଜୁଆ ଶ୍ରେଣୀ ଜମିଦାର ଶ୍ରେଣୀ ସହିତ ମେଣ୍ଟ କରିବାକୁ ବାଧ୍ୟ ହେଲା । କିନ୍ତୁ ଏହାର ଭିତ୍ତି ଥିଲା ସଂକୀର୍ଣ୍ଣ ଏବଂ ଏହା ଥିଲା ସଂକଟ ପ୍ରବଣ । ଜମିର ପୁନର୍ବଣ୍ଟନ ନ ହେବା ଫଳରେ ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକ ଶିଳ୍ପଜାତ ଦ୍ରବ୍ୟର ଆଭ୍ୟନ୍ତରୀଣ ବଜାର ସଙ୍କୁଚିତ ହୋଇ ରହିଲା । କୃଷି କ୍ଷେତ୍ରରେ ଉତ୍ପାଦିକା ଶକ୍ତିର ବିକାଶ ବ୍ୟାହତ ହେଲା । ଯାହା ଫଳରେ ପୁଞ୍ଜିବାଦୀ ବିକାଶର ଗତିରୋଧ ହେଲା । ଖାଦ୍ୟ ସାମଗ୍ରୀର ଦରରେ ମୁଦ୍ରାସ୍ଫୀତିର ବିପଦ ଲାଗି ରହିଲା; ବିକାଶ ପ୍ରକ୍ରିୟା ସହିତ ମୁଦ୍ରାସ୍ଫୀତି ଲାଗି ରହିଲା । ଏହି ମୁଦ୍ରାସ୍ଫୀତି ଶିଳ୍ପଜାତ ଦ୍ରବ୍ୟର ବଜାରକୁ ସଙ୍କୁଚିତ କଲା । ଫଳରେ ମୁଦ୍ରାସ୍ଫୀତି ଜନିତ ମାନ୍ଦାବସ୍ଥା ଲାଗି ରହିଲା । ଏ ପ୍ରକାର ପୁଞ୍ଜିବାଦୀ ଶିଳ୍ପାୟନର ଗତି ଓ ଚରିତ୍ର ଏପରି ଯେ ପୁଞ୍ଜିବାଦୀ ଶିଳ୍ପ କ୍ଷେତ୍ର ପକ୍ଷରେ ଜନବହୁଳ ଗ୍ରାମ୍ୟ ଅର୍ଥନୀତିରୁ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାର କ୍ଷମତା ଅତ୍ୟନ୍ତ ସଙ୍କୁଚିତ ହୋଇ ରହେ । ଏଥି ସହିତ ଜାତିଆଣ ନିର୍ଯ୍ୟାତନା ଓ ପୁରୁଷପ୍ରଧାନ ବ୍ୟବସ୍ଥା ଏବଂ ପୁଞ୍ଜିବାଦୀ ଓ ପ୍ରାକ୍ ପୁଞ୍ଜିବାଦୀ ଶୋଷଣ ଅକ୍ଷୁର୍ଣ୍ଣ ରହେ । ଜନସାଧାରଣଙ୍କର ଦାରିଦ୍ର୍ୟ ମଧ୍ୟ ଲାଗି ରହିଥାଏ ।

ସରକାର (ରାଷ୍ଟ୍ର) ମୁଦ୍ରାସ୍ଫୀତିରୁ ଉଦ୍ଧାର ପାଇବା ପାଇଁ କଠୋର ପଦକ୍ଷେପ ନେଲେ ଶିଳ୍ପ ଶ୍ରମିକ, ସରକାରୀ କର୍ମଚାରୀ, ମଧ୍ୟବିତ୍ତ ବେତନଭୋଗୀଙ୍କର ପ୍ରତିରୋଧର ସମ୍ମୁଖୀନ ହୁଏ । ସରକାର କୃଷକ ସମାଜର ସ୍ୱାର୍ଥ ବିରୋଧରେ ଯିବାକୁ ଚେଷ୍ଟା କରେ । ଫଳରେ ପ୍ରତିରୋଧର କ୍ଷେତ୍ର ଗ୍ରାମାଞ୍ଚଳକୁ ପ୍ରସାରିତ ହୁଏ । ଅର୍ଥନୈତିକ ସଂକଟ ଯୋଗୁଁ ରାଜନୈତିକ ଶାସନ ବ୍ୟବସ୍ଥାରେ ସଂକଟ ସୃଷ୍ଟି ହୁଏ । ଏଥିରୁ ଉଦ୍ଧାର ପାଇବା ପାଇଁ ଶାସକ ଶ୍ରେଣୀ ଅର୍ଦ୍ଧ ଫାସିବାଦୀ ଉପାୟମାନ ଗ୍ରହଣ କରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କୁଖ୍ୟାତ ଇମର୍ଜେନ୍ସି ଜାରି ଘଟଣା । ସଂକ୍ଷେପରେ କହିଲେ, ଲେନିନଙ୍କ ଭାଷାରେ 'ଅର୍ଦ୍ଧ ସାମନ୍ତବାଦୀ ପୁଞ୍ଜିବାଦୀ' ଅଥବା ଇ.ଏମ.ଏସ.ଙ୍କ କଥା ଅନୁସାରେ ଜାତିଭିତ୍ତିକ ସାମନ୍ତବାଦୀ ବ୍ୟବସ୍ଥା ଉପରେ ପୁଞ୍ଜିବାଦ 'ଲଦି ହେବା' ବ୍ୟବସ୍ଥାର ଦ୍ୱନ୍ଦ୍ୱ ବୁର୍ଜୁଆ ଗଣତନ୍ତ୍ର ପାଇଁ ସବୁବେଳେ ବିପଦର କାରଣ ହୋଇଥାଏ । ଏପରିକି ଏହି ବ୍ୟବସ୍ଥାରେ ଯେଉଁ ନାଗରିକ ସ୍ୱାଧୀନତା ଓ ଶ୍ରମଜୀବୀ ଜନସାଧାରଣଙ୍କର ପ୍ରତିରୋଧ କରିବାର ଅଧିକାର ଥାଏ ତାର ସୁରକ୍ଷା ମଧ୍ୟ ବିପନ୍ନ ହୋଇପଡେ ।

(୫)

ତେଣୁ ସ୍ୱାଧୀନୋତ୍ତର ଭାରତ ବର୍ଷର ଯୋଜନା ସଂପର୍କରେ ଇ.ଏମ.ଏସ.ଙ୍କର ରାଜନୈତିକ ଅର୍ଥନୀତି ଭିତ୍ତିକ ବିଶ୍ଳେଷଣରେ ରହିଥିଲା ଭାରତୀୟ ଇତିହାସ ଓ ବିଶ୍ୱ ପରିସ୍ଥିତି ଉପରେ ତାଙ୍କର ଅଧ୍ୟୟନର ଛାପ । ବିଶ୍ୱ ପରିସ୍ଥିତିରେ ଏକ ପକ୍ଷରେ ଥିଲା ପୁଞ୍ଜିବାଦର ସାଧାରଣ ସଂକଟ ଏବଂ ଅନ୍ୟ ପକ୍ଷରେ ଏକ ସମାଜବାଦୀ ଶିବିରର ଅଭ୍ୟୁଦୟ (ଯଦିଓ ପରବର୍ତ୍ତୀ ସମୟରେ ସମାଜବାଦୀ ଶିବିରରେ ବିଭାଜନ ଦେଖାଯାଇଥିଲା ।) ଏହି ଅଧ୍ୟୟନରୁ ସେ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଥିଲେ ତାହା ହେଲା- ଯେହେତୁ ବୁର୍ଜୁଆ ଶ୍ରେଣୀ ପୁରୁଣା ସାମନ୍ତବାଦୀ ବ୍ୟବସ୍ଥା ଉପରେ ମରଣମାଡ ଚଢାଇବାକୁ ଅକ୍ଷମ ; ଜାତିଆଣ ନିର୍ଯ୍ୟାତନା, ସାମାଜିକ ବାସନ୍ଦ ବ୍ୟବସ୍ଥା ଓ ପୁରୁଷତାବିକତା ପାଇଁ ଭିତ୍ତି ପ୍ରସ୍ତୁତ କରିଥିବା ଜମିର କେନ୍ଦ୍ରୀଭବନକୁ ଭାଂଗିବାକୁ ଅକ୍ଷମ ସେଥିପାଇଁ ସର୍ବହରା ଶ୍ରେଣୀର ଐତିହାସିକ କର୍ତ୍ତବ୍ୟ ହେଉଛି କୃଷକ ଓ ଅନ୍ୟାନ୍ୟ ଶୋଷିତ ଶ୍ରେଣୀ ସହିତ ମୈତ୍ରୀ ସ୍ଥାପନ କରି ସେହି ମରଣମାଡ ଚଢାଇବା । ରାଷ୍ଟ୍ର କ୍ଷମତା ଦଖଲ କଲା ପରେ ସର୍ବହରା ଶ୍ରେଣୀ ପୁଞ୍ଜିବାଦ ନିର୍ମାଣର ସ୍ତରରେ ଅଟକି ଯିବ ନାହିଁ । ସମାଜବାଦ ଦିଗକୁ ଅଗ୍ରସର ହେବ । ତେଣୁ ଆମ ପରି ସମାଜରେ ସ୍ଥାଣୁତା ଭାଙ୍ଗିବାର ଉପାୟ ହେଉଛି ସମାଜବାଦ ଦିଗକୁ ଅଗ୍ରସର ହେବା । କେବଳ ମାତ୍ର ସମାଜବାଦ ଦିଗକୁ ଅଗ୍ରସର ହେବା ଜରିଆରେ ହିଁ ପ୍ରକୃତ ପରିବର୍ତ୍ତନ ଆଣିବା ସମ୍ଭବ । 'ତାଳିପକା' ପରିବର୍ତ୍ତନଠାରୁ ଏହା ବହୁ ଅଧିକ । ଏକମାତ୍ର ସମାଜବାଦରେ ହିଁ ସମସ୍ତ ସମାଜ ସଂସ୍କାରକ, ଜାତିଆଣ ନିର୍ଯ୍ୟାତନା ବିରୋଧରେ ଲଢେଇ କରି ଥିବା ସଂଗ୍ରାମୀ ଏବଂ ଜନସାଧାରଣଙ୍କର ଦୁଃଖ ଦୈନ୍ୟରେ ବିଚଳିତ ହୋଇଥିବା ଅସଂଖ୍ୟ ଅଗ୍ରଦୂତଙ୍କର ସ୍ୱପ୍ନ ସାକାର ହୋଇପାରିବ ।

କିନ୍ତୁ ଆଣ୍ଟୋନିଓ ଗ୍ରାମ୍‌ସିଙ୍କ ପରି ଇ.ଏମ.ଏସ. ମଧ୍ୟ ଭଲ ଭାବେ ଜାଣିଥିଲେ ସମାଜବାଦୀ ଶକ୍ତିମାନଙ୍କର କର୍ତ୍ତବ୍ୟ କିପରି କଠିନ । ଏହି କର୍ତ୍ତବ୍ୟ ଯେହେତୁ କଠୋର, କଠିନ ଏହାକୁ ପର୍ଯ୍ୟାୟକ୍ରମେ ସଂପନ୍ନ କରିବାକୁ ପଡିବ । ଯେହେତୁ ଏହି ବିପ୍ଳବ ଜରିଆରେ ସମାଜକୁ ଯୁଗ ଯୁଗ ଧରି ବିରାଜମାନ ନିର୍ଯ୍ୟାତନା ଓ ନିକୃଷ୍ଟତମ ଆବର୍ଜନାରୁ ମୁକ୍ତ କରିବାକୁ ହେବ ଏହା ହେବ ଅତ୍ୟନ୍ତ କଠିନ । ଏକମାତ୍ର ସମାଜବାଦରେ ହିଁ ଜାତିଆଣ ନିର୍ଯ୍ୟାତନାର ଅବସାନ ସମ୍ଭବ । ପୁଣି ଏହି ଜାତି ବ୍ୟବସ୍ଥା ହିଁ ସମାଜବାଦ ପଥରେ ଅନ୍ତରାୟ । କାରଣ ଏହା ନିର୍ଯ୍ୟାତୀତମାନଙ୍କୁ ବିଭେଦଗ୍ରସ୍ତ କରେ । ବିଭିନ୍ନ ଧରଣର ଶୋଷଣ ମଧ୍ୟରେ ଯେଉଁ ସବୁ 'ତାଳିପକା' ଚାଲିଛି ତାହା ଶୋଷିତମାନଙ୍କୁ ଐକ୍ୟବଦ୍ଧ କରିବାର କାର୍ଯ୍ୟକୁ ଆହୁରି କଷ୍ଟସାଧ୍ୟ କରି ଦେଇଛି । ଏଥିଲାଗି ଆବଶ୍ୟକ ଧୈର୍ଯ୍ୟଶୀଳ ଧାରାବାହିକ ଉଦ୍ୟମ ।

ଆଜି ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନକୁ ଗୋଟିଏ କେନ୍ଦ୍ରୀୟ ନେତୃତ୍ୱ ପରିଚାଳନା କରିବା ସମ୍ଭବ ନୁହେଁ । ଏହି ଦୃଷ୍ଟିରୁ ଇ.ଏମ.ଏସ. ବିଭିନ୍ନ ଦେଶରେ କମ୍ୟୁନିଷ୍ଟ ପାର୍ଟିର ଭୂମିକାକୁ ବିଚାରକୁ ନେଇ ଦେଶଗୁଡିକୁ ବିଭିନ୍ନ ଭାଗରେ ବିଭକ୍ତ କରିଥିଲେ । ଏକଥା କଲାବେଳେ ସେ ଏକ ନୂଆ ସଜ୍ଞା ଚାଲୁ କରିଥିଲେ । କେବଳ

Digitized by srujanika@gmail.com



ମାତ୍ର ପୁଞ୍ଜିବାଦୀ ଓ ସମାଜବାଦୀ ଦେଶ କଥା କହିବା ପରିବର୍ତ୍ତେ ସେ ଆଉ ଏକ ଅତିରିକ୍ତ ସଜ୍ଞା ପ୍ରଚଳନ କରିଥିଲେ : 'ବୈପ୍ଳବିକ ସର୍ବହରା ଦଳମାନେ' 'ନୀତି ନିର୍ଦ୍ଧାରଣରେ ଶକ୍ତିଶାଳୀ ପ୍ରଭାବ' ପକାଇ ପାରୁଥିବା ଦେଶଗୁଡିକ (୧୯୮୬, ପୃଷ୍ଠ ୨୪୧-୨)। ସେ ଭାରତ ବର୍ଷକୁ ଏହି ଦେଶଗୁଡିକ ମଧ୍ୟରେ ରଖିଥିଲେ। 'ପୁଞ୍ଜିବାଦୀ' ଓ 'ସମାଜବାଦୀ'- ଦେଶଗୁଡିକୁ କେବଳ ଏହି ଦୁଇଟି କ୍ୟାଟେଗୋରୀରେ ସୀମାବଦ୍ଧ ନ ରଖି ଇ.ଏମ.ଏସ. ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ। ତାହା ହେଉଛି, ବିପ୍ଳବ ଗୋଟିଏ ଏକକ ଘଟଣା ନୁହେଁ। ଏହା ଏକ ପ୍ରକ୍ରିୟା। ଏକ ବିପ୍ଳବୀ ପାର୍ଟି ରାଷ୍ଟ୍ର କ୍ଷମତାରେ ନଥିବା ସମୟରେ ମଧ୍ୟ 'ନୀତି ନିର୍ଦ୍ଧାରଣରେ ଶକ୍ତିଶାଳୀ ପ୍ରଭାବ' ପକାଇପାରେ। ବିପ୍ଳବର ରାସ୍ତାରେ ଏହା ମଧ୍ୟ ଏକ ଅଗ୍ରଗତି। ଆଣ୍ଟୋନିଓ ଗ୍ରମସିଙ୍କର 'କ୍ଷମତାର ଯୁଦ୍ଧ' (war of positions) ଅବଧାରଣାର ଏହା ମଧ୍ୟ ଆଉ ଏକ ପ୍ରତିଧ୍ୱନୀ। ଗ୍ରାମ୍ସି କହିଥିଲେ ଯେ ପଶ୍ଚିମ ଇଉରୋପର ଦେଶଗୁଡିକରେ ବିପ୍ଳବ ଗୋଟିଏ ଶକ୍ତ ଧକ୍କାରେ ବିଜୟ ପରିବର୍ତ୍ତେ 'କ୍ଷମତାର ଯୁଦ୍ଧ'ରେ ଧାପେ ଧାପେ ଅଗ୍ରସର ହେବା ପରି ଦୀର୍ଘାୟିତ ହେବ। ଇ.ଏମ.ଏସ.ଙ୍କର ଯୁକ୍ତି ସେହି ଧରଣର ବୋଲି ମନେ ହୁଏ।

ଇତିହାସ ସଂପର୍କରେ ଇ.ଏମ.ଏସ.ଙ୍କର ଗଭୀର ଅବଧାରଣା ଏବଂ ଏହାରି ଭିତ୍ତିରେ ବିପ୍ଳବୀ ପ୍ରକ୍ରିୟା ସଂପର୍କରେ ତାଙ୍କର ବିଚାର ସଂପର୍କରେ ବାମପନ୍ଥୀମାନଙ୍କୁ ଗଭୀର ଭାବେ ଅଧ୍ୟୟନ କରିବାକୁ ପଡିବ। କାରଣ ସେମାନଙ୍କୁ ନବ୍ୟ ଉଦାରବାଦୀ ପର୍ଯ୍ୟାୟର ଭାରତର ପୁଞ୍ଜିବାଦୀ ବିକାଶ କ୍ଷେତ୍ରରେ ତାଙ୍କର ବିଶ୍ଳେଷଣକୁ କାର୍ଯ୍ୟକାରୀ କରିବାକୁ ପଡିବ। ଆଜିର ପରିସ୍ଥିତିରେ ଯେତେବେଳେ 'କ୍ଷମତାର ଯୁଦ୍ଧ'ରେ ବାମପନ୍ଥୀମାନଙ୍କ ଉପରେ କିଛି ବିପର୍ଯ୍ୟୟ ଲଦି ହୋଇପଡିଛି ସେତେବେଳେ ଇ.ଏମ.ଏସ.ଙ୍କର ଲେଖାଗୁଡିକର ଅଧ୍ୟୟନ ବିଶେଷ ଜରୁରୀ। ଏହି ପରିସ୍ଥିତିକୁ ଇ.ଏମ.ଏସ. ଭାରତୀୟ ବିପ୍ଳବର ବୈଶିଷ୍ଟ୍ୟ ବୋଲି ବିଚାର କରିଥାଆନ୍ତି।

ଦ୍ରଷ୍ଟବ୍ୟ

REFERENCES

Habib 1. (1963) The Agrarian system of Mughal India , OUP, Bombay.

Marx K. (1964) Pre- Capitalist Economic Formations, edited with an Introduction by E.J. Hobsbawm, Lawrence and Wishart, London.

Nammboodiripad E.M.S. (1952) The National Question in Kerala, Bombay.

Nammboodiripad E.M.S. (1982) The Indian Question : Need for Deeper Study', Social Scientist December, No.115.

Nammboodiripad E.M.S. (1982a) Selected Writings, Volume I, National Book Agency,Calcutta.

Nammboodiripad E.M.S. (1984), Kerala : Society and Politics, National Book Centre, New Delhi.

Nammboodiripad E.M.S. (1986) The Relevance of Lenin's "Imperialism" to the Current World situation' in Prabhat Panaik ed. Lenin and Imperialism, Orient Longman, Delhi.

Nammboodiripad E.M.S.(1989) "Adi Shankara and His Philisophy : A Marxist View", Social Scientist, January-February, No. 188-189.

NOTES

(1) A very good example of this is his "Communication" to Social Scientist, December 1982, Issue number 115, where he puts forward his views on the Nationality Question, in the context of discussing Amalendu Guha's criticism of his 1952 formulations in The National Question in Kerala, through a process of locationg these views within an overall reading of Indian history.

(2) While he uses the concept of the Asiatic Mode of production in his 1952 book The National Question in Kerala, in his subsequent work Kerala : Society and Polities (1984) he says : This formulation made by Marx has become a point of serious debate among scholars. Some of them make the term the basis of the study of every single country in Asia, while others virtually deny the very concept, maintaining that Engels never used it, Marx too did so only once etc. He goes on to add : 'It should however be noted that for Marx the term "Asiatic Society of Mode or production" was not a substitute for a concrete analysis of society and its evolution in individual Asian countries", and lists some common features of historical development in "oriental countries", extending from "China in the east to Arabia and Egypt in the west".

(3) The growth of commercial capital of course can occur even in the absence of commodity production proper, simply on the basis of the commoditization of the surplus alone.

□□□

Digitized by srujanika@gmail.com

ଇ.ଏମ୍.ଏସ୍.ଙ୍କୁ ମୁଁ ଯେବେଠୁଁ ଜାଣିଛି

● ଜନାର୍ଦ୍ଦନ ପତି

୧୯୭୦ ମସିହା ଡିସେମ୍ବର ଶେଷ ସପ୍ତାହରେ ଏସ.ଏଫ.ଆଇ.ର ପ୍ରତିଷ୍ଠା ସମ୍ମିଳନୀ ହେଉଥାଏ ତ୍ରିଭାନ୍ଦ୍ରମରେ। ସେହି ସମ୍ମିଳନୀରେ ମୁଁ ଯୋଗ ଦେଇଥାଏ ଓଡ଼ିଶାର ଜଣେ ପ୍ରତିନିଧି ଭାବରେ। ସେଇଠି ହିଁ ମୁଁ ପ୍ରଥମେ ଇ.ଏମ୍.ଏସ୍.ଙ୍କୁ ଦେଖିଲି, ଯଦିଓ ତାଙ୍କ ସହ କଥାବାର୍ତ୍ତା କରି ନଥିଲି। ଏସ.ଏଫ.ଆଇ. ସମ୍ମିଳନୀକୁ ସଫଳ କରିବା ପାଇଁ ଇ.ଏମ୍.ଏସ୍. ନିଜେ ପାଣ୍ଠି ସଂଗ୍ରହ କରୁଥିବା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଥିଲି। ତା' ପୂର୍ବରୁ ମୁଁ ଇ.ଏମ୍.ଏସ୍.ଙ୍କ ବକ୍ତୃତା ଶୁଣିଥିଲି, କଲିକତା ମନୁମେଣ୍ଟରେ; ଯେଉଁଟା ଶହୀଦମିନାର ମଇଦାନ। କେରଳରେ ଯୁକ୍ତଫ୍ରଣ୍ଟ ସରକାରକୁ ଷଡଯନ୍ତ୍ର ଓ ବିଶ୍ୱାସଘାତକତା ଜରିଆରେ କ୍ଷମତାଚ୍ୟୁତ କରାଯିବା ବିରୋଧରେ ସମାବେଶ ହେଉଥାଏ। ସେହି ସମାବେଶ ପାଇଁ ହେଉଥିବା ପଟୁଆରରେ ମୁଁ ଅଂଶ ନେଇଥିଲି। ସ୍ଲୋଗାନ ଉଠୁଥାଏ- ଇ.ଏମ୍.ଏସ୍.- ଏ.କେ.ଜି. -ସୁନ୍ଦରାୟା : ଲାଲ ସଲାମ।

ଆହୁରି ମଧ୍ୟ ସ୍ଲୋଗାନ ଚାଲିଥାଏ- ''ଶୋଧନବାଦୀ ଡାଙ୍ଗେ ଥେକେ ଲାଲ ପତାକା ଛିନିଓ ନାଓ, ତ୍ରିରଂଗା ଝଣ୍ଡା ଧରିଏ ଦାଓ''।

ଏହି ରାଜନୈତିକ ସ୍ଲୋଗାନର ଅର୍ଥ ମୁଁ ସେବେଠାରୁ ଗଭୀର ଭାବେ ଉପଲବ୍ଧ କରିବା ପାଇଁ ଉଦ୍ୟମ କରିଛି।

କମ୍ରେଡ ପି. ସୁନ୍ଦରାୟାଙ୍କ ପରେ କମ୍ରେଡ ଇ.ଏମ୍.ଏସ୍. ପାର୍ଟିର ଜେନେରାଲ ସେକ୍ରେଟାରୀ ହେଲେ। କିଛି ବର୍ଷ ପାଇଁ ସେ ଓଡ଼ିଶା ଦାୟିତ୍ୱରେ ଥିଲେ। ୧୯୮୧ ମସିହାରେ ହେଉଥାଏ ରାଜ୍ୟ ସମ୍ମିଳନୀ କଟକରେ। ଇ.ଏମ୍.ଏସ୍. ସେହି ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଓଡ଼ିଶା ପାର୍ଟିକୁ ସମାଲୋଚନା କରି କହିଥିଲେ। ସି.ପି.ଆଇ.(ଏମ)ର ରାଜ୍ୟ କମିଟିମାନଙ୍କ ମଧ୍ୟରୁ ଓଡ଼ିଶା ବୋଧ ହୁଏ ଏକମାତ୍ର ରାଜ୍ୟ- ଯେଉଁ ରାଜ୍ୟ ସମ୍ମିଳନୀରେ ଜଣେ ହେଲେ ମହିଳା ପ୍ରତିନିଧି ନାହାଁନ୍ତି। ଇ.ଏମ୍.ଏସ୍. ଏହି ମନ୍ତବ୍ୟ ଓଡ଼ିଶା ପାର୍ଟିର ରାଜ୍ୟ ନେତୃତ୍ୱକୁ ଏକ ଚେତାବନୀ ଥିଲା।

ଥରେ ଇ.ଏମ୍.ଏସ.ଙ୍କର ଗୋଟିଏ ଲେଖା ''ପିପୁଲ୍‌ସ ଡେମୋକ୍ରାସି''ରେ ପ୍ରକାଶ ପାଇଥିଲା ଓ ତା ସଂପର୍କରେ ତତ୍କାଳୀନ ପାର୍ଟିର ଜେନେରାଲ ସେକ୍ରେଟେରୀ ହରକିଶନ ସିଂହ ସୁରଜିତ ମଧ୍ୟ ଲେଖିଥିଲେ। କେଉଁ ଲେଖାଟି ସେ ସମୟରେ ପ୍ରଣିଧାନଯୋଗ୍ୟ- ଏହା ମୋତେ ସନ୍ଦେହରେ ପକାଇଲା। ମୁଁ ଖଣ୍ଡେ ଚିଠି ଲେଖିଲି ଇ.ଏମ.ଏସ.ଙ୍କ ପାଖକୁ। ସେଥିରେ ମୁଁ ଲେଖିଥିଲି ଆପଣଙ୍କ ଲେଖା ନା ସୁରଜିତଙ୍କ ଲେଖାଟାକୁ ଆମେ ଗ୍ରହଣ କରିବୁ। ଇ.ଏମ୍.ଏସ.ଙ୍କଠାରୁ ଉତ୍ତର- ସୁରଜିତଙ୍କ ଲେଖାକୁ ଗ୍ରହଣ କର।

ଜଣେ ବାସ୍ତବ ଗଣତନ୍ତ୍ରବାଦୀ :

କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ସବୁଠାରୁ ସମ୍ମାନନୀୟ ବ୍ୟକ୍ତି

Digitized by srujanika@gmail.com

ଥିଲେ ଇ.ଏମ.ଏସ.। ଗଣତାନ୍ତ୍ରିକ ପନ୍ଥାକୁ ସେ ସର୍ବଦା ସମ୍ମାନ ଦେଉଥିଲେ। ବହୁ ମତରେ ଗୃହୀତ ପ୍ରସ୍ତାବକୁ ସେ ମାନି ଚଳୁଥିଲେ।

ମୁଁ ଦେଖିଛି, କେନ୍ଦ୍ର କମିଟି ବୈଠକରେ କମ୍ରେଡ ଇ.ଏମ୍.ଏସ୍. ବୈଠକ ରୁମକୁ ଧୀରେ ଧୀରେ ପ୍ରବେଶ କଲା ମାତ୍ରେ ଉପସ୍ଥିତ ସମସ୍ତ କେନ୍ଦ୍ର କମିଟି ସଦସ୍ୟମାନେ ନିଜ ଆସନରୁ ଉଠି ପଡନ୍ତି।

ଅତି ନିକଟରୁ ତାଙ୍କୁ କେବଳ ଦେଖିନାହିଁ, ଅନେକ ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ତାଙ୍କର ମତାମତ ଲୋଡିଛି।

ଆଧୁନିକ କେରଳର୍ ନିର୍ମାତା ହେଉଛନ୍ତି ଇ.ଏମ୍.ଏସ୍.। କେରଳ ରାଜ୍ୟ ଗଠନ ପାଇଁ ହୋଇଥିବା ଆନ୍ଦୋଳନର ମୁଖ୍ୟ, କେରଳର ପ୍ରଥମ ମୁଖ୍ୟମନ୍ତ୍ରୀ- କେରଳରେ ସେ ଯେଉଁ ଗବେଷଣା କରିଥିଲେ, ଯେଉଁ ନୂଆ ନୂଆ ନୀତି ପ୍ରଣୟନ କରିଥିଲେ- ତାହା ଆଜି ବି ସମଗ୍ର ଦେଶ ପାଇଁ ଉଦାହରଣ ହୋଇଛି। ଭୂ-ସଂସ୍କାର, ପୋଲିସ ଆଇନ, ଶିକ୍ଷା ଆଇନ, ପଞ୍ଚାୟତ ବ୍ୟବସ୍ଥା ଓ କ୍ଷମତାର ବିକେନ୍ଦ୍ରୀକରଣ ଭଳି ନୂଆ ନୂଆ ଭାବନାର ଚିନ୍ତାନାୟକ ହେଉଛନ୍ତି ଇ.ଏମ୍.ଏସ.।

ଆଦି ଶଙ୍କରାଚାର୍ଯ୍ୟ ଯେପରି ଦେଶ ଭିତରେ ପ୍ରତିବିପ୍ଲବକୁ ବିଜୟୀ କରାଇଥିଲେ- ସେହି ମାଟିରୁ ଇ.ଏମ୍.ଏସ୍. ଅତ୍ୟନ୍ତ କଠୋର ରକ୍ଷଣଶୀଳ ହିନ୍ଦୁବ୍ରାହ୍ମଣ ସଂପ୍ରଦାୟ ମଧ୍ୟରେ ପ୍ରତିକ୍ରିୟାଶୀଳତାକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ପ୍ରଗତିର ରାସ୍ତା ଖୋଲିଥିଲେ ଓ ସମଗ୍ର କେରଳକୁ ପ୍ରତିବିପ୍ଲବୀଙ୍କ କବଳରୁ ମୁକ୍ତ କରି ଆଧୁନିକ ସାମ୍ୟବାଦର ମନ୍ତ୍ରରେ ଦୀକ୍ଷିତ କରାଇବାରେ ସଫଳ ହୋଇଥିଲେ।

ରକ୍ଷଣଶୀଳ, ପ୍ରତିକ୍ରିୟାବାଦୀମାନେ ଆଦି ଶଙ୍କରାଚାର୍ଯ୍ୟଙ୍କୁ ସେମାନଙ୍କ ମହାପୁରୁଷ ଭାବେ ଚିତ୍ରଣ କଲାବେଳେ, ଏସିଆର ବିଭିନ୍ନ ଦେଶରେ ଓ ବିଶ୍ୱର ଅନ୍ୟତ୍ର ଇ.ଏମ.ଏସ. ହିଁ ପ୍ରଗତିଶୀଳ ସମାଜବାଦର ପ୍ରଧାନ ନାୟକ ବୋଲି ସ୍ୱୀକୃତ। ଇ.ଏମ୍.ଏସ. ହେଉଛନ୍ତି ବିଶ୍ୱର ପ୍ରଥମ କମ୍ୟୁନିଷ୍ଟ , ଯିଏ କି ସାଧାରଣ ଲୋକ ମତରେ ନିର୍ବାଚିତ ହୋଇ; ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ଦୁନିଆକୁ ନୂଆ ରାସ୍ତା ଦେଖାଇଥିଲେ।

ଇ.ଏମ୍.ଏସ୍. ଜଣେ ଅତ୍ୟନ୍ତ ଅମାୟିକ, ସରଳ ମଣିଷ ଥିଲେ। ସବୁବେଳେ ହସ ହସ ମୁହଁ। ପାର୍ଟି ରାଜ୍ୟ ଅଫିସର ବେସିନ ଅପରିଷ୍କାର ଥିଲେ, ସେ କାହାକୁ ନ କହି ନିଜେ ପରିଷ୍କାର କରିବା ମୁଁ ନିଜେ ଦେଖିଛି।

ତାଙ୍କର ଗୁଣ, ତାଙ୍କର ବ୍ୟବହାର ସହିତ ତାଙ୍କର ଆଦର୍ଶ ଓ ରାଜନୀତି ତାଙ୍କୁ ମହାନ କରି ରଖିଛି। ତାଙ୍କର ଯଶ ଓ କୀର୍ତ୍ତି ଚିରଦିନ ଧରି ଲୋକଙ୍କ ମନରେ ପ୍ରଭାବ ପକାଇ ଚାଲିଥିବ।

❑❑❑

INTENSIFY THE STRUGGLE

AGAINST

PRIVATISATION AND DISINVESTMENT

TO

SAVE THE PUBLIC SECTOR

INSURANCE INDUSTRY

Orissa State General Insurance Employees' Association.

Digitized by srujanika@gmail.com

କମ୍ରେଡ ଇ.ଏମ୍.ଏସ୍. ଓ ଓଡ଼ିଶା

● ଶିବାଜୀ ପଟ୍ଟନାୟକ

ପ୍ରଥମ ସାଧାରଣ ନିର୍ବାଚନ ପରେ ୧୯୫୭ର ୨ୟ ସାଧାରଣ ନିର୍ବାଚନର ଫଳାଫଳ ମଧ୍ୟ କମ୍ୟୁନିଷ୍ଟ ପାର୍ଟିର ମର୍ଯ୍ୟାଦା ବୃଦ୍ଧି କରିଥିଲା। ପାର୍ଲାମେଣ୍ଟରେ ଶକ୍ତିବୃଦ୍ଧି ସହ ଅଧିକାଂଶ ରାଜ୍ୟ ବିଧାନସଭାରେ ପ୍ରତିଫଳିତ ହୋଇଥିଲା ଏଇ ବର୍ଦ୍ଧିତ ଶକ୍ତି। କେରଳରେ ହୋଇଥିବା ଗୁଣାତ୍ମକ ବିକାଶ ଏକ ଇତିହାସ ସୃଷ୍ଟି କରିଥିଲା। ୧୨୬ ସଭ୍ୟ ସଂଖ୍ୟା ବିଶିଷ୍ଟ ବିଧାନସଭାରେ କମ୍ୟୁନିଷ୍ଟ ପାର୍ଟିର ୬୦ ଜଣଙ୍କ ସହ ୫ ଜଣ ସମର୍ଥିତ ସ୍ୱାଧୀନ ସଦସ୍ୟଙ୍କୁ ନେଇ କମ୍ୟୁନିଷ୍ଟ ପାର୍ଟି ସଂଖ୍ୟା ଗରିଷ୍ଠତା ଅର୍ଜନ କରିଥାଏ। କମ୍ରେଡ ଇ.ଏମ୍.ଏସ. ନମ୍ବୁଦ୍ରିପଦ ମୁଖ୍ୟମନ୍ତ୍ରୀ ଥାଇ ମନ୍ତ୍ରୀମଣ୍ଡଳ ଗଠିତ ହେବାର ମାତ୍ର କେଇ ସପ୍ତାହ ମଧ୍ୟରେ ତାର ମହକ ଚହଟିବାକୁ ଲାଗିଲା।

ମନ୍ତ୍ରୀମାନଙ୍କ ଦରମା ୫୫୦ ଟଙ୍କାକୁ ହ୍ରାସ କରିବା ସହ ସକଳ ଆଡମ୍ବର ପୂର୍ଣ୍ଣ ଖର୍ଚ୍ଚ କାଟି ଗାନ୍ଧି-ଯୁଗର ସରଳ ଜୀବନଧାରାକୁ ତୋଳି ଧରିଲାବେଳେ ସାଧାରଣ ଲୋକଙ୍କ ସମସ୍ୟାବଳୀ ବିଷୟରେ ତତ୍ପର ହେବାର ପର୍ବ ଆରମ୍ଭ କରି ଏ ମନ୍ତ୍ରୀମଣ୍ଡଳ ଦେଶବିଦେଶରେ ସୃଷ୍ଟି କଲା ଏକ ନୂଆ ପରିଚୟ। ଭୂ-ସଂସ୍କାର ଓ ଜମିବଣ୍ଟନ, କୃଷି ଶ୍ରମିକ, ଗ୍ରାମ୍ୟ କାରିଗର, ମହିଳା, ଦଳିତ ଓ ଛାତ୍ରଙ୍କ କଲ୍ୟାଣ ପାଇଁ କାର୍ଯ୍ୟକ୍ରମ, ଜେଲ ଓ ପୋଲିସ ସଂସ୍କାର, ଗ୍ରାମ୍ୟ ଓ କୁଟୀର ଶିଳ୍ପଗୁଡିକର ବିକାଶ, ଶିକ୍ଷା ପ୍ରସାର ଓ କର୍ମସଂସ୍ଥାନ କାର୍ଯ୍ୟକ୍ରମ ସହ କ୍ଷମତାର ବିକେନ୍ଦ୍ରୀକରଣ ଆଦି ମାଧ୍ୟମରେ ସାରା ଦେଶକୁ ଦେଲା ଏକ ନୂଆ ସନ୍ଦେଶ। ସ୍ୱାଧୀନତା ଆନ୍ଦୋଳନ ବେଳର ପ୍ରତିଶ୍ରୁତି ସବୁ ରୂପ ଗ୍ରହଣ କରୁଥିବାର ଚିତ୍ର ଦେଖିଲେ ଦେଶବାସୀ। ଏହି ପ୍ରକାର ଏକ ରାଜ୍ୟ ମନ୍ତ୍ରୀମଣ୍ଡଳକୁ ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବେ ୧୯୫୯ରେ କେନ୍ଦ୍ର ସରକାର ସମ୍ବିଧାନର ୩୫୬ ଧାରା ପ୍ରୟୋଗ କରି କ୍ଷମତାରୁ ହଟାଇ ଦେଇଥିବା ଯୋଗୁ ବ୍ୟାପକ ଜନସାଧାରଣ ବିକ୍ଷୁବ୍ଧ ହୋଇ ଉଠିଥାଆନ୍ତି। ସାନି ନିର୍ବାଚନ ସେଠାରେ ହେବାକୁ ଯାଉଥାଏ। କମ୍ରେଡ ଇ.ଏମ.ଏସ. ଦେଶସାରା ଗସ୍ତ କରି ଲୋକଙ୍କୁ ସବୁକଥା ଜଣାଉ ଥାଆନ୍ତି। ଏଇ ପରିପ୍ରେକ୍ଷୀରେ ଥିଲା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ।

ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବଡ଼ ବଡ଼ ସଭା ସହ ଅସଂଖ୍ୟା ରାସ୍ତାକଡର ସମ୍ବର୍ଦ୍ଧନାରେ ଯୋଗ ଦେଇ ସେ ଜାତୀୟ ପରିସ୍ଥିତିର ପ୍ରେକ୍ଷାପଟରେ କେରଳ ଘଟଣାବଳୀର ତାତ୍ପର୍ଯ୍ୟ କଂଗ୍ରେସର ଅଗଣତାନ୍ତ୍ରିକ ଆଚରଣ ଓ ସ୍ୱାଧୀନତା ଆନ୍ଦୋଳନ ବେଳର ଘୋଷଣାବଳୀ ପ୍ରତି ବିଶ୍ୱାସଘାତକତାକୁ ତୋଳି ଧରି କେରଳରୁ ଆରମ୍ଭ ହୋଇଥିବା ସଂସ୍କାରବଳୀ ପ୍ରତି ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କର ତଥ୍ୟ ପୂର୍ଣ୍ଣ ଅକାଟ୍ୟ ଯୁକ୍ତି ଭିତ୍ତିକ ବକ୍ତୃତାର ଶୈଳୀ ବୁଦ୍ଧିଜୀବୀମାନଙ୍କୁ ମୁଗ୍ଧ କରିଥିଲା ଏବଂ ସାଧାରଣ ଲୋକଙ୍କୁ ନୂଆ ଦିଗ୍‌ଦର୍ଶନ ଦେଇଥିଲା। ଦେଶର ଗଣତନ୍ତ୍ର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ କଂଗ୍ରେସ ପଛରେ ଥିବା

Digitized by srujanika@gmail.com

ଲୋକମାନଙ୍କ ପ୍ରତି ଥିଲା ତାଙ୍କର ବିଶେଷ ନିବେଦନ । ତାଙ୍କ ସଭା ଗୁଡିକରେ ଜନସମାଗମ ଏବଂ କେତେକ ସ୍ଥାନରେ ଅସମୟରେ ଓ ବର୍ଷା ସତ୍ୱେ ଲୋକଙ୍କ ଭିଡ ଗୋଟାଏ ନୂଆ ପଥ ସଂପର୍କରେ ସେମାନଙ୍କ ଆଗ୍ରହକୁ ପ୍ରକାଶ କରିଥିଲା । ଏସବୁ ଆଗ୍ରହକୁ ସେ ଦେଇ ଗଲେ ଗୋଟାଏ ନୂଆ ମୋଡ । ତାଙ୍କ ଭାଷଣ ସାଂଗକୁ ବେଶ ପୋଷାକ ଓ ସରଳ ଜୀବନ ଧାରା ମଧ୍ୟ ରେଖାପାତ କରିଥିଲା । ଲୋକଙ୍କ ଚିନ୍ତା ପାଇଁ ଯୋଗାଇ ଥିଲା ବହୁ ଖୋରାକ ।

ତାଙ୍କର ୨ୟ ଓଡ଼ିଶା ଗସ୍ତ ଥିଲା ୧୯୬୧ରେ । ରାଜ୍ୟ ବିଧାନସଭା ପାଇଁ ହେଉଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ବେଳେ ସେ ହିଁ ହେଲେ କମ୍ୟୁନିଷ୍ଟ ପାର୍ଟିର ପ୍ରଧାନ ପ୍ରଚାରକ । ସେ ଥର ନିର୍ବାଚନ ପ୍ରଚାରରେ ଜ୍ୟୋତି ବସୁ, ଭୂପେଶ ଗୁପ୍ତ, ସୋମନାଥ ଲାହିଡି ଓ ବିଶ୍ୱନାଥ ମୁଖାର୍ଜୀ ପ୍ରମୁଖ ଆସିଥିଲେ ହେଁ କେହି କମ୍ରେଡ ଇ.ଏମ୍.ଏସ୍.ଙ୍କ ପରି ଏତେ ଦିନ ରହି ପାର୍ଟି ଲଢୁଥିବା ପ୍ରାୟ ସମସ୍ତ ନିର୍ବାଚନ ମଣ୍ଡଳୀକୁ ଯାଇ ନଥିଲେ । ୧୯୬୦ରେ ହୋଇଥିବା କେରଳର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ କମ୍ୟୁନିଷ୍ଟ ପାର୍ଟି ବିରୋଧରେ ସାଂପ୍ରଦାୟିକ ଓ ଜାତିଆଣ ସଂଗଠନଙ୍କଠାରୁ ପି.ଏସ୍.ପି. ଓ ମୁସଲିମ ଲିଗ୍ ପର୍ଯ୍ୟନ୍ତ ସମସ୍ତଙ୍କୁ ଏକାଠି କରି କଂଗ୍ରେସ ପରିଚାଳିତ ମହାମେଣ୍ଟ ଜୟଲାଭ କରିଥାଏ । ଇ.ଏମ୍.ଏସ୍. ଥାଆନ୍ତି ବିରୋଧୀ ଦଳର ନେତା । ମାତ୍ର ସାରା ଦେଶରେ ତାଙ୍କ ମର୍ଯ୍ୟାଦା ଥାଏ ଜଣେ ରାଜନୈତିକ ନେତାଠାରୁ ନିଆରା ଏକ ସ୍ୱତନ୍ତ୍ର ସ୍ତରରେ । ଏଠାରେ ନିର୍ବାଚନ ପ୍ରଚାର ବେଳେ ମଧ୍ୟ ତାଙ୍କ ଚାଲିଚଳନ ବ୍ୟବହାର, ପ୍ରତିପକ୍ଷଙ୍କ ପ୍ରଶ୍ନର ଉତ୍ତର, ଜାତୀୟ ପ୍ରଶ୍ନ ଗୁଡିକର ଅବତାରଣା, ଲୋକଙ୍କ ଜ୍ୱଳନ୍ତ ସମସ୍ୟାବଳୀ ସହିତ ନୀତି ପରିବର୍ତ୍ତନ ଲାଗି ଲଢେଇର ସଂପର୍କ ଏବଂ ଚୀନ୍ ବିରୋଧୀ ପ୍ରଚାରର ମତଲବ ଉପରେ ବ୍ୟାଖ୍ୟା ଓ ନିର୍ବାଚନ ଇସ୍ତାହାରର ବିରାମହୀନ ବୟାନ ତାଙ୍କ ବ୍ୟକ୍ତିତ୍ୱ ଅନ୍ୟ ବହୁ ଦିଗକୁ ପ୍ରକଟିତ କରିଥିଲା । ଦିନ ତମାମ ତାଙ୍କ ପାଖେ ରହି ସମସ୍ତ ଭାଷଣ ଓ ନାନାଦି ଉକ୍ତିକୁ ଅନୁବାଦ କରୁଥିବା ଗିରିଜା ପଟ୍ଟନାୟକ ସିନା କ୍ଳାନ୍ତ ହୋଇ ଯାଆନ୍ତି ମାତ୍ର ଇ.ଏମ୍.ଏସ୍.ଙ୍କ ଠାରେ କ୍ଳାନ୍ତିର ଲକ୍ଷଣ ଦେଖାଯାଏନା । ତାଙ୍କ ସଭା ଗୁଡିକରେ ବେଶ ଜନସମାଗମ ସତ୍ୱେ ନିର୍ବାଚନ ଫଳାଫଳ ବିଷୟରେ ସନ୍ଦିଗ୍ଧ ଥାଆନ୍ତି । ମାତ୍ର ଅବିରାମ ଭାବେ ଉପସ୍ଥାପିତ କରି ଯାଉଥାଆନ୍ତି । ପ୍ରତିକ୍ରିୟାଶୀଳ ଗଣତନ୍ତ୍ର ପରିଷଦର ପରାଜୟକୁ ସୁନିଶ୍ଚିତ କରିବା ସଂଗେ ସଂଗେ କମ୍ୟୁନିଷ୍ଟ ପାର୍ଟିର ଶକ୍ତି ବୃଦ୍ଧି ଲାଗି ତାହାହିଁ କେବଳ ଅଗ୍ରଗତିର ପଥ ସୁଗମ କରିବ । ଯେତେ ପ୍ରଗତିଶୀଳ କଥାବାର୍ତ୍ତା କଲେ ମଧ୍ୟ ବୁର୍ଜୁଆ ଶାସକ ଦଳମାନେ କେବେ ହିଁ ନିର୍ଭରଯୋଗ୍ୟ ନୁହନ୍ତି । ତାଙ୍କ ସତର୍କବାଣୀ ଗୁଡିକ ପରବର୍ତ୍ତୀ ସମୟରେ ସତ୍ୟ ପ୍ରମାଣିତ ହେଲା ।

କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସ୍ତରରେ ସଂଶୋଧନବାଦୀମାନଙ୍କ ପ୍ରାଧାନ୍ୟ ସୃଷ୍ଟି ହେବା ସହ ଚୀନ-ଭାରତ ସୀମାସଂଘର୍ଷ ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଥିଲା । ସଂଶୋଧନବାଦ ବିରୋଧରେ ସଂଗ୍ରାମ ୧୯୬୪ରେ କଲିକତାରେ ଅନୁଷ୍ଠିତ ପାର୍ଟିର ସପ୍ତମ କଂଗ୍ରେସରେ ସି.ପି.ଆଇ.(ଏମ) ଗଠନ ପରେ ପ୍ରଥମ ବିଜୟ ହାସଲ କଲା । ମାତ୍ର ତାପରେ ସରକାରୀ ଆକ୍ରମଣ ସାଂଗକୁ ଦେଶ ଭିତରେ କୁତ୍ସାରଟନା ଏବଂ ବାହାରୁ ଉଭୟ ଋଷ ଓ ଚୀନ କମ୍ୟୁନିଷ୍ଟ ପାର୍ଟିଙ୍କ ମତାଦର୍ଶଗତ ଓ ରାଜନୈତିକ ଆକ୍ରମଣର ସମ୍ମୁଖୀନ ହୋଇ ଏକ କଷ୍ଟକର ସଂଗ୍ରାମ ମଧ୍ୟ ଦେଇ ସି.ପି.ଆଇ.(ଏମ)କୁ ଆଗେଇବାକୁ ପଡିଥିଲା । କମ୍ରେଡ ଇ.ଏମ୍.ଏସ୍. ପୁଣି ମୁଖ୍ୟମନ୍ତ୍ରୀ ହୋଇ ତାଙ୍କ କାର୍ଯ୍ୟାବଳୀରେ ନୂଆ ଇତିହାସ ସୃଷ୍ଟି କରିବା ପରେ ବାମପନ୍ଥୀ ଶିବିରର ବିଭେଦ ଯୋଗୁ ସେ ପଦବୀରୁ ଅପସାରିତ ହୋଇଥିଲେ । ସି.ପି.ଆଇ.ର କଂଗ୍ରେସ ପଛରେ ଅନୁଧାବନ ସାଂଗକୁ ନକ୍ସଲପନ୍ଥୀମାନଙ୍କ ଆକ୍ରମଣ ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ଓ କେରଳରେ ଆରମ୍ଭ ହୋଇଯାଇଥାଏ ଅର୍ଦ୍ଧ-ଫାସିଷ୍ଟ ସନ୍ତ୍ରାସ । ଏହି ସମୟରେ ୧୯୭୪ରେ ଓଡ଼ିଶା ବିଧାନସଭା ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ । କମ୍ରେଡ ଇ.ଏମ୍.ଏସ୍. ଏହି ନିର୍ବାଚନ ପ୍ରଚାର ପାଇଁ ଆସିଥିଲେ ୪ ଦିନ କାଳ । ସୋସାଲିଷ୍ଟ ପାର୍ଟି ସହ ମିତ୍ରତା ସ୍ଥାପନ କରି ଆମେ ପ୍ରତିଦ୍ୱନ୍ଦ୍ୱିତା କରୁଥାଉ । ସେ ନିର୍ବାଚନର ସି.ପି.ଆଇ.(ଏମ)ର ୩ ଜଣ ବିଧାୟକ ହୋଇଥିଲେ । ସେ ଆସି ସି.ପି.ଆଇ.(ଏମ) ଓ ସୋସାଲିଷ୍ଟ ପାର୍ଟିର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିବା ସହିତ କଲେଜ ଛାତ୍ର ୟୁନିୟନର କେତେକ ସଭାରେ ଭାଷଣ ଦେଇ କଂଗ୍ରେସ ଦଳ ଗତି କରୁଥିବା ଏକ ଦଳୀୟ ସ୍ୱୈରତନ୍ତ୍ରର ବିପଦ ବିଷୟରେ ସତର୍କବାଣୀ ଶୁଣାଇ ଯାଇଥିଲେ ।

୧୯୭୭ର ନିର୍ବାଚନରେ ଏକଛତ୍ରବାଦୀ କଂଗ୍ରେସର ପରାଜୟ ପରେ ଜରୁରୀ ଶାସନ ହଟିଲା ଓ ଜନତା ଦଳ କ୍ଷମତାସୀନ ହେଲା । ମାତ୍ର ତା ସହ ସୃଷ୍ଟି ହେଲା ସାଂପ୍ରଦାୟିକତାବାଦୀମାନଙ୍କ ଶକ୍ତି ବୃଦ୍ଧିର ବିପଦ । ଏପରି ଏକ ସମୟରେ କମ୍ରେଡ ଇ.ଏମ.ଏସ. ଥାଆନ୍ତି ପାର୍ଟିର ସାଧାରଣ ସଂପାଦକ । ସେ ଦୃଷ୍ଟିରୁ ଦେଶର ବିଭିନ୍ନ ରାଜ୍ୟରେ ପାର୍ଟିର ବିକାଶ ସହିତ ଓଡ଼ିଶାରେ କିପରି ଏ ବିକାଶ ଘଟିବ ସେଥିପାଇଁ ଆଗ୍ରହୀ ହେଲେ । ପାକ୍ଷିକ 'ସାମ୍ୟବାଦୀ'କୁ ସାପ୍ତାହିକ ରୂପ ଦେବା ପାଇଁ ଉତ୍ସାହିତ କରିବା ସହିତ ୧୯୭୮ରେ ଆସି ଭୁବନେଶ୍ୱରରେ ଏକ ବିଶାଳ ଜନସମାବେଶରେ ଭାଷଣ ଦେଇ ଏକଛତ୍ରବାଦ ବିରୋଧୀ ମଞ୍ଚକୁ ଆହୁରି ବ୍ୟାପକ କରିବା ସଂଗେ ସଂଗେ ସିପିଆଇ(ଏମ)ର ଶକ୍ତି ବୃଦ୍ଧି ଓ ବାମପନ୍ଥୀ ଏକତାର ଆହ୍ୱାନ ଦେଇଥିଲେ । ପରେ ଯେତେବେଳେ ସାଂପ୍ରଦାୟିକ ଶକ୍ତିଙ୍କ ଚକ୍ରାନ୍ତ ଯୋଗୁ ଜନତା ଦଳରେ ତୀବ୍ର ଅନ୍ତର୍ଦ୍ୱନ୍ଦ୍ୱ ଚଢି ୧୯୭୯ ଜୁଲାଇରେ ସଂକଟ ଘନୀଭୂତ ହେଲା ଏବଂ କେନ୍ଦ୍ରରେ ସାଂପ୍ରଦାୟିକ ଶକ୍ତିଙ୍କ ବୃଦ୍ଧି ପାଉଥିବା ପ୍ରାଧାନ୍ୟ ଦୂର କରିବାର କୌଶଳ ପାର୍ଟି ଅବଲମ୍ବନ କଲା ସେତେବେଳେ ପାର୍ଟି ଭିତରେ ସୃଷ୍ଟି ହୋଇଥିବା ବିଭ୍ରାନ୍ତିକୁ ଦୂର କରିବାକୁ ଛୁଟି ଆସିଥିଲେ କମ୍ରେଡ ଇ.ଏମ୍.ଏସ୍. । ରାଜ୍ୟ କମିଟି

Digitized by srujanika@gmail.com

ବୈଠକ ଓ ପାର୍ଟି ସଭ୍ୟମାନଙ୍କ ଜେନେରାଲବଡିରେ ସେ ସବୁ ବିଭ୍ରାନ୍ତି ଦୂର କରିବା ସଂଗେ ସଂଗେ ସାଲକିଆ ପ୍ଲେନମର ପ୍ରସ୍ତାବ ଅନୁଯାୟୀ ପାର୍ଟିରେ ଗଣତାନ୍ତ୍ରିକ କେନ୍ଦ୍ରିକତା, ସାମୂହିକ କାର୍ଯ୍ୟଧାରା ଆଦି ସୁଦୃଢ କରି ପରିସ୍ଥିତିର ଆହ୍ୱାନ ଗୁଡିକର ମୁକାବିଲା କରିବାକୁ ଡାକରା ଦେଇଗଲେ।

ତା ପରଠାରୁ ସେ ବିଶେଷ ଆଗ୍ରହୀ ହେଲେ ଓଡ଼ିଶାରେ ପାର୍ଟିର ସଂଗଠନକୁ ସଜାଡି ତାର ପ୍ରସାର ଘଟାଇବାରେ। ଓଡ଼ିଶାରେ ସିପିଆଇ(ଏମ) ସଂଗଠନର ଅନ୍ୟାନ୍ୟ ବହୁ ସବଳ ଓ ଦୁର୍ବଳ ଦିଗଗୁଡିକୁ ସେ ଦର୍ଶାଇଥିଲେ। ଓଡ଼ିଶାରେ ବହୁ ବୟସ୍କ ତଥା ପ୍ରବୀଣ ସାଥୀ ଥିବା ସହ ବହୁ ନବୀନ ଯୁବ ସାଥୀ ମଧ୍ୟ ରହିଥିବା ପାର୍ଟି ପାଇଁ ବଡ଼ ସମ୍ବଳ। ଏ ସମ୍ବଳକୁ ଯଥାର୍ଥ ଭାବେ କାମରେ ଲଗାଇବାକୁ ପଡିବ। କୌଣସି ମହିଳା ପାର୍ଟିର ରାଜ୍ୟ ସମ୍ମିଳନୀରେ ପ୍ରତିନିଧି ନଥିବା ଓ ମହିଳା ଫ୍ରଣ୍ଟର କାମ ପ୍ରତି ଅବହେଳା ବିଷୟକୁ ମଧ୍ୟ ସେ କଟୁ ସମାଲୋଚନା କରିଥିଲେ। ଅବଶ୍ୟ ତାର ପରବର୍ତ୍ତୀ ରାଜ୍ୟ ସମ୍ମିଳନୀ ବେଳକୁ ମହିଳା ଫ୍ରଣ୍ଟରେ କାମର ଉନ୍ନତି ଓ ମହିଳା ପ୍ରତିନିଧିଙ୍କର ରାଜ୍ୟ ସମ୍ମିଳନୀରେ ଉପସ୍ଥିତ ଦେଖି ଏଥିପାଇଁ ତାଙ୍କର ସନ୍ତୋଷକୁ ସେ କେନ୍ଦ୍ରୀୟ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରିଥିଲେ।

ବ୍ରହ୍ମପୁର ଓ ପୁରୀଠାରେ ହୋଇଥିବା ଦୁଇଟି ରାଜ୍ୟ ସ୍ତରୀୟ ଶିକ୍ଷା ଶିବିରରେ ଯଥାକ୍ରମେ କମ୍ରେଡ ପି.ରାମମୂର୍ତ୍ତି ଓ କମ୍ରେଡ ବାସବ ପୁନ୍ନାୟାଙ୍କ ସହ ସେ ନିଜେ ଦିନ ପରେ ଦିନ ରହି ଅତ୍ୟନ୍ତ ଧୈର୍ଯ୍ୟର ସହିତ ସମସ୍ତଙ୍କୁ ତାତ୍ତ୍ୱିକ ଓ ସାଂଗଠନିକ ଭାବେ ଉଦ୍‌ବୁଦ୍ଧ କରିବା ଲାଗି ମନୋନିବେଶ କରିଥିଲେ। ପାର୍ଟି ଓ ଗଣସଂଗଠନଗୁଡିକର କାର୍ଯ୍ୟରେ ଉନ୍ନତି ଆଣି ଓଡ଼ିଶାର ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଅଗ୍ରଗତିର ପଥ ସ୍ୱଚ୍ଛଭାବେ ସାଥୀମାନଙ୍କ ଆଗରେ ରହିଲେ ଛୋଟ ଛୋଟ ନୀତିହୀନ ଦ୍ୱନ୍ଦ୍ୱରୁ ସେମାନେ ନିବୃତ୍ତ ରହିବେ ବୋଲି ବିଚାର କରି ଏହି ପୁରୋଦୃଷ୍ଟିର ନକ୍ସା କରିବାରେ ତାଙ୍କ ତତ୍ତ୍ୱାବଧାନରେ ସେ ଆମ ମାନଙ୍କୁ ଲଗାଇଥିଲେ। ଦୀର୍ଘ କସରତ ପରେ ତାହା ପୁରୀ ଶିକ୍ଷା ଶିବିରରେ ଉପସ୍ଥାପିତ ହୋଇ ଆଦୃତ ମଧ୍ୟ ହୋଇଥିଲା। ପାର୍ଟିର ସଭ୍ୟ, ସମର୍ଥକ, ଦରଦୀବନ୍ଧୁ ଓ ଏପରିକି ଆଗ୍ରହୀ ବ୍ୟକ୍ତିମାନଙ୍କୁ ମତାଦର୍ଶଗତ ଭାବେ ଉଦ୍‌ବୁଦ୍ଧ କରିବାକୁ ମାର୍କ୍ସ ଜନ୍ମଶତବାର୍ଷିକୀ ବେଳେ ସେ ଓ କମ୍ରେଡ ବି.ଟି. ରଣଦିବେ ଏକ ସପ୍ତାହ କାଳ ରହି ରାଜ୍ୟ ସାରା ବିଭିନ୍ନ ସଭା-ସେମିନାର ଆଦିରେ ଯୋଗ ଦେଇଥିଲେ।

କମ୍ରେଡ ଇ.ଏମ୍.ଏସ୍.ଙ୍କର ଏସବୁ ଉଦ୍ୟମ କେତେ ଦୂର ଫଳବତୀ ହୋଇଛି, ଓଡ଼ିଶାର ପାର୍ଟି ସାଥୀମାନେ ତାଙ୍କ ପରାମର୍ଶକୁ କେତେ ଦୂର ଗ୍ରହଣ କରିଛନ୍ତି ତାର ପରିଚୟ ମିଳିବ ପାର୍ଟିର ସ୍ଥିତିରୁ।

ପେଟି ବୁର୍ଜୁଆ ମାନସିକତାରୁ ମୁକ୍ତ ହୋଇ ସର୍ବହରା ଶ୍ରେଣୀ ବିପ୍ଳବୀ ପାର୍ଟିରେ ପରିଣତ କରିବାକୁ ସି.ପି.ଆଇ.(ଏମ୍) କିପରି ସଂଗ୍ରାମ କରୁଛି ଭବିଷ୍ୟତ ଦେବ ସେ ସବୁର ଉତ୍ତର। □

With Best Compliments From :

Green Ray Marketing Services (P) Ltd.

Regd. No. : 15-07923
Corporate Office : 106, B-Wing, Avishkar Building
1st Floor, Opp. Grant Road Station (W), Mumbai - 400 007
Regd. Off.: Patharpura, Jaleswar, Balasore- 756032
Ph: (06781) 222970
Mob : 09238105136

Digitized by srujanika@gmail.com

କମ୍ୟୁନିଷ୍ଟ ମହାନାୟକ ଇ.ଏମ୍.ଏସ୍.ଙ୍କୁ ଲାଲ୍ ସଲାମ

● ଅବନୀ କୁମାର ବରାଳ

କମ୍ରେଡ ଇ.ଏମ୍.ଏସ୍. ନମ୍ବୁଦ୍ରିପଦ, (ପାର୍ଟି ଭିତରେ ଯାହାଙ୍କୁ କେବଳ ଇ.ଏମ୍.ଏସ. କୁହାଯାଉଥିଲା) କେବଳ ଭାରତ ବର୍ଷର କମ୍ୟୁନିଷ୍ଟ ଓ ବାମପନ୍ଥୀ ଆନ୍ଦୋଳନରେ ନୁହେଁ, ପୃଥିବୀର କମ୍ୟୁନିଷ୍ଟ ଆନ୍ଦୋଳନର ଜଣେ, କିମ୍ବଦନ୍ତୀ ପୁରୁଷ-ପ୍ରବାଦ ପୁରୁଷ ! ପ୍ରବାଦ ବା କିମ୍ବଦନ୍ତୀ ଏଇଥି ପାଇଁ, ଯେ ୧୯୫୭ ପୂର୍ବରୁ ଇ.ଏମ୍.ଏସ. କେରଳରେ ନିର୍ବାଚିତ ସଂଖ୍ୟାଗରିଷ୍ଠତା ଭିତ୍ତିରେ କମ୍ୟୁନିଷ୍ଟ ମନ୍ତ୍ରୀମଣ୍ଡଳ ଗଠନ କରିବା ପୂର୍ବରୁ, ଭୋଟରେ, ବୁର୍ଜୁଆ ନିର୍ବାଚନ ପଦ୍ଧତିରେ, ପାର୍ଲାମେଣ୍ଟାରୀ ଗଣତନ୍ତ୍ରରେ କମ୍ୟୁନିଷ୍ଟମାନେ କୌଣସି ଦେଶରେ (ରାଜ୍ୟରେ) ସଂଖ୍ୟାଗରିଷ୍ଠ ହୋଇ, ମନ୍ତ୍ରୀମଣ୍ଡଳ ଗଢିବେ ଓ ଶାସନଗାଦୀ ଦଖଲ କରିବେ ଏପରି ବିଶ୍ୱାସ ବିଶ୍ୱବ୍ୟାପୀ, ବାମପନ୍ଥୀ/କମ୍ୟୁନିଷ୍ଟ/ମାର୍କ୍ସବାଦୀ ପଣ୍ଡିତମାନଙ୍କର ନଥିଲା ।

ସେ ସମସାମୟିକ ସମୟରେ, ଦେଶବ୍ୟାପୀ ଯେ କି ଆଲୋଡନ ସୃଷ୍ଟି ହେଲା, ଖବରକାଗଜମାନେ କିପରି ଅସଂଖ୍ୟ ପକ୍ଷ ଓ ବିପକ୍ଷ ଉଭୟରେ ଲେଖାମାନ ଲେଖି ଚାଲିଲେ, ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ, ଏପରିକି ରାଜ୍ୟରେ ଇଣ୍ଟେଲିଜେନ୍ସ ଦପ୍ତର, ଯେଉଁମାନଙ୍କର ସେତେବେଳ ପର୍ଯ୍ୟନ୍ତ ମୁଖ୍ୟଦାୟିତ୍ୱ ଥିଲା, ଚୋର-ଡକାୟତ-ଧର୍ଷଣକାରୀଙ୍କ ଅପେକ୍ଷା କମ୍ୟୁନିଷ୍ଟମାନଙ୍କର କାର୍ଯ୍ୟକଳାପ, ଗତିବିଧି ଉପରେ ନଜର ରଖିବା, ବସ୍ତୁତଃ ଛାଇ ପରି ଜଗି ରହିବା, ସେମାନେ ତୁରନ୍ତ ତାଙ୍କ ଦପ୍ତରରୁ କେରଳର କମ୍ୟୁନିଷ୍ଟ ନେତା ତଥା ସର୍ବଭାରତୀୟ କମ୍ୟୁନିଷ୍ଟ ନେତାମାନଙ୍କ ବିରୋଧରେ, ଯେତେଯେତେ ତଥ୍ୟ, ତତ୍ତ୍ୱ ସାଇତି ରଖିଥିଲେ ସେ ସବୁକୁ ଚଟାପଟ ସ୍ଥାନାନ୍ତରିତ କରିବା- କିମ୍ବା ଯଥାସମ୍ଭବ ନଷ୍ଟ କରିଦେବା କାର୍ଯ୍ୟ ଇତ୍ୟାଦି ଖବରକାଗଜରେ ପ୍ରକାଶ ପାଇବାକୁ ଲାଗିଲା । ପୃଥିବୀର ନାନା ଦେଶରୁ, ବିଶେଷ କରି କମ୍ୟୁନିଷ୍ଟମାନଙ୍କ ବିରୋଧୀ ଆମେରିକାରୁ ଏବଂ କମ୍ୟୁନିଷ୍ଟ ଦେଶ ସୋଭିଏତ ୟୁନିୟନ ତଥା ସେ ଦେଶମାନଙ୍କର ସାଂଗ ସରିସା ମାନଙ୍କର ସାମ୍ବାଦିକ, ଅନୁସନ୍ଧାନକାରୀ, ଗବେଷକ, ପର୍ଯ୍ୟବେକ୍ଷକମାନଙ୍କରେ ଛୋଟିଆ ନବଗଠିତ କେରଳ ପ୍ରଦେଶ ଛାଇଗଲା ।

୧୯୫୭ର କିଛି କାଳ ପୂର୍ବରୁ, ମାନ୍ଦ୍ରାଜ ପ୍ରଦେଶରୁ କଟିଯାଇ, କେରଳ ପ୍ରଦେଶଟି ଗଠନ କରାଯାଇଥାଏ । ସ୍ୱାଧୀନତା ପୂର୍ବରୁ ମାଡ୍ରାସର ବିଧାନସଭା କାଉନ୍‌ସିଲକୁ ୧୯୩୯ ମସିହାରେ କମ୍ରେଡ ଇ.ଏମ୍.ଏସ୍. ନିର୍ବାଚିତ ହୋଇଥିଲେ ।

ଅବିଭାଜିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶୀର୍ଷତମ ନେତୃବୃନ୍ଦଙ୍କ ମଧ୍ୟରୁ କମ୍ରେଡ ଇ.ଏମ୍.ଏସ. ଅନ୍ୟତମ ଥିଲେ ଏବଂ ଆମମାନଙ୍କ ପରି ଯୁବ କମ୍ୟୁନିଷ୍ଟ (ମୁଁ ୧୯୫୨ ମସିହାରେ ଅବିଭକ୍ତ ପାର୍ଟିର ସଦସ୍ୟ ପଦ ଗ୍ରହଣ କରିଥିଲି ଏବଂ ସେତେବେଳର ପାର୍ଟି ସମ୍ବିଧାନ ଅନୁସାରେ ବର୍ଷେ ପ୍ରାର୍ଥୀ ସଭ୍ୟ ରହିଥିଲି)ଙ୍କ ପାଇଁ ପାର୍ଟିର ସର୍ବୋଚ୍ଚ ପଦାଧିକାରୀ କମ୍ରେଡମାନଙ୍କ ମଧ୍ୟରୁ ଅନ୍ୟତମ ଶ୍ରେଷ୍ଠ ତତ୍ତ୍ୱବିତ୍, ସଂଗଠକ ଏବଂ ସିପିଆଇର କେନ୍ଦ୍ର କମିଟିର (ସେତେବେଳେ ପଲିଟ୍ ବ୍ୟୁରୋ କୁହାଯାଉଥିଲା) ସଭ୍ୟଙ୍କ ସହିତ ଭେଟ ହେବା ବା କଥାବାର୍ତ୍ତା କରିବା ଅତ୍ୟନ୍ତ ଗୌରବର ବିଷୟ ଥିଲା ।

Digitized by srujanika@gmail.com

୧୯୫୫ ମସିହାରେ ଇ.ଏମ୍.ଏସ୍., କେନ୍ଦ୍ର କମିଟିର ନିଷ୍ପତ୍ତି ଅନୁସାରେ ପଶ୍ଚିମବଂଗ ଓ ଓଡ଼ିଶା ଆସି, ପାର୍ଟି ଫଣ୍ଡ ସଂଗ୍ରହ କରିବା, ବିଭିନ୍ନ ସ୍ଥାନରେ ଭାଷଣ ଦେବା ଆଦି କରି କରି, ରାସ୍ତାରେ ରାସ୍ତାରେ ବ୍ରହ୍ମପୁର ପର୍ଯ୍ୟନ୍ତ ଯାଇ, ସେଠାରୁ ରେଳଯୋଗେ ଆନ୍ଧ୍ରପ୍ରଦେଶରେ ପ୍ରବେଶ କରିବାର ଥିଲା । ୧୯୫୫ ବେଳେ ଭଲ ଗାଡି ଖଣ୍ଡେ ଯୋଗାଡ କରିବା ମଧ୍ୟ କଷ୍ଟ ସାଧ୍ୟ ଥିଲା । ମୋର ଏବଂ କମ୍ରେଡ ଗରିଜା ଭୂଷଣ ପଟ୍ଟନାୟକ ଯୁବକମାନଙ୍କ ଉପରେ ତାଙ୍କ ସହିତ ବା ତାଙ୍କ ଆଗରେ ଆଗରେ ଯିବାର ନିର୍ଦ୍ଦେଶ ଥିଲା । ସେହି ଦୁଇ ଦିନ ବା ଅଢେଇ ଦିନ ତାଙ୍କ ପରି ମହାନ ଜନନାୟକ, କିମ୍ବଦନ୍ତୀ ପୁରୁଷଙ୍କର ସାହଚର୍ଯ୍ୟ ଲାଭ କରିବାର ସୌଭାଗ୍ୟ ପାଇଥିଲି ଏବଂ ସେତେବେଳେ ଦେଖିଥିଲି ତାଙ୍କର ଅକଟ ସାରଲ୍ୟ । ସକାଳୁ ଇଡଲି ବା ଦୋଷା ଏବଂ ମଧ୍ୟାହ୍ନରେ ଦକ୍ଷିଣ ଭାରତୀୟ ଖାଦ୍ୟ ଖାଆନ୍ତି ସେ ଏବଂ ରାତ୍ରିରେ ଅସଂଖ୍ୟ ପ୍ରଶ୍ନ ପଚାରନ୍ତି । ଟିକେ ଟିକେ ପାଟି ଲାଗେ କମ୍ରେଡ ନମ୍ବୁଦ୍ରିପଦଙ୍କର ମାତ୍ର ଭାଷଣ ଦେବାରେ ତାହା କୌଣସି ବାଧା ସୃଷ୍ଟି କରେନା- ବିଶେଷ କରି ତାଙ୍କର ପ୍ରଚଣ୍ଡ ବ୍ୟକ୍ତିତ୍ୱ ଏଥିରେ ସହାୟତା କରେ ।

ଖାତାପତ୍ରରୁ ଦେଖୁଛି ସିପିଆଇର ପାର୍ଟି ସଂପାଦକମାନଙ୍କର ତାଲିକାରେ, କମ୍ରେଡ ଇ.ଏମ.ଏସ. ନବମ ସଂପାଦକ । କମ୍ରେଡ ଅଜୟ ଘୋଷ ୧୯୫୭ରେ ଅଷ୍ଟମ ସଂପାଦକ ଭାବରେ ଅଧିଷ୍ଠିତ ହୋଇଥିଲେ ଏବଂ ତାଙ୍କ ବିୟୋଗ ପରେ ପରେ ପାର୍ଟି କମ୍ରେଡ ଇ.ଏମ.ଏସ.ଙ୍କୁ ୧୯୬୨ ସାଲରୁ ହିଁ ଜେନେରାଲ ସେକ୍ରେଟାରୀ ପଦରେ ଅଧିଷ୍ଠିତ କରନ୍ତି । ତା' ପୂର୍ବରୁ ଦୀର୍ଘ କାଳ ଧରି ଇ.ଏମ.ଏସ. ସିପିଆଇର ଜାତୀୟ ପରିଷଦ ଏବଂ କେନ୍ଦ୍ର କମିଟିର (ପଲିଟ୍ ବ୍ୟୁରୋ) ସଦସ୍ୟ ଥିଲେ ।

କମ୍ରେଡ ଇ.ଏମ.ଏସ.ଙ୍କ ୧୯୫୭ର ପ୍ରଥମ ମନ୍ତ୍ରୀମଣ୍ଡଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଯାହା ମୋର ମନରେ ଅଛି, ତାହା ହେଉଛି ଶିକ୍ଷା-ସଂସ୍କାର ଆଇନ (ଏଜୁକେଶନ ବିଲ୍) ଯାହା ବିପକ୍ଷରେ ଶିକ୍ଷାନୁଷ୍ଠାନମାନଙ୍କର ମାଲିକଗଣ ବିରାଟ ବିରୋଧୀ ଆନ୍ଦୋଳନ କରିଥିଲେ । ପରବର୍ତ୍ତୀ କାଳରେ କେରଳ ଶିକ୍ଷା ଆଇନ, ସାରା ଦେଶର ତଥା ଆମ ପ୍ରଦେଶର ଓଡ଼ିଆ ଶିକ୍ଷା-ଆଇନ ପାଇଁ ପଥପ୍ରଦର୍ଶକ ଥିଲା ଏବଂ ମୁଁ ନିଜେ କେରଳ ଶିକ୍ଷା ଆଇନ ତଥା କେରଳ ବିଶ୍ୱବିଦ୍ୟାଳୟ ଆଇନମାନଙ୍କର ନକଲ ଅଣାଇ, ଓଡ଼ିଶାର ପ୍ରାକ୍ତନ ଶିକ୍ଷାମନ୍ତ୍ରୀ ବନମାଳୀ ପଟ୍ଟନାୟକ ଓ ଶିକ୍ଷା ବିଭାଗକୁ ମଧ୍ୟ ଦେଇଥିଲି ଏବଂ ବହୁଭାବରେ ପ୍ରତ୍ୟକ୍ଷ ଦରମା ପ୍ରଦାନ, ଚାକିରୀ ସର୍ତ୍ତ ପ୍ରଣୟନ, ଶିକ୍ଷକ ଚୟନ ପାଇଁ ମନୋନୟନ ବୋର୍ଡ ଗଠନ ଆଦି ବହୁ ଭାବରେ ମଡେଲ ଆଇନ ଭାବରେ ସହାୟତା କରିଥିଲା । କେରଳର ଭୂସଂସ୍କାର ଆଇନ, ଟ୍ରାନ୍ସପୋର୍ଟ ଜାତୀୟକରଣ ଇତ୍ୟାଦି ବହୁ ଦିଗ୍‌ଦର୍ଶନକାରୀ ନୂତନ ସଂସ୍କାର ସେ କରିଥିଲେ ।

ସେ ମନ୍ତ୍ରୀମଣ୍ଡଳକୁ କେନ୍ଦ୍ରର କଂଗ୍ରେସ ସରକାର, ବିଶେଷ ଭାବରେ ଇନ୍ଦିରାଗାନ୍ଧୀଙ୍କ ସୁପାରିଶ କ୍ରମେ, ସଂବିଧାନରେ ୩୫୬ ଧାରା ପ୍ରୟୋଗ କରି ଭାଙ୍ଗି ଦେଇଥିଲେ । ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କର ଜୀବନୀ ସଂପର୍କିତ ତାଙ୍କ ଲେଖା **My Truth** ବୋଲି ପୁସ୍ତକଟି ଦେଖୁ ଥିଲି- ସେଥିରେ ସେ ଏ ସଂପର୍କରେ ଯାହା ମିଥ୍ୟା ଉଲ୍ଲେଖ କରିଛନ୍ତି ତାହା ପାଠକମାନଙ୍କୁ ଜଣାଇବା ଉଚିତ ମଣୁଛି-

- "That year a communist government came to power in Kerala. This attracted a lot of attention abroad because for the first time this has happened through constitutional means. But I want to say some thing about Kerala because the Marxists are always accusing me of having brought down their government. My recollection is that Mr. Namboodiripad, who was the Chief Minister, did make a statement to the effect that the law and order situation was not entirely in their control , there was a strong public demand for change of government. * The fact is that my father probably was not happy about the situation. I know Feroze was not happy about it.***" (My truth-Indira Gandhi Page 81)**

ଦୋଷ ଏଡାଇଯିବାକୁ କେନ୍ଦ୍ର ସରକାର, ଗୃହମନ୍ତ୍ରୀ ପନ୍ଥ ଇତ୍ୟାଦିଙ୍କ ନାମ ବ୍ୟବହାର କରିଥିଲେ ମଧ୍ୟ, ନମ୍ବୁଦ୍ରିପଦ ସରକାରକୁ ଭୂଲୁଣ୍ଠିତ କରିବାରେ ଇନ୍ଦିରାଗାନ୍ଧୀ ଯେ ଅଗ୍ରଣୀ ଭୂମିକା ନେଇଥିଲେ ତାହା ପରୋକ୍ଷରେ ସେ ସ୍ୱୀକାର କରିଛନ୍ତି ।

ତାଙ୍କର ଜୀବନୀ ନ ହେଲେ ମଧ୍ୟ ଜୀବନୀ ସଂବନ୍ଧିତ **"Reminiscences of an Indian Communist"** ତାଙ୍କର ତତ୍ତ୍ୱଗ୍ରନ୍ଥ **"Six decades of struggle and advance. History of Indian freedom struggle"** ଆଦି ଅସଂଖ୍ୟ ଗ୍ରନ୍ଥ ଭାରତୀୟ ବାମପନ୍ଥୀ ଦର୍ଶନରେ ଆସ୍ଥାବାନ ପ୍ରତ୍ୟେକଙ୍କ ପାଇଁ ଦିଗବାରେଣୀ ଭାବରେ କାର୍ଯ୍ୟ କରିବ ।

ଆଜି ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷେ, ଜଣେ କମ୍ୟୁନିଷ୍ଟ ମହାନାୟକଙ୍କ ପ୍ରତି ମୋର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଏବଂ ଲାଲ ସଲାମ ଜଣାଉଛି । କମ୍ରେଡ ନମ୍ବୁଦ୍ରିପଦ ଯୁଗ ଯୁଗ ଜୀଓ । ❑

(ଓଡ଼ିଶାରେ ଇ. ଏମ୍. ଏସ୍.ଙ୍କୁ ସମ୍ବର୍ଦ୍ଧନା : ଗୁରୁଚରଣ ପଟ୍ଟନାୟକଙ୍କ ସମେତ ଉପସ୍ଥିତ ଅନ୍ୟାନ୍ୟ ନେତୃବୃନ୍ଦ)

Digitized by srujanika@gmail.com

ସାହିତି୍ୟକ, ଐତିହାସିକ, ଚିନ୍ତାନାୟକ : ନମ୍ବୁଦ୍ରିପଦ

● ବିଭୂତି ପଟ୍ଟନାୟକ

ଇଲାକୁଲମ ମନାକ୍କାରେ ଶଙ୍କରନ୍ ନମ୍ବୁଦ୍ରିପଦ (୧୯୦୯-୧୯୯୮) ଥିଲେ ଭାରତୀୟ ରାଜନୀତିରେ ଜଣେ କ୍ରାନ୍ତିକାରୀ ବୀର ପୁରୁଷ। ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପାଇଁ କଲେଜରୁ ପାଠ ପଢା ଛାଡିଥିଲେ, କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଲା ପରେ ସେ ତାଙ୍କର ବିଶାଳ ପୈତୃକ ଭୂସଂପତ୍ତି ପାର୍ଟିକୁ ଦାନ କରି ସାମନ୍ତବାଦର ଜୁଆଳି ନିଜ ବେକାରୁ ଓହ୍ଲାଇ ଦେଇଥିଲେ। ଉଚ୍ଚବର୍ଣ୍ଣ ନମ୍ବୁଦ୍ରି ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ଥିଲେ ମଧ୍ୟ ମାତ୍ର ଷୋଳ ବର୍ଷ ବୟସରେ ବିଧବା ବିବାହ ସପକ୍ଷରେ ଏବଂ ଜାତିଆଣ ଭେଦଭାବ ବିରୋଧରେ ଲଢେଇ କରିବାରେ ହେଳା କରି ନଥିଲେ। ପ୍ରଥମେ ମାଲବାର କଂଗ୍ରେସ କମିଟିର ସଂପାଦକ, ୧୯୩୪ ମସିହାରେ ଜୟ ପ୍ରକାଶ ନାରାୟଣଙ୍କ " **Why Socialism**" ବହି ପଢି କଂଗ୍ରେସ-ସୋସାଲିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ସମାଜ ସଂସ୍କାରରୁ ସମାଜ-ବପ୍ଲବ ଭାବଧାରା ତାଙ୍କୁ କ୍ରମଶଃ ସମାଜବାଦରୁ ସାମ୍ୟବାଦ-କଂଗ୍ରେସ ସୋସାଲିଷ୍ଟ ପାର୍ଟିରୁ କମ୍ୟୁନିଷ୍ଟ ପାର୍ଟି ପ୍ରତି ପ୍ରତି ଆକୃଷ୍ଟ କରିଥିଲା। ୧୯୩୮ ମସିହାରେ ସେ ନିଖିଳ ଭାରତ କଂଗ୍ରେସ ସୋସାଲିଷ୍ଟ ପାର୍ଟିର ସଂପାଦକ ପଦରୁ ଇସ୍ତଫା ଦେଇ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ଗାନ୍ଧିଜୀଙ୍କ ଶାନ୍ତିପୂର୍ଣ୍ଣ ଅହିଂସା ଆନ୍ଦୋଳନ ଜରିଆରେ ସ୍ୱାଧୀନତା ଆସିପାରେ; କିନ୍ତୁ ଔପନିବେଶିକତାବାଦ-ସାମନ୍ତବାଦ ହଟାଇ ଦେଶରେ ଗାନ୍ଧୀ-ଆନ୍ଦୋଳନ ସାମ୍ୟବାଦ ପ୍ରତିଷ୍ଠା କରି ପାରିବ ନାହିଁ ବୋଲି କୋଝିକୋଡ ଜେଲରେ ଥିବା ମାର୍କ୍ସବାଦୀ ନେତା ପି. କ୍ରିଷ୍ଣାପିଲାଇଙ୍କ ସହ ବିଚାର ବିମର୍ଷ ପରେ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। କେରଳରେ କମ୍ୟୁନିଷ୍ଟ ପାର୍ଟିର ମୂଳଦୁଆ ଗଢି ତୋଳିବାରେ ପିଲ୍ଲାଇ, ନମ୍ବୁଦ୍ରିପଦଙ୍କ ସହ କାନ୍ଧ ମିଳାଇ ଥିଲେ ଜନନେତା ଏ.କେ. ଗୋପାଲନ୍।

ଗୋପାଲନ୍ ଥିଲେ ପାର୍ଟିର ସଂଗଠକ, ପିଲ୍ଲାଇ ତାତ୍ତ୍ୱିକ ଏବଂ ନମ୍ବୁଦ୍ରିପଦ ଐତିହାସିକ। ଔପନିବେଶିକ ସାମନ୍ତବାଦୀ ପ୍ରାଚୀନ ସାମ୍ରାଜ୍ୟକୁ କିପରି ଗଣତାନ୍ତ୍ରିକ, ଶୋଷଣ ମୁକ୍ତ- ସାମ୍ୟ ସମାଜରେ ରୂପାନ୍ତରିତ କରାଯାଇପାରିବ, ତାର ସୂତ୍ର ଖୋଜି ବାହାର କରିବା ପାଇଁ ସେ ସାମାଜିକ ଇତିହାସକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ। କାର୍ଲ ମାର୍କ୍ସ ଏବଂ ଏଙ୍ଗେଲସ୍‌ଙ୍କ ବୈଜ୍ଞାନିକ ସାମ୍ୟବାଦୀ ଦ୍ୱନ୍ଦ୍ୱାତ୍ମକ-ବସ୍ତୁବାଦୀ ଦର୍ଶନ ତାଙ୍କୁ ଏହି ଐତିହାସିକ ନିରୀକ୍ଷାରେ ବିଶେଷ ଭାବରେ ସହାୟତା କରିଥିଲା।

ଐତିହାସିକ ନମ୍ବୁଦ୍ରିପଦ ୧୯୫୭ ମସିହାରେ କେରଳ ବିଧାନସଭାରେ ସଂଖ୍ୟାଗରିଷ୍ଠ କମ୍ୟୁନିଷ୍ଟ ପାର୍ଟିର ନେତା ଭାବରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ରଚନା କରିଥିଲେ ଏକ ନୂଆ ଇତିହାସ। ଭାରତବର୍ଷରେ ସେ ହେଉଛନ୍ତି ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପ୍ରଥମ କମ୍ୟୁନିଷ୍ଟ ମୁଖ୍ୟମନ୍ତ୍ରୀ। ନମ୍ବୁଦ୍ରିପଦ ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ ହେବାର କୋଡିଏ ବର୍ଷରେ ୧୯୭୭ ମସିହାରେ

Digitized by srujanika@gmail.com

ଜ୍ୟୋତି ବସୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଥିଲେ ।

୧୯୫୭ ମସିହା ଏପ୍ରିଲ ପାଞ୍ଚ ତାରିଖରେ ନମ୍ବୁଦ୍ରିପଦ କେରଳର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ ଏବଂ ସେହି ମାସଏଗାର ତାରିଖରେ କେରଳ ଭୂମିସଂସ୍କାର ଅର୍ଡିନାନ୍ସ ସ୍ୱାକ୍ଷର କରିଥିଲେ । ବୈପ୍ଳବିକ ଭୂସଂସ୍କାର ଦ୍ୱାରା ଭୂମିହୀନ ଚାଷୀମାନଙ୍କୁ ଚାଷ ଜମିର ମାଲିକାନା ସ୍ୱତ୍ୱ ପ୍ରଦାନ କରିବା ଏବଂ ଗଣବଣ୍ଟନ ବ୍ୟବସ୍ଥା ଜରିଆରେ ଲୋକମାନଙ୍କୁ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ଉଚିତ ମୂଲ୍ୟରେ ହିଁ ଯୋଗାଇ ଦେବା ଥିଲା ଏହି ଅର୍ଡିନାନ୍ସର ଲକ୍ଷ୍ୟ । ତାଙ୍କର ଏହି ଐତିହାସିକ ଜନଦରଦି ପଦକ୍ଷେପ ଜମିଦାରୀ ଉଚ୍ଛେଦ, ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ପାଇଁ କଂଗ୍ରେସ- ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ମଧ୍ୟ ଅନୁପ୍ରାଣିତ କରିଥିଲା ।

ଜଣେ ବିଶିଷ୍ଟ ମାର୍କ୍ସବାଦୀ ତତ୍ତ୍ୱବିଦ୍, ଐତିହାସିକ ଏବଂ ଦକ୍ଷ ପ୍ରଶାସକ ଭାବରେ ସେ ଯେପରି ସୁଖ୍ୟାତ, ଜଣେ ବିଶିଷ୍ଟ ଲେଖକ, ସ୍ତମ୍ଭକାର ଏବଂ ମାର୍କ୍ସବାଦୀ ସାହିତ୍ୟ ସମାଲୋଚକ ଭାବରେ ମଧ୍ୟ ସେ ସେହିପରି ଜଣେ ଅନତିକ୍ରମ୍ୟ ବ୍ୟକ୍ତିତ୍ୱ ।

ନମ୍ବୁଦ୍ରିପଦଙ୍କ ଚିନ୍ତା ଓ ଚେତନାକୁ ଦୁଇ ଜଣେ ଯୁଗପୁରୁଷ ବିଶେଷ ଭାବରେ ପ୍ରଭାବିତ କରିଥିଲେ । ଜଣେ ହେଲେ ମହାମତି ମାର୍କ୍ସ ଓ ଅନ୍ୟ ଜଣେ ହେଉଛନ୍ତି ମହାତ୍ମାଗାନ୍ଧୀ । ଉଭୟେ ମାର୍କ୍ସ ଓ ମହାତ୍ମା ଶେଷ ପର୍ଯ୍ୟନ୍ତ ନିଜ ଚିନ୍ତା ଓ ଭାବନାକୁ ଲିପିବଦ୍ଧ କରି ଯାଇଛନ୍ତି । ଦୁହେଁ କୌଣସି ସାହିତ୍ୟିକ ହେବା ଲକ୍ଷ୍ୟରେ ଲେଖା ଲେଖି କରି ନାହାଁନ୍ତି; କିନ୍ତୁ ସେମାନଙ୍କ ଲେଖା ପରିମାଣ ଦୃଷ୍ଟିରୁ ଯେପରି ବିଶାଳ, ଗୁଣାତ୍ମକ ଦୃଷ୍ଟିରୁ ସେହିପରି ଅମୂଲ୍ୟ । ସେ ଦୁହିଁଙ୍କ ଲେଖା ବିଶ୍ୱର ଲକ୍ଷ, କୋଟି ଲୋକଙ୍କ ଦ୍ୱାରା ଗଠିତ ହୋଇଛି, ହେଉଛି ଏବଂ ଭବିଷ୍ୟତରେ ମଧ୍ୟ ହେବ । ଦେଶର ଲୋକଙ୍କୁ ସେ ଦୁହିଁଙ୍କ ଲେଖା ପ୍ରଭାବିତ କରିଛି, କରୁଛି ଏବଂ କରିବ ।

ଗାନ୍ଧିଜୀଙ୍କ ପରେ ସମ୍ଭବତଃ ଇ.ଏମ.ଏସ.ଙ୍କ ଲେଖାର ପରିମାଣ ଅନ୍ୟ ସର୍ବଭାରତୀୟ ରାଜନୈତିକ ନେତାମାନଙ୍କ ତୁଳନାରେ ଅଧିକ । ଏ ପର୍ଯ୍ୟନ୍ତ ମାଲାୟଲମ ଏବଂ ଇଂରେଜୀ ଭାଷାରେ ରଚିତ ତାଙ୍କର ଏକକ ଲେଖା ସଂଗୃହୀତ ଓ ସଂକଳିତ ହୋଇପାରିନାହିଁ । ଏ ପର୍ଯ୍ୟନ୍ତ ତାଙ୍କର ମାଲାୟଲମ ଭାଷାରେ ରଚିତ ଗ୍ରନ୍ଥ ସଂଖ୍ୟା ପଚସ୍ତରି ଏବଂ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତକର ସଂଖ୍ୟା ପନ୍ଦର ବୋଲି କୁହାଯାଇଛି ।

କଲେଜରେ ପଢୁଥିବାବେଳେ ହିଁ ଭି.ଟି. ଭଟ୍ଟାଥିପାଦଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ରରେ ଲେଖାଲେଖି ଆରମ୍ଭ କରିଥିଲେ । ଭି.ଟି.ଭି.ଙ୍କ ସଂପାଦିତ "Uni Namboodiripad" ପତ୍ରିକାରେ ହିଁ ନମ୍ବୁଦ୍ରିପଦଙ୍କ ପ୍ରଥମ ଲେଖା ପ୍ରକାଶିତ ହୋଇଥିଲା । ୧୯୩୦ ମସିହାରୁ ସେ ଲେଖା ଲେଖି ଆରମ୍ଭ କରି ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ତାଙ୍କ କଲମରୁ କାଳି ଶୁଖି ନଥିଲା । ଜବାହରଲାଲ ନେହେରୁଙ୍କ ସଂପର୍କରେ ପ୍ରଥମ ବହି ଲେଖିଥିଲେ ଇ.ଏମ.ଏସ. । ପରବର୍ତ୍ତୀ କାଳରେ ସେହି ବହିର ପରିବର୍ଦ୍ଧିତ ରୂପ "Nehru : Ideology and Practice" ନାମରେ (୧୯୮୮) ପ୍ରକାଶିତ ହୋଇଥିଲା ।

୧୯୭୫ ମସିହାରେ ପ୍ରକାଶିତ ନମ୍ବୁଦ୍ରିପଦଙ୍କ "Marxism and Literature" ଏକ ବହୁ ଚର୍ଚ୍ଚିତ ଗ୍ରନ୍ଥ । ନିଜସ୍ୱ ଦୃଷ୍ଟିଭଙ୍ଗୀରେ ଅପୂର୍ବ ଦକ୍ଷତାର ସହିତ ସେ ମାର୍କ୍ସୀୟ ସାହିତ୍ୟର ବ୍ୟାଖ୍ୟା କରିବା ସାଂଗେ ସାଂଗେ ଭାରତୀୟ ପ୍ରଗତିଶୀଳ ସାହିତ୍ୟ ଆନ୍ଦୋଳନରେ ପଥ ପରିବର୍ତ୍ତନର କାରଣ ମଧ୍ୟ ଖୋଜି ବାହାର କରିଛନ୍ତି ।

'ସାହିତ୍ୟ ଓ ରାଜନୀତି' ଶୀର୍ଷକ ଅଧ୍ୟୟନରେ ଇ.ଏମ.ଏସ. ଲେଖିଛନ୍ତି- ସ୍ୱାଧୀନତା ଆନ୍ଦୋଳନର ଅଗ୍ରଗତି ଭାରତର ସାହିତ୍ୟ ବିକାଶରେ ପ୍ରଚଣ୍ଡ ପ୍ରେରଣା ଯୋଗାଇଥିଲା । ଭାରତର ପ୍ରତିଭାଷା ସୃଷ୍ଟି କରିଥିଲା । ନିଜସ୍ୱ ଜାତୀୟ କବି, ଔପନ୍ୟାସିକ ଓ ସାହିତ୍ୟ ସମାଲୋଚକ ପ୍ରଭୃତି ।

ଏହି ଲେଖକମାନଙ୍କ ମଧ୍ୟରେ କେହି କେହି ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ଏବଂ ଅନ୍ୟ କେହି ସ୍ୱାଧୀନତା ଆନ୍ଦୋଳନ ପ୍ରତି ଅକୁଣ୍ଠ ସମର୍ଥନ ଜଣାଇ ଥିଲେ । ଏହି କାରଣରୁ ୧୯୨୦ ଏବଂ ୧୯୩୦ ଦଶକରେ ସ୍ୱାଧୀନତା ଆନ୍ଦୋଳନରେ ସ୍ପଷ୍ଟ ଭାବରେ ବାମପନ୍ଥୀ ଏବଂ ସମାଜବାଦ ପ୍ରତି ଆକର୍ଷଣ ବଢି ଥଲା ଏବଂ ଏହାର ପ୍ରଭାବ ସାହିତ୍ୟରେ ମଧ୍ୟ ପ୍ରତିବିମ୍ବିତ ହୋଇଥିଲା । ଏହି ସମୟରେ ବିଶ୍ୱ ରାଜନୀତିରେ ସୋଭିଏତ ୟୁନିୟନ କ୍ରମଶଃ ପ୍ରଭାବ ବିସ୍ତାର କରିଚାଲିଥିଲା । ଧନତନ୍ତ୍ରର ଇତିହାସରେ ସର୍ବବୃହତ ସଂକଟ କାଳରେ ସୋଭିଏତ ପଞ୍ଚବାର୍ଷିକ ପରିକଳ୍ପନାର (୧୯୨୮-୧୯୩୩) ଅପୂର୍ବ ସଫଳତା ଏହି ପ୍ରଭାବକୁ ଆହୁରି ପ୍ରଗାଢ କରିଥିଲା । ଫାସିବାଦର ଉଦ୍ଭବ କେବଳ ସୋଭିଏତ ୟୁନିୟନ କିମ୍ବା ସାମ୍ୟବାଦୀ ଆନ୍ଦୋଳନ ପ୍ରତି ନୁହେଁ; ବିଶ୍ୱର ସବୁ ଶାନ୍ତି ଓ ସ୍ୱାଧୀନତା ସଂଗ୍ରାମରେ ଲିପ୍ତ ଦେଶମାନଙ୍କ ପାଇଁ ବିପଦର କାରଣ ହୋଇ ଉଭା ହୋଇଥିଲା ।

ଏହି ରାଜନୈତିକ ଘଟଣା ସାହିତ୍ୟକୁ ମଧ୍ୟ ପ୍ରଭାବିତ କଲା । ଶାନ୍ତି ଓ ସ୍ୱାଧୀନତା ସପକ୍ଷରେ ଏବଂ ଫାସିବାଦ ବିରୋଧରେ ସଂଘବଦ୍ଧ ଭାବରେ ଲଢେଇ କରିବା ଲାଗି ଆମ ଦେଶରେ ଗଢି ଉଠିଥିଲା 'ପ୍ରଗତି ଲେଖକ ସଂଘ' । ରବୀନ୍ଦ୍ରନାଥ, ମୁନ୍‌ସୀପ୍ରେମଚନ୍ଦ ଓ ସରୋଜିନୀ ନାଇଡୁ ପ୍ରମୁଖ ବଶିଷ୍ଟ ସାହିତ୍ୟିକମାନଙ୍କ ସମର୍ଥନ ଥିଲା ଏହି ପ୍ରଗତି ଲେଖକ ସଂଘ ପ୍ରତି । ଏହି ପ୍ରଗତି ଲେଖକ ସଂଘର ସକ୍ରିୟ କର୍ମୀ ଥିଲେ କଂଗ୍ରେସ, କମ୍ୟୁନିଷ୍ଟ ଏବଂ ସୋସାଲିଷ୍ଟ ପାର୍ଟିର ପ୍ରଗତିଶୀଳ ଶିଳ୍ପୀ- ସାହିତ୍ୟିକ । ଆନ୍ତର୍ଜାତିକ ଫାସିବାଦ ସହିତ ବ୍ରିଟିଶ ସାମ୍ରାଜ୍ୟବାଦ ଓ ସାମନ୍ତବାଦ ବିରୋଧରେ ସାହିତ୍ୟକୁ ଅନ୍ୟତମ ମାଧ୍ୟମ ରୂପେ ବ୍ୟବହାର କରିବା ଲକ୍ଷ୍ୟରେ ଏହି ସଂଘ ଗଠିତ ହୋଇଥିଲା । 'ଶିଳ୍ପ ପାଇଁ ଶିଳ୍ପ' ସ୍ଲୋଗାନ ବଦଳରେ 'ସମାଜ ପାଇଁ ଶିଳ୍ପ'- ଏହାହିଁ ଥିଲା ପ୍ରଗତି ସାହିତ୍ୟର ପ୍ରଧାନ ଆଭିମୁଖ୍ୟ ।

ଏହି ପ୍ରଗତି ଲେଖକ ଆନ୍ଦୋଳନ କୌଣସି ଗୋଟିଏ ରାଜନୈତିକ ଦଳର ଛାମୁଆ ସଂଗଠନ ନଥିଲା । ଲକ୍ଷ୍ନୌରେ

Digitized by srujanika@gmail.com

ଆୟୋଜିତ ପ୍ରଗତି ଲେଖକ ପ୍ରସଙ୍ଗ ମୁନ୍‌ସୀ ପ୍ରେମଚାନ୍ଦ ଓ ଅନ୍ୟ ପ୍ରଗତିଶୀଳ ଲେଖକମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏହା ପୂର୍ବରୁ ଭଗବତୀ ଚରଣ ପାଣିଗ୍ରାହୀ ଓ ଅନ୍ୟ କଂଗ୍ରେସ-ସୋସାଲିଷ୍ଟମାନେ 'ନବଯୁଗ ସାହିତ୍ୟ ସଂସଦ' ନାମରେ ଏହି ପ୍ରଗତି ଲେଖକ ସମାରୋହ ଆୟୋଜନ କରିଥିଲେ ।

ସର୍ବ ଭାରତୀୟ ସ୍ତରରେ ଆୟୋଜିତ ପ୍ରଗତି ଲେଖକ ସଂଘ ସହିତ ନମ୍ବୁଦ୍ରିପଦ ମୂଳରୁ ସଂପୃକ୍ତ ନଥିଲେ । କେରଳରେ ମାଲାୟଲମ ପ୍ରଗତିଶୀଳ ଲେଖକ ସଂଘ ସହିତ କୌଣସି ଖ୍ୟାତନାମ ଲେଖକ ମଧ୍ୟ ଯୋଗ ଦେଇ ନଥିଲେ । କିନ୍ତୁ ପରବର୍ତ୍ତୀ କାଳରେ କବି ଭଣ୍ଡାଥୋଲ, ଶଙ୍କର କୁରୁପ ଏବଂ ଥାକଜି, କେଶବ ଦେବଙ୍କ ପରି କଥା ସାହିତ୍ୟକ ଏହି ସଂଘକୁ ସମର୍ଥନ ଜଣାଇଲା ପରେ ପ୍ରଗତି ଆନ୍ଦୋଳନରେ ଗତି ସଂଚାରିତ ହୋଇଥିଲା । କମ୍ୟୁନିଷ୍ଟ, ସୋସାଲିଷ୍ଟ ଏବଂ ପ୍ରଗତିଶୀଳ ଜାତିୟତାବାଦୀ ଶିଳ୍ପୀ- ସାହିତ୍ୟିକମାନେ ମିଶି ଏକ ଇସ୍ତାହାର ପ୍ରକାଶ କରିଥିଲେ । ଏହି ଇସ୍ତାହାରରେ କୁହାଯାଇଥିଲା । (କ) ସମସ୍ତ ସାହିତ୍ୟକ କାର୍ଯ୍ୟକ୍ରମ ହେବ 'ଉଦ୍ଦେଶ୍ୟମୂଳକ' । ଏହିପରି ଭାବରେ ଶିଳ୍ପ ପାଇଁ ଶିଳ୍ପ- ସ୍ଲୋଗାନକୁ ବାତିଲ କରି ଦିଆଗଲା । (ଖ) ସାମ୍ରାଜ୍ୟବାଦୀ ଶାସନରୁ ମୁକ୍ତି ସହିତ ଅମୂଳ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ଉଦ୍ଦେଶ୍ୟ ନେଇ ପ୍ରଗତି ଲେଖକମାନେ ଆତ୍ମୋତ୍ସର୍ଗ କରିବେ ।

ଏହି ସମୟରେ ମାଲାୟଲମ ସାହିତ୍ୟରେ "ଆଧୁନିକତାବାଦୀ" ନାମରେ ଆଉ ଏକ ସାହିତ୍ୟ ଆନ୍ଦୋଳନ ମୁଣ୍ଡ ଟେକି ଥିଲା । ଏହି ଆଧୁନିକତାବାଦୀମାନେ ବିଶ୍ୱର କାହାରି ପ୍ରତି ସେମାନଙ୍କର ଅଙ୍ଗୀକାର ନାହିଁ, ନିଜ ବ୍ୟତୀତ ଅନ୍ୟ କାହା ପ୍ରତି ସେମାନଙ୍କର ବାଧ୍ୟବାଧକତା ନାହିଁ ବୋଲି ଘୋଷଣା କରିଥିଲେ । ନିଜର ଆତ୍ମତୃପ୍ତି ପାଇଁ ସେମାନେ ଲେଖିବେ- ଅନ୍ୟ କାହା ପ୍ରତି କର୍ତ୍ତବ୍ୟ ପାଳନ କରିବା ସେମାନଙ୍କର କାମ ନୁହେଁ । ଏହା ହିଁ ଥିଲା ସେମାନଙ୍କର ଘୋଷିତ ନୀତି ।

କେରଳ ପ୍ରଗତି ଲେଖକ ସଂଘର କମ୍ୟୁନିଷ୍ଟ ଓ ସୋସାଲିଷ୍ଟମାନେ ଐକ୍ୟବଦ୍ଧ ଭାବରେ ଆଧୁନିକତାବାଦର ବିରୋଧ କରିଥିଲେ ଏବଂ ମାଲାୟଲମ ସାହିତ୍ୟରେ ଏକ ନୂତନ ଯୁଗର ସୂତ୍ରପାତ ହୋଇଥିଲା । କିନ୍ତୁ ସ୍ୱାଧୀନତା ପ୍ରାପ୍ତି ପରେ ପ୍ରଗତି ଲେଖକ ସଂଘ ଭାଗ ଭାଗ ହୋଇଗଲା । କେବଳ କେରଳ ନୁହେଁ- ଭାରତ ବର୍ଷର ସର୍ବତ୍ର । କମ୍ୟୁନିଷ୍ଟମାନେ ସାହିତ୍ୟକୁ ନିଜ ରାଜନୈତିକ ପ୍ରଚାରର ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ କରି ଅଣ କମ୍ୟୁନିଷ୍ଟ ଶିଳ୍ପୀ, ସାହିତ୍ୟିକ ପ୍ରଗତି ଲେଖକ ସଂଘରୁ ଅଲଗା ହୋଇ ଯିବା ପରେ ଆନ୍ଦୋଳନ ଦୁର୍ବଳ ହୋଇଯାଇଥିଲା । ୧୯୬୪ ମସିହାରେ ସଂଶୋଧନାବାଦୀମାନେ ଅଣ କମ୍ୟୁନିଷ୍ଟମାନଙ୍କ ଯୁକ୍ତିକୁ ସମର୍ଥନ କରି କମ୍ୟୁନିଷ୍ଟ ଆନ୍ଦୋଳନର ମୂଳସ୍ରୋତରୁ ବିଛିନ୍ନ ହୋଇଯିବା ପରେ ପ୍ରଗତି ଆନ୍ଦୋଳନ ଗତିହୀନ ହୋଇ ଗଲା ବୋଲି ନମ୍ବୁଦ୍ରିପଦ ମତ ପ୍ରକାଶ କରିଛନ୍ତି ।

ଲେନିନଙ୍କ ଉକ୍ତି ଉଦ୍ଧାର କରି ସେ ମନ୍ତବ୍ୟ କରିଛନ୍ତି- ସମାଜବାଦୀ ସାହିତ୍ୟ ସର୍ଜନା ପାଇଁ ଜଣକୁ ଯେ କମ୍ୟୁନିଷ୍ଟ ପାର୍ଟି ସଭ୍ୟ ହେବାକୁ ପଡିବ, ଏମିତି କିଛି କଥା ନାହିଁ । ମାର୍କ୍ସ ଓ ଏଙ୍ଗେଲସ୍ 'ବାରିଜାଙ୍କ.... କଥାବସ୍ତୁରେ ସାମନ୍ତବାଦର ବିଷର୍ଣ୍ଣ .... ଏବଂ ଶୋଷିତ ଶ୍ରମିକ, କୃଷକମାନଙ୍କ ଜୀବନର ଅନ୍ତରଂଗ ଚିତ୍ର ଲକ୍ଷ୍ୟ କରି ତାଙ୍କୁ ପ୍ରଶଂସା କରିଥିଲେ । ଯଦିଓ ବଲଜାକ୍ ଥିଲେ ଜଣେ ପ୍ରତି ବିପ୍ଳବୀ । ସେହିପରି ଲେନିନ ମଧ୍ୟ ଋଷୀୟ ଲେଖକ ଟଲଷ୍ଟୟଙ୍କ ଲେଖାକୁ ଉଚ୍ଚ ପ୍ରଶଂସା କରୁଥିଲେ ଏବଂ ତାଙ୍କ ଗଳ୍ପ ଉପନ୍ୟାସ 'ଋଷ ବିପ୍ଳବର ଦର୍ପଣ'' ବୋଲି ବିଶ୍ୱାସ କରୁଥିଲେ । ଯଦିଓ ଭାବଗତ ଦିଗରୁ ବିଚାର କଲେ ଟଲଷ୍ଟୟ ଥିଲେ ପ୍ରତିକ୍ରିୟାଶୀଳ ଆଦର୍ଶର ପୂଜାରୀ ।

'ମାର୍କ୍ସବାଦୀ ନନ୍ଦନତତ୍ତ୍ୱର ନିରୀକ୍ଷାରେ କେବଳ 'କଳା ପାଇଁ କଳା ନୁହେଁ' କିମ୍ବା କେବଳ ସମାଜ ପାଇଁ ମଧ୍ୟ ସାହିତ୍ୟ ନୁହେଁ' ସମସ୍ତଙ୍କ ପାଇଁ ସାହିତ୍ୟ, ସମସ୍ତଙ୍କ ଲାଗି କଳା- ଏହା ହିଁ ପ୍ରତି ଭାରତୀୟ ଲେଖକର ଲକ୍ଷ୍ୟ ଓ ଧର୍ମ ହେବା ଉଚିତ ବୋଲି ନମ୍ବୁଦ୍ରିପାଦ ଆଶା ପ୍ରକାଶ କରିଛନ୍ତି ।

ଇ.ଏମ.ଏସ.ଙ୍କ ହୃଦୟ ଗାନ୍ଧିଜୀଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା ବେଳେ ତାଙ୍କ ବୁଦ୍ଧି ଏବଂ ବିବେକ କାର୍ଲମାର୍କ୍ସଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ବିଶିଷ୍ଟ ମାର୍କ୍ସବାଦୀ ସମାଲୋଚକ S. Azhicae ଯଥାର୍ଥରେ କହିଥିଲେ- **His style had the qualities of Gandhian simplicity, clarity and lack of artificiality** । ଲେଖାର ସରଳତା, ସାବଲୀଳତା ଏବଂ ଅକୃତ୍ରିମତା ସେ ଗାନ୍ଧିଜୀଙ୍କ ଲେଖାରୁ ହିଁ ଆହରଣ କରିଥିଲେ । □

ସଂଗ୍ରହ କରନ୍ତୁ !

ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ
ଫଟୋଚିତ୍ରର କ୍ୟାଲେଣ୍ଡର-୨୦୧୦

ମୂଲ୍ୟ- ୮୫.୦୦

ଯୋଗାଯୋଗ
ପରିଚାଳକ, ସାମ୍ୟବାଦୀ
୭/୧୩- ଟାଇପ୍ 'ବି' (ରିଭାଇଜ୍ଡ), ୟୁନିଟ୍-୯, ଭୁବନେଶ୍ୱର-୨୨
ଫୋନ୍- (୦୬୭୪) ୨୫୪୨୫୦୪,
ମୋବାଇଲ- ୯୪୩୮୬୨୧୯୨୫

Digitized by srujanika@gmail.com

ପ୍ରଜ୍ଞାଦୀପ୍ତ ପ୍ରେରଣାଦାତା ବିପ୍ଳବୀ : ନମ୍ବୁଦ୍ରିପଦ

● ବାସୁଦେବ ସାହୁ

ବିଂଶ ଶତାବ୍ଦୀରେ ଯେଉଁ କେତେ ଜଣ ଯୁଗଜନ୍ମା ଭାରତର ସାମାଜିକ- ଅର୍ଥନୈତିକ- ରାଜନୈତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ସୂତ୍ରଧର ଥିଲେ ସେମାନଙ୍କ ମଧ୍ୟରେ ମୋହନଦାସ କରମଚାନ୍ଦ ଗାନ୍ଧୀ ନିଶ୍ଚିତ ରୂପେ ଅନ୍ୟନ୍ୟ, ଅସାଧାରଣ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱ । ତାଙ୍କର ପ୍ରେରଣା ଓ ସଂସ୍ପର୍ଶରେ ଅନେକ ବ୍ୟକ୍ତି ସ୍ୱାଧୀନତା ସଂଗ୍ରାମଠାରୁ ଆରମ୍ଭ କରି ଦେଶର ଭବିଷ୍ୟତ ରୂପାୟନ କରିବାରେ ଯେଉଁମାନେ ଆତ୍ମ ନିୟୋଜନ କରିଥିଲେ ସେମାନଙ୍କ ମଧ୍ୟରେ ଥିଲେ ଜବାହରଲାଲ ନେହେରୁ, ଜୟ ପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ସୁଭାଷ ଚନ୍ଦ୍ର ବୋଷ, ଇ.ଏମ.ଏସ. ନମ୍ବୁଦ୍ରିପଦ ଇତ୍ୟାଦି । ସ୍ୱାଧୀନତା ପ୍ରାପ୍ତି ପରେ କି ପ୍ରକାର ସାମାଜିକ- ଅର୍ଥନୈତିକ ଢାଞ୍ଚା ସବୁ ଶ୍ରେଣୀର ଲୋକଙ୍କୁ ବିଶେଷତଃ ସାଧାରଣ ଜନତାକୁ ସୁଖସମୃଦ୍ଧି ଆଣି ଦେବ ସେ ବିଷୟରେ ପ୍ରଗତିଶୀଳ ସାମ୍ୟବାଦୀ- ସମାଜବାଦୀ ଯୁବ ବିପ୍ଳବୀମାନେ ଅହରହ ଚିନ୍ତା କରୁଥିଲେ ।

ମାର୍କ୍ସବାଦରେ ଅଟଳ ବିଶ୍ୱାସ ଥିବା ଭାରତୀୟ ସମାଜର ଅବସ୍ଥିତ ରୂପ ଓ ପ୍ରକୃତିକୁ ବିଶେଷ ଅନୁଧ୍ୟାନ କରୁଥିବା ନମ୍ବୁଦ୍ରିପଦ ଏକ ବାସ୍ତବବାଦୀ ଦୃଷ୍ଟିକୋଣ ନେଇ ଭାରତର ଏକ ଜନକଲ୍ୟାଣକାରୀ ସମସମାଜ ଓ ଅର୍ଥନୀତି ସୃଷ୍ଟି କରିବା ପାଇଁ ନିଜ ରାଜନୈତିକ ଦଳର ପ୍ରଭାବ ପରିସର ଭିତରେ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଥିଲେ । ଏକ ସାର୍ବଭୌମ ସଂଘୀୟ ରାଷ୍ଟ୍ରରେ ଗଣତାନ୍ତ୍ରିକ ବିଧାନର ଗଣ୍ଡି ଭିତରେ ଗୋଟିଏ ରାଜ୍ୟର ପ୍ରଥମ ସାମ୍ୟବାଦୀ ମୁଖ୍ୟମନ୍ତ୍ରୀ ରୂପେ ଯେଉଁ ସବୁ ପ୍ରଗତିଶୀଳ ପଦକ୍ଷେପ ନେଇଥିଲେ ତାହା ଯେ ଦେଶର ଅନ୍ୟ ରାଜ୍ୟ ତଥା ଅନ୍ୟ ରାଜନୈତିକ ଦଳକୁ ପ୍ରେରଣା ଓ ଦିଗ୍‌ଦର୍ଶନ ଦେଇଥିଲା, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଆଶ୍ଚର୍ଯ୍ୟର କଥା ଜଣେ ମହାନ ବିପ୍ଳବୀ, ଆଦର୍ଶବାଦୀ, ଦକ୍ଷ ଶାସକ ଥାଇ ମଧ୍ୟ ଦେଶର ବିଭିନ୍ନ ସମସ୍ୟା ଉପରେ ଯେଉଁ ଗଭୀର ବିଶ୍ଳେଷଣାତ୍ମକ ଅଭିବ୍ୟକ୍ତି ପ୍ରକାଶ କରୁଥିଲେ ତାହା ତାଙ୍କ ବିଦ୍ୱତ୍ତା ଓ ଅନୁଶୀଳନାତ୍ମକ ବୈଜ୍ଞାନିକ ଦୃଷ୍ଟିକୋଣର ପରିଚୟ ଦିଏ । ଛାତ୍ର ଥିଲାବେଳେ ଓ ତରୁଣ ଅଧ୍ୟାପକ ଅବସ୍ଥାରେ ଅର୍ଥନୀତି ଓ ରାଜନୀତିର ଗଭୀର ବିଶ୍ଳେଷଣାତ୍ମକ ଲେଖା ଯେଉଁମାନଙ୍କର ମୁଁ ଆଗ୍ରହର ସହ ପଢୁଥିଲି, ସେମାନଙ୍କ ମଧ୍ୟରେ ନମ୍ବୁଦ୍ରିପଦ ଥିଲେ ଅନ୍ୟତମ । ତାଙ୍କ ଲିଖିତ ନିବନ୍ଧର ତାତ୍ପର୍ଯ୍ୟ ଦର୍ଶାଇବା ଉଦ୍ଦେଶ୍ୟରେ କେତୋଟି ଉଦ୍ଧୃତି ଦେଉଛି ।

General Crisis of Capitalism ଶୀର୍ଷକ ଏକ ପ୍ରବନ୍ଧରେ ମାର୍କ୍ସୀୟ ଚିନ୍ତାଧାରାରେ ସେ ଲେଖିଛନ୍ତି "ବୁର୍ଜୁଆ ସମାଜର ଅବସ୍ଥା ତାର ପ୍ରଚୁର ସଂପଦକୁ ଧରି ରଖିବା ପାଇଁ ଅତି ସଂକୀର୍ଣ୍ଣ - ଏହି ସଂକଟ ଅତିକ୍ରମ କରିବାକୁ ସେ ତାର ଉତ୍ପାଦନକାରୀ ଶକ୍ତିକୁ ନଷ୍ଟ କରିଦିଏ, ନୋହିଲେ ପୁରୁଣା ବଜାରକୁ ଅଧିକ ଶୋଷଣ କରେ ଅଥବା ନୂଆ ବଜାର ଶୋଷଣ କରିବାକୁ ଉଦ୍ୟମ କରେ । ବଜାରର ସଂପ୍ରସାରଣ ଓ ଉତ୍ପାଦନ ଶକ୍ତିର ସ୍ୱେଚ୍ଛାକୃତ ଧ୍ୱଂସ ମାଧ୍ୟମରେ

Digitized by srujanika@gmail.com

ପୁଞ୍ଜିବାଦୀ ଅର୍ଥନୀତି ତାର ସଂକଟ ଦୂର କରିଥାଏ। ପୁଞ୍ଜିବାଦୀ ସମାଜରେ ଚକ୍ରାକାରରେ ଚାଲିଥାଏ ମାନ୍ଦାବସ୍ଥା,'ଅଭିବୃଦ୍ଧି, ଅତ୍ୟଧିକ ଉତ୍ପାଦନ ଓ ସଂକଟ।'' ୨୦୦୮ ରୁ ପୃଥିବୀ ବ୍ୟାପୀ ସୃଷ୍ଟି ହୋଇଥିବା ଅର୍ଥନୈତିକ ବିପର୍ଯ୍ୟୟ ପୁଞ୍ଜିବାଦୀ ଅର୍ଥନୀତିର ନିୟନ୍ତ୍ରଣହୀନତାର ପରିଣତି। ଇ.ଏମ.ଏସ. ସ୍ୱୀକାର କରନ୍ତି ଯେ ସମାଜବାଦୀ ଅର୍ଥନୀତି ମଧ୍ୟ ସଂକଟର ସମ୍ମୁଖୀନ ହୁଏ। ସମାଜବାଦୀ ଉନ୍ନୟନ କେତୋଟି ନିୟମପାଳନ ନ କଲେ ଏପରି ସଂକଟ ଉପୁଜେ। ଏହି ନିୟମ ଜଣେଇବାକୁ ଯାଇ ସେ ଲେଖିଛନ୍ତି : (୧) ଜନସମୁଦ୍ର ଭିତରେ ସମାଜବାଦୀ ଅଞ୍ଚଳ ସ୍ୱତନ୍ତ୍ର ହୋଇ ନଥାଏ, ଏହା ପୁଞ୍ଜିବାଦୀ ଦେଶ ସହିତ ମିଶି କରି ଥାଏ। ପୁଞ୍ଜିବାଦୀ ଅର୍ଥନୀତିର ବିପଜ୍ଜନକ ପ୍ରଭାବ ଏହା ଉପରେ ପଡିବା ସ୍ୱାଭାବିକ। (୨) ଅର୍ଥନୈତିକ ଯୋଜନା ପରୀକ୍ଷିତ ନିୟମ ଭାରସାମ୍ୟ ରକ୍ଷାକାରୀ ଓ ଆନୁପାତିକ ଉନ୍ନୟନ ଧାରାରେ ଚାଲିବା ବାଞ୍ଛନୀୟ। ଏହା ଗୁରୁଶିଳ୍ପ ଓ ଲଘୁ ଶିଳ୍ପ ଏବଂ କୃଷିକ୍ଷେତ୍ର, ସହର ଓ ଗ୍ରାମାଞ୍ଚଳ, ସ୍ତୂପୀକରଣ ଓ ଉପଭୋଗ (Accumulation and consumption) ଏବଂ ଭୌତିକ ଓ ସାଂସ୍କୃତିକ ଜୀବନ ମଧ୍ୟରେ ଭାରସାମ୍ୟ ରଖି ଚାଲିବା ଦରକାର। (୩) ସମାଜବାଦୀ ଅର୍ଥନୀତିର ଦୀର୍ଘକାଳୀନ ଉନ୍ନୟନ ସ୍ତର ପରେ ସ୍ତର ଦେଇ ଜାତୀୟକରଣ, ଐକ୍ୟକରଣ ଓ ସାମାଜିକକରଣ ପ୍ରକ୍ରିୟାରେ ଚାଲିବା ବାଞ୍ଛନୀୟ। (୪) ରାଷ୍ଟ୍ରର ଦଳୀୟ ନେତୃତ୍ୱ ବିରୋଧୀ ଶ୍ରେଣୀର ମତବାଦର ମନ୍ଦ ପ୍ରଭାବକୁ ପ୍ରତିହତ କରିଚାଲିବା ଆବଶ୍ୟକ। (୫) ସମାଜବାଦୀ ନିର୍ମାଣ କାର୍ଯ୍ୟ ଶ୍ରମିକ ଶ୍ରେଣୀର ନେତୃତ୍ୱ ବିନା ଧାରଣୀୟ ହେବ ନାହିଁ।

ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର ଭିତରେ ସମାଜବାଦୀ ନେତୃତ୍ୱରେ ପରିଚାଳିତ ରାଜ୍ୟ ପକ୍ଷେ ଏ ସମସ୍ତ ନିୟମ ପାଳନ କରିବା ସମ୍ଭବ ନୁହେଁ। ତେବେ ନମ୍ବୁଦ୍ରିପଦଙ୍କ ଚେତାବନୀ, କୃଷି-ଶିଳ୍ପ, ଗ୍ରାମ-ସହର ମଧ୍ୟରେ ଭାରସାମ୍ୟ ରଖିବାର ଅନିବାର୍ଯ୍ୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋ ମତରେ ଅତୀତରେ ସୋଭିଏତ ୟୁନିୟନ ଓ ବର୍ତ୍ତମାନର ପଶ୍ଚିମବଙ୍ଗର ସଂକଟ ମୁଖ୍ୟତଃ ଏହି କାରଣରୁ।

ବିଂଶ ଶତାବ୍ଦୀରେ ମାର୍କ୍ସୀୟ ଚିନ୍ତାଧାରା ଯେ ବିଶ୍ୱର ବହୁ ଅଞ୍ଚଳ ଓ ଅଧିବାସୀଙ୍କୁ ପ୍ରଭାବିତ କରିଥିଲା। ଏହା ଇତିହାସର ଅବିସମ୍ବାଦିତ ସତ୍ୟ। ୧୯୬୪ ମସିହାରେ ସମାଜବାଦୀ ରାଷ୍ଟ୍ର ପୃଥିବୀର ୨୬ ପ୍ରତିଶତ ଅଞ୍ଚଳ ଓ ୩୪ ପ୍ରତିଶତ ଲୋକଙ୍କୁ ଆବୃତ୍ତ କରିଥିଲା। ସମୃଦ୍ଧ ପୁଞ୍ଜିବାଦୀ ରାଷ୍ଟ୍ର ଅଧୀନରେ ଥିଲା ୧୦.୬ ପ୍ରତିଶତ ପୃଥିବୀର ଅଞ୍ଚଳ ଓ ୧୬.୨ ପ୍ରତିଶତ ଲୋକ। ନବସ୍ୱାଧୀନତା ପ୍ରାପ୍ତ ଦେଶ ପୃଥିବୀର ୫୬ ପ୍ରତିଶତ ଅଞ୍ଚଳ ଓ ୪୨.୬ ପ୍ରତିଶତ ଲୋକଙ୍କୁ ଆବୃତ୍ତ କରିଥିଲା। ନୂତନ ସ୍ୱାଧୀନତା ପ୍ରାପ୍ତ ଦେଶ ମଧ୍ୟରୁ ଅଧିକାଂଶ ସମାଜବାଦୀ ଭାବଧାରାରେ ପ୍ରଭାବିତ ହୋଇଥିଲେ।

ବିଭିନ୍ନ ଦେଶର ନେତାମାନେ ମାର୍କ୍ସୀୟ ଚିନ୍ତାଧାରାକୁ ସେମାନଙ୍କ ସାମାଜିକ- ଅର୍ଥନୈତିକ ଅବସ୍ଥା ପରିପ୍ରେକ୍ଷୀରେ ବିଚାରର ସହ ପ୍ରୟୋଗ କରିଛନ୍ତି। ମାର୍କ୍ସୀୟ ଚିନ୍ତାଧାରା ସ୍ଥାଣୁ ନୁହେଁ, ଏହା ଗତିଶୀଳ ଓ ଜୈବିକ। ନମ୍ବୁଦ୍ରିପଦ କହନ୍ତି, ମାର୍କ୍ସଙ୍କ ଲେଖା ଆଜି ବି ମୂଲ୍ୟବାନ ଏହା ଗୋଟିଏ ଦେଶକୁ ପରିଚାଳନା କରିପାରେ ଯଦି ତାହା ବୁଦ୍ଧି ଓ ବିଚାରର ସହ ସଂପୃକ୍ତ ଦେଶର ଅବସ୍ଥା ଅନୁସାରେ ବ୍ୟବହାର କରାଯାଏ। ବହୁ ବର୍ଷ ତଳେ କାର୍ଲମାର୍କ୍ସ ଲେଖିଥିଲେ, ପ୍ରାଚ୍ୟ ଭୂଖଣ୍ଡର ତଥାକଥିତ ଆଦର୍ଶ ଗ୍ରାମ୍ୟସମାଜ ଶୋଷଣକାରୀଙ୍କ ଭିତ୍ତିଭୂମି ହୋଇଛି। ଏହା ବ୍ୟକ୍ତିକୁ ସୀମିତ ପରିସର ଭିତରେ ଆବଦ୍ଧ ରଖି ତାର ଚିନ୍ତାକୁ ସଂକୀର୍ଣ୍ଣ କରି ଦେଇଛି। ସେହି କାରଣରୁ ସାମ୍ୟବାଦୀମାନେ ଜାତିଭିତ୍ତିକ ରାଜନୀତିରେ ବିଶ୍ୱାସ କରନ୍ତି ନାହିଁ। ଏକ ବୃହତ୍ତର ଆଦର୍ଶର ଅନୁଗତ ହେଲେ ଲୋକଙ୍କ ମନରୁ ସଂକୀର୍ଣ୍ଣ ଜାତିଗତ ଚିନ୍ତା ଦୂର ହୋଇଯିବ।

ନମ୍ବୁଦ୍ରିପଦ ଅନୁଭବ କରିଥିଲେ ଯେ ଭାରତ ଏକ ବହୁଭାଷିକ- ସାଂସ୍କୃତିକ ଦେଶ ହୋଇ ଥିବାରୁ ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳ ସେ ଅଞ୍ଚଳ ଲୋକଙ୍କ ଭାବାବେଗ ଓ ଆବେଗକୁ ନେଇ ରାଜନୀତି କରିବେ। ତେଣୁ ଭାରତ ଏକ ଗଣତନ୍ତ୍ର ରୂପେ ଜୀଇ ରହିବାକୁ ହେଲେ ବିଭିନ୍ନ ରାଜ୍ୟ ମଧ୍ୟରେ ସହଯୋଗ ଆଣିବାକୁ ହେବ। ଭାରତର ଐକ୍ୟ ନିର୍ଭର କରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଓ ସଦ୍‌ଭାବ ଉପରେ। ତାଙ୍କ ମତରେ ସରକାର ଓ ରାଷ୍ଟ୍ର ଧର୍ମଠାରୁ ଦୂରେଇ ରହିଲେ, ସାଂପ୍ରଦାୟିକତା ହ୍ରାସ ପାଇବ। ସେହିଭଳି ଦଳିତ ଓ ଅନଗ୍ରସରର ଜାତିର ଲୋକେ ଐକ୍ୟବଦ୍ଧ ହୋଇ ସର୍ବ ସାଧାରଣଙ୍କ ଦୁର୍ଦ୍ଦଶା ଦୂର କରିବାକୁ ପ୍ରଚେଷ୍ଟା କଲେ ଜାତିଗତ ବିଦ୍ୱେଷ ଲୋପ ପାଇବ। ଦେଶର ବିଭିନ୍ନ ଭାଷା ମଧ୍ୟରେ ଭାବର ଆଦାନପ୍ରଦାନ, ପୂର୍ବକ ପ୍ରତ୍ୟେକ ଭାଷାକୁ ସମାନ ମର୍ଯ୍ୟାଦା ଦେଲେ ଭାଷାଗତ ଦ୍ୱନ୍ଦ୍ୱ ହ୍ରାସ ପାଇବ। ରାଜ୍ୟମାନଙ୍କୁ ଅଧିକ ସ୍ୱାୟତ୍ତଶାସନ ଅଧିକାର ଦେଇ କେନ୍ଦ୍ର ମୁଦ୍ରା, ସାମରିକବାହିନୀ, ବୈଦେଶିକନୀତି ଭଳି କେତୋଟି ବିଷୟରେ କ୍ଷମତା ରଖିଲେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି ହେବ ଏବଂ ଏହା ହିଁ ସଂଘୀୟ ଶାସନକୁ ଦୃଢ଼ କରିବ।

କେବଳ ରାଜନୀତି ନୁହେଁ, ଆମ ସମାଜର ଐତିହ୍ୟ, ଇତିହାସ, କଳା, ସାହିତ୍ୟ ଓ ଦର୍ଶନ ବିଷୟରେ ଗଭୀର ଜ୍ଞାନ ଓ ଅନୁରାଗ ନମ୍ବୁଦ୍ରିପଦଙ୍କୁ ଏକ ବିରଳ ପ୍ରଜ୍ଞାବାନ ନେତାରୂପେ ପ୍ରତିଷ୍ଠିତ କରିଛି। ଏମ.ଏନ.ରାୟ, ଜୟପ୍ରକାଶ, ଲୋହିଆ, ନେହରୁଙ୍କ ପରି ସେ ଉପଲବ୍ଧ କରିଥିଲେ ଯେ କେବଳ ବସ୍ତୁଗତ ପାର୍ଥିବ ଉନ୍ନତି ବ୍ୟକ୍ତି ଓ ସମାଜ ଜୀବନକୁ ରଙ୍ଗିମନ୍ତ ଓ ଉପଭୋଗ୍ୟ କରିବ ନାହିଁ। ପ୍ରତ୍ୟେକ ବ୍ୟକ୍ତି ଓ ସମାଜ ଏକ ପରିପୂର୍ଣ୍ଣ ସ୍ଥିତି ପାଇଁ ଲୋଡ଼ା କରେ ଭୌତିକ ସ୍ୱଚ୍ଛଳତା ସହ ବୌଦ୍ଧିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଆତ୍ମିକ ବିକାଶ।

ନମ୍ବୁଦ୍ରିପଦ ମାର୍କ୍ସଙ୍କ କଥାରେ ବିଶ୍ୱାସ କରନ୍ତି ଏବଂ ତାଙ୍କ ମତ ଉଦ୍ଧାର କରନ୍ତି। **Humanism & Class struggle in Literature** ପ୍ରବନ୍ଧରେ '' **Our consciousness and thinking, however supra-sensuous they may seem, are the product of a material, bodily organ, the brain. Matter is not a product of consciousness, but consciousness itself is merely the highest product of matter.**'' ବସ୍ତୁରୁ

Digitized by srujanika@gmail.com

ଜାତ ହୁଏ ଚେତନା, ଚେତନାରୁ ବସ୍ତୁ ଜାତ ହୁଏନା । ତେଣୁ ମାର୍କ୍ସ କହିଥିଲେ ଜୀବନର ଭୌତିକ ଆବଶ୍ୟକତା ପୂରଣ ହୋଇ ସାରିଲେ କଳା ଓ ସାହିତ୍ୟର ସୂକ୍ଷ୍ମାନୁଭୂତି ମିଳିପାରିବ । ନମ୍ବୁଦ୍ରିପଦ ଏଞ୍ଜେଲସ୍‌ଙ୍କ ମତ ଉଦ୍ଧାର କରି କହନ୍ତି "ପ୍ରତ୍ୟେକ ଲେଖକ ବା ଶିଳ୍ପୀ ସମାଜର ସଂଘର୍ଷ ଓ ପ୍ରକୃତି ଉପଲବ୍ଧ କରି ଚରିତ୍ର ମାଧ୍ୟମରେ ସମସ୍ୟା ଓ ସମାଧାନ ଫୁଟାଇଲେ ତା ମର୍ମସ୍ପର୍ଶୀ ହେବ । କଳାକାର ଓ କବିର ନିଜତ୍ୱ ରହିବ, ମାତ୍ର ତାର ନିଜତ୍ୱ ସମାଜର ଅବସ୍ଥା ଓ ଘଟଣା ଦ୍ୱାରା ପ୍ରଭାବିତ ହେବ ।" ଭାରତରେ ସାମ୍ୟବାଦୀ ବିପ୍ଳବର ଜଣେ ତୁଙ୍ଗ ନେତା, ଗଣତାନ୍ତ୍ରିକ ସମ୍ବିଧାନର ପରିସର ବା ବନ୍ଧନୀ ଭିତରେ ପ୍ରଥମ ନିର୍ବାଚିତ ସାମ୍ୟବାଦୀ ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ପ୍ରଗତିଶୀଳ ଶାସନ ଇତିହାସରେ ଲିପିବଦ୍ଧ ହୋଇ ରହିବ ଏବଂ ଏହା ଅନୁକୂଳ ବା ପ୍ରତିକୂଳ ପରିସ୍ଥିତିରେ କିପରି ଏକ ବାସ୍ତବବାଦୀ ଦୃଷ୍ଟିକୋଣ ନେଇ ଜନତାର ନେତୃତ୍ୱ ନିଆଯାଏ, ସେ ଶିକ୍ଷା ପ୍ରଦାନ କରିଚାଲିବ ଭାବୀ ଯୁବପିଢ଼ିକୁ । ନମ୍ବୁଦ୍ରିପଦଙ୍କ ଅମ୍ଳାନ ବ୍ୟକ୍ତିତ୍ୱ ବିଶେଷ କରି ତାଙ୍କର ପ୍ରଜ୍ଞା, ଉଦାର, ଗଭୀର ଅନୁଶୀଳନାତ୍ମକ ଦୃଷ୍ଟି କୋଣ, ପର୍ଯ୍ୟାପ୍ତ ଅଧ୍ୟୟନ, ଯାହାକି ନେହେରୁ ଓ ଜୟପ୍ରକାଶ, ଲୋହିଆଙ୍କ ଠାରେ ପ୍ରତିଭାତ ହେଉଥିଲା, ତା କ୍ରମକ୍ଷୟମାନ ରାଜନେତାଙ୍କ ବୋଧଶକ୍ତିକୁ ଉଜ୍ଜୀବିତ କରିବ । ଜ୍ଞାନ ଓ ମତାଦର୍ଶ ପ୍ରତି ତାଙ୍କର ଅକୁଣ୍ଠ ନିଷ୍ଠା ଆଜିର ସ୍ୱେଚ୍ଛାସେବୀ ଓ ରାଜନୈତିକ କର୍ମୀଙ୍କ ପାଇଁ ଆଲୋକବର୍ତ୍ତିକା ହେଉ । ❑

With Best Compliments From :

A

WELL

WISHER

Digitized by srujanika@gmail.com

ସେଦିନର ସ୍ମୃତି : ନମ୍ବୁଦ୍ରିପଦଙ୍କ ସହ କେତୋଟି ମୁହୂର୍ତ୍ତ

● ବ୍ରଜନାଥ ରଥ

୧୯୯୮ ମାର୍ଚ୍ଚ ତା ୧୯ ରିଖ ଦିନ ଇ.ଏମ.ଏସ. ନମ୍ବୁଦ୍ରିପଦଙ୍କର ୮୯ ବର୍ଷ ବୟସରେ କେରଳର ତିରୁବନନ୍ତପୁରମଠାରେ ମହାପ୍ରୟାଣ ଘଟିଥିଲା । ସେ ଇ.ଏମ.ଏସ. ନାମରେ ସାରା ଭାରତରେ ତଥା ଭାରତ ବାହାରେ ପରିଚିତ ଥିଲେ । ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପଦ୍ଧତିରେ କମ୍ୟୁନିଷ୍ଟ ପାର୍ଟି ଯେ ଶାସନ କ୍ଷମତାକୁ ଆସିପାରେ ଏହା କେବଳ ନମ୍ବୁଦ୍ରିପଦ ହିଁ ପ୍ରମାଣ କରି ଦେଖାଇ ଦେଇଥିଲେ କେରଳରେ । ଏହା ଆଜକୁ ପ୍ରାୟ ପଚାଶ ବର୍ଷ ତଳର କଥା । ସେତେବେଳେ ଭାରତ ସମେତ ସମଗ୍ର ପୃଥିବୀରେ ଏହା ଏକ ଐତିହାସିକ ଦୃଷ୍ଟାନ୍ତ ସୃଷ୍ଟି କରିଥିଲା । କେରଳରେ ନମ୍ବୁଦ୍ରିପଦଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ଚହଳ ପଡ଼ିଯାଇଥିଲା ଦେଶରେ ତଥା ବିଦେଶରେ । ଆତଙ୍କ ଖେଳି ଯାଇଥିଲା ପୁଞ୍ଜିବାଦୀ ଓ ସାମନ୍ତବାଦୀ ଶକ୍ତିଙ୍କ ଶିବିରରେ । ପ୍ରମାଦ ଗଣିଲେ, କେନ୍ଦ୍ର ତଥା ପ୍ରାଦେଶିକ ସ୍ତରରେ ସ୍ୱାଧୀନତା ପ୍ରାପ୍ତିପରଠାରୁ ନିରଙ୍କୁଶ ଶାସନ ଚଳାଇଥିବା କଂଗ୍ରେସୀ ଶାସକମାନେ । ସେତେବେଳେ ଜବାହରଲାଲ ଥାନ୍ତି ପ୍ରଧାନମନ୍ତ୍ରୀ । ପ୍ରଥମ ଥର ପାଇଁ ନିଜ କନ୍ୟା ଇନ୍ଦିରାଙ୍କୁ କରାଇଥାନ୍ତି କଂଗ୍ରେସ ସଭାପତି । ସେ କେରଳରେ ନମ୍ବୁଦ୍ରିପଦଙ୍କ କମ୍ୟୁନିଷ୍ଟ ଶାସନକୁ କୌଣସି ମତେ ସହ୍ୟ କରିବା ଅବସ୍ଥାରେ ନଥିଲେ । କାରଣ ସେଠାକାର ସରକାର ଏଭଳି କେତେକ କ୍ରାନ୍ତିକାରୀ ପଦକ୍ଷେପ ଗ୍ରହଣ କଲେ ଯାହା ନ୍ୟସ୍ତସ୍ୱାର୍ଥ ଶୋଷକ ଶ୍ରେଣୀର ବିରୋଧରେ ଗଲା । ଗୋଟିଏ ନୂତନ ଶିକ୍ଷା ବିଲ୍ କେରଳ ବିଧାନସଭାରେ ଗୃହୀତ ହେଲା । ଯାହା ଫଳରେ ଦୀର୍ଘ ଦିନ ଧରି କ୍ୟାଥଲିକ୍ ଚର୍ଚ୍ଚମାନଙ୍କ ବ୍ୟାବସାୟିକ କବଳରୁ ଶିକ୍ଷାନୁଷ୍ଠାନମାନଙ୍କୁ ମୁକ୍ତ କରି ଏକ ଗଣତାନ୍ତ୍ରିକ ଶିକ୍ଷା ନୀତି ପ୍ରଚଳନ କରାଗଲା । ଜୋସେଫ୍ ମୁଣ୍ଡାସେରି ଜଣେ ଖ୍ରୀଷ୍ଟିଆନ୍ ହେଲେ ମଧ୍ୟ କମ୍ୟୁନିଷ୍ଟ ମନ୍ତ୍ରୀ ମଣ୍ଡଳର ଶିକ୍ଷାମନ୍ତ୍ରୀ ଭାବରେ ଏହି ପ୍ରକ୍ରିୟାକୁ ଦୃଢ଼ ଭାବରେ ଏବଂ ଦ୍ରୁତଗତିରେ କାର୍ଯ୍ୟକାରୀ କଲେ । ଇ.ଏମ.ଏସ. ଜଗତ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ନମ୍ବୁଦ୍ରି ବ୍ରାହ୍ମଣକୂଳରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ଥିଲେ ଜାତିପ୍ରଥାର ଘୋର ବିରୋଧୀ । ମୁଖ୍ୟମନ୍ତ୍ରୀ ହେବା ପରେ ସେ କେରଳରେ ନିମ୍ନଜାତିର ଲୋକମାନଙ୍କ ଉପରେ ବ୍ରାହ୍ମଣ ତଥା ଉଚ୍ଚଜାତିର ଲୋକମାନଙ୍କ ଆଧିପତ୍ୟ ଓ ଅତ୍ୟାଚାର ବିରୋଧରେ ଶାସନକଳକୁ ପ୍ରୟୋଗ କଲେ । ଏହା ଫଳରେ ସବୁ ନ୍ୟସ୍ତ ସ୍ୱାର୍ଥ, ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଏବଂ କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ରାଜନୀତିକ ଦଳ 'ବେଳିଜନେ ପଡିଛି ସମଦଶା' ନ୍ୟାୟରେ ସାଧାରଣ ମତ ବିରୋଧ ସତ୍ତ୍ୱେ ଆତ୍ମରକ୍ଷା ପାଇଁ ଏକଜୁଟ ହେଲେ ଏବଂ ନମ୍ବୁଦ୍ରିପଦଙ୍କ କମ୍ୟୁନିଷ୍ଟ ମନ୍ତ୍ରୀମଣ୍ଡଳ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଦେଲେ । ଦିଲ୍ଲୀ ମସ୍‌ନଦରେ ବସିଥିବା କଂଗ୍ରେସ ଦଳ ଏହାକୁ ମଦତ ମଧ୍ୟ ଦେଲେ । ଇନ୍ଦିରାଗାନ୍ଧୀ କଂଗ୍ରେସର ସଭାପତି ଭାବରେ ଜବାହରଲାଲଙ୍କ ଉପରେ ପ୍ରଭାବ ପକାଇ କେରଳରେ ରାଷ୍ଟ୍ରପତି ଶାସନ ଜାରି କରାଇଲେ । ସପ୍ତରଥୀ

Digitized by srujanika@gmail.com

ମିଳି 'ଅଭିମନ୍ୟୁ'କୁ ହତ୍ୟା କଲା ଭଳି, ଏଇ ଭାରତରେ ସମ୍ବିଧାନ ଓ ଗଣତନ୍ତ୍ରର ଦୁହାଇ ଦେଇ, ସେହି ସମ୍ବିଧାନ ଓ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଓ ଗଠିତ ପ୍ରଥମ କମ୍ୟୁନିଷ୍ଟ ମନ୍ତ୍ରୀମଣ୍ଡଳର ଅବସାନ ଘଟାଇଲେ।

ଗଣତନ୍ତ୍ର ନାଁରେ ଏଭଳି ଅଗଣତାନ୍ତ୍ରିକ କର୍ମକାଣ୍ଡ ଭିଆଇଥିବା ଶକ୍ତିମାନଙ୍କ ବିରୋଧରେ ଜନମତ ସୃଷ୍ଟି କରିବା ପାଇଁ ଏବଂ କେରଳର କମ୍ୟୁନିଷ୍ଟ ସରକାରର ପତନ ପାଇଁ କାହିଁକି ଏହି ଅପଶକ୍ତିମାନେ ଏକଜୁଟ ହୋଇଥିଲେ ସେ ସଂପର୍କରେ ଦେଶର ଜନସାଧାରଣଙ୍କୁ ସବିଶେଷ ଜଣାଇବା ପାଇଁ ନମ୍ବୁଦ୍ରିପଦ ସେତେବେଳେ ସାରା ଭାରତ ପରିକ୍ରମା କରୁଥାନ୍ତି। ମୁଁ ସେତେବେଳେ ସଦ୍ୟ ଛାତ୍ରଜୀବନରୁ ଅବ୍ୟାହତି ନେଇ ଏକ ପ୍ରକାର ବେକାର ଜୀବନ କଟାଉ ଥାଏ। କିନ୍ତୁ ଯେହି ଛାତ୍ର ଜୀବନରୁ ମାର୍କ୍ସବାଦ ପ୍ରତି ଅନୁରକ୍ତି ଥିବା ଯୋଗୁଁ କମ୍ୟୁନିଷ୍ଟ ପାର୍ଟି ପାଇଁ ସାମୟିକ କାମ କରୁଥାଏ। ଏହି ସମୟରେ ଆମେ ଦିନେ ଖବର ପାଇଲୁ ଯେ ନମ୍ବୁଦ୍ରିପଦ ସକାଳେ ଟ୍ରେନରେ ବାଲେଶ୍ୱର ବାଟ ଦେଇ କଲିକତା ଯିବେ। ତେଣୁ ତାଙ୍କୁ ଅଭ୍ୟର୍ଥନା ଜଣାଇବାର ଏ ସୁବର୍ଣ୍ଣ ସୁଯୋଗ ହରାଇବାକୁ ଚାହିଁଲୁ ନାହିଁ। ସାଥୀ ହିମାଂଶୁ ନନ୍ଦୀ ସେତେବେଳେ ଫକୀର ମୋହନ କଲେଜର ଛାତ୍ରନେତା। ସେ ଛାତ୍ରସଂଘର ସଭ୍ୟ ଥିବା କେତେକ ଛାତ୍ରଛାତ୍ରୀଙ୍କୁ ଏ ଖବର ଦେଲେ। ତତ୍କାଳୀନ କମ୍ୟୁନିଷ୍ଟ ନେତା ତଥା ଆଡଭୋକେଟ ଗଜେନ୍ଦ୍ର ପ୍ରସାଦ ଦାସ କିଛି ପ୍ରଗତିଶୀଳ ବୁଦ୍ଧିଜୀବୀ ଓ କମ୍ୟୁନିଷ୍ଟ କର୍ମୀଙ୍କୁ ମଧ୍ୟ ଷ୍ଟେସନ ପାଖକୁ ଆଣିବାର ବ୍ୟବସ୍ଥା କଲେ। ଠିକ୍ ଭୋରବେଳକୁ ଆମେ ଶତାଧିକ ଛାତ୍ର, ବୁଦ୍ଧିଜୀବୀ ଓ କମ୍ୟୁନିଷ୍ଟ ପାର୍ଟିର ସମର୍ଥକ ତଥା କର୍ମୀ ଯାଇ ବାଲେଶ୍ୱର ଷ୍ଟେସନରେ ହାଜର ହୋଇ ଗାଡିକୁ ଅପେକ୍ଷା କଲୁ। ହାତରେ ଥାଏ ପାର୍ଟିର ପତାକା, ଫେଷ୍ଟୁନ ଇତ୍ୟାଦି। ମାଡ୍ରାସ ମେଲ ଠିକ୍ ସମୟରେ ଆସି ଷ୍ଟେସନରେ ପହଞ୍ଚିଲା ବେଳକୁ ଷ୍ଟେସନ କମ୍ପି ଉଠିଲା ସମବେତ ଜୟ ଧ୍ୱନି ଓ ସ୍ଲୋଗାନର ଶବ୍ଦରେ। ଆମେ ସବୁ ଦୌଡ଼ି ଦୌଡ଼ି କରି କେଉଁ ବଗିରେ ନମ୍ବୁଦ୍ରିପଦ ଅଛନ୍ତି ଜାଣିବାକୁ ଚାହିଁବାରୁ ଗୋଟାଏ ଡବାରୁ ଜଣେ ତରୁଣ, ବୋଧହୁଏ ତାଙ୍କର ବ୍ୟକ୍ତିଗତ ସହାୟକ ହେବେ ଇଂରାଜୀରେ କହିଲେ ଯେ ଦେଖା ହୋଇ ପାରିବ ନାହିଁ, ସେ ବାଥରୁମରେ ଅଛନ୍ତି। ମାନ୍ଦ୍ରାଜମେଲ ଏଠାରେ ମାତ୍ର ଦୁଇ ମିନିଟ ଖଣ୍ଡେ ରହିବ। ଏହା ଭିତରେ ଯେ ସେ କାମ ସାରି ଆମକୁ ଦେଖାଦେବେ, ଏ ବିଶ୍ୱାସ ହେଲା ନାହିଁ। କିନ୍ତୁ ସମସ୍ତେ ସ୍ଲୋଗାନ ଓ ଜୟଧ୍ୱନି ଅବିରାମ ଭାବରେ ଦେଇ ଚାଲିଥାନ୍ତି। ଟ୍ରେନ ଛାଡିବାକୁ ଆଉ ମାତ୍ର ଅଳ୍ପ କେତେକ ସେକେଣ୍ଡ ଅଛି ଖଣ୍ଡିଏ ସାଦା ଲୁଙ୍ଗି ଓ ଗୋଟିଏ ଧଳା ସାଧାରଣ ଗେଞ୍ଜି ପିନ୍ଧା ଲୋକଟିଏ ହଠାତ୍ ବାହାରି ଆସି ଆମ ସମସ୍ତଙ୍କୁ ଅତି ବିନୟ ଭାବରେ ନମସ୍କାର କଲେ। ଏଇ କଣ ନମ୍ବୁଦ୍ରିପଦ, କେରଳର ସଦ୍ୟ ଗାଦିଚ୍ୟୁତ ମୁଖ୍ୟମନ୍ତ୍ରୀ ? ଯାହାଙ୍କ ପାଇଁ ଗତ କିଛି ଦିନ ଧରି ଭାରତର କମ୍ୟୁନିଷ୍ଟ ବିରୋଧୀ ରାଜନୈତିକ ଦଳମାନଙ୍କ ଆଖିରେ ନିଦ ନାହିଁ। ଦିଲ୍ଲୀ ମସନଦ ଯାହାଙ୍କ ଅଭ୍ୟୁତ୍ଥାନରେ ଆତଙ୍କ ଗ୍ରସ୍ତ। ଦେଶର ପୁଞ୍ଜିପତି, ସାମନ୍ତବାଦୀ ଶକ୍ତି ଯାହାଙ୍କ ପାଇଁ ଭୀତ-ତ୍ରସ୍ତ। ଆଉ ଜାତୀୟ ତଥା ଆନ୍ତର୍ଜାତୀୟ ସମ୍ବାଦପତ୍ର ସବୁ ଯାହାଙ୍କ ସଂପର୍କରେ ସମ୍ବାଦ ପରିବେଷଣ କରି କରି କ୍ଳାନ୍ତ। ଅଥଚ ସେ ଏମିତି ଏକ ମାମୁଲି ବେଶରେ ସାଧାରଣ ଲୋକଟିଏ ଭଳି ହାତଗୋଡି ଆମକୁ ନମସ୍କାର କରିବେ ଆମେ ଭାବିପାରି ନଥିଲୁ। ଶୀତଦିନ ତାଙ୍କ ପାଟି ଖନି ବାଜି ଯାଉଥାଏ (ସେ ଟିକିଏ ଖନା ମଧ୍ୟ)। କିଛି ସମୟ ପର୍ଯ୍ୟନ୍ତ ସେ କିଛି କହିପାରିଲେ ନାହିଁ। ତାପରେ ତଳକୁ ଓହ୍ଲାଇ ଆସି ଆମ ଗହଣରେ ଠିଆ ହେଲେ, ଆମ ଅଭିବାଦନ ଗ୍ରହଣ କଲେ, ଆମ ସହ ଫଟୋ ଉଠାଇଲେ ଆଉ କ୍ଷମା ମାଗିଲେ ଟିକିଏ ବିଳମ୍ବରେ (ମାତ୍ର ଗୋଟିଏ ମିନିଟ ହୋଇପାରେ) ଆସି ଆମକୁ ଦେଖା ଦେଇଥିବାରୁ। ଏହା ଭିତରେ ସାରା ଷ୍ଟେସନ ଜନାରଣ୍ୟ ହୋଇଯାଇଥାଏ। ନିଜେ ଗାର୍ଡ ମଧ୍ୟ ସବୁଜ ପତାକା ଦେଖାଇ ହୁଇସିଲ, ଦେବାକୁ ଭୁଲିଯାଇଥାଏ। ଦୁଇ ମିନିଟ ରହିବା ସ୍ଥଳେ ଗାଡି ସେତେବେଳକୁ ପ୍ରାୟ ୪/୫ ମିନିଟ ରହିସାରିଲାଣି। ଯାହା ହେଉ ଆତ୍ମବିସ୍ମୃତ ଗାର୍ଡ ହଠାତ୍ ସଚେତନ ହୋଇ ହୁଇସିଲ ମାରିଲା। ଲୋକେ ଯେ ଯାହା ଡବାକୁ ଉଠିଗଲେ। ଆମ ଗହଣରେ ଠିଆ ହୋଇ ଆମର ଆନ୍ତରିକ ଅଭିନନ୍ଦନ ଗ୍ରହଣ କରୁଥିବା ସେହି ସାଧାରଣ ବେଶଧାରୀ କଳା, ଗେଡା ମଣିଷଟି ମଧ୍ୟ ଉଠି ନିଜ କମ୍ପାର୍ଟମେଣ୍ଟ ଭିତରକୁ ଚାଲି ଗଲେ ପୁଣି ଥରେ ଆମକୁ ସେହି ବିନୟଭରା ନମସ୍କାର ଜଣାଇ। ଆମେ ଫେରି ଆସିଲୁ। ଆଜି ପ୍ରାୟ ୫୦ ବର୍ଷ ପାଖାପାଖି ହେବାକୁ ବସିଲାଣି। କିନ୍ତୁ ସେ ଦିନର ସ୍ମୃତି ତଥାପି ଜୀବନ୍ତ ରହିଛି। ସେଦିନ ଷ୍ଟେସନରେ ଉଠିଥିବା ଫଟୋଟି ଆଜି ବି ମୋ ଆଲବମ ଭିତରୁ ଉଙ୍କି ମାରି ମୋ ଭିତରେ ଖେଳାଇ ଦେଉଛି ସ୍ମୃତିର ସୁଗନ୍ଧ।

ଏହାପରେ ଆଉ ଥରକର କଥା। ଯେତେଦୂର ମନେ ପଡୁଛି ୧୯୬୧ ମସିହାରେ ନୀଳଗିରି ନିର୍ବାଚନ ମଣ୍ଡଳୀରେ କେତେ ଗୁଡ଼ିଏ ସାଧାରଣ ସଭାରେ ଭାଷଣ ଦେବା ପାଇଁ ପାର୍ଟିର ନିର୍ଦ୍ଦେଶକ୍ରମେ ସେ ଆସିଥିଲେ ବାଲେଶ୍ୱର। ସେତେବେଳେ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ବାଲେଶ୍ୱର ଜିଲ୍ଲା ସଂପାଦକ ଥାନ୍ତି ସାଥୀ ଅକ୍ଷୟ ପାଣି। ମୁଁ ଜିଲ୍ଲା କମିଟିର ସଭ୍ୟ ଥାଏ। ତାଙ୍କୁ ଟ୍ରେନରୁ ପାଛୋଟି ଆଣିବା ପାଇଁ ଅକ୍ଷୟବାବୁ ଏବଂ ମୁଁ ଷ୍ଟେସନକୁ ଯିବା କଥା। କିନ୍ତୁ ମୁଁ ଘରୁ ଯାଇ ଅକ୍ଷୟ ପାଣିଙ୍କ ବସାରେ ପହଞ୍ଚିଲା ବେଳକୁ ଦେଖିଲି ତାଙ୍କ ନଳମଗଡ଼ରେ ଥିବା ନୁଆଣିଆ ଚାଳଘର ପିଣ୍ଡାରେ ଗୋଟିଏ କେନ୍‌ଭାସ ଆରାମଚେୟାର ଉପରେ ବସିଛନ୍ତି ସ୍ୱୟଂ ନମ୍ବୁଦ୍ରିପଦ। ମୁଁ ହଠାତ୍ କିଛି ବୁଝି ପାରିଲି ନାହିଁ। ହତବମ୍ବ ହୋଇଗଲି। ତାଙ୍କୁ ନମସ୍କାର ଜଣାଇ କୋଠରୀ ଭିତରକୁ ପଶିଯାଇ ଦେଖିଲି ସାଥି ଅକ୍ଷୟ ପାଣି ଅଛନ୍ତି। ପଚାରି ବୁଝିଲି ଆମେ ଟ୍ରେନର ବାଲେଶ୍ୱର ପହଞ୍ଚିବା ସମୟ ଯାହା ଜାଣିଥିଲୁ ତାହା ଭୁଲ ଥିଲା। ତା ପୂର୍ବରୁ ଟ୍ରେନ ପହଞ୍ଚି ଯାଇଥିଲା ଏବଂ ଆମର ଅନୁପସ୍ଥିତି ଦେଖି ସେ ପଚାରି ପଚାରି ଗୋଟିଏ ରିକ୍‌ସାରେ ଆସି ଅକ୍ଷୟ ପାଣିଙ୍କ ବସାରେ ପହଞ୍ଚିଥିଲେ। କିଛି ସମୟ ଅପେକ୍ଷା କଲା ପରେ ଅବଶ୍ୟ କଟକରୁ ଗିରିଜା ପଟ୍ଟନାୟକ ଆସି ପହଞ୍ଚିଲେ ଏବଂ ଆମେ ସମସ୍ତେ ତାଙ୍କୁ ନେଇ ରେମୁଣାର ସାହାଜୀ ଘର ଆଗରେ ଆୟୋଜିତ ସଭା ସ୍ଥଳରେ

Digitized by srujanika@gmail.com

ପହଞ୍ଚିଲୁ। ସେଠାରେ ଉପରଓଳି ପ୍ରଥମ ସଭା ହେଲା। ନମ୍ବୁଦ୍ରିପଦ ଇଂରାଜୀରେ ଭାଷଣ ଦେଲେ ଏବଂ ଗିରିଜା ପଟ୍ଟନାୟକ ତାକୁ ଓଡ଼ିଆରେ ସଂଗେ ସଂଗେ ଅନୁବାଦ କରି କହି ଦେଉଥାନ୍ତି। ତାଙ୍କର ଭାଷଣର ବିଷୟବସ୍ତୁ କଣ ଥିଲା ତାହା ଅବଶ୍ୟ ଏତେ ଦିନ ପରେ ମନେ ପକାଇବା ସମ୍ଭବ ନୁହେଁ, କିନ୍ତୁ ତାହା ଥିଲା ତଥ୍ୟ ଭିତ୍ତିକ ଏବଂ କଂଗ୍ରେସ ଶାସନ ବିରୋଧରେ ପ୍ରାମାଣିକ ଆକ୍ରମଣ। ରେମୁଣା ସଭା ପରେ ବନମାଳୀ ବାବୁ, ଗିରିଜାବାବୁ ଇତ୍ୟାଦି ତାଙ୍କୁ ନେଇ ନୀଳଗିରିରେ ଅନ୍ୟ ଏକ ସଭାରେ ଭାଷଣ ଦେବା ପାଇଁ ଚାଲିଗଲେ। ଆମେ କେତେ ଜଣ ବାଲେଶ୍ୱର ଫେରି ଆସିଲୁ। ଏ ହେଉଛି ତାଙ୍କ ସହ ଦ୍ୱିତୀୟ ଥର କେତୋଟି ମୁହୂର୍ତ୍ତ ବିତାଇ ଥିବାର ଅବିସ୍ମରଣୀୟ ସ୍ମୃତି।

ନମ୍ବୁଦ୍ରିପଦ ଆଜି ଆଉ ନାହାଁନ୍ତି। ସେ କେଉଁ ଦଳର ଲୋକ ଥିଲେ ତାହା ମଧ୍ୟ ବଡ଼ କଥା ନୁହେଁ। କିନ୍ତୁ ସବୁଠୁ ବଡ଼ କଥା ହେଉଛି ସେ ଯେଉଁ ଆଦର୍ଶରେ ବିଶ୍ୱାସ କରୁଥିଲେ ଶେଷ ପର୍ଯ୍ୟନ୍ତ ସେଥିରେ ଅଟଳ ଥିଲେ ଏବଂ ନିଃସ୍ୱାର୍ଥପର ଭାବରେ ନିଷ୍ଠାର ସହିତ ସେ ଆଦର୍ଶର ରୂପାୟନ ପାଇଁ କାମ କରିଯାଇଛନ୍ତି। ଆଜି ରାଜନୀତିରେ ମୂଲ୍ୟବୋଧର ଯେଉଁ ଅବକ୍ଷୟ ଘଟିଛି, ତା' ଭିତରେ ସେ ଥିଲେ ଏକ ଉଚ୍ଚ ପରମ୍ପରାର ବାହକ। ନିଜର ସମସ୍ତ ସଂପତ୍ତି ପାର୍ଟିକୁ ଦାନ କରି ଦେଇ ସେ ସେହି ପରମ୍ପରାର ଉଜ୍ଜ୍ୱଳ ମଶାଲକୁ ହିଁ ଟେକି ଧରିଥିଲେ। ଆଜୀବନ ବିପ୍ଳବୀ, ସାଧାରଣ ଜନତାର ଅକୃତ୍ରିମ ସାଥୀ, ନୀତିନିଷ୍ଠ ରାଜନୀତିଜ୍ଞ ନମ୍ବୁଦ୍ରିପଦ କେବଳ ଜଣେ ସାମ୍ୟବାଦୀ ରାଜନୀତିଜ୍ଞ ଭାବରେ ବଞ୍ଚି ରହିବେ ଏ ଦେଶର କୋଟି କୋଟି ଜନଗଣଙ୍କ ମନରେ। କଥା ଓ କାମ ଭିତରେ, ଆଦର୍ଶ ଓ ବାସ୍ତବତା ଭିତରେ ତଫାତ ରଖୁ ନଥିବା ଏହି ମହାନ୍ ଦେଶଭକ୍ତଙ୍କ ଗହଣରେ ଏକଦା କିଛି ମୁହୂର୍ତ୍ତ ବିତାଇ ଓ ତାଙ୍କ ସଂସ୍ପର୍ଶରେ ଆସି ମୁଁ ଧନ୍ୟ ହୋଇଛି। ଆଜି ବହୁ ବର୍ଷ ପରେ ସେହି ସ୍ମୃତିକୁ ମନେ ପକାଇ ମୁଁ ତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ନିବେଦନ କରୁଛି। ❑

ସୁନହଟ, ବାଲେଶ୍ୱର

We vow to carry forward the Red Flag as taught by

Com. E.M.S. Namboodiripad

●

Sambalpur Division

Life Insurance Employees' Association.

With Best Compliments From :

A

WELL

WISHER

Digitized by srujanika@gmail.com

ସଭ୍ୟ ଜୀବନଦୃଷ୍ଟି : ଏକ ବିହଙ୍ଗାବଲୋକନ

● ଧନେଶ୍ୱର ସାହୁ

ଆଧୁନିକ ବିଜ୍ଞାନ ମାନଦଣ୍ଡରେ ଜୀବନର ଉତ୍ପତ୍ତି ପରଠାରୁ ଲକ୍ଷ ଲକ୍ଷ ବର୍ଷର ଜୈବିକ କ୍ରମବିବର୍ତ୍ତନ ଦେଇ ମଣିଷର ଉଦ୍ଭବ ପ୍ରାୟ ଏକ ଲକ୍ଷ ବର୍ଷ ତଳେ ପୃଥିବୀ ପୃଷ୍ଠରେ ହୋଇଥିଲା । ପୁଣି ଏକ ଆଦିମ ଅବସ୍ଥାରୁ ହଜାର ହଜାର ବର୍ଷର କ୍ରମବିକାଶ ଦେଇ ମଣିଷ ମାତ୍ର ପାଞ୍ଚ/ଛଅ ହଜାର ବର୍ଷ ତଳେ ସ୍ଥାୟୀ ଭାବେ ବାସ କରିବାକୁ ଲାଗିଲା । ସେହିଠାରୁ ସଭ୍ୟତାର ବିକାଶ ପର୍ବ ଆରମ୍ଭ ହେଲା । ତେବେ ମାତ୍ର ତିନି ହଜାର ବର୍ଷ ହେବ ବିଭିନ୍ନ ଭୂଖଣ୍ଡରେ ଗଢି ଉଠିଥିବା ସଭ୍ୟତାମାନଙ୍କ ବିଷୟରେ କେତେକ ଐତିହାସିକ ତଥ୍ୟ ଆମେ ଜାଣିବାକୁ ସମର୍ଥ ହୋଇଛେ । ତାପୂର୍ବରୁ ଘଟଣା ପ୍ରବାହ ପ୍ରାକ୍ ଇତିହାସ, ଯାହା ବିଷୟରେ ସଠିକ୍ ଭାବେ ଐତିହାସିକ ତଥ୍ୟ ଦେବା ପ୍ରାୟତଃ ସମ୍ଭବ ହୋଇନାହିଁ । ସଭ୍ୟତାର ଆରମ୍ଭ ପୂର୍ବରୁ ମଣିଷ ଅଗ୍ନିର ବ୍ୟବହାର ଜାଣିଲା, ଯାହାଦ୍ୱାରା ସେ ହିଂସ୍ର ଯନ୍ତୁଙ୍କଠାରୁ ନିଜକୁ ରକ୍ଷା କରିବାର ସାମର୍ଥ୍ୟ ହାସଲ କଲା । ଅଗ୍ନିକୁ ଦେବତା ମନେ କରି ପୂଜା କରିବାର ବହୁ ପରମ୍ପରା ଏବେ ବି ବିଭିନ୍ନ ଗୋଷ୍ଠୀ ଭିତରେ ରହିଛି । କାଳକ୍ରମେ ମଣିଷ ଭାଷା କହିବାର ସାମର୍ଥ୍ୟ ଲାଭ କଲା, ତେବେ ମଣିଷ ଭାଷା କେବେ କହିବାର ସାମର୍ଥ୍ୟ ଲାଭ କଲା ତାହା ନିର୍ଦ୍ଦିଷ୍ଟ ଭାବେ କହିବା ସମ୍ଭବ ନ ହେଲେ ମଧ୍ୟ ଏହା ଯେ ସେ କାଳକ୍ରମେ ହାସଲ କରିଛି ଏହା ମନେ ହୁଏ । ଏହାପରେ ସେ ସମ୍ଭବତଃ କେତେକ ପଶୁଙ୍କୁ ଗୃହପାଳିତ କରି ଶିଖିଲା । ତାପରେ କୃଷିର ଉଦ୍ଭାବନ ହେଲା ଓ କୃଷିର ଉଦ୍ଭାବନ ପରଠାରୁ ସ୍ଥାୟୀ ଭାବେ ଜୀବନ ବଞ୍ଚିବାର ପ୍ରୟାସ ଆରମ୍ଭ କଲା । ପୃଥିବୀର ବିଭିନ୍ନ ଅଞ୍ଚଳର ନଦୀକୂଳମାନଙ୍କରେ ପ୍ରାୟ ପାଞ୍ଚ ହଜାର ବର୍ଷ ତଳେ ଗ୍ରାମୀଣ ସଭ୍ୟତା ଗଢି ଉଠିଥିଲା ।

ମଣିଷର ସାମାଜିକ ପ୍ରବୃତ୍ତି ଓ ପ୍ରାକୃତିକ କାରଣର ଅପରିହାର୍ଯ୍ୟତା ଯୋଗୁ ମଣିଷ ଗୋଷ୍ଠୀ ଜୀବନ ଯାପନ କରି ଆସିଛି । ଜୀବଜଗତରେ ମଣିଷ ଶ୍ରେଷ୍ଠ କାରଣ ସେ ଭାଷା ବ୍ୟବହାର କରିବାକୁ ସମର୍ଥ, ଆତ୍ମ ସଚେତନ ଓ ପ୍ରକୃତି ତଥା ପରିବେଶକୁ ଅବବୋଧ କରି ଜୀବନର ମାନକୁ ଉନ୍ନତ କରିବାକୁ ସତତ ପ୍ରୟାସୀ । ତେବେ ମଣିଷର ମସ୍ତିଷ୍କ ସବୁଠାରୁ ଅଧିକ ବିକଶିତ ହେଲେ ମଧ୍ୟ ପ୍ରାଣୀ ଜଗତରେ ମଣିଷ ଶିଶୁ ବହୁ ବର୍ଷ ପର୍ଯ୍ୟନ୍ତ ଅସହାୟ । ପଶୁ ଜଗତରେ ଗୋଟିଏ ଶିଶୁ ଜନ୍ମ ହେବାର ମାତ୍ର କେତୋଟି ଘଣ୍ଟା ବା ଦିନ ପରେ ନିଜକୁ ପରିବେଶ ସହ ମିଶାଇ ବଞ୍ଚିବାକୁ ପ୍ରୟାସ କରିଥାଏ । କିନ୍ତୁ ମଣିଷ ଶିଶୁ ବହୁ ବର୍ଷ ପର୍ଯ୍ୟନ୍ତ ଅସହାୟ ହୋଇ ଅନ୍ୟ ଉପରେ ନିର୍ଭର କରିଥାଏ । ପରିବାର, ସାମାଜିକ ଗୋଷ୍ଠୀ ଓ ବୃହତ୍ତର ପରିବେଶ ଉପରେ ନିର୍ଭର କରି ସେ ଆସ୍ତେ ଆସ୍ତେ ଗଢି ଉଠିଥାଏ । ଐତିହାସିକ ଓ ନୃତାତ୍ତ୍ୱିକ ବିଶ୍ଳେଷଣରୁ ଏହା ମଧ୍ୟ ଜଣାପଡେ ଯେ ସାମାଜିକ ବିକାଶ ପ୍ରକ୍ରିୟାରେ ପାରିବାରିକ ଜୀବନରୁ ଦଳ, ଗୋଷ୍ଠୀ, କ୍ଷୁଦ୍ର ରାଜ୍ୟ, ଦେଶ ଓ ଆଧୁନିକ ରାଷ୍ଟ୍ରମାନଙ୍କର ଉଦ୍ଭବ ହୋଇଛି । ବସ୍ତୁତଃ ସାମାଜିକ ଜୀବନର ଭାଷା, ଭାବନା. ଚଳଣି, ପରମ୍ପରା, ରୁଚିବୋଧ, ସଂସ୍କୃତି ଇତ୍ୟାଦିର ବହୁ ପ୍ରଭାବ ଦ୍ୱାରା ବ୍ୟକ୍ତି ଗଢି

Digitized by srujanika@gmail.com

ଉଠିଥାଏ ଓ ନିଜର ଜୀବନ ଦୃଷ୍ଟିକୁ ରଷିମନ୍ତ କରିଥାଏ। ଏହି ପ୍ରକ୍ରିୟାରେ କାଳକ୍ରମେ ତାର ସାମାଜିକ ପରିଚୟ ଓ ଅସ୍ମିତା ବି ଆସିଥାଏ ଯାହା ସହିତ ତାର ଆବେଗିକ ବନ୍ଧନ ଦୃଢ଼ ହୋଇଥାଏ। ବହୁ ଅତୀତର କ୍ଷୁଦ୍ର ଗୋଷ୍ଠୀଠାରୁ ଆଧୁନିକ ଯୁଗର ରାଷ୍ଟ୍ର ଭାବନାର ବିକାଶ ଭିତରେ ଯେଉଁ ବିସ୍ତୃତ ଇତିହାସ ରହିଛି ତାହାରି ଭିତରେ ମଣିଷର ପ୍ରଗତିର ଏକ ସୁଦୀର୍ଘ ଇତିହାସ ରହିଛି। ସାମାଜିକ, ସାଂସ୍କୃତିକ, ଆର୍ଥନୈତିକ ଓ ରାଜନୈତିକ ବିକାଶ ପ୍ରକ୍ରିୟାର ଧାରା ମଧ୍ୟ ଦେଇ ପ୍ରତ୍ୟେକ ଜନଗୋଷ୍ଠୀ ନାନା ପରିବର୍ତ୍ତନ ନେଇ ଅଗ୍ରଗତି କରିଛି। ଏକ ଆଦିମ ଅବସ୍ଥାରୁ ବହୁ ସ୍ତର ଦେଇ ମଣିଷର ବିକାଶ ଯେପରି ହୋଇଛି, ସେହିପରି କ୍ରମବର୍ଦ୍ଧିଷ୍ଣୁ ଭାବେ ଜ୍ଞାନ, ବିଜ୍ଞାନ, ସାଂସ୍କୃତିକ ଭାବନା, ସଭ୍ୟ ଦୃଷ୍ଟିଭଙ୍ଗୀ, ରାଜନୈତିକ ବ୍ୟବସ୍ଥା ଇତ୍ୟାଦିର ମଧ୍ୟ କ୍ରମବିକାଶ ହୋଇଛି।

ତେବେ ବିଡମ୍ବନାର ବିଷୟ ମଣିଷର ସ୍ଥିତି ସହ ସର୍ବଦା କିଛି ନା କିଛି ସଂକଟ ରହିଛି। ମଣିଷ ପାହାଚ ପାହାଚ ଦେଇ ଜ୍ଞାନ, ବିଜ୍ଞାନ ଓ ସାଂସ୍କୃତିକ ଚେତନାର ଯେତେ ବିକାଶ କରାଇଛି ସେହି ଭାବରେ ନାନା ସମସ୍ୟା ଓ ସଂକଟ ଜୀବନ ପ୍ରବାହ ସହ ଓତପ୍ରୋତ ଭାବେ ଜଡିତ ହୋଇ ରହିଛି। ପ୍ରକୃତି ମଣିଷ ପାଇଁ ଯେତେ ପ୍ରତିକୂଳ ହେଲେ ମଧ୍ୟ କେତେକ ବୁଦ୍ଧିମାନ ବ୍ୟକ୍ତି ନିଜର ଅନୁସନ୍ଧିତ୍ସା ଓ ବିଚାରବୋଧ ଦେଇ ସେସବୁକୁ ଅତିକ୍ରମ କରିବାକୁ ସଭ୍ୟତାର ଆଦିମ କାଳରୁ ପ୍ରୟାସ କରିଆସିଛନ୍ତି। ସେହି ପ୍ରୟାସର ପରିଣାମସ୍ୱରୂପ ସଂପ୍ରତି ଜ୍ଞାନବିଜ୍ଞାନ କ୍ଷେତ୍ରରେ ବା ସାମାଜିକ ସ୍ଥିରତା କ୍ଷେତ୍ରରେ ଏତେ ଅଭିବୃଦ୍ଧି ସମ୍ଭବ ହୋଇଛି। କୌଣସି ନୂତନ ଜ୍ଞାନ ବା କୌଶଳର ଅଧିକାରୀ ହେବା ଦ୍ୱାରା ବଞ୍ଚିବାରମାନରେ ଗୁଣାତ୍ମକ ପରିବର୍ତ୍ତନ ଆସିଛି। କିନ୍ତୁ ଏହା ସହିତ ନୂତନ ସମସ୍ୟା ବି ସୃଷ୍ଟି ହୋଇଛି। ଏହା ସଭ୍ୟତାର ଆରମ୍ଭ କାଳରୁ ଏ ପର୍ଯ୍ୟନ୍ତ ହୋଇ ଆସିଛି। ଚାଷବାସ ଜାଣିବା ପରେ ମଣିଷ ସ୍ଥାୟୀ ଭାବେ ଗୋଷ୍ଠୀଗତ ଗ୍ରାମୀଣ ଜୀବନ ଆରମ୍ଭ କରିଛି, ତେବେ ନରବଳି ଦେଲେ ଚାଷରେ ଭଲ ଫସଲ ଫଳିବ ବୋଲି ବିଶ୍ୱାସ ସୃଷ୍ଟି ହୋଇଛି। ଘୋଡାକୁ ଗୃହପାଳିତ ପଶୁ କରି ଯାତାୟତ କରିବା ସାମର୍ଥ୍ୟ ମଣିଷ ଜାଣିବା ପରେ ତାର ଗତିଶୀଳତା ଆସିଛି। ଏହା ସହିତ ଘୋଡା ସାହାଯ୍ୟରେ ଅନ୍ୟ ଭୂଖଣ୍ଡ ଉପରେ ଆକ୍ରମଣ କରିବାରୁ ଯୁଦ୍ଧର ପରିବେଶ ସୃଷ୍ଟି ହୋଇଛି। ଶିଳ୍ପ ବିପ୍ଳବ ଯୁଗରେ ଉତ୍ପାଦନ ବହୁ ଭାବରେ ବଢିଛି ଓ ବଞ୍ଚିବାର ମାନରେ ବହୁ ଉନ୍ନତି ଆସିଛି। ତେବେ ସେହି ଯୁଗରେ ସାମ୍ରାଜ୍ୟବାଦ ମଧ୍ୟ ସୃଷ୍ଟି ହୋଇଛି ଓ ବାଳଶ୍ରମିକ ପ୍ରଥା ପରି ବହୁ ଅମାନବିକ ପରିସ୍ଥିତି ମଧ୍ୟ ଆସିଛି। ସଂପ୍ରତି ବିଜ୍ଞାନ ଓ ଆଧୁନିକ ପ୍ରଯୁକ୍ତି କ୍ଷେତ୍ରରେ ପ୍ରଭୁତ ବିକାଶ ସାଧନ ହୋଇଛି ଯାହା ସଭ୍ୟତାର ରୂପରେଖ ବଦଳାଇବାରେ ଲାଗିଛି। ତେବେ ବିଡମ୍ବନାର ବିଷୟ ଗଣବିଧ୍ୱଂସୀ ମାରଣାସ୍ତ୍ର ମଧ୍ୟ ମଣିଷ ତିଆରି କରିବାକୁ ସମର୍ଥ ହୋଇଛି। ଏହିପରି ଅନେକ ଉଦାହରଣ ଦିଆଯାଇପାରେ। ଜ୍ଞାନ, କାରିଗରୀ କୌଶଳ ଓ ପ୍ରକୃତି ଉପରେ ନିୟନ୍ତ୍ରଣ ଯେତିକି ବୃଦ୍ଧି ପାଉଛି ସେହି ଅନୁପାତରେ ମାନବିକ ସମସ୍ୟା ଓ ସଂକଟ ମଧ୍ୟ ବଢୁଛି।

ଜ୍ଞାନ-ବିଜ୍ଞାନ କ୍ଷେତ୍ରରେ ଯାହା ହୋଇଛି, ସାମାଜିକ ସଂଗଠନ, ଧାର୍ମିକ ବିଶ୍ୱାସ ଇତ୍ୟାଦି ସ୍ତରରେ ମଧ୍ୟ ସେହିପରି ଜଟିଳ ପରିସ୍ଥିତି ସୃଷ୍ଟି ହୋଇ ଆସିଛି। ଏକଦା ମହତ୍ତର ଜୀବନ ପାଇଁ ପ୍ରେରଣାର ଉତ୍ସ ଭାବେ ବିଭିନ୍ନ ଭୂଖଣ୍ଡରେ ଧର୍ମମାନଙ୍କର ଉଦ୍ଭବ ହୋଇଥିଲା। ତେବେ ନିଜ ଧର୍ମର ଭାବନାକୁ ଚିରନ୍ତନ ସତ୍ୟ, ପବିତ୍ର ଓ ଈଶ୍ୱର-ପ୍ରେରିତ ପରି ଭାବନାରୁ ଧାର୍ମିକ ମତାନ୍ଧତା ଆସିଛି ଓ ଧର୍ମକୁ ଆଧାର କରି ସାଂପ୍ରଦାୟିକ ବିଦ୍ୱେଷ, ଘୃଣା ଓ ଯୁଦ୍ଧର ବିଭୀଷିକା ସୃଷ୍ଟି ହୋଇଛି। ରାଷ୍ଟ୍ରର ଭାବନା ୟୁରୋପରେ ନବଜାଗରଣ ଯୁଗ ପରେ ସୃଷ୍ଟି ହୋଇଛି ଓ ରାଷ୍ଟ୍ର ଏକ ରାଜନୈତିକ ବ୍ୟବସ୍ଥା ଭାବେ କାଳକ୍ରମେ ସାମାଜିକ ଜୀବନରେ ସୁଦୃଢ଼ ଭିତ୍ତି ନେଇଛି। ରାଷ୍ଟ୍ର ସଂପ୍ରତି ପ୍ରତ୍ୟେକ ବ୍ୟକ୍ତି ପାଇଁ ଏକ ରାଜନୈତିକ ପରିଚୟ ଆଣି ଦେବା ସହ ନାଗରିକଙ୍କ ପାଇଁ ଜନମଙ୍ଗଳ ଆଭିମୁଖ୍ୟ ନେଇପାରିଛି। ତେବେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ବିବାଦ, ବିଦ୍ୱେଷର ଭାବନା ମଧ୍ୟ ସୃଷ୍ଟି ହୋଇଛି। 'ମୋର ମାତୃଭୂମି ପବିତ୍ର ଓ ଏଥିପାଇଁ ଜୀବନ ଦେବା ଏକ ନୈତିକ କର୍ତ୍ତବ୍ୟ' ବୋଲି ଭାବନାରୁ ସୀମାପାର ସନ୍ତ୍ରାସବାଦ ବି ମୁଣ୍ଡ ଟେକିଛି। ନିଜର ନିରାପତ୍ତାର ଆଳ ନେଇ ପ୍ରତ୍ୟେକ ରାଷ୍ଟ୍ର ଧ୍ୱଂସାତ୍ମକ ଅଣୁ ଅସ୍ତ୍ର ନିର୍ମାଣରେ ପ୍ରାକୃତିକ ସାଧନ ଓ ସଂପଦକୁ ଧ୍ୱଂସ କରିବା ସହ ବିଶ୍ୱରେ ଏକ ଉତ୍ତେଜନାର ବାତାବରଣ ସୃଷ୍ଟି କରିଆସିଛି।

ମଣିଷର ଭାବନା, ଜ୍ଞାନ ଓ ସାମାଜିକ ସଂଗଠନର ସୁତରାଂ ଦୁଇଟି ଦିଗ ରହିପାରେ। ଆଧୁନିକ ଜ୍ଞାନ, ପ୍ରଯୁକ୍ତି ସମାଜରେ ଗୁଣାତ୍ମକ ପରିବର୍ତ୍ତନ ଓ ଉନ୍ନତ ଜୀବନଶୈଳୀ ପାଇଁ ଯଥେଷ୍ଟ ଅନୁକୂଳ ପରିସ୍ଥିତି ସୃଷ୍ଟି କରିପାରେ। ଅପରପକ୍ଷରେ ବିଚାରହୀନତା, ବିଦ୍ୱେଷ ଓ ଭେଦଭାବ ଜନିତ ମାନସିକତା ସମାଜରେ ଅକଥନୀୟ ଦୁଃଖ ଦୁର୍ଦ୍ଦଶାର ପରିବେଶ ମଧ୍ୟ ସୃଷ୍ଟି କରିପାରିବ। ସଭ୍ୟତାର ଆଦିକାଳରୁ ବିଂଶଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଜାତିବାଦ, ଗୋଷ୍ଠୀବାଦ, ଧର୍ମୀୟ ଉଗ୍ରବାଦ ଇତ୍ୟାଦି ସଂକୀର୍ଣ୍ଣତା ସଂସାରକୁ ନାନା ଭାବରେ ବିଭାଜିତ ଓ ରକ୍ତରଂଜିତ କରିଆସିଛି। ଏହି ପରିସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ଅନେକ କ୍ରାନ୍ତିକାରୀ ହେତୁବାଦୀ, ଦାର୍ଶନିକ ଓ ମାନବବାଦୀ ଚିନ୍ତାନାୟକ ଗମ୍ଭୀର ଚିନ୍ତା ପ୍ରକଟ କରିଆସିଛନ୍ତି। ସେହିମାନଙ୍କର ମୌଳିକ ଅବଦାନର ଫଳସ୍ୱରୂପ ସଭ୍ୟତାର ଗୁଣାତ୍ମକ ବିକାଶ ଘଟିଛି। ଶାନ୍ତି ଓ ସଦ୍ଭାବନାଭରା ବିଶ୍ୱ ପାଇଁ ପରିବେଶ ସୃଷ୍ଟି ହେବାରେ ଲାଗିଛି।

ସମସ୍ତ ପ୍ରତିକୂଳତା ଓ ବିଭେଦ ଜନିତ ଭାବନାକୁ ପ୍ରତିହତ କରି ନୈସର୍ଗିକ ସୁଖଶାନ୍ତି ଓ ମାନବିକ କଲ୍ୟାଣର ବିଚାର ବିଶ୍ୱରେ ବିକଶିତ ହେବାକୁ ଲାଗିଛି। ଏହି ପୃଷ୍ଠଭୂମିରେ ଯେଉଁ ସବୁ କାରଣଗୁଡିକ ସଭ୍ୟ ଜୀବନଦୃଷ୍ଟିର ବିକାଶ ଦିଗରେ ଅଧିକ ନିର୍ଣ୍ଣାୟକ ଭୂମିକା ନେଇଛି ତାହାର କେତୋଟି ମାତ୍ର ଘଟଣାକୁ ଉଲ୍ଲେଖ କରାଯାଇପାରେ।

ବିଜ୍ଞାନର ବିକାଶଧାରାଟି ସଭ୍ୟତାର ଭୌତିକ ପ୍ରଗତି ପାଇଁ ଓ ସୁସ୍ଥ ଜୀବନ ପାଇଁ ଅନେକ ପ୍ରେରଣା ଯୋଗାଇଛି। ସପ୍ତଦଶ

Digitized by srujanika@gmail.com

ଶତାବ୍ଦୀରୁ ଆରମ୍ଭ ବିଜ୍ଞାନର ଅଗ୍ରଗତି ସଭ୍ୟତାକୁ ବହୁ ଅବଦାନ ଦେଇଛି । ସଂପ୍ରତି ଗମନାଗମନର ବିକାଶ, କୃଷି ଉତ୍ପାଦନରେ ଆଶାତୀତ ବୃଦ୍ଧି, ଦୂରଦର୍ଶନ, ଇଣ୍ଟରନେଟ, ମୋବାଇଲ ଫୋନ୍, କ୍ଲୋନିଂ, ଉନ୍ନତ ପରିବେଶରେ ଜୀବନଧାରଣ ଇତ୍ୟାଦି କେବଳ ବିଜ୍ଞାନର ଅବଦାନ ଯୋଗୁ ସମ୍ଭବ ହୋଇଛି । ସେହିପରି ବିଜ୍ଞାନ ସାହାଯ୍ୟରେ ବହୁ ମହାମାରୀ ଓ କେତେକ ଦୁରାରୋଗ୍ୟ ବ୍ୟାଧିକୁ ଚିକିତ୍ସା ବିଜ୍ଞାନଦ୍ୱାରା ମଣିଷ ନିୟନ୍ତ୍ରଣ କରିବାକୁ ସମର୍ଥ ହୋଇଛି । ଅତୀତରେ ହଇଜା, ବସନ୍ତ, ପ୍ଲେଗ, ମ୍ୟାଲେରିଆ ପରି ବହୁ ମାରାତ୍ମକ ରୋଗ ମହାମାରୀ ଭାବେ ବ୍ୟାପୀ ଯାଉଥିଲା ଓ ଗାଁ ଗାଁ ମରଣଯନ୍ତାରେ ପରିଣତ ହେଉଥିଲା । ତେବେ ଏହି ସ୍ଥିତିରେ ପ୍ରାୟ ଶହେ ବର୍ଷ ତଳେ ପରିବର୍ତ୍ତନ ହେଲା । ସେହିପରି ଗମନାଗମନର ବିକାଶ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ପ୍ରାକୃତିକ କାରଣରୁ ଦୁର୍ଭିକ୍ଷ ପଡୁଥିଲା ବା କୌଣସି ପ୍ରାକୃତିକ ଦୁର୍ବିପାକ ଘଟୁଥିଲେ ହଜାର ହଜାର ଲୋକ ମୃତ୍ୟୁମୁଖରେ ପଡୁଥିଲେ । ବୈଜ୍ଞାନିକ ଜ୍ଞାନଜନିତ ପ୍ରଯୁକ୍ତିର ବିକାଶ ଯୋଗୁଁ ଗମନାଗମନର ପ୍ରଭୂତ ବିକାଶ ହେଲା । ପରିଣାମତଃ ଦୁର୍ଭିକ୍ଷ ଓ ଖାଦ୍ୟାଭାବ ଜନିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସମ୍ଭବ ହେଲା ।

ରାଜନୈତିକ ପୃଷ୍ଠଭୂମିରେ ଅଷ୍ଟାଦଶ ଶତାବ୍ଦୀରେ ଫରାସୀ ରାଷ୍ଟ୍ର ବିପ୍ଳବଦ୍ୱାରା ଧୀରେ ଧୀରେ ଯେଉଁ ରାଜନୈତିକ ସଂସ୍କୃତିର ବିକାଶ ହେଲା ତାହା ବି ସଭ୍ୟ ଜୀବନଧାରାର ବିକାଶ ପାଇଁ ଯୁଗାନ୍ତକାରୀ ଥିଲା । ବିଶ୍ୱରେ ଏକ ଗଣତାନ୍ତ୍ରିକ ଚେତନା, ସ୍ୱାଧୀନତା ଓ ସମତାଭାବ ସୃଷ୍ଟି କରିବା ପାଇଁ ଏହା ପରଠାରୁ ବୈଚାରିକ ସ୍ତରରେ ନାନା କ୍ରାନ୍ତିକାରୀ ରାଜନୈତିକ ସଂସ୍କାରର ସୂତ୍ରପାତ ହେଲା । ଊନବିଂଶ ଶତାବ୍ଦୀରେ ଏକ ଶୋଷଣମୁକ୍ତ ଓ ସମତାଭିତ୍ତିକ ସମାଜର ପରିକଳ୍ପନା କ୍ଷେତ୍ରରେ କାର୍ଲମାର୍କ୍ସ ପଥ ପ୍ରଦର୍ଶକ ହେଲେ । ସାମନ୍ତବାଦ, ବୁର୍ଜୁଆବାଦ ଓ ଶୋଷଣ ବିରୋଧରେ ସମାଜବାଦ ଓ କମ୍ୟୁନିଜିମ ଏକ ସମତାଭିତ୍ତିକ ଓ ନ୍ୟାୟଭିତ୍ତିକ ସମାଜର ଯେଉଁ ଚିତ୍ର ଦେଲେ ତାହା ବେଶ ବୈପ୍ଳବିକ ଥିଲା ।

ସେହିପରି ଧର୍ମୀୟ ନିଗଡରୁ ମୁକ୍ତ ହୋଇ ଧର୍ମନିରପେକ୍ଷ ଜୀବନଧାରା ଏକ ସଭ୍ୟ ଦୃଷ୍ଟିକୋଣ ଭାବେ କାଳକ୍ରମେ ବିକାଶ ଲାଭ କଲା । ଧର୍ମ, ପାରଲୌକିକ ବିଶ୍ୱାସ, ମୁକ୍ତି, ମୋକ୍ଷ, ସ୍ୱର୍ଗପ୍ରାପ୍ତି ଜନିତ ଭାବନାଗୁଡିକ କେବଳ ବ୍ୟକ୍ତିଗତ ସ୍ତରର ଭାବନା ହୋଇ ରହିଲା । ପରନ୍ତୁ ରାଷ୍ଟ୍ର ଓ ଶାସନ ବ୍ୟବସ୍ଥା ଧାର୍ମିକ ଶୃଙ୍ଖଳ ଓ ପୂଜକ ଶ୍ରେଣୀର କବଳରୁ ମୁକ୍ତ ହେଲା । ରାଜତନ୍ତ୍ର ଯୁଗରେ ଧର୍ମକୁ ଆଧାର କରି ଯେଉଁ ସାମନ୍ତବାଦର ବିକାଶ ହୋଇଥିଲା ସେହି ମାନସିକତାରେ ପରିବର୍ତ୍ତନ ଆସିଲା । ଧର୍ମନିରପେକ୍ଷତା ସଭ୍ୟ ଜୀବନର ମୂଲ୍ୟବୋଧ ହେଲା । କାଳକ୍ରମେ ପ୍ରତ୍ୟେକ ଜନମଙ୍ଗଳ ରାଷ୍ଟ୍ରରେ ଶିକ୍ଷା ସାର୍ବଜନୀନ ହେଲା । ବିଭିନ୍ନ ସାମଜରେ ଲିଙ୍ଗଭେଦ ଜନିତ କାରଣରୁ ମହିଳାମାନଙ୍କୁ ଯେପରି ରାଜନୈତିକ ଅଧିକାରରୁ ବଞ୍ଚିତ କରାଯାଉଥିଲା ତାହା ଦୂର ହୋଇ ସବୁ ସ୍ତରରେ ନାରୀ-ପୁରୁଷ ସମାନ ଅଧିକାର ନେଇ ଦୃଷ୍ଟିଭଙ୍ଗୀ ପ୍ରକାଶ ପାଇଲା । ଆଇନ ବ୍ୟବସ୍ଥାକୁ ଅଧିକ ନ୍ୟାୟଭିତ୍ତିକ କରାଯାଇ ପାରିଲା ଓ ତାହା ହିଁ ଶାସନ ବ୍ୟବସ୍ଥାରେ ଗୃହୀତ ହେଲା । ମାନବିକ ଅଧିକାରର ବିଶ୍ୱଘୋଷଣାରେ ପ୍ରତ୍ୟେକ ବ୍ୟକ୍ତିର ସମ୍ମାନ, ମର୍ଯ୍ୟାଦା ଓ ସ୍ୱାଭିମାନକୁ ଗ୍ରହଣ କରାଯିବା ସହ ସକଳ ଭେଦଭାବ ଓ ସାମାଜିକ ବୈଷମ୍ୟକୁ ବିରୋଧ କରାଗଲା । ଏହି ସବୁ ଆଦର୍ଶ ଓ ମୂଲ୍ୟବୋଧଗୁଡିକ ସବୁ ସମାଜରେ ସମଭାବରେ ଅଭିବ୍ୟକ୍ତ ହୋଇ ନଥିଲେ ମଧ୍ୟ ଚିନ୍ତା ସ୍ତରରେ ଯେ ବିଶ୍ୱରେ ସ୍ୱୀକୃତ ହୋଇପାରିଛି ଏହା ଏକ ବଡ଼ ବୌଦ୍ଧିକ ଉତ୍ତରଣ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏସବୁ ସହିତ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏକ ଆନ୍ତର୍ଜାତିକ ଦୃଷ୍ଟିଭଙ୍ଗୀ ଓ ବହୁ ବିଶ୍ୱସଂସ୍ଥା ପୃଥିବୀରେ ସୃଷ୍ଟି ହୋଇଛି । ମାନବଜାତିର ସମସ୍ୟା ସଂପ୍ରତି ଆନ୍ତର୍ଜାତିକ ସ୍ତରରେ ବିଶ୍ୱର ସଚେତନ ରାଷ୍ଟ୍ରନୀତିଜ୍ଞ ମଧ୍ୟରେ ଆଲୋଚିତ ହୋଇପାରୁଛି । ସବୁ ଦେଶର ମାନବହିତୈଷୀ ବ୍ୟକ୍ତିଗଣ ଏକ ସୁନ୍ଦର ପୃଥିବୀର ବାସ୍ତବ ରୂପାୟନ ପାଇଁ କେତେ କେତେ ପ୍ରକଳ୍ପର ବାର୍ତ୍ତା ଦେଉଛନ୍ତି । ଆଗାମୀ ଦିନରେ ମଣିଷଜାତି ଯେଉଁ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ରହୁଛି ତାହା ମଧ୍ୟ ବିଶ୍ୱ ସ୍ତରରେ ଆଲୋଚିତ ହୋଇ ସମାଧାନର ପନ୍ଥା ଚିନ୍ତା କରାଯାଉଛି । ବିଶ୍ୱରେ ରହିଥିବା ମାରାତ୍ମକ ବ୍ୟାଧିଗୁଡିକର ଚିକିତ୍ସା ପାଇଁ ଆନ୍ତର୍ଜାତିକ ସହଯୋଗରେ ଉନ୍ନତ ଗବେଷଣା କରାଯାଇପାରୁଛି । ତୃତୀୟ ବିଶ୍ୱର ଜନଗଣଙ୍କର ଜୀବନର ମାନକୁ ଉନ୍ନତ କରିବା ପାଇଁ ଆନ୍ତର୍ଜାତିକ ସ୍ତରରେ ଆନ୍ତରିକତା ପ୍ରକାଶ ପାଉଛି । ଏକ ଯୁଦ୍ଧରହିତ ବିଶ୍ୱ ପାଇଁ କେତେକ ମନୀଷୀ ବିଶ୍ୱ ସରକାର ପରି ଭାବନା ବ୍ୟକ୍ତ କରୁଛନ୍ତି । ଆଧୁନିକ ପ୍ରଯୁକ୍ତିର ପରିଣାମରୁ ଭବିଷ୍ୟତରେ ବିଶ୍ୱ ଏକ କ୍ଷୁଦ୍ର ଗ୍ରାମରେ ରୂପାନ୍ତରିତ ହେବାର ସମ୍ଭାବନା ସୃଷ୍ଟି ହେବାରେ ଲାଗିଛି । ଜାତି, ଧର୍ମ, ଜାତୀୟତାର ପ୍ରାଚୀରଗୁଡିକ ଭବିଷ୍ୟତରେ ଯେ ଭୁଶୁଡି ପଡିବ ଏହା କଳ୍ପନା କରାଯାଉଛି । ଯେଉଁ ଯେଉଁ କାରଣ ଗୁଡିକରୁ ହିଂସାର ପରିବେଶ ରହିଆସିଛି ତାହାର ବିଲୋପ ସମ୍ଭବ ହେଲେ ଏକ ଅହିଂସ ବିଶ୍ୱର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠିବ । ସେତେବେଳେ ବିଶ୍ୱମାନବିକତା ଓ ମହାନୁଭବତା ହିଁ ଜୀବନର ସର୍ବଶ୍ରେଷ୍ଠ ମୂଲ୍ୟବୋଧ ଭାବେ ବାସ୍ତବପକ୍ଷେ ସାମାଜିକ ସମ୍ପର୍କର ଭିତ୍ତି ହୋଇପାରିବ ବୋଲି ଆଶା କରାଯାଉଛି । ଏହା ସଂପ୍ରତି ଯେତେ ଅବାସ୍ତବ ବା ୟୁଟୋପିଆ ପରି ମନେ ହେଲେ ବି ଏହା ଯେ ମଣିଷ ଜାତିର ସ୍ଥାୟୀତ୍ୱ ପାଇଁ ନିର୍ଣ୍ଣାୟକ ହେବ ଏହି ବିଶ୍ୱାସ ପ୍ରକାଶ ପାଉଛି ।

ମୋଟ ଉପରେ ବିଚାରଶୀଳ ଦୃଷ୍ଟି ଓ ବନ୍ଧୁତ୍ୱଭାବ ଜନିତ ସମ୍ବେଦନଶୀଳ ଜୀବନଦର୍ଶନ ଉପରେ ହିଁ ସମାଜରେ ଓ ବିଶ୍ୱରେ ଶାନ୍ତି, ସଦ୍‌ଭାବନାର ପରିବେଶ ସୃଷ୍ଟି ହୋଇପାରିବ । ତାହା ହିଁ ଗୁଣାତ୍ମକ ଜୀବନର ମାନଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଆଦର୍ଶ ଓ ମୂଲ୍ୟଚୟ ଯେତେ ଅଧିକରୁ ଅଧିକ ସମାଜରେ ବ୍ୟକ୍ତ ହୋଇପାରିବ ତାହା ସଭ୍ୟତାର ଗୁଣାତ୍ମକ ଅଗ୍ରଗତି ଦିଗରେ ସହାୟକ ହେବ ।

❑❑❑

Digitized by srujanika@gmail.com

ଇ.ଏମ୍.ଏସ୍.ଙ୍କ ସାଂଗରେ କିଛି ଦିନ

● ଗିରିଜା ଭୂଷଣ ପଟ୍ଟନାୟକ

ସେତେବେଳେ କମ୍ୟୁନିଷ୍ଟ ପାର୍ଟି ଅବିଭକ୍ତ। ଇ.ଏମ.ଏସ. ଆସିଥାନ୍ତି ଓଡ଼ିଶାକୁ ନିର୍ବାଚନରେ ପ୍ରଚାର ପାଇଁ। ସେ ଓଡ଼ିଶା ସାରା ବୁଲିବେ, ଖରାଦିନେ। ତାଙ୍କ ସାଂଗରେ ମୁଁ ରହିଥିଲି ସହକର୍ମୀ, ଇଣ୍ଟରପ୍ରିଟର ଭାବରେ। ଓଡ଼ିଶାସାରା ବୁଲିଛି। ସେ ସ୍ମୃତି ମୋର ଅଦ୍ୟାପି ଜାଗରୁକ। ପ୍ରଥମେ ଟ୍ରେନରେ ଗଞ୍ଜାମ ଜିଲ୍ଲା ଗସ୍ତ। ଛତ୍ରପୁରରେ ବିପୁଳ ସମ୍ବର୍ଦ୍ଧନା। ମୋର ଠିକ୍ ମନେ ପଡୁନି, ବୋଧ ହୁଏ ଲକ୍ଷ୍ମଣ ମହାପାତ୍ର ପ୍ରାର୍ଥୀ। ଇ.ଏମ.ଏସ. ଆଗ ବୁଝନ୍ତି ଡ୍ରାଇଭର, ମାଇକ୍ ଅପରେଟର ଖାଇଲେ କି ନାହିଁ। ଦୁଇବେଳା ଯାକ ବୁଝନ୍ତି, ଏଥିରେ ତିଳେ ତ୍ରୁଟି ହୁଏନି। ଆସିକାରେ ବିରାଟ ସମାବେଶ। ଦିନଯାକ ଖରାରେ ବୁଲା ହେଉଛି, ଧୂଳି ଧୂସରିତ କଚା ରାସ୍ତାରେ। ସନ୍ଧ୍ୟାରେ ବିରାଟସମାବେଶ। ମୁଁ ପଚାରିଲି ଇ.ଏମ.ଏମ.ଙ୍କୁ ତାଙ୍କ ପ୍ରତିକ୍ରିୟା। ସେ ଖନେଇ ଖନେଇ କଥା କହନ୍ତି। କହିଲେ, ସମାବେଶରେ ଲୋକେ ଜମା ହେବା ଯଦି ଭୋଟରେ ଜିତିବାର ଏକମାତ୍ର ମାନଦଣ୍ଡ ହୋଇଥାଏ, ତାହାହେଲେ ଆମ୍ଭେ କେଉଁ କାଳରୁ କେରଳରେ ଜିତି ସାରନ୍ତୁଣୁ। ଏତିକି କହି ରହିଗଲେ। ତାପରେ ଆମେ ଆସିକାରୁ ବାହାରିଲୁ। ପୁରୁଣା ମୋଟର ଗାଡ଼ି। ବାରମ୍ବାର ଠେଲିବାକୁ ପଡେ। ସାଂଗରେ ଗୋବିନ୍ଦ ପ୍ରଧାନ, ପୃଥୁଳକାର ମଣିଷ। ସେ ଠେଲନ୍ତି ଗାଡିକୁ। ଏହା ଦେଖି ଇ.ଏମ.ଏସ. ନିଜେ ମଧ୍ୟ ଗାଡି ଠେଲିବାକୁ ଆରମ୍ଭ କରନ୍ତି। ଏଥିପାଇଁ ଗୋବିନ୍ଦ ପ୍ରଧାନ ତାଙ୍କୁ ବାରଣ କରନ୍ତେ, ସେ ତାଙ୍କୁ ପଚାରନ୍ତି, ଯେ କେଉଁ ଗୁଣରେ ଗୋବିନ୍ଦ ପ୍ରଧାନଠାରୁ ସେ ବଡ଼ ? ବୟସରେ, ତ୍ୟାଗରେ ସବୁଥିରେ ଆପଣ ମୋଠାରୁ ବଡ, ଆପଣ ଗାଡି ଠେଲିବେ ଓ ମୁଁ ଠିଆ ହୋଇ ଦେଖିବି ? ଗୋବିନ୍ଦ ପ୍ରଧାନଙ୍କ ଘରେ ଖାଇବାକୁ ନିମନ୍ତ୍ରଣ , ଭୁରିଭୋଜନ। ଗୋବିନ୍ଦ ପ୍ରଧାନ କହନ୍ତି ଏହା ଓଡ଼ିଶାର ଜାତୀୟ ଖାଦ୍ୟ। ଇ.ଏମ.ଏସ. ହସି ହସି କହନ୍ତି ଆପଣ ଜାଣନ୍ତି ଜାତୀୟତା କହିଲେ ଦୁଇଟି ଜାତୀୟତା ଅଛି। କେଉଁ ଜାତୀୟତାର ଖାଦ୍ୟ ଆପଣ ମୋତେ ଦେଉଛନ୍ତି ?

ଇ.ଏମ.ଏସ.ଙ୍କୁ କେବେ କେବେ ଡାକ ବଙ୍ଗଳାରେ ରହିବାକୁ ପଡିଲା। ଡାକବଙ୍ଗଳାର ପିଅନର ପିଲାପିଲି କେତୋଟି, ସେମାନେ କଣ କରନ୍ତି, ଦରମା କେତେ, କେମିତି ଚଳନ୍ତି, ଏମିତି ବହୁ ପ୍ରଶ୍ନର ଉତ୍ତର ଦେବାକୁ ପଡେ ପିଅନମାନଙ୍କୁ। ରନ୍ଧା ହୋଇଥିବା ଖାଦ୍ୟରୁ ଡ୍ରାଇଭର, ମାଇକ ଅପରେଟର ସମେତ ଡାକବଂଗଳାର ପିଅନ ମଧ୍ୟ ଖାଇଲା କି ନାହିଁ ବୁଝନ୍ତି ସେ। ଠେଲା ହେଉଥିବା ଗାଡି ମଧ୍ୟ ବେଳେବେଳେ ମିଳେନା। ସେତେବେଳେ ଟ୍ୟାକ୍ସି ନଥିଲା, ସୁତରାଂ ରିକ୍ସାରେ ଯିବାକୁ ପଡେ ଅନେକ ସମୟରେ। ସେ ନିର୍ବିକାର ଚିତ୍ତରେ ରିକ୍ସାରେ ଚଢି ଯାଆନ୍ତି।

ମନେ ପଡୁଛି ବାଲେଶ୍ୱର କଥା। ପହଞ୍ଚିଲାବେଳକୁ ରେଳଷ୍ଟେସନରେ କେହି ନାହାନ୍ତି ଏବଂ ପ୍ରଚଣ୍ଡ ବର୍ଷା। ସେହି ଭିତରେ ଆମ୍ଭେ ଖୋଜି ଖୋଜି ବ୍ରଜନାଥ ରଥ କି ଅକ୍ଷୟ ପାଣି ମୋର ଠିକ୍ ମନେ ପଡୁନି, ଙ୍କ ଘରେଯାଇ ପହଞ୍ଚିଲୁ। ଆମ୍ଭେ ସମସ୍ତେ ବିବ୍ରତ କିନ୍ତୁ

Digitized by srujanika@gmail.com

ଇ.ଏମ.ଏସ. ଟିକିଏ ବି ବିଚଳିତ ନୁହଁନ୍ତି । ବାଲେଶ୍ୱରରୁ ବାରିପଦା ପୁରାତନ ବନ୍ଧୁ ଅବଦୁଲ, ଗୋବିନ୍ଦଙ୍କ ସହ ସାକ୍ଷାତ । ଇ.ଏମ.ଏସ. ଭାବବିହ୍ୱଳ ହୋଇ ପଡନ୍ତି ତାଙ୍କୁ ଦେଖି । ଇ.ଏମ.ଏସ. ସରଳ ଇଂରାଜୀରେ କୁହନ୍ତି, ମୁଁ ତାଙ୍କୁ ଓଡ଼ିଆରେ ଅନୁବାଦ କରେ । ନୟାଗଡରେ ବହୁ ବରିଷ୍ଠ ଲୋକଙ୍କୁ ଡାକି ଥାଆନ୍ତି ଆମର ପ୍ରାର୍ଥୀ । ପ୍ରଚଣ୍ଡ ଖରା, ସେମାନଙ୍କୁ ଦେଖି ପ୍ରକୃତରେ ବ୍ୟସ୍ତ ହୋଇପଡନ୍ତି । ଇ.ଏମ.ଏସ.ଙ୍କ ସହିତ ଏହିପରି ଦଶଟି ଦିନ କଟିଲା । ପରେ ସେ ଯେତେବେଳେ ଓଡ଼ିଶା ଆସିଛନ୍ତି, ଦୁଇଥର ଦେଖା ହୋଇଛି । ଗୌରୀଦେବୀଙ୍କ ସଂପର୍କରେ ତାଙ୍କଠାରୁ ଜାଣିବାକୁ ଚାହିଁଛି । ସେ କିନ୍ତୁ ବିଶେଷ ଖୋଲା ହେଲା ଭଳି ମନେ ହେଲାନି । କାରଣ ତାଙ୍କ ସହିତ ଏକାକୀ କଥାବାର୍ତ୍ତା ହେବା ସମ୍ଭବ ନଥିଲା । ଇ.ଏମ.ଏସ. ଖୁବ୍ ଭୋରରୁ ଉଠନ୍ତି । ନିତ୍ୟକର୍ମ ପରେ କିଛି ଯୋଗାସନ କରନ୍ତି । କହନ୍ତି ଯେ ସୁନ୍ଦରାୟା ତାଙ୍କୁ ଏହି ଶିକ୍ଷା ଦେଇଛନ୍ତି ।

ପ୍ରଚଣ୍ଡ ଖରା, ଦିନଯାକ ଧୂଳି ଧୂସରିତ ଅବସ୍ଥାରେ ଯାତ୍ରା । ତଥାପି ତାଙ୍କଠାରେ କ୍ଲାନ୍ତି କି ବିରକ୍ତି ଦେଖା ଦିଏ ନାହିଁ । ସେ ଅନ୍ୟ ନେତାଙ୍କ ଭଳି ବ୍ୟବହାର କରନ୍ତି ନାହିଁ । ତାଙ୍କ ସାଂଗରେ ରହିଲେ, ସେ ନେତା କି କର୍ମୀ ସହଜରେ ଜାଣି ହେବ ନାହିଁ । ସବୁ ସାଥୀ ତାଙ୍କୁ ଭେଟି ପାରନ୍ତି । ସମସ୍ତଙ୍କ ସହ ତାଙ୍କର ବ୍ୟବହାର ସମାନ । ପରିଧାନ ଭିତରେ ଧୋତିର ମୁଦୁ, ଧଳା ହାଫ୍ ସାର୍ଟ ଓ ଅଣ୍ଡରଓ୍ୱେର ଏବଂ ଗଞ୍ଜି । ନିଜ ଲୁଗା ନିଜେ ସଫା କରନ୍ତି । କେବଳ ଦୁଇଟି ଡ୍ରେସ ହିଁ ତାଙ୍କର ସମ୍ବଳ । ସାଂଗରେ ଏକ ତଉଲିଆ ଯାହା ଝାଳ ପାଛିବାଠାରୁ ଗାଧୋଇବା ପର୍ଯ୍ୟନ୍ତ ସବୁ କାମରେ ଲାଗେ । ଏଭଳି ସରଳ ନେତାଙ୍କୁ ଖୁବ୍ କମ ଭେଟିଛି । ତାପରେ ଇ.ଏମ.ଏସ.ଙ୍କ ପାଖକୁ ଯେତେବେଳେ ଚିଠି ଦେଇଛି ସାଂଗେ ସାଂଗେ ଉତ୍ତର ପାଇଛି । କିନ୍ତୁ ଦୁର୍ଭାଗ୍ୟ ବଶତଃ ମୋର ବହୁ ଚିଠି ଭାସିଗଲା ବନ୍ୟା ଓ ବାତ୍ୟାରେ । ତା' ଭିତରେ ଇ.ଏମ.ଏସ.ଙ୍କ ଚିଠି ମଧ୍ୟ ଭାସିଗଲା । କେବଳ ରହିଗଲା ସ୍ମୃତି । ❑

ଦି ୟୁନିଭର୍ସ, କଟକ

With Best Compliments From :

BALAJI PROJECT

BIMALAGARH LOADING SIDE

TRANSPORTING, LOADING AND UN-LOADING CONTRACTOR

Bimalagarh, Dist. Sundargarh

Digitized by srujanika@gmail.com



ଭାରତୀୟ ଗଣତନ୍ତ୍ରର ପ୍ରଥମ ସହିଦ୍

● ପ୍ରଦୋଷ ପଟ୍ଟନାୟକ

୧୯୫୭ ମସିହାରେ ଦେଶରେ ଅନୁଷ୍ଠିତ ହେଉଥାଏ ଦ୍ୱିତୀୟ ସାଧାରଣ ନିର୍ବାଚନ। ସ୍ୱାଧୀନତା ପ୍ରାପ୍ତି ପରେ ଦଶ ବର୍ଷ ଧରି ସମଗ୍ର ଦେଶରେ କଂଗ୍ରେସର ଅଖଣ୍ଡ ରାଜୁତି। ପଣ୍ଡିତ ଜବାହରଲାଲ ନେହେରୁ ଦଳ ତଥା ରାଷ୍ଟ୍ରର ଅବିସମ୍ବାଦିତ ନେତା। ତାଙ୍କର ନେତୃତ୍ୱକୁ ଚାଲେଞ୍ଜ କଲା ଭଳି ନେତା ନଥିବାରୁ ଦ୍ୱିତୀୟ ସାଧାରଣ ନିର୍ବାଚନ ପରେ ମଧ୍ୟ କଂଗ୍ରେସ ଦଳ କେନ୍ଦ୍ରରେ ତଥା ରାଜ୍ୟଗୁଡ଼ିକରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବାର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠିଥାଏ। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇଲା ବେଳକୁ ହଠାତ୍ ଦେଖାଗଲା ଯେ, ଦକ୍ଷିଣ ଭାରତରେ ଏକ ନବଗଠିତ ରାଜ୍ୟ କେରଳରେ କମ୍ୟୁନିଷ୍ଟ ପାର୍ଟି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି କଂଗ୍ରେସର କ୍ଷମତା ଦଖଲ ଆଶାକୁ ଚୁରମାର କରି ଦେଇଛି। ଏହି ସମ୍ବାଦ ପ୍ରଚାରିତ ହେବା ମାତ୍ରେ ସାରା ଦେଶର ସମସ୍ତ ପ୍ରଗତିଶୀଳ, ଧର୍ମନିରପେକ୍ଷ ଶକ୍ତି ତଥା ଜନସାଧାରଣଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଗଲା। ବହୁ ସ୍ଥାନରେ ସଭା, ସମିତି, ମଶାଲ ପଟୁଆର ଆଦି କରାଯାଇ ବିଜୟ ଉତ୍ସବ ପାଳିତ ହେଲା। କେବଳ ଭାରତ ବର୍ଷ ନୁହେଁ, ବିଶ୍ୱର ବିଭିନ୍ନ ସ୍ଥାନରେ ମଧ୍ୟ କମ୍ୟୁନିଷ୍ଟ ପାର୍ଟିଗୁଡ଼ିକ ବିଜୟ ଦିବସ ପାଳନ କରି କେରଳର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ କେରଳର ତତ୍କାଳୀନ ରାଜ୍ୟପାଳ ବି.ରାମକ୍ରିଷ୍ଣ ରାଓ (ଜଣେ ପୁରୁଖା କଂଗ୍ରେସ ନେତା) ନବନିର୍ବାଚିତ କମ୍ୟୁନିଷ୍ଟ ବିଧାୟକ ଦଳର ନେତା ସାଥୀ ଇ.ଏମ.ଏସ. ନମ୍ବୁଦ୍ରିପଦଙ୍କୁ ସରକାର ଗଠନ କରିବାକୁ ଆମନ୍ତ୍ରଣ ଜଣାଇଲେ। ନୂତନ ମୁଖ୍ୟମନ୍ତ୍ରୀ ରୂପେ ନମ୍ବୁଦ୍ରିପଦ ଦାୟିତ୍ୱ ଗ୍ରହଣ କରିବା ସହ ତାଙ୍କ ମନ୍ତ୍ରୀମଣ୍ଡଳରେ ଅଚ୍ୟୁତମେନନ୍ ଅର୍ଥମନ୍ତ୍ରୀ, କେ.ଆର.ଗୌରୀ ରାଜସ୍ୱ ମନ୍ତ୍ରୀ, ଟି.ଭି. ଥମାସ ଶିଳ୍ପମନ୍ତ୍ରୀ, ଯୋସେଫ ମୁଣ୍ଡାସେରୀ ଶିକ୍ଷାମନ୍ତ୍ରୀ ଏବଂ ଭି.ଆର.କିଷ୍ଣାଆୟାର (ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ବିଚାରପତି) ଆଇନ ମନ୍ତ୍ରୀ ରୂପେ ଶପଥ ନେଇଥିଲେ।

ଇ.ଏମ.ଏସ. ନମ୍ବୁଦ୍ରିପଦଙ୍କ ଶପଥ ଗ୍ରହଣ ଉତ୍ସବର ବିବରଣୀକୁ ବିଶ୍ୱର ପ୍ରାୟ ସମସ୍ତ ସମ୍ବାଦପତ୍ର ଏବଂ ଗଣମାଧ୍ୟମ ଖୁବ୍ ପ୍ରାଧାନ୍ୟ ଦେଇ ପରିବେଷଣ କରିଥିଲେ। ମୁଖ୍ୟତଃ ଦୁଇଟି ଦିଗରୁ ଏହାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ପ୍ରଥମତଃ ଗଣତାନ୍ତ୍ରିକ ପଦ୍ଧତିରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇ ଶାସନ କ୍ଷମତାକୁ ଆସିବାରେ ଏହା ଥିଲା ବିଶ୍ୱର ପ୍ରଥମ କମ୍ୟୁନିଷ୍ଟ ସରକାର। ଦ୍ୱିତୀୟତଃ ସ୍ୱାଧୀନତା ପ୍ରାପ୍ତି ପରେ କଂଗ୍ରେସ ଦଳର ଏକଚାଟିଆ ଶାସନକୁ ଏହା ଥିଲା ପ୍ରଥମ ଶକ୍ତ ଧକ୍କା ଏବଂ ଦେଶର

Digitized by srujanika@gmail.com

ପ୍ରଥମ ଅଣକଂଗ୍ରେସ ରାଜ୍ୟ ସରକାର । ନମ୍ବୁଦ୍ରିପଦଙ୍କ ନେତୃତ୍ୱାଧୀନ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ପରେ ନିଜର ଘୋଷିତ ଇସ୍ତାହାର ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ଖୁବ୍ ସଫଳତାର ସହ ସେ ସବୁ କାର୍ଯ୍ୟକାରୀ କରିବାରେ ଲାଗିଲେ । ଗରିବ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ପ୍ରଗତିଶୀଳ ଭୂସଂସ୍କାର ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଠାରୁ ଆରମ୍ଭ କରି କେରଳର ରକ୍ଷଣଶୀଳ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣି ଏକ ଯୁଗାନ୍ତକାରୀ ଶିକ୍ଷା ଆଇନ ପ୍ରଣୟନ କରି ତାଙ୍କ ସରକାର ସାରା ଦେଶରେ ଚହଳ ସୃଷ୍ଟି କରିପାରିଥିଲା । ଜନସାଧାରଣଙ୍କ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଦମନ କରୁଥିବା ପୋଲିସର ପୂର୍ବ ଆଭିମୁଖ୍ୟକୁ ବଦଳାଇ ତାହାକୁ ଜନତାର ସେବକ ରୂପେ ଠିଆ କରାଇବାକୁ କମ୍ୟୁନିଷ୍ଟ ସରକାର ଉଦ୍ୟମ କରିଥିଲେ । ସରକାରଙ୍କ ବିଭିନ୍ନ ଯୁଗାନ୍ତକାରୀ ପଦକ୍ଷେପ ଓ ପ୍ରଗତିଶୀଳ କାର୍ଯ୍ୟକ୍ରମ କେନ୍ଦ୍ରରେ ପ୍ରତିଷ୍ଠିତ କଂଗ୍ରେସ ସରକାରକୁ ଅଥୟ କରି ପକାଇଲା । କୃଷ୍ଣରୂପୀ କମ୍ୟୁନିଷ୍ଟ ସରକାରର ଉପସ୍ଥିତି କଂସରୂପୀ ନେହେରୁ ସରକାର ପାଇଁ ମରଣ ଯନ୍ତ୍ରଣା ସଦୃଶ ପ୍ରତୀୟମାନ ହୋଇଥିଲା । ଏଣେ କେରଳର ରକ୍ଷଣଶୀଳ ସମାଜ ବିଶେଷ କରି ବଡ଼ ଜମିମାଲିକ, ଧର୍ମାନ୍ଧ ସାଂପ୍ରଦାୟିକ ଶକ୍ତି, ଧନୀକ ପୁଞ୍ଜିପତି ଗୋଷ୍ଠୀ, ପୂର୍ବର ଶିକ୍ଷା ବ୍ୟବସ୍ଥାରୁ ଫାଇଦା ହାସଲ କରୁଥିବା ଦଲାଲମାନେ ଏହି ସରକାରକୁ କଳେବଳେ କୌଶଳେ ହଟାଇବା ପାଇଁ ସମସ୍ତ ପ୍ରକାର ଷଡଯନ୍ତ୍ର ଆରମ୍ଭ କରି ଦେଇଥିଲେ । ସବୁଠାରୁ ବିସ୍ମୟର କଥା ଥିଲା ନାୟାର ସର୍ଭିସ ସୋସାଇଟି ଠାରୁ ଆରମ୍ଭ କରି ଖ୍ରୀଷ୍ଟିଆନ୍ ଚର୍ଚ୍ଚ, ମହମ୍ମଦ କୋୟାଙ୍କ ମୌଳବାଦୀ ମୁସଲିମ ଲିଗ୍ ସହିତ ହାତ ମିଳାଇ 'ତଥାକଥିତ' ଧର୍ମନିରପେକ୍ଷ କଂଗ୍ରେସ ଓ ପାଟମ ଥାନୁପିଲାଇଙ୍କ ପ୍ରଜା ସୋସାଲିଷ୍ଟ ପାର୍ଟି ନମ୍ବୁଦ୍ରିପଦ ସରକାରଙ୍କ ବହିଷ୍କାର ପାଇଁ ସ୍ୱର ଉଠାଇଲେ । ଏ ସମସ୍ତ ନ୍ୟସ୍ତ ସ୍ୱାର୍ଥ ସୁବିଧାବାଦୀ ଗୋଷ୍ଠୀ ଏକାଠି ହୋଇ 'କେରଳ ମୁକ୍ତି ଆନ୍ଦୋଳନ' ନାମରେ ଏକ ଆନ୍ଦୋଳନ ଆରମ୍ଭ କଲେ ଯାହାର ନେତୃତ୍ୱ ନେଇଥିଲେ ନାୟାର ସର୍ଭିସ ସୋସାଇଟିର ମନ୍ନଥ ପଦ୍ମନାଭନ । କମ୍ୟୁନିଷ୍ଟ ଶାସନରୁ ମୁକ୍ତି ନାମରେ ଏ ଯେଉଁ ତଥାକଥିତ ଆନ୍ଦୋଳନ ଚାଲିଲା,ତାହାର ଏକମାତ୍ର ଉଦ୍ଦେଶ୍ୟ ଥିଲା ରାଜ୍ୟରେ ଅସ୍ଥିରତା ଓ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରି ସମ୍ବିଧାନର ୩୫୬ ଧାରା ବଳରେ ରାଷ୍ଟ୍ରପତି ଶାସନକୁ ଆମନ୍ତ୍ରଣ କରିବା । ସେତେବେଳକୁ ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ଥାଆନ୍ତି ନେହେରୁ ତନୟା ଇନ୍ଦିରାଗାନ୍ଧୀ । ସେ ଏହି ଷଡଯନ୍ତ୍ରର ପ୍ରଚ୍ଛଦପଟ୍ଟ ନାୟିକା ସାଜି ଆନ୍ଦୋଳନକୁ ସବୁ ପ୍ରକାର ଇନ୍ଧନ ଯୋଗାଇବାରେ ଲାଗିଲେ । ପ୍ରଥମ ଅବସ୍ଥାରେ ପ୍ରଧାନମନ୍ତ୍ରୀ ନେହେରୁ କେରଳ ପରିସ୍ଥିତିରେ ହସ୍ତକ୍ଷେପ କରିବାକୁ ଦୋଦୋପାଞ୍ଚ ହେଉଥିବାବେଳେ ନିଜର ଏକମାତ୍ର କନ୍ୟାର ଚାପ ଆଗରେ ତାଙ୍କୁ ମୁଣ୍ଡ ନୁଆଁଇବାକୁ ପଡୁଥାଏ । ପରିଶେଷରେ ଷଡଯନ୍ତ୍ରକାରୀଙ୍କ ଉଦ୍ଦେଶ୍ୟ ସଫଳ ହୋଇଥିଲା । ୧୯୫୯ ମସିହା ଜୁଲାଇ ୩୧ ତାରିଖ ଦିନ କେରଳର ନିର୍ବାଚିତ ସଂଖ୍ୟାଗରିଷ୍ଠ ନମ୍ବୁଦ୍ରିପଦ ସରକାରକୁ ଅସାମ୍ବିଧାନିକ ଉପାୟରେ ବରଖାସ୍ତ କରାଯାଇ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯାଇଥିଲା । ଭାରତୀୟ ଗଣତନ୍ତ୍ରର ଇତିହାସରେ ସେ ଦିନଟି ଥିଲା ଏକ କଳାଦିବସ । ଯେଉଁ ଦିନ କେରଳର କମ୍ୟୁନିଷ୍ଟ ସରକାରକୁ ଗାଦିଚ୍ୟୁତ କରାଗଲା, ସେ ଦିନ ରାଜ୍ୟ ବିଧାନସଭାର ୧୨୦ଟି ଆସନରୁ ୬୫ଟି ଆସନରେ କମ୍ୟୁନିଷ୍ଟ ବିଧାୟକ ରହିଥିଲେ । କେନ୍ଦ୍ର ସରକାରଙ୍କ ଏହି ଜଘନ୍ୟ ତଥା କଳଙ୍କିତ କାର୍ଯ୍ୟାନୁଷ୍ଠାନକୁ କେବଳ ଭାରତ ବର୍ଷ ନୁହେଁ, ବିଶ୍ୱର କୋଣ ଅନୁକୋଣରେ ବୁଦ୍ଧିଜୀବୀ, ଲେଖକ, ଆଇନଜ୍ଞ ସର୍ବୋପରି ସଚେତନ ନାଗରିକମାନେ ତୀବ୍ର ନିନ୍ଦା କରି ଭାରତରେ ଗଣତନ୍ତ୍ରର ହତ୍ୟା କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ ।

ଏହି ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ଘଟଣା ପରେ ସାଥୀ ନମ୍ବୁଦ୍ରିପଦ, ଦେଶବ୍ୟାପୀ ବିଭିନ୍ନ ସ୍ଥାନକୁ ଗସ୍ତ କରି ଜନସାଧାରଣଙ୍କୁ ସମସ୍ତ ଘଟଣାର ପୃଷ୍ଠଭୂମି ସଂପର୍କରେ ଅବଗତ କରାଇଥିଲେ । ସେ ଯେଉଁଠାକୁ ଯାଉଥାନ୍ତି, ସବୁଠି ତାଙ୍କୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଲୋକଙ୍କ ଠାରୁ ସଂଗୃହୀତ ଟଙ୍କାର ଥଳି ପ୍ରଦାନ କରାଯାଉଥାଏ । ଅଗଷ୍ଟ ମାସ ମଧ୍ୟ ଭାଗ ବେଳକୁ ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ କେରଳର ପରିସ୍ଥିତି ସଂପର୍କରେ ବିଶ୍ଳେଷଣ କରିଥିଲେ । ସେତେବେଳେ ଏହି ଲେଖକ ହାଇସ୍କୁଲରେ ପଢୁଥିବାବେଳେ ନିଜର ମାସକର ଜଳଖିଆ ବାବଦ ଖର୍ଚ୍ଚକୁ କଟି ନମ୍ବୁଦ୍ରିପଦଙ୍କ ସମ୍ବର୍ଦ୍ଧନା ପାଇଁ କମ୍ୟୁନିଷ୍ଟ ପାର୍ଟିକୁ ପ୍ରଦାନ କରିଥିବାର ସ୍ମୃତି ଏବେ ବି ଜୀବନ୍ତ ରହିଛି । ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ହୋଇ କମ୍ୟୁନିଷ୍ଟ ସରକାର ପ୍ରତିଷ୍ଠା କରିବାରେ ସାଥୀ ଇ.ଏମ.ଏସ. ନମ୍ବୁଦ୍ରିପଦ, ଯେପରି ସାରା ବିଶ୍ୱରେ ଇତିହାସ ସୃଷ୍ଟି କରିଥିଲେ, ଅନ୍ୟାୟ, ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ଉପାୟରେ କ୍ଷମତାଚ୍ୟୁତ ହୋଇ କୋଟି କୋଟି ଲୋକଙ୍କ ସ୍ୱତଃସ୍ଫୁର୍ତ୍ତ ସହାନୁଭୂତି ଓ ସମର୍ଥନ ହାସଲ କରିବାରେ ମଧ୍ୟ ସେହିଭଳି ସଫଳ ହୋଇପାରିଥିଲେ । ସେ ଯଥାର୍ଥରେ ଥିଲେ ଭାରତୀୟ ଗଣତନ୍ତ୍ରର ପ୍ରଥମ ରାଜନୈତିକ ସହିଦ୍ । ଭାରତରେ କମ୍ୟୁନିଷ୍ଟ ଆନ୍ଦୋଳନର ଏହି ମହାନ୍ କାଣ୍ଡାରୀ, ତ୍ୟାଗବୀର, ଜ୍ଞାନୀ. ପଣ୍ଡିତ, ମହାନାୟକଙ୍କୁ ଲାଲ ସଲାମ୍ ।

❑❑❑

Digitized by srujanika@gmail.com

ଇ.ଏମ୍.ଏସ୍.ଙ୍କ ସ୍ମୃତିରୁ କେଇ ପଦ

● ରବି ନାରାୟଣ ମଲ୍ଲିକ

ପାର୍ଟି ସଂସ୍ପର୍ଶରେ ଆସିବା ପୂର୍ବରୁ ଇ.ଏମ.ଏସ.ଙ୍କ ବିଷୟରେ ସ୍କୁଲ କଲେଜରେ କେବଳ ଗୋଟିଏ କଥା ଜାଣିଥିଲି । ସେ ଥିଲେ ସ୍ୱାଧୀନ ଭାରତ ବର୍ଷର ପ୍ରଥମ ଅଣ-କଂଗ୍ରେସ ମୁଖ୍ୟମନ୍ତ୍ରୀ । ବୋଧହୁଏ ପୃଥିବୀରରେ ଭୋଟରେ ଜିଣି ପ୍ରଥମ କମ୍ୟୁନିଷ୍ଟ ମୁଖ୍ୟମନ୍ତ୍ରୀ । ଏହାଛଡା ଅନ୍ୟ କିଛି ଜାଣି ନଥିଲି ।

୧୯୭୨ କିମ୍ବା ୧୯୭୩ର ଘଟଣା ଠିକ୍ ମନେ ପଡୁ ନାହିଁ । ଇ.ଏମ.ଏସ. ଆସିଥିଲେ ଓଡ଼ିଶାକୁ । ପାର୍ଟି କାର୍ଯ୍ୟରେ । ପାର୍ଟି ପକ୍ଷରୁ ତାଙ୍କ ସହିତ ରହି ତାଙ୍କର ଦେଖାଶୁଣା କରିବା ଦାୟିତ୍ୱ ମୋତେ ଦିଆଯାଇଥାଏ । ମନରେ ଟିକେ ଆଶଙ୍କା ଥାଏ । ଏତେ ବଡ଼ ନେତା । କାଳେ କେଉଁଠି ଭୁଲ ହୋଇଯିବ । ମାତ୍ର ଅଳ୍ପ କେତେ ସମୟ ତାଙ୍କ ସାଂଗରେ ମିଶିବା ପରେ ସବୁ ଆଶଙ୍କା ଦୂର ହୋଇଗଲା । କାରଣ ସେ ମୁହୂର୍ତ୍ତକ ସମୟ ମଧ୍ୟ ନଷ୍ଟ କରୁ ନଥାଆନ୍ତି । ଯେତେବେଳେ କିଛି ଯଦି ଦରକାର ହେଲା ସେତିକି କଥା କହି ଦେଇ ପୁଣି ପଢିବାରେ ମଜ୍ଜି ଯାଉଥାଆନ୍ତି । କଲମରେ ଦାଗ ଦେଉଥାଆନ୍ତି କିମ୍ବା ନୋଟ୍ କରୁଥାଆନ୍ତି । ତାଙ୍କର କଥା କହିଲା ବେଳେ ଯେହେତୁ ପାଟି ଲାଗୁ ଥିଲା ସେତକ ବୁଝିବା ବା ତା' ସହିତ ଆଡଜଷ୍ଟ କରିବା ପାଇଁ ମୋତେ ଯାହା କିଛି ସମୟ ଲାଗିଲା । ତା' ପରେ ଆଉ କିଛି ସମସ୍ୟା ହୋଇନାହିଁ ।

ତାଙ୍କ ସହିତ ମୁଁ ଦୁଇ ଦିନ ରହିଥିଲି । ପ୍ରଥମ ଦିନ ଭୁବନେଶ୍ୱରର କେରଳୀ ସମାଜ ଗୋଟିଏ ସଭାକୁ ଇ.ଏମ୍.ଏସ୍.ଙ୍କୁ ନିମନ୍ତ୍ରଣ କରିଥିଲା । ଆମ ପାର୍ଟିର ଗାଡି ନଥିବାରୁ ସେମାନେ ଗାଡି ପଠାଇ ଇ.ଏମ୍.ଏସ୍.ଙ୍କୁ ନେଇଗଲେ । ଆୟୋଜକ ଜଣକ ଗାଡିରେ ଇ.ଏମ୍.ଏସ୍.ଙ୍କୁ ମାଲୟାଲମ ଭାଷାରେ କ'ଣ କହିଲେ ମୁଁ ବୁଝି ପାରିଲି ନାହିଁ । ପରେ ଜାଣିଲି ସେମାନେ ଦୁଇଟି ସର୍ତ୍ତ ରଖିଥିଲେ । ପ୍ରଥମଟି ହେଲା ସେ 'ରାଜନୀତି' ବିଷୟରେ କିଛି କହିବେ ନାହିଁ । ଦ୍ୱିତୀୟ ସର୍ତ୍ତଟି ଥିଲା ବକ୍ତବ୍ୟ ଦଶ ମିନିଟ୍‌ରୁ ବେଶି ହେବ ନାହିଁ । ଇ.ଏମ୍.ଏସ୍. ଠିକ୍ ଦଶ ମିନିଟରେ ତାଙ୍କର ଭାଷଣ ଶେଷ କଲେ । 'ରାଜନୀତି' ସଂପର୍କରେ କିଛି କହିବେ ନାହିଁ ବୋଲି ଯେଉଁ ସର୍ତ୍ତ ଦିଆଯାଇଥିଲା ସେ ସଂପର୍କରେ ଇ.ଏମ୍.ଏସ୍. ପ୍ରଥମେ ଉଲ୍ଲେଖ କରି କହିଲେ 'ମୋ' ପରି ଜଣେ ଲୋକ ଯିଏ କି ରାଜନୀତି ସହିତ ଓତଃପ୍ରୋତ ଭାବେ ଜଡିତ କିପରି ଏହି ସର୍ତ୍ତ ପାଳନ କରିବି ବୁଝି ପାରୁନି, ତେବେ ବି ଚେଷ୍ଟା କରିବି ।' ତା' ପରେ ସେ ଯାହା କହିଲେ ତାହା ଥିଲା ନିଛକ ରାଜନୀତି ।

ସେଦିନ ଆମେ ଭଦ୍ରଖ ଯାଇ ରାତିରେ ପହଞ୍ଚିଲୁ । ବାଟ ଯାକ ଓ ଭଦ୍ରଖରେ ହୋଟେଲରେ ପହଞ୍ଚିବା ପର୍ଯ୍ୟନ୍ତ ମୁଁ ତାଙ୍କ ସହିତ ପଦେ ଦି'ପଦ କଥା ହୋଇଥିବି । କାରଣ ଯେତେବେଳେ ଦେଖିଲା ବେଳକୁ ସେ ପଢୁଥାଆନ୍ତି । ରାତିରେ ସେ ଖାଇ ସାରି ଶୀଘ୍ର ଶୋଇ ପଡିଲେ । ମୁଁ ବାଧ୍ୟ ହୋଇ ଶୋଇଲି । ସକାଳୁ ଡେରିରେ ଉଠିବା ମୋ'ର ବଦଭ୍ୟାସ । ସକାଳୁ ଉଠିବା ବେଳକୁ ଦେଖିଲି ମୋ' ଚାଦର ଉପରେ

Digitized by srujanika@gmail.com

ଗୋଟାଏ କମଳ ପଡ଼ିଛି । ଇ.ଏମ୍.ଏସ୍. ସେଇଟାକୁ ମୋ' ଉପରେ ପକାଇ ଦେଇ ନିଜେ ନିତ୍ୟକ୍ରମ ସାରି ପକାଉଛନ୍ତି । ମୁଁ ଲଜ୍ଜିତ ହୋଇ ତାଙ୍କୁ Sorry Comrade କହିବାରୁ, ସେ କହିଲେ, ଏଥିରେ Sorry ହେବାର କିଛି ନାହିଁ । ମୋ' ପାଇଁ କପେ କଫି ମିଳିବ ? ମୁଁ ଯଥାଶୀଘ୍ର କଫି ଓ ପ୍ରାତଃ ଭୋଜନର ବ୍ୟବସ୍ଥା କରି ଦେଲି ।

ଯା' ପରେ ମୁଁ ତାଙ୍କର ଲେଖା ଓ ପୁସ୍ତକ କିଛିଟା ପଢ଼ିଛି, ଭାଷଣ ଶୁଣିଛି । କିନ୍ତୁ ଆଉ ପ୍ରତ୍ୟକ୍ଷ ସାକ୍ଷାତ ବା ସାହଚର୍ଯ୍ୟର ସୁଯୋଗ ମିଳିନାହିଁ । ତାଙ୍କର ଲେଖା ଓ ଭାଷଣରେ କିପରି ନୂତନତ୍ୱ ଓ ଗଭୀରତା ରହିଥିଲା ତା'ର କିଛିଟା ଉଦାହରଣ ଦେବା ପ୍ରାସଙ୍ଗିକ ହେବ ।

ପାର୍ଟି ଶିକ୍ଷାର ସିଲାବସ୍ କିପରି ହେବା ଉଚିତ ସେ ସଂପର୍କରେ ଇ.ଏମ୍.ଏସ୍. ପାର୍ଟିର ପଲିଟ୍‌ବ୍ୟୁରୋକୁ ଏକ ସଂକ୍ଷିପ୍ତ ନୋଟ୍ ଦେଇଥିଲେ । ସେଥିରେ ମାର୍କ୍ସବାଦ-ଲେନିନ୍‌ବାଦ କ'ଣ ତା'ର ବ୍ୟାଖ୍ୟା କରିବାକୁ ଯାଇ ଲେଖିଛନ୍ତି ଯେ କେବଳ ମାର୍କ୍ସ, ଏଙ୍ଗେଲସ୍, ଲେନିନଙ୍କର ରଚନାବଳୀ ଅଧ୍ୟୟନ କରି ଦେଲେ ଏହି ତତ୍ତ୍ୱକୁ ବୁଝି ହେବ ଏପରି ଧାରଣା ଭୁଲ । ଏହି ଅଧ୍ୟୟନ ସହିତ ମାର୍କ୍ସଙ୍କ ପୂର୍ବରୁ ଯେଉଁ ଦାର୍ଶନିକ ଓ ସମାଜ ବିଜ୍ଞାନୀମାନେ ମଣିଷ ସମାଜ ଓ ସଭ୍ୟତା ସଂପର୍କରେ ଯାହା ଲେଖିଛନ୍ତି ତା'କୁ ମଧ୍ୟ ପଢ଼ିବାକୁ ପଡ଼ିବ । ସେଥି ସହିତ ମାର୍କ୍ସଙ୍କ ପରେ ଯେଉଁମାନେ ଏ ସଂପର୍କରେ ଯାହା ଲେଖିଯାଇଛନ୍ତି ଏପରିକି ଯେଉଁମାନେ ମାର୍କ୍ସଙ୍କୁ ବିରୋଧ କରି ଲେଖିଛନ୍ତି ସେସବୁକୁ ମଧ୍ୟ ସିଲାବସ୍‌ର ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ । ନ ହେଲେ ମାର୍କ୍ସବାଦର ସାରମର୍ମ ଆୟତ୍ତ କରିବା ଅସମ୍ଭବ । ତା'ଛଡ଼ା ଏହି ଅଧ୍ୟୟନ ନିରନ୍ତର ହେବା ଆବଶ୍ୟକ । ନୂଆ ନୂଆ ଘଟଣା, ନୂଆ ଅଭିଜ୍ଞତା ଦ୍ୱାରା ସମୃଦ୍ଧ ହେବା ଆବଶ୍ୟକ ।

ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମ ଏବଂ ପ୍ରାଚୀନ ଭାରତର ସମାଜ ଓ ସଭ୍ୟତାକୁ ଯେଉଁମାନେ ଅନ୍ଧ ଭାବେ ଗୌରବାନ୍ୱିତ କରନ୍ତି ଅଥବା ଅନ୍ଧ ଭାବେ ବିରୋଧ କରନ୍ତି ସେମାନଙ୍କର ଚରମ ବିରୋଧୀ ଥିଲେ ଇ.ଏମ୍.ଏସ୍. । ବି.ଜେ.ପି. ସଂଖ୍ୟାଲଘୁମାନଙ୍କର ବିରୋଧୀ ଏକଥା ସମସ୍ତେ ଜାଣନ୍ତି । ଇ.ଏମ୍.ଏସ୍. ହିଁ ପ୍ରଥମେ ଲୋକଲୋଚନକୁ ଆଣିଲେ ବି.ଜେ.ପି. ମଧ୍ୟ ଦଳିତ, ଆଦିବାସୀ,ପଛୁଆ ବର୍ଗ ଏବଂ ମହିଳାମାନଙ୍କର ବିରୋଧୀ । ଠିକ୍ ସେହିପରି ଇ.ଏମ୍.ଏସ୍. ଧର୍ମ ଓ ଧର୍ମାନ୍ଧତା ମଧ୍ୟରେ ପାର୍ଥକ୍ୟକୁ ଅତିନିଖୁଣ ଭାବେ ଦର୍ଶାଇଛନ୍ତି । ପୁଞ୍ଜିବାଦୀ ଶୋଷଣ ଶାସନ ଯୋଗୁଁ ସୃଷ୍ଟି ହେଉଛି ଜନଅସନ୍ତୋଷ । ଏହାକୁ ଗଣତାନ୍ତ୍ରିକ ପ୍ରତିବାଦ ରୂପରେ ପରିଚାଳିତ ନ କରି ଧର୍ମାନ୍ଧ ଶକ୍ତିମାନେ ବିପଥଚାଳିତ କରି ଚାଲିଛନ୍ତି । ଶୋଷିତ ଶ୍ରେଣୀର ଆନ୍ଦୋଳନକୁ ଦୁର୍ବଳ ଓ ବିଭାଜିତ କରି ଶୋଷକ ଶ୍ରେଣୀକୁ ସାହାଯ୍ୟ କରୁଛନ୍ତି । ଏକଥା ଇ.ଏମ.ଏସ. ତାଙ୍କର ବହୁ ପ୍ରବନ୍ଧ ଓ ଭାଷଣରେ ଅକାଟ୍ୟ ଯୁକ୍ତି ଦେଇ ପ୍ରମାଣ କରିଛନ୍ତି ।

ଗଣ ବିପ୍ଳବୀ ପାର୍ଟି ଗୁଣାତ୍ମକ ଶକ୍ତି ଉପରେ ସଦାସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି ଇ.ଏମ୍.ଏସ୍. । ଥରେ ତାଙ୍କର ଏକ ବକ୍ତବ୍ୟ ପାଇଁ ତାଙ୍କୁ ପାର୍ଟି 'ଭର୍ତ୍ସନା' (Censure) କରିଥାଏ । ଏହାକୁ ଉଦ୍ଧାର କରି କେରଳ ବିଧାନସଭାରେ ଜଣେ କଂଗ୍ରେସ ସଭ୍ୟ ତାଙ୍କୁ ତାଚ୍ଛଲ୍ୟ କରିଥିଲେ । ତା'ର ଜବାବରେ ଇ.ଏମ୍.ଏସ୍. କହିଥିଲେ ପିଲାଟିଏ ଭୁଲ କଲେ ପିତାମାତା ତାକୁ ତାଗିଦ୍ କରିଥାଆନ୍ତି । ସେ ଯେହେତୁ ପିତୃମାତୃ ଛେଉଣ୍ଡ ତାଙ୍କର ଅଭିଭାବକ ଭାବେ ପାର୍ଟି ଯଦି ଭୁଲ ପାଇଁ ତାଗିଦ୍ କଲା ଏଥିରେ ଭୁଲ ରହିଲା କେଉଁଠି ? ଏପରି ପାର୍ଟି ଶୃଙ୍ଖଳାବୋଧ ବିରଳ ଓ ଅନୁକରଣୀୟ ।

ପାର୍ଟିର ବିପ୍ଳବୀ ଚରିତ୍ର ଅକ୍ଷୁର୍ଣ୍ଣ ରଖିବା ପାଇଁ ଇ.ଏମ୍.ଏସ୍.ଙ୍କର ସାଧନା ଓ ସଂଗ୍ରାମ ସହିତ ଗଣସଂଗଠନ ଓ ଗଣଆନ୍ଦୋଳନର ବିକାଶ ସଂପର୍କରେ ତାଙ୍କର ଅବଧାରଣା ଥିଲା ସ୍ୱଚ୍ଛ । ସେଥିଲାଗି ସେ ଜାତୀୟ ପ୍ରଚାର କମିଟି (NCC), ଟ୍ରେଡ ୟୁନିୟନ ସ୍ପନ୍‌ସରିଂ କମିଟି, ଗଣ ସଂଗଠନମାନଙ୍କର ଜାତୀୟ ମଞ୍ଚ (NPMO) ପରି ପ୍ରତ୍ୟେକ ଯୌଥ ମଞ୍ଚର ବିକାଶ ଓ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । □

We pledge to tread the path shown by

Com. E.M.S. Namboodiripad

●

Cuttack Division

Insurance Employees' Association.

Digitized by srujanika@gmail.com



ଇ.ଏମ୍.ଏସ୍.ଙ୍କ ଦୃଷ୍ଟିରେ ଗାନ୍ଧିବାଦ

● ସନ୍ତୋଷ ଦାସ

କେଉଁ କ୍ରମବିକାଶ ମଧ୍ୟ ଦେଇ ଗାନ୍ଧିଜୀ ''ଜାତିର ଜନକ''ରେ ପରିଣତ ହେଲେ ? ଗାନ୍ଧିବାଦ କ'ଣ ? ଗାନ୍ଧିଜୀଙ୍କ ଜୀବନ କାହାଣୀ କ'ଣ ଥିଲା ସତ୍ୟ ସହିତ ପରୀକ୍ଷାନିରୀକ୍ଷାର କାହାଣୀ ? ତାଙ୍କ ଜୀବନ ଓ ତାଙ୍କ ଶିକ୍ଷାର ତାତ୍ପର୍ଯ୍ୟ କ'ଣ ? ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିବାଦର ପ୍ରାସଙ୍ଗିକତା କାହିଁକି ସ୍ୱୀକୃତି ହାସଲ କଲା ? ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଗାନ୍ଧିବାଦର ପ୍ରାସଂଗିକତାକୁ କେତେମାତ୍ରାରେ ସ୍ୱୀକୃତି ମିଳିଛି ? ଏହି ଗାନ୍ଧିବାଦ କ'ଣ ଦେଶର ମୌଳିକ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ସକ୍ଷମ ହୋଇଛି ? ଗାନ୍ଧୀଙ୍କ ମୃତ୍ୟୁ ପରେ ତାଙ୍କ ଅନୁଗାମୀମାନେ ଗାନ୍ଧିବାଦକୁ କିପରି ଭାବେ ପ୍ରୟୋଗ କରିଛନ୍ତି ?

ଗାନ୍ଧିବାଦକୁ ନେଇ ଏହିପରି ଅନେକ ପ୍ରଶ୍ନ ଉଙ୍କି ମାରିଥିଲା ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ ମନରେ, ଯିଏ ତାଙ୍କ ସଂଗ୍ରାମୀ ରାଜନୈତିକ ଜୀବନ ଆରମ୍ଭ କରିଥିଲେ ୧୯୩୦ ଜାନୁଆରୀରେ ମହାତ୍ମାଗାନ୍ଧୀ ତଥା ସ୍ୱାଧୀନତା ସଂଗ୍ରାମର ଅନ୍ୟ ତୁଂଗ ନେତାମାନଙ୍କ ଗିରଫଦାରୀ ପରେ ଆଇନ ଅମାନ୍ୟ ଆନ୍ଦୋଳନରେ ଝାସ ଦେଇ । ମାତ୍ର ଅଭିଜ୍ଞତା ଓ ସୃଜନଶୀଳ ଚିନ୍ତାଭାବନା ତାଂକ ବିଚାରଧାରାକୁ ସେଇଠି କାରାରୁଦ୍ଧ କରି ନଥିଲା । ଆଇନ ଅମାନ୍ୟ ଆନ୍ଦୋଳନକୁ ଯେପରି ପରିଚାଳନା କରାଗଲା, ପ୍ରତ୍ୟାହାର କରାଗଲା ଓ ପରିଶେଷରେ ଗାନ୍ଧୀ-ଇରଉଇନ୍ ଚୁକ୍ତି ଯେପରି ଭାବେ ସ୍ୱାକ୍ଷରିତ ହେଲା ତାହା ସେଦିନ ବିବ୍ରତ କରିଥିଲା ବହୁ ଦେଶପ୍ରେମୀଙ୍କୁ । କଂଗ୍ରେସ ଭିତରେ ପ୍ରଗତିଶୀଳ ଓ ବାମପନ୍ଥୀ ବିଚାରଧାରା ପୋଷଣ କରୁଥିବା କର୍ମୀମାନେ ହତାଶ ହୋଇଥିଲେ । ଏଇଠି ଆଉ ଏକ ରାଜନୈତିକ ଶକ୍ତିର ଅଭ୍ୟୁଦୟ ଘଟିଥିଲା । ସମାଜବାଦୀ ଆଦର୍ଶ ଦ୍ୱାରା ପ୍ରଭାବିତ କଂଗ୍ରେସ କର୍ମୀମାନେ ବିଭିନ୍ନ ପ୍ରଦେଶରେ ଐକ୍ୟବଦ୍ଧ ହେବାକୁ ଆରମ୍ଭ କରିଥିଲେ । ଯେପରି ଆମ ଓଡ଼ିଶାରେ ନବକୃଷ୍ଣ ଚୌଧୁରୀଙ୍କ ଉଦ୍ୟମରେ କଂଗ୍ରେସ ସାମ୍ୟବାଦୀ ସଂଘ ଗଢ଼ାଯାଇଥିଲା । କେରଳରେ ମଧ୍ୟ ଅନୁରୂପ ପ୍ରକ୍ରିୟାର ସୂତ୍ରପାତ ଘଟିଥିଲା । ଆଇନ ଅମାନ୍ୟ ଆନ୍ଦୋଳନରେ ଗିରଫ ହୋଇ କାନ୍ନାନୋର ଜେଲରେ ବନ୍ଦୀଜୀବନ ଅତିବାହିତ କରୁଥିବା ଇ.ଏମ.ଏସ.ଙ୍କ ସମେତ କଂଗ୍ରେସ କର୍ମୀମାନଙ୍କର ଯେଉଁ ଚରମପନ୍ଥୀ ଗୋଷ୍ଠୀଟି ଗଢ଼ି ଉଠିଥିଲା କାରାମୁକ୍ତ ହେବା ପରେ ସେମାନେ ନୂଆ ଢାଞ୍ଚାରେ କାମ କରିବାକୁ ଆରମ୍ଭ କରିଥିଲେ ।

୧୯୩୪ରେ ଜୟ ପ୍ରକାଶ ନାରାୟଣଙ୍କ ନେତୃତ୍ୱରେ କଂଗ୍ରେସ- ସୋସାଲିଷ୍ଟ ପାର୍ଟି ଯେତେବେଳେ ଗଠନ କରାଗଲା, ଇ.ଏମ.ଏସ. ନମ୍ବୁଦ୍ରିପଦ ହେଲେ ତାର ସର୍ବଭାରତୀୟ ଯୁଗ୍ମ - ସଂପାଦକ । ଏହି ପାର୍ଟିଟି ଥିଲା ସମାଜବାଦୀ ଆଦର୍ଶରେ ବିଶ୍ୱାସ କରୁଥିବା କଂଗ୍ରେସ କର୍ମୀମାନଙ୍କ ରାଜନୈତିକ ଦଳ । ମାର୍କ୍ସବାଦର ସଂସ୍ପର୍ଶରେ ଆସିବା ପରେ ଇ.ଏମ.ଏସ.ଙ୍କର ସମାଜବାଦୀ ଦୃଷ୍ଟିକୋଣ ଅଧିକ ବ୍ୟାପକ ଓ ସମୃଦ୍ଧ ହୋଇଥିଲା । କଂଗ୍ରେସ- ସୋସାଲିଷ୍ଟ ପାର୍ଟି ଭିତରେ ମତାଦର୍ଶଗତ ସଂଗ୍ରାମର ପରିଣତି ଥିଲା

Digitized by srujanika@gmail.com

କମ୍ୟୁନିଷ୍ଟ ପାର୍ଟି ଗଠନ।

ସ୍ୱାଧୀନତା ସଂଗ୍ରାମର ଯୁଗରେ ଓ ସ୍ୱାଧୀନତା ପରେ ଏପରିକି ମହାତ୍ମାଗାନ୍ଧୀ ଶହୀଦ ହେବାର ପରବର୍ତ୍ତୀ ସମୟରେ ଗାନ୍ଧିବାଦ ସହ ମତାଦର୍ଶଗତ ସଂଗ୍ରାମରେ ଅବତୀର୍ଣ୍ଣ ହେବାକୁ ପଡିଥିଲା କମ୍ୟୁନିଷ୍ଟମାନଙ୍କୁ। ୧୯୫୫-୫୬ରେ ଇଂରାଜୀ ମାସିକ ''ନ୍ୟୁ ଏଜ''ରେ ''ଗାନ୍ଧୀ ଓ ଗାନ୍ଧିବାଦ'' ଶୀର୍ଷକ ପ୍ରବନ୍ଧମାନ ଧାରାବାହିକ ଭାବେ ରଚନା କରିଥିଲେ ଇ.ଏମ.ଏସ.। ୧୯୫୮ରେ ଏହି ପ୍ରବନ୍ଧଗୁଡିକ ସଂକଳିତ ହୋଇ ''The Mahatma and the Ism'' ନାମକ ଏକ ପୁସ୍ତକ ପ୍ରକାଶ ପାଇଥିଲା। ଅଳ୍ପଦିନର ବ୍ୟବଧାନରେ ପୁସ୍ତକଟିର ଦ୍ୱିତୀୟ ସଂକଳନ ମଧ୍ୟ ପ୍ରକାଶ ପାଇଥିଲା। ପୁସ୍ତକଟି ପୁନଃପ୍ରକାଶିତ ହୋଇଥିଲା ୧୯୮୧ରେ। ଏହି ନବ୍ୟ ସଂସ୍କରଣରେ ଅତିବାହିତ ହୋଇଥିବା ତେଇଶ ବର୍ଷରଅଭିଜ୍ଞତାକୁ ସଂଯୁକ୍ତ କରାଯାଇଥିଲା।

ଗାନ୍ଧୀ ଓ ଗାନ୍ଧିବାଦର ମୂଲ୍ୟାୟନ କଲାବେଳେ କେତେ ଗୁଡିଏ ବିଷୟ ପ୍ରତି ସତର୍କ ରହିବା ଉପରେ ଇ.ଏମ.ଏସ. ଗୁରୁତ୍ୱ ଦେଇଛନ୍ତି। କାରଣ ଗାନ୍ଧିଜୀଙ୍କ ଜୀବନ ଥିଲା ବ୍ୟାପକ ଭାବେ ଘଟଣା ବହୁଳ। ତାଙ୍କ ଭାଷଣ ଓ ଓ ରଚନାଗୁଡିକ ଥିଲା ମାନବ ଜୀବନର ବିଭିନ୍ନ ବିଭାଗ ଉପରେ ପରିପୂର୍ଣ୍ଣ। ବିଭିନ୍ନ ସମୟରେ ତାଙ୍କ କାର୍ଯ୍ୟକଳାପ ଥିଲା ବେଶ ନାଟକୀୟ। ଏହି କାରଣରୁ ଗାନ୍ଧୀଙ୍କ ଜୀବନୀ ଓ ତାଙ୍କ ଶିକ୍ଷା ସଂପର୍କରେ ଅଧ୍ୟୟନ କରୁଥିବା ଜଣେ ଛାତ୍ର ଗାନ୍ଧୀ ଓ ଗାନ୍ଧିବାଦ ସଂପର୍କରେ ନିଜସ୍ୱ ବିଚାର ସର୍ବସ୍ୱ ତତ୍ତ୍ୱକୁ ଠିକ୍ ବୋଲି ପ୍ରମାଣ କରିବା ବେଶ ସହଜସାଧ୍ୟ। ଏହି କାରଣରୁ ଦୁଇଟି ଭୁଲ ହୋଇଥାଏ। କେତେକ ଏକତରଫା ଭାବେ ଭକ୍ତି ପ୍ରଦର୍ଶନ କରିଥାଆନ୍ତି ଓ ଅନ୍ୟ କେତେକ ଏକତରଫା ଭାବେ ସମାଲୋଚନା କରିଥାଆନ୍ତି। ଗାନ୍ଧିଜୀ ଓ ତାଙ୍କ ମତବାଦର ମୂଲ୍ୟାୟନ କଲାବେଳେ ଏହି ଦୁଇଟିଯାକ ତ୍ରୁଟିକୁ ଏଡେଇ ଯିବାର ଆବଶ୍ୟକତା ଉପରେ ଇ.ଏମ.ଏସ. ଗୁରୁତ୍ୱାରୋପ କରିଛନ୍ତି।

ଇ.ଏମ.ଏସ.ଙ୍କ ବିଚାରରେ ଗାନ୍ଧିବାଦ ହେଉଛି ଏକ ଭାବବାଦୀ ଦର୍ଶନ। ଗାନ୍ଧିଜୀଙ୍କ ବିଚାରଧାରା ସମସ୍ତ କ୍ଷେତ୍ରରେ ବସ୍ତୁବାଦୀ ଦର୍ଶନର ବିପରୀତ ପାର୍ଶ୍ୱରେ ନିଜର ଅବସ୍ଥାନ ଗ୍ରହଣ କରିଛି। ଅନ୍ୟ ପକ୍ଷରେ ଗାନ୍ଧୀ ଥିଲେ ଆଦର୍ଶବାଦୀ। କେତେଗୁଡିଏ ମୂଲ୍ୟବୋଧ ଓ ବିଚାରବୋଧ ଉପରେ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଅବିଚଳିତ ରହିଥିଲେ। ଏଗୁଡିକ ହେଲା ସତ୍ୟ, ଅହିଂସା, ଭୋଗବିଳାସ ବର୍ଜନ ପରି ନୈତିକ ମୂଲ୍ୟବୋଧଗୁଡିକ ସହ ସ୍ୱାଧୀନତା, ଗଣତନ୍ତ୍ର ଓ ଶାନ୍ତି ପରି ରାଜନୈତିକ ବିଚାରବୋଧ ଏବଂ ଜାତିଆଣ ବାଛବିଚାରର ଅବସାନ (ଜାତିପ୍ରଥା ଉଚ୍ଛେଦ ନୁହେଁ), ନାରୀମୁକ୍ତି ଓ ସାଂପ୍ରଦାୟିକ ସଦ୍‌ଭାବନା ପରି ସାମାଜିକ ଲକ୍ଷ୍ୟ ଥିଲା ତାଙ୍କ କଥା ଓ କାମର ଅବିଚ୍ଛେଦ୍ୟ ଅଂଗ।

ମହାତ୍ମା ଗାନ୍ଧୀଙ୍କ ଏହି ଆଦର୍ଶବାଦ କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଗ୍ରାମାଞ୍ଚଳର କୋଟି କୋଟି ଗରିବ ଲୋକଙ୍କୁ ଜାଗ୍ରତ କରିଥିଲା। ଧର୍ମ ମିଶା ଭାଷାରେ ତାଙ୍କର ଭାଷଣ, ସରଳ ତଥା ନିରାଡମ୍ବର ଜୀବନ, ସେମାନଙ୍କ ଦାବି ହାସଲ ପାଇଁ ହୃଦୟଭରା ସଂଗ୍ରାମ ଏହି କୋଟି କୋଟି ଗରିବ ଲୋକଙ୍କୁ ତାଙ୍କ ପ୍ରତି ଆକୃଷ୍ଟ କରିଥିଲା। ସେମାନେ ଭାବିଥିଲେ ଗାନ୍ଧୀ ହେଉଛନ୍ତି ଜଣେ ତ୍ରାଣକର୍ତ୍ତା ଓ ଏହି ଦୁଃଖ ସାଗରରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଈଶ୍ୱରଙ୍କର ଅବତାର ଭାବରେ ତାଙ୍କର ଆବିର୍ଭାବ ଘଟିଛି।

ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଜାଗ୍ରତ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ କରାଇବାରେ ସେ ମୁଖ୍ୟ ଭୂମିକା ପାଳନ କରିଥିଲେ ମଧ୍ୟ ଏହା କେବଳ ତାଙ୍କ ଯୋଗୁଁ ହିଁ ସମ୍ଭବ ହେଲା ବୋଲି କହିବା ଭୁଲ ହେବ। ପ୍ରଥମ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଭାରତ ବର୍ଷ ଭିତରେ ତଥା ସାରା ଦୁନିଆଁରେ ଯେଉଁ ଜାଗରଣ ଦେଖା ଦେଇଥିଲା ତାହା ପଛରେ ଐତିହାସିକ କାରଣମାନ ରହିଛି। ଯୁଦ୍ଧ ସମୟରେ ଓ ଯୁଦ୍ଧ ପରବର୍ତ୍ତୀ ଅବସ୍ଥାରେ କୃଷକମାନଙ୍କ ଅର୍ଥନୈତିକ ପରିସ୍ଥିତିରେ ଘୋର ଅବନତି ଆସିଥିଲା। ସ୍ୱାଧୀନତା ସଂଗ୍ରାମ ଭିତରେ ବିଭିନ୍ନ ପ୍ରଗତିଶୀଳ ଗୋଷ୍ଠୀର ଅଭ୍ୟୁଦୟ ଘଟିଥିଲା। ଏମାନେ ଚାଷୀମାନଙ୍କୁ ଜାଗ୍ରତ କରିବାକୁ ଉଦ୍ୟମ ନେଇଥିଲେ। ରୁଷ ବିପ୍ଳବ ସମେତ ତୁର୍କୀ ଓ ଚୀନର ସଂଗ୍ରାମ ମଧ୍ୟ ଭାରତବାସୀଙ୍କୁ ପ୍ରଭାବିତ କରିଥିଲା। ଏହି ପୃଷ୍ଠଭୂମିରେ ଭାରତୀୟ ରାଜନୀତିରେ ଯଦି ଗାନ୍ଧୀଙ୍କ ଆବିର୍ଭାବ ଘଟି ନଥାନ୍ତା ତେବେ ଭାରତବାସୀ ଗାନ୍ଧୀଙ୍କ ଧାରା ନ ହେଲେ ମଧ୍ୟ ଭିନ୍ନ ଧାରାରେ ସଂଗ୍ରାମ ମୁଖର ହୋଇଥାଆନ୍ତେ। ଏହିପରି ଏକ ଉର୍ବର କ୍ଷେତ୍ର ଉପରେ ଗାନ୍ଧିବାଦୀ ଧାରାରେ ସ୍ୱାଧୀନତା ସଂଗ୍ରାମ ପରିଚାଳିତ ହୋଇଥିଲା।

ସେତେବେଳ ପର୍ଯ୍ୟନ୍ତ ଜାତୀୟତାବାଦୀ ଆନ୍ଦୋଳନରେ ଦୃଢୀଭୂତ ହୋଇ ରହିଥିବା ଦୁର୍ବଳତାଗୁଡିକୁ ଅତିକ୍ରମ କରି ଏହି ସଂଗ୍ରାମକୁ ବାସ୍ତବରେ ଜାତୀୟ ଚରିତ୍ର ପ୍ରଦାନ କରିବା ତଥା ସମସ୍ତ ଶ୍ରେଣୀମାନଙ୍କର ଐକ୍ୟବଦ୍ଧ ସଂଗ୍ରାମରେ ରୂପାନ୍ତର କରିବାରେ ଗାନ୍ଧୀ ହିଁ ସ୍ଥପତିର ଭୂମିକା ପାଳନ କରିଥିଲେ। ମାତ୍ର ଏଠାରେ ଗୋଟିଏ କଥାକୁ ପାସୋରି ଦିଆଯାଇପାରେନା। ଗ୍ରାମାଞ୍ଚଳର ଯେଉଁ ଗରିବ ଲୋକମାନଙ୍କୁ ସେ ବିପୁଳ ସଂଖ୍ୟାରେ ସ୍ୱାଧୀନତା ସଂଗ୍ରାମରେ

Digitized by srujanika@gmail.com

ସାମିଲ କରାଇଥିଲେ, ସେହି ଗରିବ ଲୋକମାନେ ଏକ ସ୍ୱାଧୀନ ଶକ୍ତିଭାବେ କାର୍ଯ୍ୟ କଲେ ତାର ପରିଣାମ କ'ଣ ହେବ ଏହି ଭୟ କିନ୍ତୁ ମହାତ୍ମାଙ୍କୁ ତାଙ୍କ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆତଙ୍କିତ କରିଥିଲା । ସେ ସ୍ୱାଧୀନତା ସଂଗ୍ରାମରେ ଏହି ଗରିବ ଲୋକମାନଙ୍କୁ ସାମିଲ କଲେ ବି ଏମାନେ ଯେପରି ପୁଞ୍ଜିପତି ଶ୍ରେଣୀର ନେତୃତ୍ୱର ଅଧୀନସ୍ଥ ହୋଇ ରହନ୍ତି ତାହା ସୁନିଶ୍ଚିତ କରିବା ପାଇଁ ଗାନ୍ଧିଜୀ ବେଶ ସକ୍ରିୟ ଥିଲେ । ଅସହଯୋଗ ଆନ୍ଦୋଳନ ସମୟରେ ଚୌରୀଚୌରା ହିଂସାକାଣ୍ଡ ପାଇଁ ଆନ୍ଦୋଳନ ପ୍ରତ୍ୟାହାର କରିବାଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଏହା ହିଁ ପ୍ରତିଫଳିତ ହୋଇଥିଲା । ଏହି ସତ୍ୟକୁ କ'ଣ ଅସ୍ୱୀକାର କରାଯାଇପାରିବ ? ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମରେ ଜନସାଧାରଣ ଅହିଂସା ପାଳନ ପାଇଁ ଗାନ୍ଧିଜୀ ଗୁରୁତ୍ୱ ଦେଉଥିଲେ । ମାତ୍ର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସାମ୍ରାଜ୍ୟବାଦର ଯୁଦ୍ଧ ପାଇଁ ସୈନିକ ସଂଗ୍ରହ କରିବାରେ ସେ ଜଣେ ସର୍ଜେଣ୍ଟଭାବେ କାମ କରିଥିଲେ । ହିଂସା ଓ ଅହିଂସାର ଏହା ଥିଲା ବିପରୀତଧର୍ମୀ ପ୍ରୟୋଗ ।

ଗାନ୍ଧିଜୀଙ୍କର ଏହି ଆଭିମୁଖ୍ୟ କେବଳ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ସହରାଞ୍ଚଳର ଶ୍ରମିକମାନଙ୍କ କ୍ଷେତ୍ରରେ ମଧ୍ୟ ସେ ଅନୁରୂପ ଆଭିମୁଖ୍ୟ ପୋଷଣ କରିଥିଲେ । ଏହା ପୁଞ୍ଜିପତି ଶ୍ରେଣୀ ପାଇଁ ସହାୟକ ହୋଇଥିଲା । ସେ 'ଟ୍ରଷ୍ଟିସିପ' କଥା କହୁଥିଲେ । ଏହାର ଅର୍ଥ ହେଲା ପୁଞ୍ଜିପତିମାନେ ହେଉଛନ୍ତି ସଂପତ୍ତିର ତତ୍ତ୍ୱାବଧାରକ । ଅର୍ଥାତ ମାଲିକ ନୁହଁନ୍ତି ! ଏହା ଦ୍ୱାରା ବାସ୍ତବତାକୁ ଅସ୍ୱୀକାର କରାଯାଇଥିଲା ।

ରାଜନୈତିକ କାର୍ଯ୍ୟକଳାପ ସମୟରେ କେତେ ଗୁଡିଏ ନୈତିକ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହେବା ପାଇଁ ସେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥିଲେ । ବେଶ ନିପୁଣତାର ସହ ସେ ସତ୍ୟାଗ୍ରହ ଓ ରଚନାତ୍ମକ କାର୍ଯ୍ୟ ପରି ସଂସଦ ବହିର୍ଭୂତ କାର୍ଯ୍ୟ ଓ ନିଜ ଅନୁଗତ ନେତାମାନଙ୍କର ସଂସଦୀୟ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିପାରିଥିଲେ । ଏକ ସମୟରେ ପ୍ରତ୍ୟକ୍ଷ ସଂଗ୍ରାମ ପରିଚାଳନା ଓ ଶତ୍ରୁପକ୍ଷ ଅର୍ଥାତ ସାମ୍ରାଜ୍ୟବାଦ ସହ ଆଲୋଚନା ଚଳାଇଥିଲେ । ଏକ ପକ୍ଷରେ ସାଧାରଣ ଲୋକଙ୍କୁ ଅନୁପ୍ରାଣିତ କରି ସଂଗ୍ରାମରେ ସାମିଲ କରାଉଥିଲେ ଓ ଅନ୍ୟପକ୍ଷରେ ସେମାନଙ୍କର ବିପ୍ଳବୀ କାର୍ଯ୍ୟକଳାପ ଉପରେ ଲଗାମ ଲଗାଉଥିଲେ । ତାଙ୍କର ଏହି କାର୍ଯ୍ୟ ଓ ଦକ୍ଷତା କେବଳ ଯେ ପୁଞ୍ଜିପତି ଶ୍ରେଣୀ ପାଇଁ ସହାୟକ ହୋଇ ନଥିଲା ବରଂ ତାଙ୍କୁ ପୁଞ୍ଜିପତି ଶ୍ରେଣୀର ଅପ୍ରତିଦ୍ୱନ୍ଦ୍ୱୀ ନେତାରେ ପରିଣତ କରିଥିଲା । ସେ ପୁଞ୍ଜିପତି ଶ୍ରେଣୀର ଆସ୍ଥା ହାସଲ କରିବା ସହ ଏହି ଶ୍ରେଣୀକୁ ସାମଗ୍ରିକ ଭାବେ ଐକ୍ୟବଦ୍ଧ ଓ ସକ୍ରିୟ କରିପାରିଥିଲେ ।

ପୁଞ୍ଜିପତି ଶ୍ରେଣୀର ପ୍ରମୁଖ ନେତା ତଥା ଗୁରୁ-ବନ୍ଧୁ-ସେନାପତି ଭାବେ ଗାନ୍ଧିଜୀ ଏହି ଭୂମିକା ପାଳନ କଲେ ମଧ୍ୟ ସେ ସବୁ ସମୟରେ ଓ ସମସ୍ତ ପ୍ରସଂଗ ଉପରେ ପୁଞ୍ଜିପତି ଶ୍ରେଣୀ ସହ ଏକମତ ନ ଥିଲେ । କେତେକ ପ୍ରସଂଗ ଉପରେ ତାଙ୍କର ମତ ସଂଖ୍ୟାଗରିଷ୍ଠ ସମର୍ଥନରୁ ବଞ୍ଚିତ ହୋଇଥିଲା । ଏହି ସମସ୍ତ କ୍ଷେତ୍ରରେ ସେ ଓ ସଂଖ୍ୟାଗରିଷ୍ଠ ମତାବଲମ୍ବୀମାନେ ସାମୟିକ ଭାବେ ପୃଥକ ପୃଥକ ରାସ୍ତାରେ ଗତି କରିବା ପାଇଁ ଏକମତ ହୋଇଥିଲେ । ଏହାର ଏକ ଉଦାହରଣ ହେଉଛି ଅସହଯୋଗ ଆନ୍ଦୋଳନ ପରେ ସ୍ୱରାଜ ପାର୍ଟି ଚାହିଁଲା ବିଧାନ ପରିଷଦ ନିର୍ବାଚନରେ ଅଂଶ ଗ୍ରହଣ କରିବ । ଯେଉଁମାନେ ଅସହଯୋଗର ପରିବର୍ତ୍ତନ ଚାହୁଁ ନଥିଲେ ସେମାନେ ଏହାକୁ ବିରୋଧ କରୁଥିଲେ ଓ ବର୍ଜନ କରିବା ସପକ୍ଷରେ ଯୁକ୍ତି ବାଢୁ ଥିଲେ । ୧୯୩୨-୩୩ର ଆଇନ ଅମାନ୍ୟ ଆନ୍ଦୋଳନ ପରେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଓ ସ୍ୱାଧୀନତାର ଠିକ୍ ପୂର୍ବବର୍ତ୍ତୀ ତଥା ପରବର୍ତ୍ତୀ ସମୟରେ ମଧ୍ୟ ମତ ବିରୋଧ ପ୍ରକଟ ହୋଇଥିଲା । ତାଙ୍କ ଜୀବନର ଅପରାହ୍ନରେ ନିଜ ଆଦର୍ଶବାଦ ସହ ଏକ ପକ୍ଷରେ ଦୃଢମନା ସର୍ଦ୍ଦାର ପଟେଲ ଓ ଅନ୍ୟ ପକ୍ଷରେ ପ୍ରଗତିଶୀଳ ବୁଦ୍ଧିଜୀବୀ ଜବାହରଲାଲ ନେହେରୁଙ୍କର ମତ ବିରୋଧ ଘଟିଥିଲା । ଏମାନେ ବର୍ଷ ବର୍ଷ ଧରି ତାଙ୍କର ଅନୁଗତ ସହକର୍ମୀ ଥିଲେ । ଏମାନଙ୍କ ସହ ଦୂରତା ବୃଦ୍ଧି ପାଇବାରୁ ତାଙ୍କର ଶେଷ ଜୀବନ ଅତ୍ୟନ୍ତ କଷ୍ଟକର ହୋଇଥିଲା ।

ଗାନ୍ଧୀ ଓ ତାଙ୍କ ଜୀବନର ଲକ୍ଷ୍ୟ ସଂପର୍କରେ ଏକ ସାମଗ୍ରିକ ମୂଲ୍ୟାୟନ କଲାବେଳେ ଏହି ମତ ବିରୋଧର କି ପର୍ଯ୍ୟାଲୋଚନା କରାଯିବ ? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଇ.ଏମ.ଏସ. କହିଛନ୍ତି ଯେ ଗାନ୍ଧିଜୀ ଯେଉଁ ସବୁ ନୈତିକ ମୂଲ୍ୟବୋଧ ପାଇଁ ଅଡି ବସୁଥିଲେ ତାହା ଏକ ସମୟରେ ପୁଞ୍ଜିପତି ଶ୍ରେଣୀ ପାଇଁ ସହାୟକ ହୋଇଥିଲା । ମାତ୍ର ତାଙ୍କ ଶେଷ ଜୀବନ ଆଡକୁ ଏହି ନୈତିକ ମୂଲ୍ୟବୋଧ ପୁଞ୍ଜିପତି ଶ୍ରେଣୀ ପାଇଁ ପ୍ରତିବନ୍ଧକ ଭାବେ କାର୍ଯ୍ୟ କଲା । ସ୍ୱାଧୀନତା ହାସଲ ହୋଇ ନଥିବାବେଳେ ସାଧାରଣ ଲୋକଙ୍କୁ ସଂଗ୍ରାମ ଭିତରକୁ ଟାଣି ଆଣିବା ଓ ସେମାନଙ୍କର ବିପ୍ଳବୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଅର୍ଥାତ ସାମ୍ରାଜ୍ୟବାଦ ବିରୋଧରେ ଅହିଂସ୍ର ପ୍ରତିରୋଧ ଗଢିତୋଳିବା ପୁଞ୍ଜିପତି ଶ୍ରେଣୀର ଆବଶ୍ୟକତା ଥିଲା । ସ୍ୱାଧୀନତା ଯୋଗୁଁ କ୍ଷମତାର ସ୍ୱାଦ ଚାଖିବା ପରେ ପୁଞ୍ଜିପତି ଶ୍ରେଣୀର ବିଚାର ହେଲା, ଆଉ ଏ ସଂଗ୍ରାମର ଆବଶ୍ୟକତା ନାହିଁ । ସାମ୍ରାଜ୍ୟବାଦ ବିରୋଧରେ ଯେଉଁ ସଂଗ୍ରାମ କରାଯିବ ତାହା ରାଷ୍ଟ୍ର କରିବ, ଏଥିରେ ଲୋକଙ୍କର କୌଣସି ଭୂମିକା ପାଳନ କରିବାର ଆବଶ୍ୟକତା ନାହିଁ । କେବଳ ସାମ୍ରାଜ୍ୟବାଦର ବିରୋଧୀତା ନୁହେଁ ଦେଶର ସାମାଜିକ-

Digitized by srujanika@gmail.com

ଅର୍ଥନୈତିକ ବ୍ୟବସ୍ଥାରେ ଯେଉଁ ସବୁ ସଂସ୍କାର ଅଣାଯିବ ତାହା ରାଷ୍ଟ୍ର କ୍ଷମତା ମାଧ୍ୟମରେ କରାଯିବ ବୋଲି ପୁଞ୍ଜିପତି ଶ୍ରେଣୀ ଓ ତାର ପ୍ରତିନିଧିମାନେ ବିଚାର କଲେ । ମାତ୍ର ଗାନ୍ଧୀ ଏ ଦିଗରେ ଆଶାବାଦୀ ନଥିଲେ ।

ସ୍ୱାଧୀନତା ଯୋଗୁ ପୁଞ୍ଜିପତି ଶ୍ରେଣୀ କ୍ଷମତାସୀନ ହେବା ପରେ ଏହି ଶାସକ ଶ୍ରେଣୀ ନିଜର ଶ୍ରେଣୀ ସ୍ୱାର୍ଥ ଚରିତାର୍ଥ କରିବାରୁ ତାହା ସହିତ ଓ ତାହା ନିୟନ୍ତ୍ରଣରେ ଥିବା ରାଷ୍ଟ୍ରଯନ୍ତ୍ର ସହିତ ସାଧାରଣ ଲୋକଙ୍କର ବିବାଦର ସୂତ୍ରପାତ ଘଟିଲା । ପୁଞ୍ଜିପତି ଶ୍ରେଣୀର ଯେଉଁ ରାଜନୈତିକ ପ୍ରତିନିଧିମାନଙ୍କ (ମନ୍ତ୍ରୀ, ଏମ.ପି., ଏମ.ଏଲ.ଏ. ପ୍ରମୁଖ) ହାତରେ କ୍ଷମତା ରହିଲା ସେମାନେ ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣରେ ଲିପ୍ତ ରହିଲେ । ପୁଞ୍ଜିପତି ଶ୍ରେଣୀ ଓ ତାର ରାଜନୈତିକ ପ୍ରତିନିଧିମାନଙ୍କର ଏହି ପରିବର୍ତ୍ତନ ଯୋଗୁଁ ସେମାନଙ୍କ ସହ ଗାନ୍ଧିଜୀଙ୍କର ବିବାଦ ଉପୁଜିଲା । ସ୍ୱାଧୀନତା ସଂଗ୍ରାମ ଯୁଗରେ ଗାନ୍ଧିଜୀ ଯେଉଁ ଆଦର୍ଶବାଦ ଓ ମୂଲ୍ୟବୋଧର ପ୍ରଚାର କରୁଥିଲେ ସେ ସେଥିରେ ଅଟଳ ରହିଲେ । ମାତ୍ର ତାଙ୍କର ଏହି ନୈତିକ ମୂଲ୍ୟବୋଧ କ୍ଷମତାରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ ପାଇଁ ପ୍ରତିବନ୍ଧକ ହୋଇ ଠିଆ ହେଲା ।

ସେହିପରି ହିନ୍ଦୁ- ମୁସଲିମ୍ ଏକତା ପ୍ରଶ୍ନ ଉପରେ ମଧ୍ୟ କଂଗ୍ରେସର ନେତାମାନଙ୍କ ସହ ତାଙ୍କର ମତଭେଦ ଘଟିଥିଲା । କଂଗ୍ରେସ ନେତୃତ୍ୱର ଆଭ୍ୟନ୍ତରୀଣ ବିବାଦ, ବିଶେଷ କରି ଜବାହରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିବାଦ ତାଙ୍କୁ ବ୍ୟଥିତ କରିଥିଲା ।

ଏହି ସବୁ ପ୍ରକ୍ରିୟା ମଧ୍ୟ ଦେଇ ଗାନ୍ଧୀ କିପରି "ଜାତିର ଜନକ" ପାଲଟିଲେ ? ଏହାର କାରଣ ହେଲା ତାଙ୍କ ଆଦର୍ଶବାଦ ହିଁ ସାମ୍ରାଜ୍ୟବାଦ ବିରୋଧୀ ସଂଗ୍ରାମକୁ ଶକ୍ତିଶାଳୀ କରିଥିଲା ଓ ତାହା ସାମ୍ରାଜ୍ୟବାଦ ପାଖରୁ କ୍ଷମତା ଅକ୍ତିଆର ପାଇଁ ଭାରତୀୟ ପୁଞ୍ଜିପତି ଶ୍ରେଣୀ ହାତରେ ଆୟୁଧ ଭାବେ କାର୍ଯ୍ୟ କରିଥିଲା । ମାତ୍ର ନିଜ ଶେଷ ଜୀବନରେ ତାଙ୍କ ଆଦର୍ଶବାଦ ପୁଞ୍ଜିପତି ଶ୍ରେଣୀର ଶ୍ରେଣୀ ସ୍ୱାର୍ଥ ଓ ତାର ରାଜନୈତିକ ପ୍ରତିନିଧିମାନଙ୍କର ନ୍ୟସ୍ତ ସ୍ୱାର୍ଥ ପାଇଁ ଅନ୍ତରାୟ ହୋଇ ଠିଆ ହେବାରୁ ସେ ଏକଘରକିଆ ହୋଇପଡିଥିଲେ ।

ଏହି ଏକ ଘରକିଆ ହୋଇ ପଡିବାର ଏକ ବଳିଷ୍ଠ ନଜିର ହେଲା କଂଗ୍ରେସ ରାଜନୈତିକ ଦଳ ନ ହୋଇ ଏକ ଅଣ-ରାଜନୈତିକ ଲୋକ-ସହାୟକ ସଂଘରେ ରୂପାନ୍ତରିତ ହେଉ ବୋଲି ସେ ଯେଉଁ ପରାମର୍ଶ ଦେଇଥିଲେ କଂଗ୍ରେସ ନେତାମାନେ ତାହା ପ୍ରତି ଆଦୌ କର୍ଣ୍ଣପାତ କରି ନଥିଲେ । ତାଙ୍କର ଏହି ପରାମର୍ଶକୁ ତାଙ୍କର ଘନିଷ୍ଠ ଅନୁଗାମୀ ଥିବା କଂଗ୍ରେସର ଏକ କ୍ଷୁଦ୍ର ଅଂଶ କାର୍ଯ୍ୟକାରୀ କରିଥିଲା । ସେମାନେ ଆଚାର୍ଯ୍ୟ ବିନୋବା ଭାବେଙ୍କ ନେତୃତ୍ୱରେ ସର୍ବସେବା ସଂଘ ଗଠନ କରିଥିଲେ । ମନ୍ତ୍ରୀ, ଏମ.ଏଲ.ଏ. ବା ଏମ.ପି. ଆଦି ପଦପଦବୀର ଲାଳସା ପରିତ୍ୟାଗ କରିବାକୁ ସେମାନେ ଶପଥ ନେଇଥିଲେ । ଖଦୀ, ଗ୍ରାମ୍ୟ ଶିଳ୍ପ ଓ ମୌଳିକ ଶିକ୍ଷା ଆଦି ରଚନାତ୍ମକ କାର୍ଯ୍ୟକ୍ରମ ଜରିଆରେ ସେମାନେ ଲୋକଙ୍କ ସେବା କରିବାକୁ ଘୋଷଣା କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ ଯୁଗରେ କଂଗ୍ରେସ ଯେପରି କାର୍ଯ୍ୟ କରୁ ବୋଲି ଗାନ୍ଧୀ ଚାହିଁଥିଲେ ସର୍ବସେବା ସଂଘ ଠିକ୍ ସେହି ଧାରାରେ କାର୍ଯ୍ୟ କରିଥିଲା ।

ଗାନ୍ଧୀଙ୍କ ମୃତ୍ୟୁ ପରେ ଗାନ୍ଧିବାଦର ଯେଉଁ ସବୁ ପ୍ରୟୋଗ କରାଯାଇଥିଲା ତାହା ମଧ୍ୟରେ ପ୍ରମୁଖ ଥିଲା ଭୂଦାନ ଆନ୍ଦୋଳନ । ଏହାର ପୃଷ୍ଠଭୂମିରେ ଥିଲା ତେଲେଙ୍ଗାନାର ସଶସ୍ତ୍ର କୃଷକ ସଂଗ୍ରାମ । କୃଷକମାନେ ନିଜାମସାହି ବିରୋଧରେ ସଂଗ୍ରାମ କରି ଜମିଦାରତନ୍ତ୍ରର ଅବସାନ ଘଟାଇଥିଲେ ଓ ଚାଷୀମାନଙ୍କ ମଧ୍ୟରେ ଜମି ବଣ୍ଟନ କରିଥିଲେ । ଦେଶୀୟ ରାଜ୍ୟ ହାଇଦ୍ରାବାଦର ଭାରତ ସହ ମିଶ୍ରଣ ପରେ ଶାସନ କ୍ଷମତାରେ କଂଗ୍ରେସ ପାଲଟି ଥିଲା ନିଜାମଙ୍କ ଉତ୍ତରାଧିକାରୀ । ବିଦ୍ରୋହ ଦମନକାରୀ ପୋଲିସ ସହିତ ନିଜ ଦଖଲକୁ ଆସିଥିବା ଜମିର ସୁରକ୍ଷା ପାଇଁ କୃଷକମାନଙ୍କୁ ସଂଗ୍ରାମ କରିବାକୁ ପଡିଥିଲା ।

ଗାନ୍ଧିବାଦର ଏହି ଉତ୍ତରାଧିକାରୀମାନେ ଏକ ପକ୍ଷରେ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ଚାଲିଥିବା ଜମି ଦଖଲ ଆନ୍ଦୋଳନକୁ ବିରୋଧ କରୁଥିଲେ । ଅନ୍ୟପକ୍ଷରେ ସେମାନେ ଆଇନ ପ୍ରଣୟନ ଜରିଆରେ ଭୂସଂସ୍କାର ପାଇଁ ସରକାର ଗ୍ରହଣ କରୁଥିବା ପଦକ୍ଷେପକୁ ମଧ୍ୟ ବିରୋଧ କରୁଥିଲେ । ସେମାନଙ୍କ ବିଚାର ଥିଲା ଏହି ଦୁଇଟିଯାକ ପଦକ୍ଷେପ ହେଉଛି ବଳପ୍ରୟୋଗ ଜରିଆରେ ଏକ ସାମାଜିକ ସମସ୍ୟାର ସମାଧାନ କରିବା । କମ୍ୟୁନିଷ୍ଟ ପାର୍ଟିର ପଦକ୍ଷେପ ପ୍ରତ୍ୟକ୍ଷ ହିଂସା ଜରିଆରେ କାର୍ଯ୍ୟ ହାସଲ ପାଇଁ ଉଦ୍ୟମ ଏବଂ କଂଗ୍ରେସ ସରକାରର ପଦକ୍ଷେପ ସଂଖ୍ୟାଗରିଷ୍ଠ ହାତରେ ଥିବା ରାଷ୍ଟ୍ରଶକ୍ତିକୁ ସଂଖ୍ୟାଲଘୁଙ୍କ ବିରୋଧରେ ପ୍ରୟୋଗ ବୋଲି ଭୂଦାନ ଆନ୍ଦୋଳନ ପକ୍ଷରୁ ସମାଲୋଚନା କରାଯାଇଥିଲା । ଜମିଦାରମାନେ ସ୍ୱଇଚ୍ଛାରେ ଜମି ବା ଭୂମିଦାନ କରିବା ହେବ ଜମି ସମସ୍ୟାର ପ୍ରକୃତ ଗାନ୍ଧିବାଦୀ ସମାଧାନ ବୋଲି ଗାନ୍ଧିଜୀଙ୍କ 'ଉତ୍ତରାଧିକାରୀ' ବିନୋବା ଭାବେ ନୀତି ବଖ୍ୟାନ କରିଥିଲେ । ନିଜ ଜମିର ଛଅ ଭାଗରୁ ଭାଗେ ଦାନ କରିବା ପାଇଁ ଜମିଦାରମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ସେ ଆରମ୍ଭ କଲେ ଭୂଦାନ ଆନ୍ଦୋଳନ । 'ରାଜଶକ୍ତି' (State power) ପରିବର୍ତ୍ତେ 'ଜନଶକ୍ତି' (People's power) ଜରିଆରେ ଏହା ଆସଲ କରିବା ଥିଲା ଭୂଦାନ ଆନ୍ଦୋଳନର କାର୍ଯ୍ୟକ୍ରମ ।

ବିନୋବା ଭାବେଙ୍କର ପରବର୍ତ୍ତୀ ସ୍ଲୋଗାନ ଥିଲା 'ଗ୍ରାମଦାନ' । ଏହି ଗ୍ରାମଦାନ ପର୍ଯ୍ୟାୟରେ ଗୋଟିଏ ଗାଁର ସମସ୍ତ ଲୋକ ସେମାନଙ୍କ ସବୁ ସଂପତ୍ତି ଛାଡିବାକୁ ଆହ୍ୱାନ ଦିଆଗଲା । ସମସ୍ତ ଭୂସଂପତ୍ତି ପରିତ୍ୟାଗକୁ ସଂପତ୍ତି ଉପରେ ବ୍ୟକ୍ତିଗତ ମାଲିକାନାର ଅବସାନ ପର୍ବର ଅୟମାରମ୍ଭ ଘଟିଛଇ ବୋଲି କୁହାଗଲା । ଲୋକେ ନିଜ ମାଲିକାନା ଛାଡିଥିବା ଏହି ସଂପତ୍ତି ପାଲଟିବ ଗ୍ରାମବାସୀଙ୍କର କୋଠ ସଂପତ୍ତି । ସମସ୍ତେ ମିଳିମିଶି ଚାଷ କରିବେ । ଉତ୍ପାଦନର ସମାନୁପାତିକ ବଣ୍ଟନ କରାଯିବ । ଗାଁରେ କୁଟୀର ଶିଳ୍ପ ସମେତ ସମୂହ ସ୍ୱାର୍ଥ ପାଇଁ ଜୀବିକା ଉପାର୍ଜନର ଅନ୍ୟାନ୍ୟ ଉତ୍ସମାନ ସୃଷ୍ଟି କରାଯିବ । ଗ୍ରାମଦାନ କଥା କହିବା ବେଳେ ଏହାଥିଲା ନୂତନ ଗ୍ରାମ ଗଠନ ପାଇଁ ବିନୋବାଜୀଙ୍କ ଦୃଷ୍ଟିଭଂଗୀ ।

ବିନୋବାଜୀଙ୍କ ଏହି ଆହ୍ୱାନ କମ୍ୟୁନିଷ୍ଟ ଓ ସୋସାଲିଷ୍ଟମାନଙ୍କ ବୈପ୍ଳବିକ ଆହ୍ୱାନ ସହ ସମାନ ଥିଲା । "ଯିଏ ଯେତିକି ସକ୍ଷମ ସିଏ ସେତିକି କାମ କରିବ ଓ ଯାହାର ଯେତିକି ଆବଶ୍ୟକ ତାକୁ ସେତିକି ମିଳିବ"- ଏହା ସମାଜବାଦୀ ସମାଜର ଉଚ୍ଚତର ପର୍ଯ୍ୟାୟ ଅର୍ଥାତ ସାମ୍ୟବାଦୀ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥାଏ । ପୁଣି "ହୃଦୟର ପରିବର୍ତ୍ତନ"

Digitized by srujanika@gmail.com

ଜରିଆରେ ଏହା ହାସଲ କରାଯାଇପାରିବ ! ଗାନ୍ଧିବାଦୀ ରାସ୍ତାରେ କିମ୍ବା ଭୂଦାନ ଆନ୍ଦୋଳନ ଜରିଆରେ ଏହା ହାସଲ କରିବା ସଂପୂର୍ଣ୍ଣ ଅସମ୍ଭବ ଥିଲା।

କମ୍ୟୁନିଷ୍ଟମାନଙ୍କ ମତ ହେଲା, ଶ୍ରମିକ ଶ୍ରେଣୀର ନେତୃତ୍ୱରେ ସମସ୍ତ ଶ୍ରମଜୀବୀ ଲୋକଙ୍କ ସୁଦୀର୍ଘ ସଂଗ୍ରାମ ଜରିଆରେ ଶୋଷକ ଶ୍ରେଣୀ ହାତରୁ ରାଷ୍ଟ୍ର କ୍ଷମତା ଛଡାଇଆଣି ଶୋଷିତ ଶ୍ରେଣୀକୁ ରାଷ୍ଟ୍ର କ୍ଷମତାରେ ବସାଇପାରିଲେ ଓ ଶ୍ରେଣୀହୀନ ସମାଜ ପ୍ରତିଷ୍ଠା କରିପାରିଲେ ଏହା ସମ୍ଭବ ହୋଇପାରିବ। ଗାନ୍ଧୀଙ୍କ ପରବର୍ତ୍ତୀ ଯୁଗର ଗାନ୍ଧିବାଦ ସହ ମାର୍କ୍ସବାଦୀମାନଙ୍କର ମତଭେଦ ଏଇଠି ରହିଥିଲା। ବିନୋବାଜୀଙ୍କ ଏହି ଆହ୍ୱାନର ଶହେ ବର୍ଷ ପୂର୍ବରୁ କାର୍ଲ ମାର୍କ୍ସ ଓ ଫ୍ରେଡେରିକ ଏଞ୍ଜେଲସ କହି ସାରିଥିଲେ ଯେ କୌଣସି ଶ୍ରେଣୀ ସ୍ୱଇଚ୍ଛାରେ କ୍ଷମତା ପରିତ୍ୟାଗ କରେନା। ପୁଞ୍ଜିପତି, ଜମିଦାର ତଥା ଅନ୍ୟାନ୍ୟ ଶୋଷକମାନେ ମଧ୍ୟ ସ୍ୱଇଚ୍ଛାରେ ସଂପତ୍ତି ତ୍ୟାଗ କରନ୍ତି ନାହିଁ। ଏହା ହାସଲ କରିବା ପାଇଁ ବୈପ୍ଳବିକ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇଥାଏ। ବିନୋବାଜୀଙ୍କ ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନର ବିଫଳତା ଏହି ସତ୍ୟକୁ ତୋଳି ଧରିବା ସହ ଭାରତରେ ଜମି ସମସ୍ୟାର ସମାଧାନ ପାଇଁ ଗାନ୍ଧିବାଦର ବିଫଳତାର ମଧ୍ୟ ପ୍ରମାଣ ବହନ କରିଛି।

'ରାଜ ଶକ୍ତି'ର ବିକଳ୍ପ ଭାବେ ବିନୋବାଜୀ 'ଜନଶକ୍ତି' କଥା କହୁଥିଲେ। ଧୀରେ ଧୀରେ 'ରାଜଶକ୍ତି' ଓ 'ଜନଶକ୍ତି' ଭିତରେ ଥିବା ସୀମାରେଖା ଦୂର ହୋଇଗଲା। ସର୍ବୋଦୟ ଆନ୍ଦୋଳନ ଓ ଏହାକୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ସଂଗଠନ ଅର୍ଦ୍ଧ- ସରକାରୀ ଅନୁଷ୍ଠାନର ମାନ୍ୟତା ହାସଲ କଲେ।

୧୯୭୦ ଦଶକ ବେଳକୁ ଦେଖିବାକୁ ମିଳିଲା ଯେ ଗାନ୍ଧିବାଦୀ ସର୍ବୋଦୟ ଆନ୍ଦୋଳନର ଏକ ଅଂଶ ସଂଗଠନ କଂଗ୍ରେସ, ଜନସଂଘ ଓ ସ୍ୱତନ୍ତ୍ର ପାର୍ଟିର ନିକଟତର ହୋଇଥିବାବେଳେ ଅନ୍ୟ ଏକ ଅଂଶ ଶାସକ କଂଗ୍ରେସ ଦଳର ନିକଟତର ହୋଇଥିଲେ। ଦୁର୍ନୀତି ଓ ଏକଛତ୍ରବାଦ ବିରୋଧରେ ତଥା ନିର୍ବାଚନ ସଂସ୍କାର ଓ ଶିକ୍ଷା ସଂସ୍କାର ପାଇଁ ଜୟ ପ୍ରକାଶ ନାରାୟଣଙ୍କ ଆନ୍ଦୋଳନ (ସଂପୂର୍ଣ୍ଣ କ୍ରାନ୍ତି) ସର୍ବୋଦୟ ଆନ୍ଦୋଳନର ହଜାର ହଜାର ଅନୁଗାମୀଙ୍କୁ ଅନୁପ୍ରାଣିତ କରିଥିଲା। ବିନୋବାଜୀଙ୍କ ଭୂଦାନ ଓ ଗ୍ରାମଦାନ ଆନ୍ଦୋଳନ ଓ ଜୟପ୍ରକାଶଜୀଙ୍କ ସଂପୂର୍ଣ୍ଣ କ୍ରାନ୍ତି ମଧ୍ୟରେ ଫରକ ଥିଲା। ବିନୋବାଜୀଙ୍କ ଆନ୍ଦୋଳନ ଜରିଆରେ ଯେଉଁ 'ଜନଶକ୍ତି'ର ବିକାଶ ଘଟୁ ଥିଲା 'ରାଜଶକ୍ତି' ସହ ତାର କୌଣସି ବିରୋଧ ନଥିଲା। ମାତ୍ର ଜୟପ୍ରକାଶଜୀଙ୍କ ଆନ୍ଦୋଳନ ଯେଉଁ 'ଜନଶକ୍ତି'ର ସୂତ୍ରପାତ ଘଟାଇଥିଲା, ତାହା 'ରାଜଶକ୍ତି' ସହ ମୁହାଁମୁହିଁ ହୋଇଥିଲା।

ଏହା କାହିଁକି ଘଟିଲା ? ତାର କାରଣ ହେଉଛି ଗାନ୍ଧିବାଦ ଥିଲା ପୁଞ୍ଜିବାଦୀ ରାଜନୀତିର ତତ୍ତ୍ୱ ଓ ପ୍ରୟୋଗ। ପୁଞ୍ଜିବାଦୀ ରାଜଶକ୍ତି ଯେତେବେଳେ ଭାଗ ଭାଗ ହୋଇଗଲା, ସେତେବେଳେ ଗାନ୍ଧୀ ଆନ୍ଦୋଳନ ମଧ୍ୟ ଭାଗ ଭାଗ ହୋଇଗଲା। ବିନୋବାଜୀଙ୍କୁ ଦେଖିବାକୁ ମିଳିଲା ଜରୁରୀ ପରିସ୍ଥିତିର ସମର୍ଥନକାରୀ ଭୂମିକାରେ। ସେ ଏହାକୁ 'ଅନୁଶାସନର ପର୍ବ' ବୋଲି ପ୍ରଶଂସା କରିଥିଲେ। ମାତ୍ର ସେତେବେଳେ ଜୟପ୍ରକାଶଜୀ ଓ ଅନ୍ୟ ସର୍ବୋଦୟ ନେତାମାନେ ଗିରଫ ହୋଇ ବିନା ବିଚାରରେ ଅଟକ ରହିଥିଲେ।

ସାମ୍ରାଜ୍ୟବାଦ ବିରୋଧୀ ସ୍ୱାଧୀନତା ସଂଗ୍ରାମ ହେଉ, ଅବା ସାମନ୍ତବାଦୀ ଜମିଦାରତନ୍ତ୍ର ବିରୋଧୀ ଭୂଦାନ ଆନ୍ଦୋଳନ ହେଉ, କିମ୍ବା ଏକଛତ୍ରବାଦ ବିରୋଧୀ ଜୟପ୍ରକାଶ ଆନ୍ଦୋଳନ ହେଉ ଏ ସମସ୍ତ ଆନ୍ଦୋଳନ ଗାନ୍ଧିବାଦର ଅବଲମ୍ବନରେ ଜାତୀୟ ସ୍ୱାଧୀନତା, କୃଷି ସଂସ୍କାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ କାର୍ଯ୍ୟ କରିଛି। ମାତ୍ର ଗାନ୍ଧିବାଦର ପୁନରୁତ୍‌ଥାନବାଦୀ ତଥା କୁସଂସ୍କାରପନ୍ଥୀ ସାମାଜିକ ଦୃଷ୍ଟିଭଙ୍ଗୀ ଯୋଗୁ ଏହି ଦର୍ଶନଟି ଜନସାଧାରଣଙ୍କ ଉଦ୍ୟମ ଶୀଳତାର ବିକାଶପାଇଁ ଅନ୍ତରାୟ ହୋଇ ଠିଆ ହୋଇଛି।

୧୯୮୧ରେ 'The Mahatma and the Ism''ର ଶେଷ ଅଧ୍ୟାୟଟି ସଂଯୁକ୍ତ ହେବା ପରେ ଇ.ଏମ.ଏସ. ଆଉ ୧୭ବର୍ଷ ବଞ୍ଚିଥିଲେ। ମାତ୍ର ଏହି ସମୟ ମଧ୍ୟରେ ଏହି ପୁସ୍ତକଟିର ପରବର୍ତ୍ତୀ ସଂସ୍କରଣ ପ୍ରକାଶ ପାଇ ନଥିଲା। ୧୯୮୮-୮୯ରେ ଜବାହାରଲାଲ ନେହେରୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ତାଙ୍କ ଦ୍ୱାରା ଲିଖିତ "Nehru : Ideology and practice" କିମ୍ବା ଏହାର ଅଳ୍ପ କିଛି ବର୍ଷପୂର୍ବରୁ ପ୍ରକାଶିତ "A History of Indian Freedom Struggle" ପୁସ୍ତକରେ ଏବଂ ୧୯୯୭ରେ ଭାରତୀୟ ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତାଙ୍କ ଦ୍ୱାରା ଲିଖିତ ବିଭିନ୍ନ ପ୍ରବନ୍ଧରେ ସେ ଗାନ୍ଧି ଓ ଗାନ୍ଧିବାଦ ସଂପର୍କରେ ନିଜର ମାର୍କ୍ସବାଦୀ ଦୃଷ୍ଟିଭଙ୍ଗୀର ଆଧାରରେ ଏହି ସମାନ ମତ ପୋଷଣ କରିଥିଲେ।

ଇ.ଏମ.ଏସ.ଙ୍କର ମୃତ୍ୟୁ ଘଟିଥିଲା ଗାନ୍ଧୀ ଶହୀଦ ହେବାର ଅର୍ଦ୍ଧଶତାବ୍ଦୀ ପରେ। ଗାନ୍ଧୀ ଓ ଗାନ୍ଧିବାଦ ସଂପର୍କରେ ଜୀବନର ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ସେ ଯେଉଁ ମୂଲ୍ୟାୟନର ସଠିକତା ଉପରେ ସ୍ଥିର ନିଶ୍ଚିତ ଥିଲେ ତାହା ଏବେ ବି ପ୍ରାସଙ୍ଗିକ। ସମୟକ୍ରମେ ଗାନ୍ଧିବାଦ ପୁଞ୍ଜିପତି ଶ୍ରେଣୀ ଓ ପୁଞ୍ଜିବାଦୀ ରାଜନୀତି ପାଇଁ ଅଧିକ ଅପ୍ରାସଙ୍ଗିକ ହୋଇପଡିଛି। ଆଜି କଂଗ୍ରେସ ସମେତ ଅନ୍ୟାନ୍ୟ ପୁଞ୍ଜିବାଦୀ ଦଳମାନଙ୍କ ପାଇଁ ଗାନ୍ଧିବାଦ ଯାଦୁକୋଠିର ସାମଗ୍ରୀ ବନିଯାଇଛି। ଛଳନାତ୍ମକ ଉପାସନା ବ୍ୟତୀତ ଅନ୍ୟ କିଛି ନାହିଁ। ପୁଣି ବିଜେପି ପରି ସାଂପ୍ରଦାୟିକ ଶକ୍ତି ଗାନ୍ଧିବାଦର କୁସଂସ୍କାରପନ୍ଥୀ ବିଚାରଧାରାକୁ ଆତ୍ମସାତ କରି "ଗାନ୍ଧିବାଦୀ ସମାଜବାଦ"ର ସ୍ଲୋଗାନ ଦେଇଛନ୍ତି। ବିଭାଜିତ ଭାରତର ସ୍ୱାଧୀନତାକୁ ଗାନ୍ଧିଜୀ ନିଜ ଶରୀର ଖଣ୍ଡବିଖଣ୍ଡିତ ହୋଇଯାଇଛି ବୋଲି ଅଭିହିତ କରିଥିଲେ। ଗାନ୍ଧିଜୀଙ୍କୁ ହତ୍ୟା କରିଥିବା ଶକ୍ତିମାନେ ଶକ୍ତିଶାଳୀ ହୋଇ ସାଂପ୍ରଦାୟିକ ଦଙ୍ଗାର ତାଣ୍ଡବ ସୃଷ୍ଟି କରିଛନ୍ତି। ସାଂପ୍ରଦାୟିକତାବାଦ ବିରୋଧରେ ସଂଗ୍ରାମ ଓ ଏହି ସଂଗ୍ରାମ ପାଇଁ ଶହୀଦ ସାଜିଥିବା ଗାନ୍ଧିଜୀ ସବୁଦିନ ପାଇଁ ଅମର ହୋଇ ରହିବେ। ତାଙ୍କ ଜୀବନ ଓ ମତବାଦ ପାଖରୁ ଶିକ୍ଷା ନେବା ସମୟରେ ଯେଉଁ ବୈଜ୍ଞାନିକ ଦୃଷ୍ଟିଭଂଗୀର ଆବଶ୍ୟକତା ରହିଛି ତାର ଏକ ମୂଲ୍ୟବାନ ଉତ୍ସ ହେଉଛି "The Mahatma and the Ism" ପୁସ୍ତକରେ ଇ.ଏମ.ଏସ. ନମ୍ବୁଦ୍ରିପଦ କରିଥିବା ମୂଲ୍ୟାୟନ। ❑

Digitized by srujanika@gmail.com

କବିତା

ଲୋହିତ ଦିଗ୍‌ବଳୟ

● ବସନ୍ତ ମାଝି

ଓଦାରୀ ଅଶ୍ୱର ଉଦ୍ଧତ ଖୁରାରେ
ବିଶ୍ୱାସ ମକଚେ ଯେବେ
ଯନ୍ତ୍ରଣା କାତର ବାୟୁ ମଣ୍ଡଳେ
କାହା ବୀର ଡାକ ଶୁଭେ
ଆତ୍ମ ପ୍ରତ୍ୟୟେ ଶାଣ ଦିଅ ଛାତି
ହାରିବାକୁ କିଛି ନାହିଁ
ଜିଣିବାକୁ ଅଛି ତମାମ ବସୁଧା
ଚେତନାର ସୁଅ ବାହି
ଭିନ୍ନ ସେ ଶଙ୍କରାଚାର୍ଯ୍ୟ।
ଅରାତି ନିଧନ ନୂତନ ମାର୍ଗେ
ଦେଖାଇଛି ତା'ର ଶୌର୍ଯ୍ୟ
ପ୍ରଣମ୍ୟ ନମ୍ବୁଦ୍ରିପଦ
କୋଟି ମଣିଷରେ ଗୋଟିଏ ପରି
ଲଳିତ ସରଳ ପଦ୍ୟ।
କଲମ ଯାହାର ଅଣୁ-ପରମାଣୁ
ଊର୍ଦ୍ଧ୍ୱ ମୁଖୀ ଯା'ର ଚିନ୍ତା
ତ୍ୟାଗର ଉପମା କାହୁଁ ତୋଳି ହେବ
ଶାମୁକା ଗର୍ଭର ମୁକ୍ତା
ଶାସ୍ତ୍ର ପୃଷ୍ଠାରୁ ସମାଜଶାସ୍ତ୍ରୀ ସେ
ତେଜି ଦେଇଥିଲା ଜାତି
ଧର୍ମର ହରାଇ ଦଳିତେ କହିଲା
ମନ୍ଦିରେ କାହିଁ ପ୍ରୀତି
ଭୋକ ବଡ଼ ଭଗବାନ
ଅଧିକାର ଭୋଗେ ସନ୍ତୋଷ କରାଅ
କର୍ମେ ହୁଅ ବଳିୟାନ
ଆସୁ ପଛେ ୫୦-ଝଞ୍ଜା
ଜନଗଣତନ୍ତ୍ର ବାଇଦ ତୋହର
ବଜାରେ ସାଥୀ ତୁ ବଜା।
ପ୍ରୟୋଗ ଧୂରୀଣ ସୃଜନଶୀଳ
ବୈଜ୍ଞାନିକ- ସମାଜବାଦ
ଜାତି-ସଂପ୍ରଦାୟ 'ପାଗଳଗାର'କୁ (୧)
ଦେଲ ଯାଦୁକାରୀ ଛନ୍ଦ
ସମାଜବାଦୀରୁ କମ୍ୟୁନିଷ୍ଟ ବନି
ଅଭିଜ୍ଞତାଦର୍ଶୀ ନିଷ୍ଠା
(୨) "ଏ ଡେଣ୍ଡରସ ପ୍ଲେସ" (୩) "ବିମୋଚନ ସଂଗ୍ରାମ"ର
କଷଟିରେ ହେଲ ଦ୍ରଷ୍ଟା
ଶ୍ରେଣୀଚ୍ୟୁତ ସର୍ବହରା
ଧନ-ଦଉଲତ ସ୍ୱେଚ୍ଛାଦାନ ପଣେ
ଭାରତର ଧ୍ରୁବତାରା।
ଇତିହାସ ପୃଷ୍ଠା ଛାତିକୁ ମେଲାଇ
ସଲାମ ଜଣାଏ ଆଜି
ଯୁଗ ପୁରୁଷର ଯୋଗ୍ୟ ସ୍ଥାନ ଖୋଜି
ବୁଣଇ ସପନ ସୃଜି
ଗୋରା ଫଉଜରୁ ସ୍ୱଦେଶୀ ଖାକିର
ଜୁଲୁମ ବିରୋଧୀ ରଣେ
ଝାଳୁଆ ମଣିଷ ତୁମ ସାଥେ ରହି
ଜନଗଣତନ୍ତ୍ର ଗାନେ
ହରାଇନି ତା'ର ଆଶା
ମଣିଷଉ ପରେ ଶୋଷଣ-ଶାସନ
ସମାଧି ତିଆରି ନିଶା
ବିପ୍ଲବୀ ଆଦର୍ଶ ମୃତ୍ୟୁ ନାହିଁ ବୋଲି
ନେଇଛୁ ତୁମଠୁ ଶିକ୍ଷା
ଏ ଦର୍ଶନ ଅପରାଜୟ
ବଦ୍ଧମୁଷ୍ଟି ତୋଳି ଅଂଗୀକାର କରୁ
ହେ ଲୋହିତ ଦିଗ୍‌ବଳୟ।

☐☐☐

(୧) ବିବେକାନନ୍ଦ କେରଳକୁ 'ଜାତିବାଦର ପାଗଳ ଗାରଦ' ବୋଲି କହିଥିଲେ।

(୨) ଆମେରିକାର ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତଙ୍କ ମଇନହ୍ୟାନଙ୍କ ଲିଖିତ ପୁସ୍ତକ। ଏଥିରେ କେରଳ ଓ ପଶ୍ଚିମବଙ୍ଗରେ କମ୍ୟୁନିଷ୍ଟ ପାର୍ଟିକୁ କ୍ଷମତାସୀନ କରାଇ ନ ଦେବା ପାଇଁ ସାମ୍ରାଜ୍ୟବାଦୀ ଆମେରିକା ବ୍ୟାପକ ଅର୍ଥ ବ୍ୟୟ କରିଥିବାର ସ୍ୱୀକାରୋକ୍ତି ଏଥିରେ ରହିଛି।

(୩) ସାଥୀ ଇ.ଏମ.ଏସ.ଙ୍କ ନେତୃତ୍ୱରେ କେରଳରେ ସରକାର ଗଠନ ପରେ ଏହାକୁ ୩୫୬ ଧାରାରେ ଭାଂଗିବା ପୂର୍ବରୁ ଯେଉଁ ନୈରାଜ୍ୟବାଦୀ କାର୍ଯ୍ୟକଳାପ ସୃଷ୍ଟି କରାଯାଇଥିଲା ଏହାକୁ କଂଗ୍ରେସ ଦଳ ପକ୍ଷରୁ ବିମୋଚନ ସଂଗ୍ରାମ ରୂପେ ଆଖ୍ୟାୟିତ କରିଥିଲା।

Digitized by srujanika@gmail.com

କୃତଜ୍ଞତା

୨୦୦୯ ନଭେମ୍ବର ୩୦ ତାରିଖ ସନ୍ଧ୍ୟାରେ ଉତ୍କଳ ମଣି ସଭାକକ୍ଷ, ଭୁବନେଶ୍ୱରରେ ଶ୍ରୀ ଜନାର୍ଦ୍ଦନ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଜନ୍ମ ଶତବାର୍ଷିକୀ କମିଟି ଗଠନ କରାଯାଇଥିଲା । ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ବିବୁଧେନ୍ଦ୍ର ମିଶ୍ର ଏହି କମିଟିର ଅଧ୍ୟକ୍ଷ, ଶ୍ରୀ ସନ୍ତୋଷ ଦାସ ସଂପାଦକ ଓ ଶ୍ରୀ ପି.ସି. ଷଣ୍ଢ କୋଷାଧ୍ୟକ୍ଷ ଥାଇ କମିଟି ଗଠନ କରାଯାଇଥିଲା ।

ଡକ୍ଟର ବିଭୂତି ପଟ୍ଟନାୟକ, ଡକ୍ଟର ବାସୁଦେବ ସାହୁ, ଡକ୍ଟର କିଶୋର ସାମଲ, ଡକ୍ଟର ଧନେଶ୍ୱର ସାହୁ, ଡକ୍ଟର ନାରାୟଣ ରାଓ, କବି ବ୍ରଜନାଥ ରଥ, ଗିରିଜା ଭୂଷଣ ପଟ୍ଟନାୟକ, ବାର କାଉନ୍‌ସିଲ ଅଫ୍ ଇଣ୍ଡିଆର ପୂର୍ବତନ ଅଧ୍ୟକ୍ଷ ଜଗନ୍ନାଥ ପଟ୍ଟନାୟକ, ଆଡଭୋକେଟ ଜେନେରାଲ ଅଶୋକ କୁମାର ମହାନ୍ତି, 'ଦୈନିକ ଭାସ୍କର'ର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ, ଆଡଭୋକେଟ ଅଜିତ ଦାସ, ଆଡଭୋକେଟ ପ୍ରହ୍ଲାଦ ଅଗ୍ରୱାଲ, ସାହିତ୍ୟିକ ଅନ୍ନଦା ପ୍ରସାଦ ରାୟ, ଗାଳ୍ପିକ ଭୂପେନ ମହାପାତ୍ର, ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକ, ସି.ପି.ଆଇ.(ଏମ୍)ର ରାଜ୍ୟ ସଂପାଦକ ଜନାର୍ଦ୍ଦନ ପତି, ସି.ପି.ଆଇ.ର ରାଜ୍ୟ ସଂପାଦକ ଦିବାକର ନାୟକ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମୁଣ୍ଡା, କବି ବାଞ୍ଛାନିଧି ଦାସ, କବି ବିବେକାନନ୍ଦ ନାୟକ, ଅଳି କିଶୋର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ବିଷ୍ଣୁ ମହାନ୍ତି, ଶିଶିର ହୁଇ, ଦୁଷ୍ମନ୍ତ ଦାସ, ସୁବାସ ସିଂହ, ଲମ୍ବୋଦର ନାୟକ, ବସନ୍ତ ମାଝି, ସୁରେଶ ପାଣିଗ୍ରାହୀ, ଶ୍ରୀମତୀ ତାପସୀ ପ୍ରହରାଜ, ଶ୍ରୀମତୀ ପୁଷ୍ପା ଦାସ, ଶ୍ରୀମତୀ ସ୍ୱୟଂପ୍ରଭା ପାଢୀ, ଅଭିରାମ ବେହେରା, ଯମେଶ୍ୱର ସାମନ୍ତରାୟ, ସାଲ ମାରାଣ୍ଡି, ସୁରେଶ ସ୍ୱାଇଁ, ଯତୀନ କୁମାର ମହାନ୍ତି, ଶରତ ଦାସ, ସୁଦାମ ଦାସ, ନିର୍ମଳ ନାୟକ, ହରିହର ଦାସ, ଚନ୍ଦ୍ରଶେଖର ନାୟକ, ଉମେଶ ସିଂହ, ବିଶ୍ୱନାଥ ମହାପାତ୍ର, ରେବତୀ ମହାପାତ୍ର, କାଳୁ ପଣ୍ଡା, କୈଳାସ ଷଡଙ୍ଗୀ, ରାଜେନ୍ଦ୍ର ପଣ୍ଡା, ରେବତୀ ମହାପାତ୍ର, କାଳୁ ପଣ୍ଡା, କୈଳାସ ଷଡଙ୍ଗୀ, ବନମାଳୀ ଧୂପାଳ, ରବିନାରାୟଣ ମଲ୍ଲିକ, ଯୁଧିଷ୍ଠିର ବେହେରା, ହୀରା ମୋହନ ଦାସ, ଏଲ୍. ରାମଗୋପାଲ ରାଓ, ନବ ପଟ୍ଟନାୟକ, ପ୍ରଫୁଲ୍ଲ ନାୟକ, କିଶୋର ଜେନା, ଧୀରେନ ରାୟ, ଇନ୍ଦ୍ରମଣି ବେହେରା, ବ୍ରଜ ମାଝି, ମୀନା ରାଓ, ଆଡଭୋକେଟ ଅସୀମ ଅମିତାଭ ଦାସ, ଅଧ୍ୟାପକ ସୁରେନ୍ଦ୍ର ଜେନା, ଅଧ୍ୟାପକ ଡଃ ପ୍ରହ୍ଲାଦ ପତି, ସୁଦର୍ଶନ ଦାସ ପ୍ରମୁଖ ଏହାର ସଦସ୍ୟ ରହିଲେ ।

ରାଜ୍ୟ ସ୍ତରରେ ଏକ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ସହ ଇ.ଏମ୍.ଏସ୍. ନମ୍ବୁଦ୍ରିପଦଙ୍କ ନିର୍ବାଚିତ ରଚନାବଳୀ ଓ ଏକ ସ୍ମରଣିକା ଏହି ରାଜ୍ୟ ସ୍ତରୀୟ ଶତବାର୍ଷିକୀ ପାଳନ ଦିବସରେ ଉନ୍ମୋଚନ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା । ଇ.ଏମ୍.ଏସ୍.ଙ୍କ ଜୀବନୀ ଉପରେ ଫଟୋଚିତ୍ର ପ୍ରଦର୍ଶନୀ, ଏକ କ୍ୟାଲେଣ୍ଡର ପ୍ରକାଶ ଓ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମଧ୍ୟ ପ୍ରସ୍ତାବମାନ ଗୃହୀତ ହୋଇଥିଲା । ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରି କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବାକୁ ସ୍ଥିର ହୋଇଥିଲା । ରାଜ୍ୟସ୍ତରୀୟ ଶତବାର୍ଷିକୀ ପାଳନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏକ ୱେବସାଇଟ୍ ଉନ୍ମୋଚନ ପାଇଁ ମଧ୍ୟ ପ୍ରସ୍ତାବ ଉପସ୍ଥାପନ ହୋଇଥିଲା । ପ୍ରକାଶନର ଦାୟିତ୍ୱ ଶ୍ରୀ ରବିନାରାୟଣ ମଲ୍ଲିକଙ୍କ ଉପରେ, ପ୍ରଦର୍ଶନୀ ଦାୟିତ୍ୱ ଶ୍ରୀ ଶିଶିର ହୁଇଙ୍କ ଉପରେ, ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱ ଶ୍ରୀମତୀ ସ୍ୱୟଂପ୍ରଭା ପାଢୀଙ୍କ ଉପରେ, ପ୍ରତିଯୋଗିତା ଆୟୋଜନ ଦାୟିତ୍ୱ ଶ୍ରୀ ଶରତ ଦାସଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । କେବଳ ପ୍ରତିମୂର୍ତ୍ତି ଉନ୍ମୋଚନ ପ୍ରସ୍ତାବର କାର୍ଯ୍ୟକାରୀତାକୁ ପରବର୍ତ୍ତୀ ସମୟରେ ଆଲୋଚନା ପାଇଁ ରଖାଯାଇଛି । ଏହା ବ୍ୟତୀତ ଅନ୍ୟାନ୍ୟ ଯୋଜନାଗୁଡ଼ିକୁ ଶତବାର୍ଷିକୀ କମିଟି ପକ୍ଷରୁ କାର୍ଯ୍ୟକାରୀ କରାଯାଇଛି । ଏଥିରେ ସହଯୋଗ କରିଥିବା ସମସ୍ତଙ୍କୁ ଶତବାର୍ଷିକୀ କମିଟି ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛୁ ।

ସନ୍ତୋଷ ଦାସ
ସଂପାଦକ
ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଜନ୍ମ ଶତବାର୍ଷିକୀ କମିଟି

Digitized by srujanika@gmail.com

(ସତ୍ୟାଗ୍ରହ ଆନ୍ଦୋଳନରେ ଇ. ଏମ୍ ଏସ୍ ଓ ଏ.କେ. ଗୋପାଳନ)

(୧୯୫୭ ଏପ୍ରିଲ ୫ରେ କେରଳର କମ୍ୟୁନିଷ୍ଟ ସରକାରର ମୁଖ୍ୟମନ୍ତ୍ରୀ ଭାବେ ଇ. ଏମ୍ ଏସ୍‌ଙ୍କ ଶପଥ ଗ୍ରହଣ)

(ନବରତ୍ନ ଭାବେ ପରିଚିତ ସି.ପି.ଆଇ.(ଏମ୍)ର ପ୍ରଥମ ପଲିଟ୍‌ବ୍ୟୁରୋ।) ଛିଡା ହୋଇଛନ୍ତି ବାମରୁ : ପି. ରାମମୂର୍ତ୍ତି, ଏମ.ବାସବପୁନ୍ନାୟା, ଇ. ଏମ୍. ଏସ୍. ନମ୍ବୁଦ୍ରିପଦ, ହରକିଶନ ସିଂ ସୁରଜିତ, ବସିଛନ୍ତି ବାମରୁ : ପ୍ରମୋଦ ଦାସଗୁପ୍ତ, ଜ୍ୟୋତି ବସୁ, ପି. ସୁନ୍ଦରାୟା, ବି.ଟି. ରଣଦିଭେ, ଏ.କେ. ଗୋପାଳନ।

Digitized by srujanika@gmail.com

(ମାଓ-ଜେ-ଦୁଙ୍ଗ୍‌ଙ୍କ ସହ ଇ. ଏମ୍. ଏସ୍.)

(ୟାସେର୍ ଆରାଫତ୍‌ଙ୍କ ସହ ଇ. ଏମ୍. ଏସ୍.)

(ଇ. ଏମ୍. ଏସ୍.ଙ୍କ ପ୍ରତି ହରକିଶନ ସିଂହ ସୁରଜିତ ଓ ଏ.ବି. ବର୍ଦ୍ଧନଙ୍କ ଶେଷ ସମ୍ମାନ ପ୍ରଦର୍ଶନ)

Digitized by srujanika@gmail.com

WE SAVE TREES,
WE RE-CYCLE WASTE PAPER

Emami PAPER MILLS LTD.
BALASORE

Digitized by srujanika@gmail.com

With Best Compliments From

NATIONAL INSTITUTE OF SCIENCE & TECHNOLOGY

PALUR HILLS, BERHAMPUR, ORISSA-761 008
Phone : (0680) 2492421, 2492422, Website : www.nist.edu.

Our goal is to create engineering minds capable of mastering the global challenges of tomorrow's technology.

We Offer :

Bachelor of Engineering (BE) Courses in

- Information Technology
- Computer Science & Engineering
- Electronics and Communications Engineering
- Electrical and Electronics Engineering
- Electronics & Instrumentation Engineering

Master in Computer Applications (MCA)
Master in Business Administration (MBA)
Master in Technology (M Tech) in Electronics & Comm. Engineering

Dedicated to the twin ideas of
DISCIPLINE & QUALITY EDUCATION.

NIST - Where education is a passion !

Digitized by sriganka@gmail.com

ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଜନ୍ମ ଶତବାର୍ଷିକୀ **ସ୍ମରଣିକା**

ଇ.ଏମ୍.ଏସ୍. ନମ୍ବୁଦ୍ରିପଦ ଜନ୍ମ ଶତବାର୍ଷିକୀ କମିଟି, ଜେ-୭/୧, ଜୟଦେବ ବିହାର, ଭୁବନେଶ୍ୱର - ୧୩
ଫୋନ୍- ୦୬୭୪-୨୩୬୦୩୭୮, ଫ୍ୟାକ୍ସ - ୦୬୭୪-୨୩୬୦୩୬୩ ପକ୍ଷରୁ ଶ୍ରୀ ରବିନାରାୟଣ ମଲ୍ଲିକଙ୍କ ଦ୍ୱାରା ପ୍ରକାଶିତ ଓ ମୟୂର ପ୍ରିଣ୍ଟର୍ସ, ଭୁବନେଶ୍ୱରରେ ମୁଦ୍ରିତ।

ମୂଲ୍ୟ: ୨୦/-

Digitized by srujanika@gmail.com